R.N.I. REGN. No. 65000/96 POSTAL REGN. No. OR/BN-32/12-14

ଊନତ୍ରିଂଶ ବର୍ଷ

ସଂଖ୍ୟା : ୩୪୦

ତିଥି : ଏକାଦଶୀ

୧୭ ସେପ୍ଟେମ୍ବର ୨୦୨୫, ବୁଧବାର

ଭୁବନେଶ୍ୱର

ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ



Vol. - XXIX, No. 340

17 Sept 2025, Wednesday

Bhubaneswar

Price: 5.00

Online Portal

www.odishasamaya.com

samayaepaper.com

odishasamaya

thesamayanews@gmail.com

www.samayalive.in

Bhubaneswar | Balasore | Angul | Berhampur | Sambalpur

DSPL-252

Government of India

## ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ୭୫ତମ ଜନ୍ମ ଦିବସ ଉପଲକ୍ଷେ

# ଏକ୍ ପେଡ୍ ମା' କେ ନାମ୍ ୨.୦





"ଆଜି ସାରା ଦେଶରେ **'ଏକ୍ ପେଡ୍ ମା' କେ ନାମ୍'** ଅଭିଯାନ ଏକ ଜନଆନ୍ଦୋଳନରେ ପରିଣତ ହୋଇଛି । ଏହି ଅଭିଯାନର ପ୍ରଥମ ପର୍ଯ୍ୟାୟରେ ଓଡ଼ିଶାରେ ୬.୭୨ କୋଟି ଚାରାରୋପଣ କରାଯାଇଥିଲା । ଚଳିତ ବର୍ଷ **'ଏକ୍ ପେଡ୍ ମା' କେ ନାମ୍ ୨.୦'** ଅଭିଯାନରେ ରାଜ୍ୟରେ ୭.୫ କୋଟି ଚାରାରୋପଣ ଲାଗି ଲକ୍ଷ୍ୟ ରଖାଯାଇଛି ।"

**ଶ୍ରୀ ମୋହନ ଚରଣ ମାଝୀ**
ମୁଖ୍ୟମନ୍ତ୍ରୀ, ଓଡ଼ିଶା

## ବୃକ୍ଷ ଆମ ଜୀବନ

- ସବୁଜିମା
- ଅମ୍ଳଜାନ ପ୍ରଦାନ
- ବୃଷ୍ଟିପାତ
- ଜଳ ସଂରକ୍ଷଣ
- ପରିବେଶ ସନ୍ତୁଳନ
- ତାପମାତ୍ରା ନିୟନ୍ତ୍ରଣ
- ଫୁଲ, ଫଳ ଓ ଛାଇ
- ଶବ୍ଦ ଓ ବାୟୁ ପ୍ରଦୂଷଣ ନିୟନ୍ତ୍ରଣ
- ମୃତ୍ତିକା ସଂରକ୍ଷଣ
- ପ୍ରାକୃତିକ ବିପର୍ଯ୍ୟୟରୁ ସୁରକ୍ଷା

## ୧୭ ସେପ୍ଟେମ୍ବର ୨୦୨୫ରେ
## ରାଜ୍ୟବ୍ୟାପୀ ୭୫ ଲକ୍ଷ ଚାରାରୋପଣ ଅଭିଯାନ

ଆସନ୍ତୁ, **'ଏକ୍ ପେଡ୍ ମା' କେ ନାମ୍'** ଅଭିଯାନରେ ଆମେ ସମସ୍ତେ ସାମିଲ ହେବା, ଆମ ଜନ୍ମଦାତ୍ରୀ ମା' ପ୍ରତି ସମ୍ମାନ ପ୍ରଦର୍ଶନ କରିବା ସହିତ ଧରିତ୍ରୀ ମା'ର ସୁରକ୍ଷା ପାଇଁ ଗଛଟିଏ ନିଶ୍ଚୟ ଲଗାଇବା

## ଗଛ ଲଗାଇବା, ମିଳିମିଶି ଆମ ପରିବେଶର ଯତ୍ନ ନେବା
## ଭବିଷ୍ୟତ ପିଢ଼ି ପାଇଁ ଏକ ସୁନ୍ଦର ପୃଥିବୀ ଗଢ଼ି ତୋଳିବା



ଚାରାରୋପଣ କରି ଚାରା ସହିତ ସେଲ୍‌ଫି ନେବା, 'ମେରି ଲାଇଫ୍' ପୋର୍ଟାଲରେ ଅପଲୋଡ୍ କରିବା ଏବଂ ଇ-ସାର୍ଟିଫିକେଟ ଡାଉନଲୋଡ କରିବା ।

OIPR: 08002/13/0027/2526

ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ, ଓଡ଼ିଶା ସରକାର



# ମା' ପାଇଁ ଗଛଟିଏ : ମୁଖ୍ୟମନ୍ତ୍ରୀଙ୍କ ଆହ୍ୱାନ

ଗଛ ଆମ ପାଇଁ ଦେବତା । ଗଛ କେବଳ ଫୁଲ, ଫଳ, ପତ୍ର, କାଠ ବା ଔଷଧ ଦିଏନି, ଉତ୍ତମ ପରିବେଶ ଗଢ଼ିଦିଏ । ସବୁଜିମାର ଛାୟା ଓ ଶୀତଳତା ଭରିଦିଏ । ଗଛର କି' ଗୁଣ ଗାଇବା । ଛୋଟ ଶିଶୁଟିଏ ପାଇଁ ଖାଦ୍ୟର ପସରା ମେଲିଦିଏ ତ ମୃତ୍ୟୁମୁଖି ବୃଦ୍ଧ ପାଇଁ ଜୁଇ କାଠ ବି ଯୋଗାଇ ଦିଏ । ଜନ୍ମରୁ ମରଣ, ଜୀବନ ରୁ ଜୀବିକା, ଆମୋଦ ପ୍ରମୋଦରୁ ଆବଶ୍ୟକତା ଯାଏ ସବୁଠି ଦରକାର ଗଛଟିଏ । ରାସ୍ତାଘାଟ, ଘରଦ୍ୱାର, ପୋଲବାଡ, ରେଳଧାରଣା ସବୁଥିରେ ଗଛ ଲୋଡା ପଡେ । ଗଛ ବିନା ଜୀବନର ମାନେ କିଛି ନାହିଁ, ଗଛନାହିଁ ତ କିଛିନାହିଁ । ଗଛବିନା ପାଣିନାହିଁ, ପବନ ନାହିଁ, ଖାଦ୍ୟ ନାହିଁ, ବସ୍ତ୍ର ନାହିଁ, ରାସ୍ତାଘାଟ, ପୋଲ ବନ୍ଧ ବାଡ କିଛିନାହିଁ । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଛଭିତରେ ଏହି ଦେବତ୍ୱକୁ ବୁଝିଥିଲେ ତାଙ୍କ ଆଦ୍ୟ ଜୀବନରୁ । ଯୁବ ବୟସରୁ ରାଜନୈତିକ ଜୀବନ ପର୍ଯ୍ୟନ୍ତ ସେ ଅନୁଭବ କରିଛନ୍ତି ଦୁନିଆର ଯଦି ଜଣେ ନିରପେକ୍ଷ ଦରଦୀବନ୍ଧୁ କିଏ ଅଛି ସେ ହେଉଛି ଗଛ । "ନ ଭାବି ଆଗ ପଛ, ଲଗାଇ ଚାଲ ଗଛ' - ତାଙ୍କର ଏହି ଆହ୍ୱାନ ଆଜିର ସମାଜରେ ସମସ୍ତଙ୍କ ପାଇଁ ସ୍ଲୋଗାନ ହୋଇପାରିଛି । ୨୦୧୯ ମସିହାରେ ଯେତେବେଳେ କେନ୍ଦୁଝର ଜଙ୍ଗଲରେ ସର୍ବଗ୍ରାସୀ ନିଆଁ ଚରିଯାଉଥିଲା, ସେତେବେଳେ ସେ ଦଳେ ଯୁବକଙ୍କୁ ଧରି ବାହାରିଗଲେ ବଣକୁ । ଲାଗିଗଲେ ନିଆଁ ଲିଭାଇବାରେ । ନିଆଁ ଲିଭାଇ ସେ ଆଗକୁ ଆଗକୁ ଚାଲିବାକୁ ଲାଗିଲେ । ତାଙ୍କର ଏପରି ନିଃସ୍ୱାର୍ଥପର କାମ ଜଙ୍ଗଲ ବିଭାଗକୁ ସ୍ତବ୍ଧ କରିଥିଲା ସେଦିନ । ସେମାନେ ସେଥିରୁ ପ୍ରୋତ୍ସାହିତ ହୋଇଥିଲେ ତୁରନ୍ତ କେନ୍ଦୁଝର ଜଙ୍ଗଲର ସେହି ନିଆଁ ଲିଭାଇବାକୁ । ଫଳରେ ସେହିବର୍ଷ କେନ୍ଦୁଝରର ପ୍ରାୟ ୩୦୦ ହେକଟର ଜଙ୍ଗଲ ଜମି ନିଶ୍ଚିତ ଧ୍ୱଂସ ମୁଖରୁ ରକ୍ଷା ପାଇଥିଲା ।

ମୁଖ୍ୟମନ୍ତ୍ରୀ ମୋହନ ମାଝୀ କଥାର ବନ୍ଧୁ ନୁହନ୍ତି, କାମର ବନ୍ଧୁ । ସେ ଯାହା କହନ୍ତି ତାହାହିଁ କରନ୍ତି । ବଡ କଥା କହି ନିଜର ବଡପଣ ଦେଖାଇବା ଠାରୁ ସେ ସବୁବେଳେ ଦୂରରେ । ନିଜ ଜନ୍ମଭୂମିର ଖଣି, ପାଣି, ଗଛବୃଛ, ପାହାଡ ପର୍ବତ କିପରି ସୁରକ୍ଷିତ ରହିବ, ଏହାହିଁ ତାଙ୍କ ଆଦର୍ଶର ଅନ୍ୟ ଏକ ଦିଗ ଓ ଦିଗନ୍ତ ତେଣିକି କ୍ଷମତା ଥାଉ ବା ନଥାଉ । ଗଛ ଲଗାଇବା ଓ ଏହାର ସଂରକ୍ଷଣ କରିବା, ନୂଆ ଜଙ୍ଗଲ ସୃଷ୍ଟି ପାଇଁ ଜନ ସମାଜକୁ ଉଦବୁଦ୍ଧ କରାଇବା ତାଙ୍କ ବ୍ୟକ୍ତିତ୍ୱର ଅନ୍ୟ ଏକ ଦିଗ । ତାହାହିଁ ସେ କରି ଆସିଛନ୍ତି ତାଙ୍କ ବାଲ୍ୟକାଳରୁ ଏ ଯାଏ । ପୁଣି ଆସିଛି ସେହିଭଳି ଏକ ଆହ୍ୱାନ । ଆମର ପ୍ରଧାନମନ୍ତ୍ରୀ ମୋଦୀଜୀଙ୍କ ୭୫ତମ ଜୟନ୍ତୀ ଆଗାମୀ ସେପେଟମ୍ବର ୧୭ ତାରିଖରେ ପାଳିତ ହେବ । ଜୟନ୍ତୀରେ ସାଧାରଣତଃ ଗୋଟିଏ ଉପହାର ଦେବାକୁ ହୁଏ । ଗତବର୍ଷ ପ୍ରଧାନମନ୍ତ୍ରୀ ଓଡିଶାରେ ତାଙ୍କର ଜୟନ୍ତୀ ପାଳନ କରିଥିଲେ । ଆମ୍ଭେମାନେ ତାଙ୍କୁ କିଛି ଉପହାର ଦେବା ପୂର୍ବରୁ ସେ ଆମକୁ ଅନେକ ପ୍ରକଳ୍ପ ଓ ଆନୁଷ୍ଠାନିକ ଅର୍ଥ ରାଶି ମଂଜୁର କରିଦେଇଥିଲେ । ଆଜି ପୁଣି ତାଙ୍କ ଜନ୍ମ ଦିବସ ଉପନୀତ । ମୁଖ୍ୟମନ୍ତ୍ରୀ ସ୍ଥିର କରିଛନ୍ତି ପ୍ରିୟ ପ୍ରଧାନମନ୍ତ୍ରୀଙ୍କୁ ଓଡ଼ିଶା ତରଫରୁ ବିନା ଭେଟିରେ ଏହି ଦିବସଟି ବେକାର ଯିବାକୁ ଦେବେନି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଏହି ୭୫ତମ ଜନ୍ମ ଦିବସରେ ୭୫ଲକ୍ଷ ଚାରା ରୋପଣ କରାଯିବ । ଆଉ ତାହା ହିଁ ହେବ ପ୍ରଧାନମନ୍ତ୍ରୀଙ୍କୁ ଜନ୍ମଦିନର ଭେଟି । ଏହାମଧ୍ୟ ଓଡିଶାର ଉଜୁଡା ଜଙ୍ଗଲକୁ ପୁନର୍ଜୀବନ ଦେବା ସହ ରାଜ୍ୟରେ ନୂଆ ଜଙ୍ଗଲ ଭୂମିର ସଂରଚନା କରିବ । ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଆନୁଷ୍ଠାନିକ ଭାବେ ଶୁଭାରମ୍ଭ ହେଉଥିବାଏହି କାର୍ଯ୍ୟକ୍ରମର ନାମ ହେଉଛି ମା'ଙ୍କ ପାଇଁ ଏକ ଗଛ ଲଗାଇ । ଏହାକୁ ସଫଳ କରିବା ପ । ଇଁ ଓଡିଶାର ଜନସାଧାରଣଙ୍କୁ ସେ ଅନୁରୋଧ କରିଛନ୍ତି । ଏକଥା ସତ ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବିକାଶ ସହିତ ପରିବେଶ ସୁରକ୍ଷାକୁ ମଧ୍ୟ ଗୁରୁତ୍ୱ ଦେଇଆସିଛନ୍ତି । ଏହି କ୍ରମରେ ସେ ଏହି"ଏକ୍ ପେଡ୍ ମା' କି ନାମ୍' କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଯାହା ବର୍ତ୍ତମାନ ସାରା ଭାରତରେ ଏକ ବିରାଟ ଆନ୍ଦୋଳନର ରୂପ ନେଇଛି । ଅଧିକରୁ ଅଧିକ ଚାରା ରୋପଣ, ପରିବେଶ ସୁରକ୍ଷା ପାଇଁ ଏକ ବଳିଷ୍ଠ ପଦକ୍ଷେପ । ତେଣୁ ଏହି କାର୍ଯ୍ୟକ୍ରମକୁ ଆଉ ଏକ ପାଦ ଆଗକୁ ନେଇ ପ୍ରଧାନମନ୍ତ୍ରୀଙ୍କ ୭୫ତମ ଜନ୍ମ ଦିବସ ଉପଲକ୍ଷେ ଆଜି ସେପେଟମ୍ବର ୧୭ ତାରିଖରେ ୭୫ ଲକ୍ଷ ଚାରା ରୋପଣ କରିବା ପାଇଁ ମୋହନ ସରକାର ଆଗେଇଆସିଛନ୍ତି। ଏହି କାର୍ଯ୍ୟକ୍ରମ ଦେଶର ଲୋକପ୍ରିୟ ପ୍ରଧାନମନ୍ତ୍ରୀଙ୍କୁ ଜନ୍ମଦିନର କେବଳ ଅଭିନନ୍ଦନ ହେବନାହିଁ, ଓଡ଼ିଶା ମାଟିକୁ ସବୁଜ ପଣତରେ ଢାଙ୍କିଦେବାର ହେବ ଉପକ୍ରମ । ଏଥିପାଇଁ ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ, ପଞ୍ଚାୟତିରାଜ ଏବଂ ପାନୀୟଜଳ, କୃଷି ଏବଂ କୃଷକ ସଶକ୍ତିକରଣ, ଶିଳ୍ପ ଏବଂ ସୂଚନା ଓ ଲୋକସମ୍ପର୍କ ବିଭାଗ ଗୁଡ଼ିକ ଗୁରିପୂର୍ଣ୍ଣ ଦାୟିତ୍ୱ ତୁଲାଉଛନ୍ତି । ନେହେରୁ ଯୁବକେନ୍ଦ୍ରର ଆଞ୍ଚଳିକ ମୁଖ୍ୟ, ୧୬୦୦୦ ସକ୍ରିୟ ସ୍ୱେଚ୍ଛାସେବୀ ଓ ୭୦୦୦ ଅତିରିକ୍ତ ଡାଟା ଏଣ୍ଟ୍ରି ଅପରେଟରଙ୍କ ମାଧ୍ୟମରେ 'ମେରିଲାଇଫ୍' ଓ 'ମାଇଁଭାରତ' ପୋର୍ଟାଲରେ ଚାରା ରୋପଣ ତଥ୍ୟ ଏବଂ ଜିଓ-ଟ୍ୟାଗରେ ଥିବା ଫଟୋଗ୍ରାଫଗୁଡ଼ିକୁ ପ୍ରକୃତ-ସମୟରେ ନିଶ୍ଚିତ ଅପଲୋଡ୍ କରାଇବାର ଦାୟିତ୍ୱରେ ଅଛନ୍ତି । ଏହାର ଆଞ୍ଚଳିକ ମୁଖ୍ୟ ମଧ୍ୟ ପ୍ରତ୍ୟେକ ଜିଲ୍ଲାର ଜିଲ୍ଲାପାଳମାନଙ୍କ ସହିତ ସମନ୍ୱୟ ରକ୍ଷାକରି କାର୍ଯ୍ୟ କରିବା ପାଇଁ ବ୍ୟବସ୍ଥା କରାଯାଇଛି । ମୁଖ୍ୟମନ୍ତ୍ରୀଙ୍କ ଆହ୍ୱାନ କ୍ରମେ ଏଥିରେ ସାଧାରଣ ଜନତାଠୁ ଆରମ୍ଭ କରି ସ୍କୁଲ କଲେଜର ଛାତ୍ରଛାତ୍ରୀ, ଅଙ୍ଗନବାଡି କର୍ମକର୍ତ୍ତା, ସୁଭଦ୍ରା ହିତାଧିକାରୀ, ପଞ୍ଚାୟତରୁ ବିଧାନସଭା ପର୍ଯ୍ୟନ୍ତ ନିର୍ବାଚିତ ପ୍ରତିନିଧି, ସରକାରୀ କର୍ମଚାରୀ, ସରକାରୀ କାର୍ଯ୍ୟାଳୟ, ଶିଳ୍ପସଂସ୍ଥା ଆଦି ସ୍ୱତଃପ୍ରବୃତ୍ତ ଭାବେ ଉତ୍ସାହର ସହିତ ସାମିଲ ହୋଇଛନ୍ତି। ଲୋକେ ପୂର୍ବରୁ ଚାରାସବୁ ମାଗିନେଇ ଯାଉଥିବାର ଦୃଶ୍ୟ ଦେଖିଲେ ସତରେ ଭାରି ଖୁସିଲାଗୁଛି । ମୁଖ୍ୟମନ୍ତ୍ରୀଙ୍କ ଆବେଦନ ସମସ୍ତଙ୍କୁ ଆଜି ଏମିତି ଉଦବୁଦ୍ଧ କରିଛି ଯେ ଏହା ସାରା ରାଜ୍ୟରେ ଏକ ବିରାଟ ଜନ ଆନ୍ଦୋଳନରେ ପରିଣତ ହୋଇଯାଇଛି । ଏ ଆନ୍ଦୋଳନ ଆଜିପରେ ସରିଯିବନି, ଏହା ନିରନ୍ତର ଚାଲୁରହିବ ବୋଲି ମୁଖ୍ୟମନ୍ତ୍ରୀ କଥାଦେଇଛନ୍ତି। ସବୁଜ ରଙ୍ଗରେ ରଙ୍ଗାୟିତ ହେବ ଓଡ଼ିଶା । ଜଳବାୟୁରେ ଆଖିଦୃଶିଆ ସୁଧାର ଆଣିବ । ମୋହନଙ୍କ ଏହି ମହତ ପଦକ୍ଷେପ ଯଥା ପୂର୍ବରୁ ଆରମ୍ଭ ହୋଇଥିଲେ ବନ୍ୟା, ବାତ୍ୟାପ୍ରବଣ,ଖଣିଖାଦାନ ଓ ଶିଳ୍ପଭରା ଆମ ଓଡିଶାର ମାଟି ଆଜି ଗହଳ ସବୁଜିମାର ଛାଇରେ ଅଳସ ଭାଙ୍ଗୁଥାନ୍ତା ନିଶ୍ଚୟ!



ଗଛ ଲଗାଇବା ଆମ ସଂସ୍କୃତି, ଚଳଣି ଓ ପରଂପରାର ଏକ ଅଙ୍ଗଛ ଆମ ଧର୍ମ ଓ ସଂସ୍କୃତିରେ ପ୍ରତ୍ୟେକ ବ୍ୟକ୍ତି ନିଜ ଜୀବଦ୍ଦଶାରେ କିଛି ଗଛ ଲଗାଇ ତା'ର ରକ୍ଷଣା ବେକ୍ଷଣ କରିଥାନ୍ତି । ପ୍ରତ୍ୟେକ ହିନ୍ଦୁ ମହିଳା ଓ କୁଳବଧୂ ସକାଳୁ ଗାଧୋଇବା ପରେ ଗୋଟିଏ ଗଛ ମୂଳେ ପାଣି ଢାଳିବା ସହ ପ୍ରଣତି ବାଢିଥାନ୍ତି । ସନ୍ଧ୍ୟାରେ ତୁଳସୀ ଗଛ ମୂଳେସନ୍ଧ୍ୟା ଦୀପ ଜାଳିବା ସହ ପୂଜା ଆରାଧନା କରିଥାନ୍ତି । ଗଛ ଲଗାଇବା ଓ ପରିପାଳନ କରିବା ଏକ ଧର୍ମ ଭିତ୍ତିକ କାର୍ଯ୍ୟ ବୋଲି ବିବେଚନା କରାଯାଏ । ଜୀବନର ଅନ୍ତିମ ଅଧ୍ୟାୟରେ ଲୋକେ ଗଛ ଲଗାଇ ଅଶେଷ ପୂଣ୍ୟ ସାଧନ ହୁଏ ବୋଲି ବିଶ୍ୱାସ କରନ୍ତି ସେଥିପାଇଁ ପୋଖରୀ ହୁଡା, ରାସ୍ତା ଧାର, ପରିତ୍ୟକ୍ତ ପଡିଆ, ମଶାଣି, ସ୍କୁଲ ଅଙ୍ଗନ, ଅଫିସ୍ ଚତୁଃପାର୍ଶ୍ୱରେ ଗଛ ଲଗାଇଥାନ୍ତି । ଏହା ଦ୍ୱାରା ପରିବେଶର ସୌନ୍ଦର୍ଯ୍ୟ ବଢେ ଓ ତାହା ସୁସ୍ଥ ରହେ । ସେଥିପାଇଁ କୁହାଯାଏ ଗଛ ଆମ ଜୀବନର ଏକ ବଡ ଅବିଚ୍ଛେଦ୍ୟ ଅଙ୍ଗ । ଆଜି ପ୍ରଧାନମନ୍ତ୍ରୀଙ୍କ ୭୫ତମ ଜନ୍ମଦିବସରେ ଯେତେବେଳେ ଆମେ ଓଡ଼ିଶାବାସୀ ୭୫ଲକ୍ଷ ଚାରାରୋପଣ କରିବାକୁ ଯାଉଛନ୍ତି, ଆମେ ଜାଣିନାହାନ୍ତି ଆମେ କେତେବଡ଼ ଗୌରବର ମୁକୁଟ ଆମରାଜ୍ୟର ମସ୍ତକରେ ମଣ୍ଡିତ କରିବାକୁ ଯାଉଛନ୍ତି-ଏକାଦିନରେ ଏତେ ସଂଖ୍ୟକ ଚାରା ରୋପଣ ବିଶ୍ୱରେକର୍ଡ ସୃଷ୍ଟିକରି ଶୀଘ୍ର ଗିନିଜ୍ ବୁକ୍ ଅଫ ରେକର୍ଡରେ ସ୍ଥାନିତ ହେବାକୁ ଯାଉଛି ।

ଆମରଏହି ଧାରାସହିତ ମେଳଥିବା ପ୍ରଧାନମନ୍ତ୍ରୀଙ୍କ"ମା' କି ନାମ୍ ପେ ଏକ୍ ପେଡ୍' ଅଭିଯାନକୁ ଓଡ଼ିଶାରେ ଆଉ ପାଦେ ଆଗକୁ ନେବାରେ ମଙ୍ଗୁଆଳ ସାଜିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଓ ତାଙ୍କ ସରକାର । ସାରା ଜନସମାଜର ଉନ୍ନତି କଳ୍ପେ ଅଭିପ୍ରେତ ଏହି କାର୍ଯ୍ୟକ୍ରମ ପ୍ରଧାନମନ୍ତ୍ରୀଙ୍କ ଜନ୍ମଦିନର ଶୁଭେଚ୍ଛା ପାଇଁ ଉତ୍ସର୍ଗ ହୋଇଅଛି ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି । ଏହାକେବଳ ଆମ ପରିବେଶ ସୁରକ୍ଷାରେ ସୀମିତ ନରହି ସମଗ୍ରଦେଶପାଇଁ ଏକ ଭାବାତ୍ମକ ସାଂସ୍କୃତିକ ଆନ୍ଦୋଳନ ରୂପ ନେଇଛି । ପ୍ରଧାନମନ୍ତ୍ରୀଙ୍କ ଜନ୍ମଦିବସରେ ତାଙ୍କ ପ୍ରତି ଓଡ଼ିଶାବାସୀଙ୍କ ଗଭୀର ସମ୍ମାନ ଓ ଅଭିନନ୍ଦନ ।



## ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ କରିବ କୃଷକ ମୋର୍ଚ୍ଚା

ବରଗଡ଼,(ସବ୍ୟୁ): ଭାରତୀୟ ଜନତା ପାର୍ଟି,କୃଷକ ମୋର୍ଚ୍ଚା ବରଗଡ଼ ଜିଲ୍ଲା ସଭାପତି ଯଶୋବନ୍ତ ସେଠ୍ଙ୍କ ସଭାପତିତ୍ୱରେ ଗୋଡ଼ଭଗା ମାଁ ସମଲେଶ୍ୱରୀ ମନ୍ଦିର ପରିସରରରେ ସେବା ପକ୍ଷ କାର୍ଯ୍ୟକ୍ରମ ପାଇଁ ପ୍ରସ୍ତୁତି ବୈଠକ ଆୟୋଜିତ ହୋଇଥିଲା । କୃଷକ ମୋର୍ଚ୍ଚାର ରାଜ୍ୟ କାର୍ଯକାରିଣୀ ସଦସ୍ୟ ମଧୁସୂଦନ ଶର୍ମା ସେବା ପକ୍ଷ ବିଷୟରେ ଉପସ୍ଥିତ ଥିବା ସମସ୍ତ କାର୍ଯ୍ୟକର୍ତ୍ତା ମାନଙ୍କୁ ଅବଗତ କରେଇଥିଲେ । ଭାରତର ପ୍ରଧାମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ୭୫ତମ ଜନ୍ମଦିନ ଆଗାମୀ ୧୭ ତାରିଖରୁ ଅକ୍ଟୋବର ୨ ତାରିଖ ଗାନ୍ଧୀ ଜୟନ୍ତୀ ପର୍ଯ୍ୟନ୍ତ ସେବା ପକ୍ଷ ପାଳନ କରିବା ପାଇଁ ନିଷ୍ପତି ନିଆ ଯାଇଛି । ୧୭ ତାରିଖ ଦିନ ସମଗ୍ର ରାଜ୍ୟରେ ୭୫ ଲକ୍ଷ ବୃକ୍ଷ ରୋପଣ କରିବାର ଲକ୍ଷ୍ୟ ରଖାଯାଇଛି । ଆଉ କୃଷକ ମୋର୍ଚ୍ଚା ଏଥିରେ ବ୍ୟାପକ ରୂପରେ ଅଂଶ ଗ୍ରହଣ କରିବାକୁ ଯାଉଛି । ଏହା ସହିତ ସମଗ୍ର ରାଜ୍ୟରେ ରକ୍ତଦାନ ଶିବିର, ମାଗଣା ସ୍ୱାସ୍ଥ୍ୟ ଚିକିତ୍ସା ଶିବିର, ସ୍ୱଚ୍ଛତା ଅଭିଯାନ ଭଳି ଅନେକ ଜନକଲ୍ୟାନ କାରି କାର୍ଯ୍ୟକ୍ରମ କରିବା ପାଇଁ ନିଷ୍ପତି ନିଆ ଯାଇଛି । ବୈଠକରେ ଉପସଭାପତି ସଞ୍ଜୟ ଉପଧ୍ୟାୟ ମଣ୍ଡଳ ସଭାପତି ସତ୍ୟନାରାୟଣ କର୍ଣ୍ଣ, ଲିଙ୍ଗରାଜ ଥାଟି,ଦଶରଥ ଭୋଇ, ଦେବଦତ୍ତ ତାଣ୍ଡି, ବଳରାମ ଭୋଇ, ସୁରେଶ କର୍ଣ, ଉମେଶ ଗର୍ତିଆ, ପ୍ରଶାନ୍ତ ବନଛୋର,ଗୋପବନ୍ଧୁ ମହାକୁର, ଭାରତ ପ୍ରଧାନ କୃଷକ ମୋର୍ଚ୍ଚା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅଚ୍ୟୁତା ନନ୍ଦ ବାରିକ, ଅନନ୍ତ ପଧାନ ପ୍ରମୁଖ ଉପସ୍ଥିତ ଥିଲେ ।

## ଜଳବାୟୁ ପରିବର୍ତ୍ତନ ସମ୍ପର୍କରେ ଜନଜାଗରଣ ଆରମ୍ଭ

ଭୁବନେଶ୍ୱର: ପରିବେଶ ସୁରକ୍ଷା ପାଇଁ ଓ ଜଳବାୟୁ ପରିବର୍ତ୍ତନ ସମ୍ପର୍କରେ ଜନଜାଗରଣ ସୃଷ୍ଟି କରିବା ପାଇଁ ସରକାର ଉଦ୍ୟମ ଆରମ୍ଭ କରିଛନ୍ତି । କେନ୍ଦ୍ର ସରକାରଙ୍କ ପରାମର୍ଶରେ ବୃକ୍ଷରୋପଣ ଓ ଉଜୁଡ଼ା ଜଙ୍ଗଲର ସୁରକ୍ଷା ସହ ବନ୍ୟଜନ୍ତୁ ସୁରକ୍ଷା ନେଇ ପଦକ୍ଷେପ ମାନ ନିଆଯାଇଛି । ଏପରିକି ହାତୀ ସୁରକ୍ଷା ଓ ହାତୀ ଚଳାପଥକୁ ସୁନିଶ୍ଚିତ କରିବାକୁ ପଦକ୍ଷେପ ନିଆଯାଇଛି । ବନ୍ୟଜନ୍ତୁ ମାନଙ୍କ ଖାଦ୍ୟଭାବକୁ ରୋକିବାକୁ ବନ ବିଭାଗ ପକ୍ଷରୁ ଅଭିଯାନ ଆରମ୍ଭ ହୋଇଛି ।

## ପରିବେଶ ପ୍ରତି ରାଜ୍ୟ, କେନ୍ଦ୍ର ସରକାର ସଚେତନ

ବିକାଶଧାରାରେ ବଡ଼ ପ୍ରତିବନ୍ଧକ ପ୍ରଦୂଷଣ । ପରିବେଶ ପ୍ରତି ରାଜ୍ୟ ଏବଂ କେନ୍ଦ୍ର ସରକାର ସଚେତନ ଅଛନ୍ତି । ଶିଳ୍ପ ପ୍ରତିଷ୍ଠା, ଶକ୍ତି ପ୍ରତିଷ୍ଠା ବିନା ବିକାଶ ସମ୍ଭବ ନୁହେଁ ମାତ୍ର ପରିବେଶ ପ୍ରତି ରାଜ୍ୟ ସରକାର ଏବଂ କେନ୍ଦ୍ର ସରକାର ସଚେତନ ଅଛନ୍ତି । ପ୍ରଦୂଷଣ ରୋକିବା, ଜଙ୍ଗଲ ସୃଷ୍ଟି କରିବା, ସବୁଜ ଭାରତ ଗଢିବା ହେଉଛି ସରକାରଙ୍କ ଲକ୍ଷ୍ୟ । ପ୍ରକୃତି ସାଙ୍ଗରେ ମଣିଷର ଲଢେଇ ଅନ୍ତ କରିବାର ପ୍ରୟାସ ଆରମ୍ଭ କରିବା ସରକାରଙ୍କ ଲକ୍ଷ୍ୟ । ଏହା କେବଳ ସମ୍ଭବ ହେବ ସାମାଜିକ ସମ୍ପୃକ୍ତି ରହିଲେ । ଉତ୍ତପ୍ତ ବିଶ୍ୱ କୁ ଶୀତଳୀକରଣ ସହ ତାପମାତ୍ରାକୁ କମାଇବା ଓ ଏକ ସବୁଜ, ସୁସ୍ଥ ଓଡ଼ିଶା ଗଠନ ପାଇଁ ପଦକ୍ଷେପ ନିଆଯାଇଛି । ସରକାର ବ୍ୟାପକ ସଂଖ୍ୟକ ତାଳଗଛ ରୋପଣ ସହ ବଜ୍ରପାତରୁ ମୁକ୍ତି ପାଇବା ପାଇଁ ପଦକ୍ଷେପ ନେଇଛନ୍ତି । ସେହିପରି ମହାନଦୀ କୂଳ, ନଦୀ, ପୋଖରୀ ହୁଡ଼ାରେ ବ୍ୟାପକ ସଂଖ୍ୟକ ଗଛ ଲଗାଇବାକୁ ପଦକ୍ଷେପ ନିଆଯାଇଛି ।

## ସନ୍ତୁଳିତ ଭବିଷ୍ୟତ ପାଇଁ ପରିବେଶ ଅନୁକୂଳ ବିକଳ୍ପ

ଉତ୍ତପ୍ତ ବିଶ୍ୱକୁ ଶୀତଳ କରିବାକୁ ବିଶ୍ୱର ଅନେକ ଦେଶ ବିଭିନ୍ନ ପରିବେଶ ଅନୁକୂଳ ପଦକ୍ଷେପ ନେଇଛନ୍ତି । ସେହି କ୍ରମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶାସନ କ୍ଷମତାକୁ ଆସିବା ପରେ ସବୁଜବଳୟସୃଷ୍ଟି, ଅକ୍ଷୟଶକ୍ତିର ସଦବିନିଯୋଗ ପାଇଁ ପଦକ୍ଷେପ ନିଆଯାଇଛି । ବିଦ୍ୟୁତ ଶକ୍ତି ସଂରକ୍ଷଣ ନେଇ ପ୍ରଥମ କରି ଓଡ଼ିଶାର ରାଜ୍ୟପାଳଙ୍କ ରାଜଭବନକୁ ସମ୍ପୂର୍ଣ୍ଣ ଭାବେ ୪ ଚକିଆ ଓ ଦୁଇ ଚକିଆ ଯାନ ଚଳାଚଳକୁ ଇଭି ( ଇଲୋକଟ୍ରୋନିକ ଭେଇକିଲ) କରାଯାଇଥିବା ସହ ସୌରଶକ୍ତି ବିନିଯୋଗ କରି ବିକଳ୍ପ ଭାବେ ନିଆଯାଇଛି । ଲୋକଙ୍କ ଆବଶ୍ୟକତା, ପରିବେଶର ସୁରକ୍ଷା ଉଭୟକୁ ଗୁରତ୍ୱ ଦିଆଯାଉଛି ।





Activate Windows

R.N.I. REGN. No. 65000/96 POSTAL REGN. No. OR/BN-32/12-14

ଊନତ୍ରିଂଶ ବର୍ଷ
ସଂଖ୍ୟା : ୩୪୦
ତିଥି: ଏକାଦଶୀ
୧୭ ସେପ୍ଟେମ୍ବର ୨୦୨୫, ବୁଧବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

ସମୟ SAMAYA

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXIX, No. 340
17 Sept 2025, Wednesday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur



## ୭୫ ବର୍ଷରେ ମୋଦୀ

ନୂଆଦିଲ୍ଲୀ, ୧୬ ।୯ : ଆସନ୍ତାକାଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ୭୫ ବର୍ଷରେ ପଦାର୍ପଣ କରୁଛନ୍ତି । ଦୀର୍ଘ ୨୪ ବର୍ଷ କାଳ ଜନସେବାରେ ସେ ନିଜ ଜୀବନକୁ ଉତ୍ସର୍ଗ କରିଛନ୍ତି । ୧୯୫୦ ସେପ୍ଟେମ୍ବର ୧୭ ତାରିଖରେ ଗୁଜରାଟର ମେହେସନା ସହରରେ ନରେନ୍ଦ୍ର ମୋଦୀ ଜନ୍ମ ଗ୍ରହଣ କରିଥିଲେ । ୨୦୦୧ ରୁ ୨୦୧୪ ପର୍ଯ୍ୟନ୍ତ ସେ ଲଗାତର ୩ଥର ଗୁଜରାଟର ମୁଖ୍ୟମନ୍ତ୍ରୀ ଭାବେ କାର୍ଯ୍ୟ ନିର୍ବାହ କରିଥିଲେ । ୨୦୧୪ରୁ ଏ ପର୍ଯ୍ୟନ୍ତ ଲଗାତର ୩ ଥର ସେ ଭାରତର ପ୍ରଧାନମନ୍ତ୍ରୀ ଭାବେ କାର୍ଯ୍ୟ କରୁଛନ୍ତି ।

ପ୍ରଧାନମନ୍ତ୍ରୀ ନୁହେଁ, ନିଜକୁ ପ୍ରଧାନ ସେବକ ଭାବେ ଅଭିହିତ କରି ସେ ତାଙ୍କର ଜନସେବାର ଧାରାକୁ ଜାରି ରଖିଛନ୍ତି । ପ୍ରତିବର୍ଷ ଭଳି ତାଙ୍କ ଜନ୍ମଦିନରେ ବିଜେପି ପକ୍ଷରୁ ସେବା ପକ୍ଷ ପାଳନ କରାଯିବ । ଏଥର ମଧ୍ୟ ଗଛ ଲାଗିବ । ୩୦ ଜିଲ୍ଲାରେ ଆୟୋଜିତ କାର୍ଯ୍ୟକ୍ରମରେ ମନ୍ତ୍ରୀ, ଜିଲ୍ଲାପାଳ, ବ୍ଲକ୍ ଅଧ୍ୟକ୍ଷ, ସରପଞ୍ଚ, ଅଙ୍ଗନୱାଡି କର୍ମୀ ଏହି କାର୍ଯ୍ୟକ୍ରମରେ ଭାଗନେବେ । ପ୍ରଧାନମନ୍ତ୍ରୀତ୍ୱ କାଳରେ ତାଙ୍କର କେତେକ ନୀତି ଭାରତୀୟ ଦୈନନ୍ଦିନ ଜୀବନକୁ ପୂର୍ଣ୍ଣ ଆକାର ଦେଇଛି । ୟୁପିଆଇ ଏବଂ ଡିଜିଟାଲ ପେମେଣ୍ଟ ଠାରୁ ଆରମ୍ଭ କରି ଜନଧନ ଆକାଉଣ୍ଟ, ଫାଷ୍ଟଟ୍ୟାଗ ଏବଂ ପରିବହନ କ୍ଷମତା, ଶସ୍ତା ଡାଟା ଏବଂ ଇଣ୍ଟରନେଟ୍ ସେବା, ମେଟ୍ରୋ ସମ୍ପ୍ରସାରଣ, ଜନଔଷଧି କେନ୍ଦ୍ର, ଡିଜି ଲକର ଏବଂ ଇ-ଗଭର୍ଣ୍ଣାନ୍ସ, ବାଣିଜ୍ୟରେ କ୍ୟୁଆରକୋଡ୍ ଗିଗ୍ ଅର୍ଥନୀତି ଅଭିବୃଦ୍ଧି, ସାର୍ବଜନିନ ସେବା ଏବଂ ଆଚରଣ ପରିବର୍ତ୍ତନ ଭଳି କାର୍ଯ୍ୟକ୍ରମ ତାଙ୍କ ଶାସନର ମୂଳ ଆଧାର ଭାବେ ରହିଆସିଛି । ସେହିଭଳି ପ୍ରଯୁକ୍ତି ବିଦ୍ୟାରେ ଶାସନ

### ସେବା, ସମର୍ପଣରେ ୨୪ ବର୍ଷ

ତାଙ୍କ ଜନ୍ମଦିନରେ ‘ଏକ୍ ପେଡ୍ ମା’ କେ ନାମ୍’ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି । ଓଡ଼ିଶା ସରକାର ଗୋଟିଏ ଦିନରେ ୭୫ ଲକ୍ଷ ଗଛ ଲଗାଇବେ । ରାଜ୍ୟବ୍ୟାପୀ ଏହି କାର୍ଯ୍ୟକ୍ରମ ଲାଗି ପ୍ରସ୍ତୁତି ଚାଲିଛି । ଆସନ୍ତାକାଲି ମଧ୍ୟ ସୁଭଦ୍ରା ଯୋଜନାର ଜନ୍ମ ତିଥି ପାଳନ କରାଯିବ । ଜଙ୍ଗଲ ବିଭାଗ ପକ୍ଷରୁ ୪୫ ହଜାର ସ୍ଥାନରେ ବ୍ୟବସ୍ଥାକୁ ପରିଚାଳନା କରି ୨୦୧୫ରେ ଡିଜିଟାଲ ଭାରତ ମିଶନ ଆରମ୍ଭ କରାଯାଇଥିଲା । ମେକ୍ ଇନ୍ ଇଣ୍ଡିଆ କାର୍ଯ୍ୟକ୍ରମ ସହ ପ୍ରତ୍ୟକ୍ଷ ଲାଭ ହସ୍ତାନ୍ତର, ଉଜ୍ଜ୍ୱଳା ଯୋଜନା, ମହାକାଶ ଏବଂ ଡିଜିଟାଲ ନେଟ୍‌ୱାର୍କ ଆଦି ପଦକ୍ଷେପ ନିଆଯାଇଛି । ୧୨୦୦ରୁ ଅଧିକ ପୁରୁଣା ଆଇନ୍‌କୁ ତାଙ୍କ ଶାସନ (୯ ପୃଷ୍ଠାରେ)

## ଦିନକ ପରେ ବିଧାନସଭା ମୌସୁମୀ ଅଧିବେଶନ

### ବାଚସ୍ପତିଙ୍କ ଅଧ୍ୟକ୍ଷତାରେ ସର୍ବଦଳୀୟ ବୈଠକ

ଭୁବନେଶ୍ୱର, ୧୬ ।୯ (ସବ୍ୟୁ): ବିଧାନସଭାର ମୌସୁମୀ ଅଧିବେଶନ ପୂର୍ବରୁ ଆଜି(ମଙ୍ଗଳବାର) ସର୍ବଦଳୀୟ ବୈଠକ ବସିଛି । ବାଚସ୍ପତି ସୁରମା ପାଢ଼ୀଙ୍କ ଅଧ୍ୟକ୍ଷତାରେ ଏହି ବୈଠକ ଅନୁଷ୍ଠିତ ହୋଇଛି । ଆସନ୍ତା ୧୮ ତାରିଖରେ ହେବାକୁ ଥିବା ବିଧାନସଭା ଅଧିବେଶନ କିପରି ସୁରୁଖୁରରେ ଚାଲିବ, ସେଥିପାଇଁ ବାଚସ୍ପତି ଶ୍ରୀମତୀ ପାଢ଼ୀ ଆଲୋଚନା କରିଛନ୍ତି ।



ଏହି ଅଧିବେଶନ ୧୮ରୁ ଆରମ୍ଭ ହୋଇ ୨୫ ତାରିଖ ଯାଏଁ ଅଧିବେଶନ ଚାଲିବ । ଏହି ଅଧିବେଶନରେ ୭ଟି କାର୍ଯ୍ୟଦିବସ ରହିବ । ୫ଟି ସରକାରୀ ଦିବସ ଥିବା ବେଳେ ଗୋଟିଏ ଦିନ ପ୍ରାଇଭେଟ ମେମ୍ବର ବିଲ୍ ରହିଛି ।ତେବେ ମୌସୁମୀ ଅଧିବେଶନରେ ବିଭିନ୍ନ ପ୍ରସଙ୍ଗ ନେଇ ବିରୋଧୀ ସରକାରଙ୍କୁ ଘେରିବାକୁ ପ୍ରସ୍ତୁତ ହେଉଛନ୍ତି । ରାଜ୍ୟ ସ୍ୱାର୍ଥକୁ ଦୃଷ୍ଟିରେ ରଖି ସମସ୍ତ ପ୍ରସଙ୍ଗରେ ସରକାରଙ୍କୁ ଉତ୍ତର ମଗାଯିବ ବୋଲି ବିରୋଧୀ କହିଛନ୍ତି । କଡ଼ା କାଉଣ୍ଟର ପାଇଁ ଶାସକ ଦଳ ମଧ୍ୟ ରଣନୀତି ପ୍ରସ୍ତୁତ କରିଛି ।

ବୈଠକ ପରେ ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ ପ୍ରତିକ୍ରିୟାରେ କହିଛନ୍ତି, ବାଚସ୍ପତି (୯ ପୃଷ୍ଠାରେ)

## ନୂଆପଡା ଉପନିର୍ବାଚନରେ ଭୋଟ୍ ଦେବେ ୨.୪୮ ଲକ୍ଷ

ଭୁବନେଶ୍ୱର, ୧୬ ।୯ (ସବ୍ୟୁ) : ନୂଆପଡା ବିଧାନସଭା ନିର୍ବାଚନମଣ୍ଡଳୀରେ ଉପନିର୍ବାଚନ ଲାଗି ପ୍ରକ୍ରିୟା ଆରମ୍ଭ ହୋଇଛି । ଏଥର ଏହି ନିର୍ବାଚନରେ ୨ ଲକ୍ଷ ୪୮ ହଜାର ୨୫୬ ମତଦାତା ଭୋଟ୍ ଦେବେ । ନୂଆପଡାରେ ୫୬ଟି ନୂଆ ମତଦାନ କେନ୍ଦ୍ର କରାଯାଇଛି ବୋଲି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଆର୍‌ଏସ୍ ଗୋପାଳନ୍ ସୂଚନା ଦେଇଛନ୍ତି ।

ଏକ ସାମ୍ବାଦିକ ସମ୍ମିଳନୀରେ ମୁଖ୍ୟ ନିର୍ବାଚନ ଅଧିକାରୀ କହିଛନ୍ତି ଯେ ମତଦାନ କେନ୍ଦ୍ର ୩୦୨ରୁ ୩୫୮କୁ ବୃଦ୍ଧି କରାଯାଇଛି । ସହରାଞ୍ଚଳରେ ୩୬ ଓ ଗ୍ରାମାଞ୍ଚଳରେ ୩୨୨ ମତଦାନ କେନ୍ଦ୍ର ରହିଛି । ନିର୍ବାଚନମଣ୍ଡଳୀରେ ୫୨ଟି ମତଦାନ କେନ୍ଦ୍ରର ନାମ ପରିବର୍ତ୍ତନ କରାଯାଇଛି । ସେପ୍ଟେମ୍ବର ୧୫କୁ ଯୋଗ୍ୟତା ତାରିଖ ଭାବେ ରଖି ଚିଠା ଭୋଟର ତାଲିକା ପ୍ରସ୍ତୁତ ହୋଇଛି । ରାଜନୈତିକ ଦଳଗୁଡ଼ିକୁ ଚିଠା ଭୋଟର ତାଲିକା ପ୍ରଦାନ କରାଯାଇଛି । ଉପ-ନିର୍ବାଚନ ପାଇଁ ଜନପ୍ରତିନିଧିତ୍ୱ ଆଇନର ୧୯୫୦ ଧାରା ୨୧ ଅନୁଯାୟୀ ଏକ ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ ପାଇଁ ନିର୍ଦ୍ଦେଶ ଦିଆଯାଇଛି । ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନରେ ମତଦାନ କେନ୍ଦ୍ରର ପୁନଃ ବ୍ୟବସ୍ଥାପନ / ପରିବର୍ତ୍ତନ ୧୪ ତାରିଖ ସୁଦ୍ଧା କରାଯାଇଥିବାବେଳେ ୧୫ ତାରିଖରେ ସମନ୍ୱିତ ଚିଠା ଭୋଟର ତାଲିକା ପ୍ରକାଶ ପାଇଛି । ଦାବି ଏବଂ ଆପତ୍ତି ଦାଖଲ କରିବାର ଅବଧି ୨୯ ତାରିଖ ଥିବାବେଳେ ଅକ୍ଟୋବର ୭ ସୁଦ୍ଧା ଏହାର ସମାଧାନ ହେବ । ଚୂଡାନ୍ତ ଭୋଟର ତାଲିକା ଅକ୍ଟୋବର ୯ରେ (୯ ପୃଷ୍ଠାରେ)

ପ୍ରଧାନମନ୍ତ୍ରୀ ବିଶ୍ୱକର୍ମା କେବଳ ସାରା ଦେଶର କାରିଗର ଏବଂ କାରିଗରଙ୍କ ଦକ୍ଷତା ବୃଦ୍ଧି କରିବେ ନାହିଁ ବରଂ ସେମାନଙ୍କ ଦ୍ୱାରା ନିର୍ମିତ ଉତ୍ପାଦ ମଧ୍ୟ ବିଶ୍ୱରେ ନୂତନ ସ୍ୱୀକୃତି ପାଇବ ।



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ
ସେବା ହେଉଛି ସଂକଳ୍ପ, ଭାରତ ପ୍ରଥମ ପ୍ରେରଣା...୭୫ ବର୍ଷ

ପ୍ରଧାନମନ୍ତ୍ରୀ ବିଶ୍ୱକର୍ମା
ଏବଂ
ଏସସି-ଏସଟି ହବ୍
ମେଗା କନକ୍ଲେଭ, ୨୦୨୫
ଅଧ୍ୟକ୍ଷତା କରିବେ

ଶ୍ରୀ ଜିତନ ରାମ ମାଞ୍ଝି
କେନ୍ଦ୍ର ସୂକ୍ଷ୍ମ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ ମନ୍ତ୍ରୀ

ସୁଶ୍ରୀ ଶୋଭା କରାଣ୍ଡଲାଜେ
ସୂକ୍ଷ୍ମ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ ରାଷ୍ଟ୍ରମନ୍ତ୍ରୀ

ପ୍ରଧାନମନ୍ତ୍ରୀ ବିଶ୍ୱକର୍ମାଙ୍କ ଦୁଇ ବର୍ଷ ପୂର୍ତ୍ତି ପାଳନ



ପ୍ରଧାନମନ୍ତ୍ରୀ ବିଶ୍ୱକର୍ମା
- ୩୦ ଲକ୍ଷ ବିଶ୍ୱକର୍ମା ସଫଳତାର ସହ ପଞ୍ଜୀକୃତ ହୋଇଛନ୍ତି
- ୨୩ ଲକ୍ଷ ବିଶ୍ୱକର୍ମା ଦକ୍ଷତା ତାଲିମ ପାଇଛନ୍ତି
- **୫ ଲକ୍ଷ** ବିଶ୍ୱକର୍ମା ପାଇଁ **୪,୧୬୬ କୋଟି ଟଙ୍କା**ର ଋଣ ମଞ୍ଜୁର ହୋଇଛି
- **୮ ଲକ୍ଷ** ଟୁଲକିଟ୍ ପ୍ରଦାନ କରାଯାଇଛି

ଜାତୀୟ ଏସସି-ଏସଟି ହବ୍ ଯୋଜନା
- **୧.୫ ଲକ୍ଷ**ରୁ ଅଧିକ ଏସସି/ଏସଟି ଉପକୃତ ହୋଇଛନ୍ତି
- ଏସସି/ଏସଟି ୟୁନିଟ୍ ରୁ ସାଧାରଣ କ୍ରୟରେ **୩୬** ଗୁଣ ବୃଦ୍ଧି ହୋଇଛି

ପ୍ରଧାନମନ୍ତ୍ରୀ ନିଯୁକ୍ତି ସୃଷ୍ଟି କାର୍ଯ୍ୟକ୍ରମ (ପିଏମଇଜିପି)
- **୧୦ ଲକ୍ଷ** ୟୁନିଟ୍ **୨୮,୩୩୩ କୋଟି ଟଙ୍କା**ର ସବସିଡି ପାଇଛନ୍ତି
- **୮୬ ଲକ୍ଷ** ନିଯୁକ୍ତି ସୃଷ୍ଟି ହୋଇଛି

CBC 25113/15/0030/2526

ସମ୍ମାନ । ସାମର୍ଥ୍ୟ । ସମୃଦ୍ଧି   ୧୭ ସେପ୍ଟେମ୍ବର ୨୦୨୫ ।୧୦:୩୦ ପୂର୍ବାହ୍ନ ।ଅନ୍ତର୍ଜାତୀୟ ସମ୍ମିଳନୀ କେନ୍ଦ୍ର, ବୋଧଗୟା, ବିହାର

ସମୟ



ଭୁବନେଶ୍ୱରରେ ଜେଏସ୍‌ଡବ୍ଲ୍ୟୁ ଗ୍ରୁପ ଷ୍ଟାର ଏମ୍ପ୍ଲୟମେଣ୍ଟ ପୁରସ୍କାର ୨୦୨୪-୨୫ ଗ୍ରହଣ କରିଛି । ବିଭିନ୍ନ ବର୍ଗରେ ସର୍ବାଧିକ ସଂଖ୍ୟକ ନିଯୁକ୍ତି ସୃଷ୍ଟି କରିବା ପାଇଁ ଜେଏସ୍‌ଡବ୍ଲ୍ୟୁ ଗ୍ରୁପ୍ ଷ୍ଟାର ଏମ୍ପ୍ଲୟମେଣ୍ଟ ପୁରସ୍କାର ୨୦୨୪-୨୫ (ପାରମ୍ପରିକ ଶିଳ୍ପ) ପାଇଛି । ଚଳିତମାସ ୧୫ ତାରିଖରେ ଏହି ପୁରସ୍କାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ବରିଷ୍ଠ ଅଧିକାରୀ, ଶିଳ୍ପ ନେତା ଏବଂ ଗଣମାଧ୍ୟମଙ୍କ ଉପସ୍ଥିତିରେ ଓୟୁଏଟି ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏକ ଉତ୍ସବରେ ବିପିଏସ୍‌ଏଲ୍/ଜେୟୁଏସ୍‌ଏଲ୍/ଆଇଏସ ଏବଂ ଖଣି/କୋଇଲା ଖଣି ଏବଂ ଗୋଷ୍ଠୀ କର୍ପୋରେଟ୍ ବ୍ୟାପାର (ଓଡିଶା) ସଭାପତି ଅନିଲ କୁମାର ସିଂହ ଗ୍ରହଣ କରିଥିଲେ ।

# ସାଂସଦଙ୍କ କୁଞ୍ଜବିହାରୀ ମଠ ପରିଦର୍ଶନ

କଟକ, (ସ୍ୱପ୍ର): ସ୍ଥାନୀୟ ଚାଉଳିଆଗଞ୍ଜ ସ୍ଥିତ ଶ୍ରୀଶ୍ରୀ କୁଞ୍ଜବିହାରୀ ଜୀୟୁଙ୍କ ମଠକୁ ମଙ୍ଗଳବାର ସାଂସଦ ଭର୍ତ୍ତୃହରି ମହତାବ ପରିଦର୍ଶନରେ ଆସିଥିଲେ । ମନ୍ଦିର ଟ୍ରଷ୍ଟିଙ୍କ ଅନୁରୋଧ କ୍ରମେ ସାଂସଦ ଶ୍ରୀ ମହତାବ ଚାଉଳିଆଗଞ୍ଜ ଦୁର୍ଗା ମନ୍ଦିର ଛକରୁ ଏକ ଖୋଲା



ଗାଡ଼ିରେ ସାହି ପରିକ୍ରମା କରିବା ପରେ ମଠରେ ପହଞ୍ଚିଥିଲେ । ପରେ ମଠ ଟ୍ରଷ୍ଟି ତଥା ସଭାପତି ପବିତ୍ର ପାତ୍ର ସ୍ୱାଗତ ସମ୍ଭାଷଣ ଦେଇ ମଠର ଇତିହାସ ବଖାଣିଥିଲେ । ମଠର ଉନ୍ନତି କରଣ ନିମନ୍ତେ ବିଭିନ୍ନ ସମସ୍ୟା ବିଷୟରେ ସାଂସଦଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ସବୁ ସମସ୍ୟା ଅବଗତ ହେବା ପରେ ଖୁବ୍‌ଶୀଘ୍ର ଏଗୁଡିକ ପୂରଣ କରାଯିବ ବୋଲି ସାଂସଦ ପ୍ରତିଶ୍ରୁତି ଦେଇଥିଲେ । କାର୍ଯ୍ୟକ୍ରମରେ ସମ୍ମାନୀତ ଅତିଥି ଭାବେ ବିଜେପି ନେତା ନୟନ କିଶୋର ମହାନ୍ତି ଯୋଗଦେଇ ସାଂସଦଙ୍କ ଦ୍ୱାରା ନିଶ୍ଚିନ୍ତ ରୂପେ ଏହି ମଠର ଉନ୍ନତି କରଣ ହେବ ବୋଲି କହିଥିଲେ । ମଠ ଟ୍ରଷ୍ଟିର ସମସ୍ତ ସଦସ୍ୟମାନଙ୍କୁ ଉତ୍ତରୀୟ ପ୍ରଦାନ କରି ସାଂସଦ ସମ୍ବର୍ଦ୍ଧିତ କରିଥିଲେ । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଟ୍ରଷ୍ଟି ମୁଖ୍ୟ ସଂଗ୍ରାମ ପାତ୍ର, ସଦସ୍ୟ ଲକ୍ଷ୍ମୀଧର ସାହୁ, ଅଜୟ ପାତ୍ର, ପ୍ରଭାତ ପୃଷ୍ଟି, ମହେଶ ପାଟରା, ମଠ ଗୁମାସ୍ତା ରବୀନ୍ଦ୍ର ନାଥ ଷଡ଼ଙ୍ଗୀ (କାଳିଆ ନନା), ପୂଜକ ବୈରାଗୀ ଚରଣ ପଣ୍ଡା, କର୍ପୋରେଟର ମୀନା ସାହୁ, ଚାଉଳିଆଗଞ୍ଜ ପୂଜା କମିଟି ସମ୍ପାଦକ ନିରଞ୍ଜନ ସାହୁ, ବିଜେପି କର୍ମୀ ସୀତା ସାହୁ, ପ୍ରକାଶ ଦାସ ପ୍ରମୁଖଙ୍କ ସହିତ ବହୁ ସଂଖ୍ୟାରେ ଅଞ୍ଚଳବାସୀ ଉପସ୍ଥିତ ଥିଲେ । ଟ୍ରଷ୍ଟି ମୁଖ୍ୟ ସଂଗ୍ରାମ ପାତ୍ର ଧନ୍ୟବାଦ୍ ଅର୍ପଣ କରିଥିଲେ ।

# ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ଭୁବନେଶ୍ୱର ସାଂସଦ

## ସଂସଦୀୟ କ୍ଷେତ୍ରର ବିଭିନ୍ନ ବିକାଶମୂଳକ ପ୍ରକଳ୍ପ ବିଷୟରେ ଆଲୋଚନା

ଭୁବନେଶ୍ୱର, (ସବ୍ୟୁ): ଭୁବନେଶ୍ୱର ସାଂସଦ ଶ୍ରୀମତୀ ଅପରାଜିତା ଷଡ଼ଙ୍ଗୀ ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସାକ୍ଷାତ କରି ଭୁବନେଶ୍ୱର ସଂସଦୀୟ କ୍ଷେତ୍ରର ବିଭିନ୍ନ ବିକାଶମୂଳକ କାର୍ଯ୍ୟକ୍ରମ ବିଷୟରେ ଆଲୋଚନା କରିଛନ୍ତି। ଏହି ଅବସରରେ ଶ୍ରୀମତୀ ଷଡ଼ଙ୍ଗୀ, ଟାଙ୍ଗି ଅଂଚଳକୁ ଏନ୍‌ଏସି ମାନ୍ୟତା ଘୋଷଣା କରିବା, ଭୁବନେଶ୍ୱର ଠାରେ ନ୍ୟାସନାଲ ଗ୍ୟାଲେରୀ ଅଫ୍ ମଡର୍ଣ୍ଣ ଆର୍ଟର ନିର୍ମାଣ ଆରମ୍ଭ ହେବା ସୂଚନା ଓ ସହର ଉପକଣ୍ଠରେ ମଡର୍ଣ୍ଣ ଫିସ୍ ମାର୍କେଟ ନିର୍ମାଣ ପାଇଁ ନିଷ୍ପତ୍ତି କରାଯାଇଥିବାରୁ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଦେଇଥିଲେ । ବୈଠକରେ, ନୟାପଲ୍ଲୀ ଅଂଚଳରେ ଏକ କମ୍ୟୁନିଟି ପାର୍କ ନିର୍ମାଣ , ବେଗୁନିଆ-ବୋଲଗଡ ଅଂଚଳକୁ ଘଇଉ ଘୋଷଣା, କଳିଙ୍ଗ ଷ୍ଟାଡିଅମ ନିକଟରେ ଥିବା ବିଶ୍ୱକର୍ମା ସମିତିର ଜମି ଅଧିଗ୍ରହଣ ଦାବୀ, ଖୋର୍ଦ୍ଧା ବସ ଷ୍ଟାଣ୍ଡର ଉନ୍ନତିକରଣ, ଖୋର୍ଦ୍ଧା ସ୍ଥିତ ପ୍ରାଣନାଥ କଲେଜ ଠାରେ ନୂତନ ହଲ



ନିର୍ମାଣ ତଥା ଶୁଭଉଦ୍‌ଘାଟନ ସମ୍ପର୍କରେ ଆଲୋଚନା ହୋଇଥିଲା ।
ବୈଠକରୁ ଜଣା ଯାଇଛି ଯେ, ମୁଖ୍ୟମନ୍ତ୍ରୀ ଏହି ସମସ୍ତ ଉନ୍ନତିମୂଳକ କାର୍ଯ୍ୟ ପାଇଁ ଉପଯୁକ୍ତ ପଦକ୍ଷେପ ନେବା ଏବଂ ପ୍ରଶାସନିକ ସ୍ତରରେ ପ୍ରତ୍ୟେକ କାର୍ଯ୍ୟ ଗୁଡିକୁ ତ୍ୱରାନ୍ୱିତ କରିବା ପାଇଁ ପଦକ୍ଷେପ ନିଆଯିବ । ମୁଖ୍ୟମନ୍ତ୍ରୀ ଏହି ଆଲୋଚନାରେ, ଅଧିକ ସଂଯୁକ୍ତ ପ୍ରୟାସ ଦ୍ୱାରା ଭୁବନେଶ୍ୱର ଏବଂ ଏହାର ସୀମାନ୍ତରେ ଥିବା ଅଞ୍ଚଳଗୁଡିକୁ ଏକ ଆଧୁନିକ ଓ ସମୃଦ୍ଧ ମଡେଲ୍ କ୍ଷେତ୍ରରେ ପରିଣତ କରିବା ପାଇଁ ପରାମର୍ଶ ଦେଇଥିଲେ । ବୈଠକରେ ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ ଜଗଦ୍ଦେବ, ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ସଚିବ ଶାଶ୍ୱତ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ ।

# "ଓଡ଼ିଶା ପରିବେଶ ବନ୍ଧୁ" ସଙ୍ଗଠନ ତରଫରୁ ସଚେତନତା କାର୍ଯ୍ୟକ୍ରମ

ଭୁବନେଶ୍ୱର (ସବ୍ୟୁ): ସାକ୍ଷୀଗୋପାଳ ସ୍ଥିତ ଦୁଇଟି ସରକାରୀ ବିଦ୍ୟାଳୟରେ "ଓଡ଼ିଶା ପରିବେଶ ବନ୍ଧୁ" ତରଫରୁ ପରିବେଶ ସଚେତନତା କାର୍ଯ୍ୟକ୍ରମ କରାଯାଇଥିଲା । ପ୍ରଥମ ପର୍ଯ୍ୟାୟରେ ବାଳିକା ବିଦ୍ୟାଳୟରେ ଏକଶତ ଛାତ୍ରୀମାନଙ୍କ ଉପସ୍ଥିତିରେ ଏହି ସଚେତନତା କାର୍ଯ୍ୟକ୍ରମ କରାଯାଥିବାବେଳେ, ଦ୍ୱିତୀୟ ପର୍ଯ୍ୟାୟରେ ସତ୍ୟବାଦୀ ବାଳକ ବିଦ୍ୟାଳୟରେ ମଧ୍ୟ



ସେହି ସଚେତନତା କାର୍ଯ୍ୟକ୍ରମ କରାଯାଇଥିଲା, ଯେଉଁଥିରେ ୬୦ଜଣ ବାଳକ ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମରେ ପରିବେଶ ବନ୍ଧୁ ସଙ୍ଗଠନର ସଭାପତି ଡଃ. ଚିତ୍ତ ରଞ୍ଜନ ମିଶ୍ର ଉପସ୍ଥିତ ରହି ଅନୁଷ୍ଠାନର କାର୍ଯ୍ୟାବଳି ଉଦ୍ଦେଶ୍ୟରେ ପିଲାମାନଙ୍କ ପାଇଁ ଓ ଉପସ୍ଥିତ ଥିବା ସମସ୍ତ ଶିକ୍ଷକଶିକ୍ଷୟିତ୍ରିଙ୍କ ପାଇଁ ସୂଚନା ପ୍ରଦାନ କରିଥିଲେ । ଅନୁଷ୍ଠାନର ବରିଷ୍ଠ ସଭ୍ୟ ଇଂ. ହେମନ୍ତ କୁମାର ଜେନା ପ୍ଲାଷ୍ଟିକ୍ ବ୍ୟବହାରର ନିବାରଣ ବିଷୟରେ ପିଲାମାନଙ୍କୁ ଏକ ଘଣ୍ଟାଧରି କମ୍ପ୍ୟୁଟର ମାଧ୍ୟମରେ ଉପସ୍ଥାପନ କରିଥିଲେ । ଅନ୍ୟତମ ସଦସ୍ୟ ଶ୍ରୀ ହର୍ଷବର୍ଦ୍ଧନ ଉଦଗାତା ପିଲାମାନଙ୍କୁ ଅତି ପ୍ରାଞ୍ଜଳଭାବରେ ପରିବେଶ ଉପରେ ସଚେତନ କରିବା ମାଧ୍ୟମରେ ଜଙ୍ଗଲ ସୁରକ୍ଷା, ବୃକ୍ଷରୋପଣ, ପଶୁପକ୍ଷୀ ସଂରକ୍ଷଣ ଇତ୍ୟାଦି ବିଷୟରେ ବୁଝାଇଥିଲେ । ଏତଦ୍‌ବ୍ୟତିତ ଦୁଇଟି ବିଦ୍ୟାଳୟର ପରିସରରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ମଧ୍ୟ କରାଯାଇଥିଲା । ସଙ୍ଗଠନର ଉପସଭାପତି ଦେବାନନ୍ଦ ସାମଲ ଉପସ୍ଥିତ ରହି ସମସ୍ତ ଛାତ୍ରଛାତ୍ରୀ ଓ ଶିକ୍ଷକଶିକ୍ଷୟିତ୍ରିମାନଙ୍କୁ ପରିବେଶର ସୁରକ୍ଷା ସହିତ ପ୍ଲାଷ୍ଟିକ ବ୍ୟବହାର ନିବାରଣ ବିଷୟରେ ଶପଥ କରାଇଥିଲେ । ବରିଷ୍ଠ ସଭ୍ୟ କୃଷ୍ଣ ନାୟକ ଉପସ୍ଥିତ ରହି ପିଲାମାନଙ୍କୁ ପରିବେଶ ଉପରେ ସମ୍ୟକ ଜ୍ଞାନ ପ୍ରଦାନ କରିଥିଲେ । ପରିଶେଷରେ ଦୁଇଟି ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଓ ଅନ୍ୟ ଶିକ୍ଷକଶିକ୍ଷୟିତ୍ରିମାନଙ୍କର ସହଯୋଗ ପାଇଁ "ଓଡ଼ିଶା ପରିବେଶ ବନ୍ଧୁ" ସଙ୍ଗଠନ ତରଫରୁ ଧନ୍ୟବାଦ ଅର୍ପଣ କରାଯାଇଥିଲା ।

# ମୁଖ୍ୟମନ୍ତ୍ରୀ ବସ୍‌ସେବା ବନ୍ଦ ପାଇଁ ଘରୋଇ ବସ୍ ମାଲିକ ମହାସଂଘର ଚିଠି

ଭୁବନେଶ୍ୱର (ସବ୍ୟୁ) : ପଞ୍ଚାୟତରୁ ବ୍ଲକକୁ ଲକ୍ଷ୍ମୀ ବସ୍ ଚଳାଇଥିବା ପୂର୍ବର ସରକାରଙ୍କୁ ବନ୍ଦ କରିବା ପାଇଁ ଦାବି କରାଯାଇଥିଲା । ଏହି ଯୋଜନା ନାଁ ପରିବର୍ତ୍ତନ କରାଯାଇ ମୁଖ୍ୟମନ୍ତ୍ରୀ ବସ୍ ସେବା କରାଯାଇ ଏବେ ବି ପଞ୍ଚାୟତରୁ ବ୍ଲକକୁ ଗଡୁଛି ସରକାରୀ ବସ୍ । ଫଳରେ ଘରୋଇ ବସ୍ ସେବା ପ୍ରଭାବିତ ହୋଇଛି । ଏ ସଂକ୍ରାନ୍ତରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ନିଖିଳ ଓଡ଼ିଶା ବସ୍ ମାଲିକ ମହାସଂଘ ଚିଠି ଲେଖିଛି । ପଞ୍ଚାୟତରୁ ବ୍ଲକ୍‌କୁ ଏବଂ ବ୍ଲକ୍‌ରୁ ଜିଲ୍ଲାକୁ ଗଡୁଥିବା ମୁଖ୍ୟମନ୍ତ୍ରୀ ବସ୍ ସେବା ବନ୍ଦ କରିବାକୁ ଦାବି କରିଛନ୍ତି । କାରଣ ସରକାରୀ ବସ୍ ଏହିସବୁ ପଞ୍ଚାୟତ ଓ ବ୍ଲକ୍‌ରେ ଯାତାୟାତ କରୁଥିବାରୁ ଘରୋଇ ବସ୍ ସେବା ପ୍ରାୟତଃ ଠପ୍ ହେବାକୁ ବସିଲାଣି । ଘରୋଇ ବସ୍ ସେବା ସହିତ ପ୍ରତ୍ୟକ୍ଷ ବା ପରୋକ୍ଷରେ ୫ଲକ୍ଷ ଲୋକ ନିର୍ଭରଶୀଳ । ସରକାରୀ ବସ୍‌ଗୁଡିକ ଏବେ କ୍ଷତିରେ ଚାଲିଛି । ତେବେ ଘରୋଇ ବସ୍ ଏହି ରୁଟ୍‌ରେ ଚାଲିଲେ ସରକାରଙ୍କର କୌଣସି କ୍ଷତି ହେବନି ବୋଲି ଉଲ୍ଲେଖ କରାଯାଇଛି । ତେଣୁ ସରକାର ଏ ଦିଗରେ ଚିନ୍ତା କରିବାକୁ ଘରୋଇ ବସ୍ ମାଲିକ ମହାସଂଘ ସାଧାରଣ ସମ୍ପାଦକ ଦେବେନ୍ଦ୍ର ସାହୁ ମୁଖ୍ୟମନ୍ତ୍ରୀଙ୍କ ସମେତ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ, ମୁଖ୍ୟ ଶାସନ ସଚିବ, ବାଣିଜ୍ୟ ଓ ପରିବହନ ବିଭାଗର ପ୍ରମୁଖ ସଚିବ ଓ କମିଶନରଙ୍କୁ ଚିଠି ଲେଖିଛନ୍ତି ।

# ଅପରେସନ୍ ଦମନ; ଅମାନିଆ ଚାଳକଙ୍କ କଟିଛି ୨ଲକ୍ଷ ୪୮ ହଜାର ଚାଲାଣ

ଖୋର୍ଦ୍ଧା, (ସବ୍ୟୁ): ଚାଲିଛି ପାର୍ବଣ । ପାର୍ବଣକୁ ଦୃଷ୍ଟିରେ ରଖି ପୁଲିସ ଦମନ ଆରମ୍ଭ କରିଛି । ବିଭିନ୍ନ ସ୍ଥାନରେ ବ୍ଲକିଂଚେକିଂ କରିଛି ପୁଲିସ । ଅପରେଶନ୍ ଦମନ ଗତ ୧୩ ତାରିଖରୁ ଆରମ୍ଭ ହୋଇଥିବାବେଳେ ଏହା ୨୭ତାରିଖ ପର୍ଯ୍ୟନ୍ତ ଚାଲିବ । ୧୩ରୁ ୧୫ ତାରିଖ ମଧ୍ୟରେ ଜିଲ୍ଲା ପୁଲିସ ପକ୍ଷରୁ ବିଭିନ୍ନ ସ୍ଥାନରେ ବ୍ଲକିଂଚେକିଂ କରାଯାଇ ବିଶେଷ ଭାବେ ବିନା ହେଲମେଟ, ବିନା ଡ୍ରାଇଭିଙ୍ଗ ଲାଇସେନ୍ସ, ଟ୍ରିପଲ ରାଇଡ଼ର ଡ୍ରାଇଭିଂ, ମଦ୍ୟପ ଗାଡି ଚାଳକ, ବିନା ଇନସ୍ୟୁରାନ୍ସ ରେ ଗାଡି ଚାଳନ ଉପରେ ବିଶେଷ ପଦକ୍ଷେପ ନିଆଯାଇଛି । ଜିଲ୍ଲାର ସଡ଼କ ସୁରକ୍ଷା ଉପରେ ଗୁରୁତ୍ୱାରୋପ ପୂର୍ବକ ଅବ୍ୟବସ୍ଥିତ ଗାଡିଚାଳନା ଏବଂ ବିନା କାଗଜାତ ରେ ଗାଡିଚାଳନା ନିଜ ତଥା ଅନ୍ୟମାନଙ୍କ ପାଇଁ ଦୁଃଖ ର କାରଣ ହୋଇଥାଏ । ଏଣୁ ସମସ୍ତେ ଏଥି ପ୍ରତି ସତର୍କ ହେବାକୁ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ବିବେକାନନ୍ଦ ଶର୍ମା ସୂଚନା ପ୍ରଦାନ କରିଛନ୍ତି । ସର୍ତକ ଓ ସଚେତନ ହେଲେ ସଡ଼କ ଦୁର୍ଘଟଣାକୁ ରୋକାଯାଇ ପାରିବା ସହ ଧନ ଜୀବନ ସୁରକ୍ଷିତ ରହିବ ଏଣୁ ସମସ୍ତେ ଗାଡିଚାଳନା ସମୟରେ ଯତ୍ନବାନ ହେବାକୁ ପୁଲିସ ପ୍ରଶାସନ ପକ୍ଷରୁ କୁହାଯାଇଛି । ଏଥିରେ ୨୩୪ଗାଡିକୁ ଯାଂଚ କରାଯାଇଥିବାବେଳେ ସେଥିରେ ୧୮୪ଜଣଙ୍କର ଚାଲାଣ କଟାଯାଇଥିଲା । ୧୨ଟି କେଶ ପଞ୍ଜିକୃତ ହୋଇଛି । ୨ଲକ୍ଷ ୪୮ହଜାର ଟଙ୍କାର ଚାଲାଣ କାଟିଛି ପୁଲିସ । ବିଏନ୍‌ଏସ୍ ୧୨୯ରେ ୪ଜଣଙ୍କୁ ନୋଟିସ୍ ଦିଆଯାଇଛି ।ଗାଡି ଯାଂଚବେଳେ ୫ଜଣ ୱାରେଂଟି ଧରା ହୋଇଛନ୍ତି । ସେହିପରି କିଛି ସ୍ଥାନରେ ଚଢଉ କରାଯାଇ ୧୫.୮ଲିଟର ମଦ ପୁଲିସ ଜବତ ହୋଇଥିବା ପୁଲିସ ମୁଖ୍ୟାଳୟରୁ ପ୍ରେସ ବିବୃତିରେ କୁହାଯାଇଛି ।

## ସରିଲା ଅପରେସନ୍ ପ୍ରହାର; ୧୧ ନିଶା ବେପାରୀ ଗିରଫ

ଖୋର୍ଦ୍ଧା, (ସବ୍ୟୁ): ଗତ ୧ ରୁ ୧୫ ତାରିଖ ପର୍ଯ୍ୟନ୍ତ ଜିଲ୍ଲା ପୁଲିସ ଆରମ୍ଭ କରିଥିଲା ଅପରେଶନ୍ ପ୍ରହାର । ୧୫ ଦିନିଆ ଏହି ଅପରେସନ ରେ ୯ଟି ମାମଲାରେ ପୁଲିସ ୧୧ଜଣ ନିଶା ବେପାରୀଙ୍କୁ ଗିରଫ କରିଛି । ଜିଲ୍ଲା ପୁଲିସ ତଥ୍ୟ ଅନୁସାରେ, ଗତ ୧ ତାରିଖରୁ ୧୫ ତାରିଖ ମଧ୍ୟରେ ଅପରେସନ୍ ପ୍ରହାର ରେ ଜିଲ୍ଲା ପୁଲିସକୁ ମିଳିଛି ସଫଳତା । ଆଜି ସୁଦ୍ଧା ବିଭିନ୍ନ ଥାନାରେ ୯ଟି ମାମଲା ରୁଜୁ ହୋଇଛି । ୧୬ଜଣ ନିଶା ବେପାରୀଙ୍କ ବିରୋଧରେ କେଶ ହୋଇଥିବାବେଳେ ୧୧ଜଣଙ୍କୁ ପୁଲିସ ଗିରଫ କରିଛି । ଏଥିରେ ୧୮୩.୫୭ଗ୍ରାମ ଓଜନ ର ବ୍ରାଉନସୁଗର ଜବତ ହୋଇଛି । ଜବତ ବ୍ରାଉନସୁଗରର ମୂଲ୍ୟ ପ୍ରାୟ ୧୮ ଲକ୍ଷ ରୁ ଉଦ୍ଧ୍ୱର୍ ହେବ । ସେହିପରି ୨୧କେଜି ୩୦୦ଗ୍ରାମ ଓଜନର ଗଞ୍ଜେଇ, ୬ଲିଟର କଫ୍‌ସିରପ୍ ଜବତ ହୋଇଛି ।

## ଆଜିଠୁ "ସୁସ୍ଥ ନାରୀ, ସଶକ୍ତ ପରିବାର' ଅଭିଯାନ

# ମଧ୍ୟପ୍ରଦେଶରୁ ଶୁଭାରମ୍ଭ କରିବେ ପ୍ରଧାନମନ୍ତ୍ରୀ

ଭୁବନେଶ୍ୱର (ସବ୍ୟୁ) : ଆସନ୍ତାକାଲି (ବୁଧବାର) ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଜନ୍ମଦିନ ଅବସରରେ ଆରମ୍ଭ ହେବାକୁ ଯାଉଛି "ସୁସ୍ଥ ନାରୀ ସଶକ୍ତ ପରିବାର' କାର୍ଯ୍ୟକ୍ରମ । ସେପେଟମ୍ବର ୧୭ଅର୍ଥାତ ବୁଧାବର ଠାରୁ ଅକେଟାବର ୨ ପର୍ଯ୍ୟନ୍ତ ଚାଲିବ ଏହି ଅଭିଯାନ । ସମସ୍ତ ମହିଳା ଓ ବାଳିକାମାନେ କିଭଳି ଏହି ଯୋଜନା ଦ୍ୱାରା ଉପକୃତ ହେବେ ଏବଂ ଏହି ଅଭିଯାନକୁ ସଫଳ କରାଇବା ପାଇଁ ବିଶେଷ ଧ୍ୟାନ ଦେବାକୁ ସ୍ୱେଚ୍ଛାସେବୀ(ଏନଜିଓ) ମାନଙ୍କୁ ପରାମର୍ଶ ଦେଇଛନ୍ତି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ମନ୍ତ୍ରୀ ମୁକେଶ ମହାଲିଙ୍ଗ ।

ବୁଧବାର ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀଙ୍କ ଦ୍ୱାରା ମଧ୍ୟପ୍ରଦେଶ ଧାର ଜିଲ୍ଲାରୁ ଶୁଭାରମ୍ଭ କରିବେ "ସୁସ୍ଥ ନାରୀ, ସଶକ୍ତ ପରିବାର ଅଭିଯାନ' । ଲୋକସେବା ଭବନ




ସମ୍ମିଳନୀ କକ୍ଷଠାରେ ରାଜ୍ୟରେ କାର୍ଯ୍ୟରତ ବିଭିନ୍ନ ଏନଜିଓଙ୍କ ସହ ସ୍ୱାସ୍ଥ୍ୟ ସେବା ସମ୍ପର୍କିତ ଅନେକ ଗୁରତ୍ୱପୂର୍ଣ୍ଣ ପ୍ରସଙ୍ଗରେ ସ୍ୱାସ୍ଥ୍ୟ ମନ୍ତ୍ରୀ ଶ୍ରୀ ମହାଲିଙ୍ଗ ଆଲୋଚନା କରିଛନ୍ତି । ଜନସାଧାରଣଙ୍କ ପାଇଁ ଉତ୍ତମ ସ୍ୱାସ୍ଥ୍ୟ ସେବା ପ୍ରଦାନ ସହ ଜନସଚେତନତାକୁ ତୃଣମୂଳସ୍ତରରେ ପହଞ୍ଚାଇବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କ ନେତୃତ୍ୱରେ ସ୍ୱାସ୍ଥ୍ୟ ବିଭାଗର ଲକ୍ଷ୍ୟ ବିଷୟରେ ସେମାନଙ୍କୁ ଅବଗତ କରାଯାଇଛି ।

ଅସନ୍ତାକାଲି ଠାରୁ ଅକେଟାବର ୨ ପର୍ଯ୍ୟନ୍ତ ଏହି ଅଭିଯାନ ଚାଲିବ । ଏହାସହ ୨୯ ହଜାର ସ୍କ୍ରିନିଙ୍ଗ ଓ ୩ ହଜାରରୁ ଉର୍ଦ୍ଧ୍ୱ ସ୍ୱାସ୍ଥ୍ୟ କ୍ୟାମ୍ପ୍ ହେବ । ସ୍କ୍ରିନିଙ୍ଗ ତଥ୍ୟକୁ ନେଇ ଡିଜିଟାଲ ଡାଟା ବେସ୍ ତିଆରି କରିବେ ସରକାର । ବିଭିନ୍ନ କ୍ୟାନସର, ଋତୁସ୍ରାବ ସମସ୍ୟା ଓ ଅପପୁଷ୍ଟି ସ୍ଥିତି ନେଇ ଯାଞ୍ଚ ହେବ ବୋଲି ସ୍ୱାସ୍ଥ୍ୟ ମନ୍ତ୍ରୀ ଶ୍ରୀ ମହାଲିଙ୍ଗ କହିଛନ୍ତି । ଏହି ବୈଠକରେ ସ୍ୱାସ୍ଥ୍ୟ ସଚିବ ଅଶ୍ୱଥୀ ଏସ୍, ଏନଏଚଏମ ମିଶନ ନିର୍ଦ୍ଦେଶକ ଡକଟର ବୃନ୍ଦା ଡି. ଓ ବିଭାଗୀୟ ଅଧିକାରୀଙ୍କ ଉପସ୍ଥିତିରେ ବିଭିନ୍ନ ଜିଲ୍ଲାର ଏନଜିଓଗୁଡିକ ଆଭାସୀ ମାଧ୍ୟମରେ ସାମିଲ ହୋଇଥିଲେ ।

# ବେଦାନ୍ତର ଦକ୍ଷତା ତାଲିମ କେନ୍ଦ୍ର

## ୨୧ତମ ଖାଦ୍ୟ ଏବଂ ପାନୀୟ ବ୍ୟାଚ୍ ପାଇଁ ୯୩% ନିଯୁକ୍ତି ସୁଯୋଗ ସୁରକ୍ଷିତ

ଭୁବନେଶ୍ୱର (ସବ୍ୟୁ): ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ, ଓଡ଼ିଶାର ଭବାନୀପାଟଣାରେ ଏହାର ପ୍ରମୁଖ ଦକ୍ଷତା ତାଲିମ ପଦକ୍ଷେପ ମାଧ୍ୟମରେ, ୨୧ତମ ଖାଦ୍ୟ ଏବଂ ପାନୀୟ ତାଲିମ ସଫଳତାର ସହ ସମାପ୍ତ କରିବା



ସହ ପ୍ରଭାବଶାଳୀ ୯୩% ନିଯୁକ୍ତିହାର ହାସଲ କରିଛି । ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣ (OSDA) ସହିତ ମିଳିତ ଭାବରେ ପରିଚାଳିତ ଏହି କାର୍ଯ୍ୟକ୍ରମ, ସ୍ଥାନୀୟ ଯୁବକମାନଙ୍କୁ ଶିଳ୍ପ-ପ୍ରସ୍ତୁତ ଦକ୍ଷତା ଦେବା ସହ, ସ୍ଥାୟୀ ଜୀବିକା ସୁଯୋଗ ସୃଷ୍ଟି କରିବା ଏବଂ ସମଗ୍ର ଅଞ୍ଚଳରେ ସାମଗ୍ରିକ, ତୃଣମୂଳ ସ୍ତରୀୟ ବିକାଶକୁ ତ୍ୱରାନ୍ୱିତ କରିବା ପାଇଁ ବେଦାନ୍ତର ପ୍ରତିବଦ୍ଧତାକୁ ସ୍ପଷ୍ଟ କରେ ।

ଏହି ସଫଳତାକୁ ନେଇ ଆନନ୍ଦ ପ୍ରକାଶ କରି, ବେଦାନ୍ତ ଆଲୁମିନା ବ୍ୟବସାୟର ସିଇଓ, ପ୍ରଣବ କୁମାର ଭଟ୍ଟାଚାର୍ଯ୍ୟ କହିଛନ୍ତି, "ବେଦାନ୍ତ ଦୃଢ଼ ଭାବରେ ବିଶ୍ୱାସ କରେ ଯେ ଦକ୍ଷତା ହେଉଛି ଆତ୍ମନିର୍ଭରଶୀଳତାର ମୂଳଦୁଆ । ଏହି ଭଳି ପଦକ୍ଷେପଗୁଡ଼ିକ ଗ୍ରାମୀଣ ସମ୍ଭାବନା ଏବଂ ମୁଖ୍ୟଧାରାର ସୁଯୋଗ ମଧ୍ୟରେ ସେତୁ ସ୍ଥାପନ କରେ, ତଥା ସ୍ଥାନୀୟ ଯୁବପିଢ଼ିଙ୍କ ପାଇଁ ସ୍ଥାୟୀ ଜୀବିକା ନିର୍ବାହର ପଥ ସୃଷ୍ଟି କରେ । ଯେତେବେଳେ ଯୁବକମାନେ ସଠିକ୍ ଦକ୍ଷତା ଏବଂ ଅଭିଜ୍ଞତା ପାଇଥାନ୍ତି, ଏହା ପରିବାର, ସମ୍ପ୍ରଦାୟ ଏବଂ ସ୍ଥାନୀୟ ଅର୍ଥନୀତି ପାଇଁ ପ୍ରଗତିର ଏକ ଶୃଙ୍ଖଳିତ ପ୍ରତିକ୍ରିୟା ସୃଷ୍ଟି କରେ । ଏହି ଉଲ୍ଲେଖନୀୟ ନିଯୁକ୍ତିହାର ମାଇଲଖୁଣ୍ଟ କଳାହାଣ୍ଡିରେ ସକାରାତ୍ମକ ପରିବର୍ତ୍ତନ ଆଣିବା ପାଇଁ ବେଦାନ୍ତର ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ, ଯାହା ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣ ସହିତ ଆମର ଦୃଢ଼ ସହଯୋଗ ଦ୍ୱାରା ଜୀବିକା ବୃଦ୍ଧି କରିବା ଏବଂ ଗ୍ରାମୀଣ ଯୁବପିଢ଼ିଙ୍କ ପାଇଁ ନୂତନ ସୁଯୋଗ ଖୋଲିବା ପାଇଁ ସକ୍ଷମ ହୋଇଛି ।"

ଏକ ବ୍ୟାପକ ଦକ୍ଷତା ଢାଞ୍ଚା ଅନୁସରଣ କରି, ବେଦାନ୍ତ ଲାଞ୍ଜିଗଡ଼ ଦକ୍ଷତା ତାଲିମ ପଦକ୍ଷେପ, ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣ ଏବଂ (ଜାତୀୟ କୃଷି ଏବଂ ଗ୍ରାମୀଣ ବିକାଶ ବ୍ୟାଙ୍କ ସହିତ ମିଳିତ ଭାବରେ, ତିନି ବର୍ଷ ମଧ୍ୟରେ ୧୨୦୦ରୁ ଅଧିକ ଗ୍ରାମୀଣ ଯୁବକଙ୍କୁ ତାଲିମ ଦେବାର ଲକ୍ଷ୍ୟ ରଖିଛି, ଯାହା ଏକ ଦ୍ୱି-ମୁଖୀ ପଦ୍ଧତି ବ୍ୟବହାର କରି ତାଲିମ ସହିତ ଉଦ୍ୟୋଗୀ ଏବଂ ନିଯୁକ୍ତିର ସୁଯୋଗ ପ୍ରଦାନ କରିବ । ଏପର୍ଯ୍ୟନ୍ତ, ଏହି ପଦକ୍ଷେପ ଅଧୀନରେ ୭୫୦ରୁ ଅଧିକ ଯୁବକଙ୍କୁ ତାଲିମ ଦିଆଯାଇଛି, ଯାହା ଏହି ଯାତ୍ରାରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ । ଏହି ପ୍ରାର୍ଥୀମାନଙ୍କୁ ସ୍ଥିର ଜୀବିକା ସୁରକ୍ଷିତ କରିବାରେ ସାହାଯ୍ୟ କରି, ଏହି ନିଯୁକ୍ତି ସେମାନଙ୍କ ପରିବାର ଆୟକୁ ଉଲ୍ଲେଖନୀୟ ଭାବରେ ବୃଦ୍ଧି କରି ଯୁବପିଢ଼ିଙ୍କୁ ସାମାଜିକ-ଅର୍ଥନୈତିକ ମୁଖ୍ୟଧାରାରେ ସାମିଲ କରିଛି । ବେଦାନ୍ତର ଦକ୍ଷତା ତାଲିମ ପଦକ୍ଷେପ ରଣନୀତିକ ଭାବରେ ଜାତିସଂଘର ସ୍ଥାୟୀ ବିକାଶ ଲକ୍ଷ୍ୟ, ବିଶେଷକରି ଏସ୍‌ଡିଜି ୧ - "ଦାରିଦ୍ର୍ୟ ନାହିଁ" ଏବଂ ଏସ୍‌ଡିଜି ୮ - "ସୌଜନ୍ୟ କାର୍ଯ୍ୟ ଏବଂ ଅର୍ଥନୈତିକ ଅଭିବୃଦ୍ଧି" ସହିତ ସଂଯୁକ୍ତ । ଏହା ଗ୍ରାମୀଣ ନିଯୁକ୍ତି ଏବଂ ଉଦ୍ୟୋଗୀ ମନୋଭାବକୁ ସୁଦୃଢ଼ କରିବା ସହ ବିକଶିତ ଭାରତର ଜାତୀୟ ଦୃଷ୍ଟିକୋଣ ସହିତ ମଧ୍ୟ ପ୍ରତିଧ୍ୱନିତ ହୁଏ ।

# ଏଥର ଦଶହରାରେ ବର୍ଷା

ଭୁବନେଶ୍ୱର, (ସବ୍ୟୁ) : ଆସନ୍ତା ୨୫ ବା ୨୬ ତାରିଖରେ ଉତ୍ତର ବଙ୍ଗୋପସାଗର ଏବଂ ସଂଲଗ୍ନ କେନ୍ଦ୍ରୀୟ ବଙ୍ଗୋପସାଗରରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି । ଏହା ଅଧିକ ଘନୀଭୂତ ହୋଇ ଅବପାତର ରୂପ ନେଇପାରେ । ବିଭିନ୍ନ ମଡେଲରୁ ଏହା ଜଣାପଡ଼ିଛି ବୋଲି ପାଣିପାଗ ବିଜ୍ଞାନୀ ସୁରେନ୍ଦ୍ରନାଥ ପଶୁପାଳକ ସୂଚନା ଦେଇଛନ୍ତି ।

ଶ୍ରୀ ପଶୁପାଳକ ଆକଳନ କରି କହିଛନ୍ତି, ରାଜ୍ୟରେ ୨୬ରୁ ପାଗରେ ପରିବର୍ତ୍ତନ ହେବ । ୨୭ ଓ ୨୮ ତାରିଖରେ ରାଜ୍ୟର ଅଧିକାଂଶ ସ୍ଥାନରେ ବର୍ଷା ହୋଇପାରେ । ସାଧାରଣ ଭାବେ ମଧ୍ୟମ ଧରଣର ବର୍ଷା ହେବ । ସମ୍ଭବତଃ ଏହା ଦକ୍ଷିଣ ଓଡ଼ିଶାରେ ପ୍ରବଳ ବର୍ଷା ହୋଇପାରେ । ବାକି ସ୍ଥାନଗୁଡ଼ିକରେ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହୋଇପାରେ ।

୨୯ରେ ପଶ୍ଚିମଓଡ଼ିଶା ଦେଇ ଛତିଶଗଡ଼ ଓ ପରେ ନାଗପୁର ଆଡ଼କୁ ଏହା ଗତି କରିବ । ୨୯ରେ ମଧ୍ୟ ବର୍ଷା ହୋଇପାରେ । ୩୦ ପରେ ପାଗ ସୁଖିଲା ରହିପାରେ । ୨୮ ହେଉଛି ଦଶହରାର ଷଷ୍ଠୀ ପୂଜା । ତେଣୁ ଷଷ୍ଠୀ ଓ ସପ୍ତମୀ ପୂଜା ସମୟରେ ବର୍ଷା ହେବାର ସମ୍ଭାବନା ରହିଛି । ଏହା ହେଉଛି ପ୍ରାଥମିକ ଆକଳନ ଏବଂ ଏହାର ସଠିକତା ନଥାଏ । ୨୧ ତାରିଖ ବେଳକୁ ଅଧିକ ସଠିକ ଆକଳନ କରିହେବ ।

ଠିକ ସମୟରେ ରୁଆ ଧାନରେ ଶୀର୍ଷ ଯବକ୍ଷାର ସାର ପ୍ରୟୋଗ ସାରିଥିବ । ନହୋଇଥିଲେ ଶୀଘ୍ର ଏହି ସାର ପକାନ୍ତୁ । ନଚେତ ପିଲ କମ୍ ହେବା ସହିତ ଗଛର ଅଭିବୃଦ୍ଧି କମିଯିବ । ଦ୍ୱିତୀୟ ଶୀର୍ଷ ସାର ଭାବେ ୨୯ ପରେ ବର୍ଷା ଦେଖି ପ୍ରୟୋଗ କରିବା ପାଇଁ ବ୍ୟବସ୍ଥା କରନ୍ତୁ । ପ୍ରାକ୍ ରବି ଫସଲ ତଥା ମୁଗ, ବିରି, କୋଳଥ ଓ ଅଳସୀ ଆଦି ଶୀଘ୍ର ବୁଣନ୍ତୁ । ୬୦ରୁ ୭୦ ଦିନିଆ କମ ଅବଧି କିସମ ଚୟନ କରନ୍ତୁ । ଅକେଟାବରରେ ଅଧିକ ବର୍ଷାର ସମ୍ଭାବନା ହେତୁ ଆଉ ବେଶୀ ବିଳମ୍ବ କରନ୍ତୁ ନାହିଁ ବୋଲି ସେ ଶ୍ରୀ ପଶୁପାଳକ କହିଛନ୍ତି ।

## ୨୪ ବର୍ଷର ବିବାଦ ତୁଟିଲା, ଜଗନ୍ନାଥଙ୍କ ଜମିକୁ ନେବା ଆବେଦନକୁ ଖାରଜ କଲେ ହାଇକୋର୍ଟ

# ତାଳ ବଣିଆରେ ଅତିଥି ଭବନ ନିର୍ମାଣ ବାଟ ଫିଟିଲା

କଟକ,(ସବ୍ୟୁ) : ମହାପ୍ରଭୁ ଜଗନ୍ନାଥଙ୍କ ସ୍ୱାର୍ଥ ସର୍ବୋପରେ । ତାଙ୍କ ସ୍ୱାର୍ଥର ସୁରକ୍ଷା ପ୍ରାଥମିକତା । ସେ ଆଇନ ଦୃଷ୍ଟିରୁ ନାବାଳକ । ତାଙ୍କ ସ୍ୱାର୍ଥ ରକ୍ଷା କରିବା ଦାୟିତ୍ୱ ହେଉଛି ଅଦାଲତଙ୍କର । ଯଦି ମହାପ୍ରଭୁଙ୍କ ଜାଗା ଉପରେ ତାଙ୍କ ଭକ୍ତଙ୍କ ରହିବା ଲାଗି ଅତିଥି ଭବନ କରାଯାଉଛି ତାହେଲେ ଏହି ଜମିକୁ ଆଉ କାହାରିକୁ ଦିଆଯାଇ ପାରିବ ନାହିଁ ବୋଲି ହାଇକୋର୍ଟ ପୁରୀ ତାଳବଣିଆରେ ମହାପ୍ରଭୁ ଜଗନ୍ନାଥଙ୍କ ପ୍ରାୟ ଚାରି ଗୁଣ୍ଠ ଜମିକୁ କିଛି ବ୍ୟକ୍ତି ସେମାନଙ୍କ ନାମରେ କରିବା ଲାଗି ହୋଇଥିବା ଆବେଦନକୁ ଖାରଜ କରିବା ଅବସରରେ ଏହି ରାୟ ଦେଇଛନ୍ତି । ହାଇକୋର୍ଟର ବିଚାରପତି ଜଷ୍ଟିସ୍ କେ.ଆର. ମହାପାତ୍ର ଏବଂ ଜଷ୍ଟିସ୍ ସାବିତ୍ରୀ ରଥଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ନିର୍ଦ୍ଦେଶ ଦେଇଛନ୍ତି । ହାଇକୋର୍ଟଙ୍କ ଏହି ନିର୍ଦ୍ଦେଶ ଫଳରେ ମହାପ୍ରଭୁ ଜଗନ୍ନାଥଙ୍କ ଜମି ତାଙ୍କର ରହିବା ସହ ଅତିଥି ଭବନ ନିର୍ମାଣ ପାଇଁ ବାଟ ଖୋଲିଛି । ଏହାଦ୍ୱାରା ମଧ୍ୟ ଦୀର୍ଘ ୨୪ବର୍ଷର ଅଦାଲତୀ ବିବାଦର ମଧ୍ୟ ଅନ୍ତ ଘଟିଛି । ମାମଲାରୁ ଜଣାଯାଇଛି ଯେ, ଲାଲା ନଳିନୀ କୁମାର ରାୟଙ୍କ ପୂର୍ବସୁରୀ ପ୍ରଥମେ ୨୦୦୦ ମସିହାରେ ହାଇକୋର୍ଟରେ ଏକ ମାମଲା ରୁଜୁ କରିଥିଲେ । ତାଳବଣିଆରେ ଥିବା ୩ଗୁଣ୍ଠ ଜମି ସେମାନଙ୍କ ନାମରେ କରିବା ଲାଗି ଅଦାଲତ ପୁରୀ ପୌରପାଳିକା ଏବଂ ଶ୍ରୀମନ୍ଦିର ପ୍ରଶାସନକୁ ନିର୍ଦ୍ଦେଶ ଦେବାକୁ ସେ ପ୍ରାର୍ଥନା କରିଥିଲେ । ଆଇନ ବିଭାଗ ପକ୍ଷରୁ ଜାରି ହୋଇଥିବା ୟୁନିଫର୍ମ ପଲିସି ଆଧାରରେ ଏହି ଜମିକୁ କରିବା ଲାଗି ସେ କହିଥିଲେ । ୨୦୦୮ ମସିହାରେ ହାଇକୋର୍ଟ ଏହି ମାମଲାରେ ରାୟ ପ୍ରକାଶ କରିଥିଲେ । ଶ୍ରୀମନ୍ଦିର ପ୍ରଶାସନ ଏବଂ ଆବେଦନକାରୀ ଉଭୟଙ୍କ ସହମତିରେ ଏହି ଜମି ସେମାନଙ୍କ ନାମରେ କରିବା ଲାଗି ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ । ଏହି ଜମିର ସେତେବେଳେର ଧାର୍ଯ୍ୟ ମୂଲ୍ୟ ଜମା କରିବା ଲାଗି ଆବେଦନକାରୀଙ୍କୁ କୁହାଯାଇଥିଲା । କିନ୍ତୁ ଜମି ସେମାନଙ୍କ ନାମରେ ନହେବାରୁ ଆବେଦନକାରୀ ପୁନର୍ବାର ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଏହି ଆଦେଶର ରିଭ୍ୟୁ ପିଟିସନ୍ ଫାଇଲ୍ କରାଯାଇଥିଲା । ଏହି ଜମିର ମୂଲ୍ୟ ବହୁ କମ୍ ଥିବାରୁ ଅଧିକ ମୂଲ୍ୟ ପ୍ରାର୍ଥନା କରାଯାଇ ଏହି ମାମଲା ରୁଜୁ ହୋଇଥିଲା । ୨୦୧୬ ମସିହାରେ ହାଇକୋର୍ଟ ଏହି ମାମଲାରେ ରାୟ ପ୍ରକାଶ କରିଥିଲେ । ଆବେଦନକାରୀ ବର୍ଦ୍ଧିତ ମୂଲ୍ୟ ଦେବାକୁ ରାଜି ହେବାରୁ ହାଇକୋର୍ଟ ସେମାନଙ୍କ ନାମରେ ଜମି କରିବା ଲାଗି ନିର୍ଦ୍ଦେଶ ଦେଇଥିଲେ । ହାଇକୋର୍ଟଙ୍କ ଏହି ଆଦେଶ ସତ୍ତ୍ୱେ ଆବେଦନକାରୀଙ୍କ ନାମରେ ଏହି ଜମି ହୋଇପାରି ନଥିଲା । ଫଳରେ ମାମଲା ସୁପ୍ରିମ୍‌କୋର୍ଟକୁ ଯାଇଥିଲା । ସୁପ୍ରିମ୍‌କୋର୍ଟରେ ରାଜ୍ୟ ସରକାର ଉକ୍ତ ଜମିରେ ଏକ ଅତିଥି ଭବନ କରିବେ ବୋଲି ନିଷ୍ପତ୍ତି ନେଇଥିବା ସଂକ୍ରାନ୍ତରେ ସର୍ବୋଚ୍ଚ ଅଦାଲତଙ୍କୁ ଅବଗତ କରିବା ପରେ ଆବେଦନକାରୀମାନେ ପିଟିସନ୍‌କୁ ପ୍ରତ୍ୟାହାର କରି ଆଣିଥିଲେ । ପୁନର୍ବାର ଆବେଦନକାରୀମାନେ ହାଇକୋର୍ଟରେ ଏକ ଅନ୍ତରୀଣ ପିଟିସନ୍ ରୁଜୁ କରିଥିଲେ । ସେମାନେ ଜମିର ଧର୍ଯ୍ୟ ମୂଲ୍ୟ ଜମା କରିସାରିଥିବାରୁ ସେମାନଙ୍କ ନାମରେ ଉକ୍ତ ଜମି କରିବା ଏବଂ ୨୦୦୮ ମସିହାର ଆଦେଶକୁ କାର୍ଯ୍ୟକାରୀ ପାଇଁ ଅଦାଲତ ନିର୍ଦ୍ଦେଶ ଦେବାକୁ ପ୍ରାର୍ଥନା କରଯାଇଥିଲା । ୨୦୧୭ ମସିହାରେ ରାଜ୍ୟ ସରମକାର ଉକ୍ତ ଜମିରେ ମହାପ୍ରଭୁ ଜଗନ୍ନାଥଙ୍କ ନିକଟକୁ ଆସୁଥିବା ତୀର୍ଥଯାତ୍ରୀଙ୍କ ରହିବାର ସୁବିଧା ଲାଗି ଏକ ଅତିଥି ଭବନ ନିର୍ମାଣ ପାଇଁ ନିଷ୍ପତ୍ତି ନେଇଥିବା ସଂକ୍ରାନ୍ତରେ ଅଦାଲତଙ୍କୁ ଅବଗତ କରାଯାଇଥିଲା । ହାଇକୋର୍ଟ ଏହି ମାମଲାର ରାୟ ପ୍ରକାଶ କରିବା ଅବସରରେ ଏହା ଜଗନ୍ନାଥଙ୍କ ଜମି ହୋଇଥିବାରୁ ଏହାକୁ ଅନ୍ୟ କାହାରି ନାମରେ ମନମୁଖୀ ଭାବେ କରାଯାଇ ପାରିବ ନାହିଁ ବୋଲି କହିଛନ୍ତି ।

# ନରେନ୍ଦ୍ର ମୋଦୀ : ଜଣେ ଦୃଢ ନେତୃତ୍ୱଙ୍କ ମାନବିକ ଦିଗର ଝଲକ

ପ୍ରଧାନମନ୍ତ୍ରୀ ମୋଦୀଙ୍କର ଦୃଢ ନେତୃତ୍ୱ ଅନେକ ସମୟରେ ଛୋଟ ଛୋଟ ଘଟଣାରେ ପ୍ରତିଫଳିତ ହୁଏ ଯେଉଁଥିରେ କୌଣସି ପ୍ରାକ୍ ପ୍ରସ୍ତୁତି ନଥାଏ । ରାଜନୈତିକ ମଞ୍ଚ ଓ ନୀତିରୁ ଉର୍ଦ୍ଧ୍ୱରେ ଅନେକ କ୍ଷେତ୍ରରେ ପ୍ରଧାନମନ୍ତ୍ରୀଙ୍କର ସରଳତା ଓ ଦୟାଳୁ ଭାବନାର ଝଲକ ଦେଖିବାକୁ ମିଳେ । ଏହି କାରଣରୁ ସେ ଲୋକମାନଙ୍କର ଅତ୍ୟନ୍ତ ନିକଟତର ହୋଇପାରିଛନ୍ତି । ସେ ସଂସଦର ପାହାଚରେ ନତମସ୍ତକ ହୁଅନ୍ତି, ସେ ପିଲାମାନଙ୍କ ସହିତ ହାତ ମିଳାଇବା ପାଇଁ ସୁରକ୍ଷା ବଳୟକୁ ଭାଙ୍ଗିଦିଅନ୍ତି। ଏପରି ଦୃଶ୍ୟଗୁଡ଼ିକ ଭାରତର ରାଜନୈତିକ ସଂସ୍କୃତିକୁ ଏକ ନୂଆ ଦିଗକୁ ନେଇଯାଉଛି, ଯେଉଁଠାରେ ସମ୍ମାନ, ସହାନୁଭୂତି ଏବଂ ସରଳ ଯୋଗାଯୋଗ ସବୁଠାରୁ ମହତ୍ୱପୂର୍ଣ୍ଣ ।

## ଶୀର୍ଷରେ ନମ୍ରତା ଏବଂ ସଙ୍କୋଚତାର ପରାକାଷ୍ଠା

ମେ ୨୦୧୪ ରେ, ପ୍ରଧାନମନ୍ତ୍ରୀ ଆଡ଼ମ୍ବର ସହିତ ନୁହେଁ, ବରଂ ଶ୍ରଦ୍ଧାର ସହିତ ସଂସଦ ଭିତରକୁ ପ୍ରବେଶ କରିଥିଲେ । ସେ କିଛି କ୍ଷଣ



ରହି, ସଂସଦର ପାହାଚରେ ଭୂମିଷ୍ଠ ପ୍ରଣାମ କଲେ । ଭାରତର ଜନସାଧାରଣଙ୍କ ଦ୍ୱାରା ଦିଆ ଯାଇଥିବା ଦାୟିତ୍ୱକୁ, ନମ୍ରତାର ସହିତ ଗ୍ରହଣ କରି ସେ ଏହାକୁ ଗଣତନ୍ତ୍ରର ମନ୍ଦିର ଭାବରେ ବିବେଚନା କରିଥିଲେ । ଏହି ପ୍ରାରମ୍ଭିକ ବାର୍ତ୍ତା ଗୁଡ଼ିକ ନେତୃତ୍ୱର ଶବ୍ଦକୋଷକୁ ପୁନଃ ପରିଭାଷିତ କରିଥିଲା । ତାଙ୍କର ପ୍ରଥମ ମନ୍ତବ୍ୟରେ, ସେ ଭାରତର ଗଣତାନ୍ତ୍ରିକ ପ୍ରତିଶ୍ରୁତିର ପ୍ରମାଣ ଭାବରେ ସରକାରଙ୍କୁ ଗରିବଙ୍କ ପାଇଁ ସର୍ବଦା ରହିଥିବା ବିଷୟରେ ଉଲ୍ଲେଖ କରିଥିଲେ ।

## ପିଲାମାନଙ୍କ ସହିତ ମିଶିବା ପାଇଁ ପ୍ରୋଟୋକଲ ଭାଙ୍ଗିଥିଲେ



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସର୍ବଦା ପିଲାମାନେ ଓ ଯୁବନଙ୍କ ସହିତ ମିଶିବାକୁ ଭଲପାଆନ୍ତି । ୨୦୧୮ ମସିହାରେ ଲାଲକିଲ୍ଲାରେ ସ୍ୱାଧୀନତା ଦିବସର ଭାଷଣ ପରେ, ସେ ମୋଟରକେଡକୁ ଅଟକାଇ ସୁରକ୍ଷା ବ୍ୟବସ୍ଥାକୁ ଏଡ଼ାଇ, ତ୍ରିରଙ୍ଗା ଉଡ଼ାଉଥିବା ସ୍କୁଲ ପିଲାମାନଙ୍କ ଭିଡ଼ରେ ସାମିଲ ହୋଇଥିଲେ । ସେମାନଙ୍କ ସହ ହାତ ମିଳାଇ, ହସି କଥା କହିଲେ ଓ ସେହି ମୁହୂର୍ତ୍ତକୁ ପିଲାମାନଙ୍କ ପାଇଁ ସ୍ମରଣୀୟ କରିଥିଲେ। ତାଙ୍କର ଏହି ପିଲାଙ୍କ ସହିତ ମିଶିବାର ଆଗ୍ରହ ବର୍ଷ ବର୍ଷ ଧରି ଦେଖିବାକୁ ମିଳିଥିଲା । ଏଭଳି ପ୍ରସଙ୍ଗଗୁଡ଼ିକ ଦେଖାଏ ଯେ ସେ କେବଳ ଏକ ରାଜନେତା ନୁହେଁ, ବରଂ ପିଲାମାନଙ୍କୁ ସ୍ନେହ ଓ ସମ୍ମାନ କରୁଥିବା ଜଣେ ସରଳ ମଣିଷ । ପ୍ରଧାନମନ୍ତ୍ରୀଙ୍କର ପିଲା ଏବଂ ନାଗରିକଙ୍କ ପ୍ରତି ଧ୍ୟାନ ଦେବା ତଥା ସେମାନଙ୍କ ସହିତ ମିଶିବାର ଆଗ୍ରହ ପ୍ରାୟତଃ ସମସ୍ତ ରାଲିରେ ଦେଖାଯାଏ । ୨୦୨୪ରେ ମଧ୍ୟପ୍ରଦେଶର ଝାବୁଆରେ ଭାଷଣ କରୁଥିବା ସମୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଜଣେ ପିଲାକୁ ବାପାଙ୍କ କାନ୍ଧରେ ବସିଥିବାବେଳେ ହାତରେ ଆଘାତ ହେବାକୁ ଯାଉଥିବାର ଦେଖିଲେ । ସେ ତୁରନ୍ତ ଭାଷଣକୁ ଅଟକାଇ, ପିଲାଟିକୁ ସୁରକ୍ଷା ପାଇଁ ତଳକୁ ଓହ୍ଲାଇବାକୁ କହିଥିଲେ । ଏହି ସରଳ ବ୍ୟବହାର ତାଙ୍କର କୋମଳ ହୃଦୟ ଓ ପିଲାମାନଙ୍କ ପ୍ରତି ସ୍ନେହକୁ ପ୍ରକାଶ କରିଥିଲା । କରତାଳିର ଏକ ଲହରୀ ସ୍ମରଣ କରାଇ ଦେଇଥିଲା ଯେ ସାର୍ବଜନୀନ ମଞ୍ଚରେ ମଧ୍ୟ ଜଣେ ନେତା ନିକଟତର ହୋଇପାରନ୍ତି । ଏପରି ଦୃଶ୍ୟ ପ୍ରଧାନମନ୍ତ୍ରୀଙ୍କର ପିଲାଙ୍କ ପ୍ରତି ତାଙ୍କର ସ୍ନେହକୁ ପ୍ରକାଶ କରେ ।

## ଦୟାର ଭାବନାକୁ ଗରୁତ୍ୱ : ସୈନିକଙ୍କ ସହିତ ଦୀପାବଳି

୨୦୧୪ ମସିହାରୁ, ମୋଦି ସୈନିକମାନଙ୍କ ସହିତ ଦୀପାବଳି ପାଳନ କରି ଆସୁଛନ୍ତି । ସିଆଚେନ୍ ଏବଂ କାର୍ଗିଲ୍ ଠାରୁ ଆରମ୍ଭ କରି ପଞ୍ଜାବ ସୀମା ଏବଂ କଚ୍ଛ ପର୍ଯ୍ୟନ୍ତ - ଯେଉଁଠାରେ ତ୍ରିରଙ୍ଗା ଆକାଶର ଦିଗନ୍ତରେ ମିଶିଥାଏ । ସେ କେବଳ ଯାଞ୍ଚ କରିବାକୁ ନୁହେଁ, ବରଂ ସୈନିକ ମାନଙ୍କ ସହିତ ଭାବର ଆଦାନ ପ୍ରଦାନ କରିବା ପାଇଁ ସାମିଲ୍ ହୋଇଥାନ୍ତି । ଏହି ସମୟରେ ପ୍ରଧାନମନ୍ତ୍ରୀ ଲଡ୍ଡୁ ସହିତ ସୈନିକମାନଙ୍କ ମଧ୍ୟରେ ବୁଲିଥାନ୍ତି, ଖୁସି ମଜା କରିଥାନ୍ତି । ଏହି ପରିଦର୍ଶନଗୁଡ଼ିକ ସୈନିକମାନଙ୍କ ମନୋବଳକୁ ବୃଦ୍ଧି କରେ ଏବଂ ନାଗରିକଙ୍କୁ ଜଣାଇଥାଏ ଯେ ସମଗ୍ର ଦେଶ ଏହାର ସାହାସୀ ସୈନିକ ମାନଙ୍କ



ଦ୍ୱାରା ସୁରକ୍ଷିତ ରହିଛି । ଦେଶ ସର୍ବଦା ଏହାର ସୈନିକମାନଙ୍କ ନିକଟରେ କୃତଜ୍ଞ। ଉତ୍ସବ ବ୍ୟତୀତ, ମୃତକଙ୍କ ପରିବାର ଓ ଆହତଙ୍କ ସହିତ ମଧ୍ୟ ପ୍ରଧାନମନ୍ତ୍ରୀ ସମବେଦନାମୂଳକ ଆଲୋଚନା କରିଥାନ୍ତି । ପ୍ରତ୍ୟେକ କ୍ଷେତ୍ରରେ, ସେ ସମାରୋହଠାରୁ ସେବାକୁ ଗୁରୁତ୍ୱ ଦେଇ ଆସିଛନ୍ତି ।

## ପ୍ରାଣୀ ଏବଂ ପ୍ରକୃତିର ଯତ୍ନ ପ୍ରତି ସର୍ବଦା ତତ୍ପର





ପ୍ରଧାନମନ୍ତ୍ରୀ ମୋଦୀଙ୍କ ସହାନୁଭୂତି କେବଳ ଜନସାଧାରଣଙ୍କ ପର୍ଯ୍ୟନ୍ତ ସୀମିତ ନୁହେଁ । ପ୍ରାଣୀମାନଙ୍କ ପ୍ରତି ତାଙ୍କର ପ୍ରେମ ଏବଂ ଯତ୍ନ ସମାନ ଭାବରେ ସ୍ପଷ୍ଟ । ୨୦୨୦ ମସିହାରେ, ପ୍ରଧାନମନ୍ତ୍ରୀଙ୍କ ବାସଭବନରୁ ଏକ ଛୋଟ ଭିଡିଓରେ ସେ ସକାଳ ସମୟରେ ମୟୂରମାନଙ୍କୁ ଖାଦ୍ୟ ଦେଉଥିବାର ଦେଖାଯାଇଥିଲା । ସେ ଅତ୍ୟନ୍ତ ଯତ୍ନର ସହିତ ମୟୁରମାନଙ୍କୁ ଖାଦ୍ୟ ପ୍ରଦାନ କରୁଥିଲେ । ସେ ତାଙ୍କ ସକାଳ ଚାଲିବାରେ ପକ୍ଷୀମାନଙ୍କୁ ସାଥୀ ଭାବରେ ଏବଂ ସେମାନଙ୍କ ବସା ପାଇଁ ସୁରକ୍ଷିତ ସ୍ଥାନ ସୃଷ୍ଟି କରିବା ବିଷୟରେ କହିଛନ୍ତି । ଏହି ଦୃଶ୍ୟ ଅନେକଙ୍କୁ ଆଶ୍ଚର୍ଯ୍ୟ କରିଥିଲା କାରଣ ଏହା ଏତେ ସାଧାରଣ ଥିଲା : ଜଣେ ନେତା ଆଦେଶ ଦେଉ ନଥିଲେ, ଯତ୍ନ ନେଉଥିଲେ । ପ୍ରଧାନମନ୍ତ୍ରୀଙ୍କ ଗାଈ ପ୍ରତି ସ୍ନେହ ତାଙ୍କ ସାର୍ବଜନୀନ ଜୀବନର ଏକ ମର୍ମସ୍ପର୍ଶୀ ଦିଗ ହୋଇ ରହିଛି, ଯାହା ଭାରତର ସାଂସ୍କୃତିକ ଐତିହ୍ୟ ଏବଂ ଏହାର ଦେଶୀୟ ପଶୁ ପ୍ରଜାତି ମଧ୍ୟରେ ଗଭୀର ସମ୍ପର୍କକୁ ଉଜାଗର କରିଥାଏ । ସେ ତାଙ୍କ ବାସଭବନରେ ନବଜାତ ବାଛୁରୀକୁ ସ୍ୱାଗତ କରିଥିଲେ ଏବଂ ତାଙ୍କର ନାମ ଦୀପଜ୍ୟୋତି ରଖିଥିଲେ । ଗୁଜରାଟର ମୁଖ୍ୟମନ୍ତ୍ରୀ ଭାବରେ, ସେ ପଶୁ କଲ୍ୟାଣ କାର୍ଯ୍ୟକ୍ରମ-ଗୋରୁଙ୍କ ପାଇଁ ଟୀକାକରଣ ଅଭିଯାନ, ଗୁଡ଼ି ଉଡ଼ାଣ ଉତ୍ସବ ସମୟରେ ଆହତ ପକ୍ଷୀମାନଙ୍କୁ ଉଦ୍ଧାର ପ୍ରୟାସ ଏବଂ ପଶୁ ଚିକିତ୍ସା ଶିବିରଗୁଡ଼ିକୁ ସହଯୋଗ କରିଥିଲେ । ଗ୍ରାମାଞ୍ଚଳ ମେଳାରେ, ସେ ପଶୁପାଳନକୁ ପ୍ରୋତ୍ସାହିତ କରୁଥିଲେ । ସେ କୃଷକମାନଙ୍କ ପଶୁମାନଙ୍କୁ ସେମାନଙ୍କ ଫସଲ ପରି ଯତ୍ନ ନେବା ବିଷୟରେ କହୁଥିଲେ ।

## ଆବେଗିକ ମୁହୂର୍ତ୍ତରେ ମୋଦୀ

ମୋଦୀଙ୍କ କାର୍ଯ୍ୟକାଳରେ ସେ ଅନେକ ସମୟରେ ଭାବ ପ୍ରବଣ ହେବାର ଦେଖା ଯାଇଥିଲା । ଯେତେବେଳେ ୨୦୧୯ରେ ଚନ୍ଦ୍ରାୟନ-୨ ଲ୍ୟାଣ୍ଡର ଯୋଗାଯୋଗ ହରାଇଲା, ଇସ୍ରୋ ଅଧ୍ୟକ୍ଷ ଡକ୍ଟର କେ. ସିଭାନ ଭାଙ୍ଗି ପଡ଼ିଥିଲେ । ପ୍ରଧାନମନ୍ତ୍ରୀ ମୋଦୀ ବୈଜ୍ଞାନିକଙ୍କୁ କାନ୍ଦୁଥିବା ଦେଖିଲେ ଏବଂ ଆବେଗ ପ୍ରବଣ ହୋଇ ତାଙ୍କୁ ଆଲିଙ୍ଗନ କରିବା ସହିତ ଆଶ୍ୱାସନା ପ୍ରଦାନ କରିଥିଲେ । ଏପରି ଆବେଗିକ ଦୃଶ୍ୟ ସାରା ଦେଶକୁ ଭାବ ପ୍ରବଣ କରିଦେଇଥିଲା ।

ସେହି ବର୍ଷ ପ୍ରୟାଗରାଜର କୁମ୍ଭରେ, ସେ



ସ୍ୱଚ୍ଛତା କର୍ମୀମାନଙ୍କୁ ପ୍ରଣାମ କରି ଏବଂ ମଞ୍ଚ ଉପରେ ସେମାନଙ୍କ ପାଦ ଧୋଇ ସମ୍ମାନିତ କରିଥିଲେ । ସେ ବିଶାଳ ସମାବେଶକୁ ସଫା ରଖିବା ପାଇଁ ସେମାନଙ୍କୁ କର୍ମଯୋଗୀ ବୋଲି କହିଥିଲେ । ଅଦୃଶ୍ୟ ଶ୍ରମ ଦୃଶ୍ୟମାନ ହେଲା । ଲକ୍ଷ ଲକ୍ଷ ଲୋକଙ୍କ ସମ୍ମୁଖରେ ସେମାନେ ସମ୍ମାନର ଅଧିକାରୀ ହୋଇଥିଲେ ।

## ସାଧାରଣ ଲୋକମାନେ ସହାନୁଭୂତିର ଅନୁଭବ କରିଥିଲେ

ମୋଦୀଙ୍କର ଲୋକମାନଙ୍କ ପ୍ରତି ଭଲପାଇବା ଭାରତୀୟ ରାଜନୀତିରେ ଏକ ନୂତନ ଧାରା ସୃଷ୍ଟି କରିଥିଲା । ସାଧାରଣତଃ ରାଜନେତାମାନେ ଜନତାଙ୍କୁ ଠାରୁ ଦୂରେ ରହିବାକୁ ଭଲପାଆନ୍ତି, କିନ୍ତୁ ମୋଦୀ ସେହି ପରମ୍ପରାକୁ ଭାଙ୍ଗି, ସାଧାରଣ ଲୋକଙ୍କ ମଧ୍ୟରେ ରହିବାକୁ ପସନ୍ଦ କରିଥିଲେ । ତାଙ୍କର ଏହି ଆଦର୍ଶକୁ ଅନୁସରଣ କରି, ଅନ୍ୟାନ୍ୟ ମନ୍ତ୍ରୀମାନେ ମଧ୍ୟ ସାଧାରଣ ଲୋକଙ୍କ ସହିତ ଭୋଜନ କରୁଥିବା ଦୃଶ୍ୟ ସାମ୍ନାକୁ ଆସିଥିଲା । ଯାହା ନେତା ଓ ଜନତାଙ୍କ ମଧ୍ୟରେ ଥିବା ଦୂରତାକୁ କମାଇ, ଏକ ନିକଟ ସମ୍ପର୍କ ସୃଷ୍ଟି କରିଥିଲା । ଜନସାଧାରଣଙ୍କ ପାଇଁ, ଏହି କାହାଣୀଗୁଡ଼ିକ ପ୍ରେରଣା ଭାବରେ କାର୍ଯ୍ୟ କରେ । ଦେଶର ପ୍ରଧାନମନ୍ତ୍ରୀ ସ୍ୱଚ୍ଛତା କର୍ମୀଙ୍କ ପାଦ ଧୋଇବା ଦ୍ୱାରା ସମଗ୍ର ଦେଶରେ ସଫେଇ କର୍ମୀଙ୍କ ପ୍ରତି ସମ୍ମାନ ବୃଦ୍ଧି ହୋଇଥିଲା । ମୟୂରକୁ ଖାଦ୍ୟ ପ୍ରଦାନ କରୁଥିବା ଭିଡିଓ ସହରବାସୀଙ୍କୁ ପକ୍ଷୀମାନଙ୍କୁ ଖାଇବାକୁ ଏବଂ ପଶୁମାନଙ୍କ ଯତ୍ନ ନେବାକୁ ପ୍ରେରଣା ଦେଇଥିଲା । ଭାରତ ଆଗକୁ ବଢୁଥିବା ସମୟରେ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟ କେବଳ ଭିତ୍ତିଭୂମି ଓ ବିକାଶରେ ସୀମିତ ନୁହେଁ । ସାଧାରଣ ଲୋକଙ୍କ ମନରେ ଦୟା, ସହାନୁଭୂତି ଏବଂ ଅନ୍ୟମାନଙ୍କ ପ୍ରତି ସମ୍ମାନର ଭାବନାକୁ ପ୍ରୋତ୍ସାହିତ କରିପାରିଛି । ଏହି ମାନବିକ ମୂଲ୍ୟଗୁଡ଼ିକ ଦେଶର ଆଗାମୀ ପିଢିକୁ ମଧ୍ୟ ପ୍ରେରଣା ପ୍ରଦାନ କରୁଛି । ଭାରତ ଆଗକୁ ବଢୁଥିବା ସମୟରେ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟ କେବଳ ଭିତ୍ତିଭୂମି ଓ ବିକାଶରେ ସୀମିତ ନୁହେଁ । ସାଧାରଣ ଲୋକଙ୍କ ମନରେ ଦୟା, ସହାନୁଭୂତି ଏବଂ ଅନ୍ୟମାନଙ୍କ ପ୍ରତି ସମ୍ମାନର ଭାବନାକୁ ପ୍ରୋତ୍ସାହିତ କରିପାରିଛି । ଏହି ମାନବିକ ମୂଲ୍ୟଗୁଡ଼ିକ ଦେଶର ଆଗାମୀ ପିଢିକୁ ମଧ୍ୟ ପ୍ରେରଣା ପ୍ରଦାନ କରୁଛି ।

***

# ବାଦଲ ଫଟା ବର୍ଷା, କଳିଙ୍ଗା ଘାଟିରେ ଭୂସ୍ଖଳନ

## କନ୍ଧମାଳ ଓ ଗଞ୍ଜାମ ମଧ୍ୟରେ ଯାତାୟାତ ଠପ୍



ଫୁଲବାଣୀ, (ସବ୍ୟୁ): କନ୍ଧମାଳ ଜିଲ୍ଲା ଓ ଗଞ୍ଜାମ ଜିଲ୍ଲାର ସିମାନ୍ତ ବର୍ତ୍ତି କଳିଙ୍ଗା ଘାଟିରେ ପ୍ରବଳ ବର୍ଷା ହେବା ଫଳରେ ଭୂସ୍ଖଳନ ହୋଇଛି । ଫଳରେ ଘାଟିରେ ବଡ଼ ବଡ଼ ପଥର ପଡି ରାସ୍ତା ଅବରୋଧ ହେବା ସହିତ ଯାତାୟାତ ସଂପୂର୍ଣ୍ଣ ରୂପେ ଠପ୍ ହୋଇଯାଇଛି । ମଙ୍ଗଳବାର ଅପରାହ୍ନରେ କଳିଙ୍ଗା ଘାଟିର ଅନ୍ଧାରିକୋଟ ନିକଟରେ ଭୂସ୍ଖଳନ ଘଟିଥିଲା । ପ୍ରବଳ ବର୍ଷା ଫଳରେ ପାହାଡ଼ରୁ ବଡ଼ ବଡ଼ ପଥର ଖଣ୍ଡ ପାଣି ସହ ରାସ୍ତା ଉପରକୁ ଖସି ଆସିଥିଲା । ଯାହା ଫଳରେ ରାସ୍ତାର କିଛି ଅଂଶ ଧୋଇ ଯାଇଥିବା ଦେଖିବାକୁ ମିଳିଛି । ରାସ୍ତା ଅବରୋଧ ହେବା ଫଳରେ ଯାତାୟାତ ଠପ୍ ହୋଇଯାଇଛି । ଜାତୀୟ ରାଜପଥ ବିଭାଗୀୟ ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି ଘଟଣାର ଅନୁଧ୍ୟାନ କରୁଛନ୍ତି ।

ତେବେ ବର୍ଷା ଲାଗି ରହିଥିବାରୁ ରାସ୍ତା ମରାମତି କାର୍ଯ୍ୟ କରାଯାଇ ପାରୁ ନାହିଁ । କନ୍ଧମାଳ ଜିଲ୍ଲା ଓ ଗଞ୍ଜାମ ଜିଲ୍ଲାକୁ ଗମନାଗମନ ପାଇଁ କଳିଙ୍ଗା ଘାଟି ରାସ୍ତାଟି ମୁଖ୍ୟ ରାସ୍ତା ହୋଇଥିବାରୁ ଏବେ ଏହା ବନ୍ଦ ରହିଛି । ଫଳରେ ଉଭୟ ଜିଲ୍ଲାର ଲୋକମାନେ ବହୁତ ଅସୁବିଧାର ସମ୍ମୁଖୀନ ହୋଇଛନ୍ତି । ବିଶେଷ କରି କନ୍ଧମାଳ ଜିଲ୍ଲାର ରେଫେରାଲ ହସ୍ପିଟାଲ ବ୍ରହ୍ମପୁରର ଏମ୍‌କେସିଜି ମେଡିକାଲ କଲେଜ ହୋଇଥିବାରୁ ରୋଗୀ ସେବା ବିଶେଷ ବାଧାପ୍ରାପ୍ତ ହେବାର ସମ୍ଭାବନା ରହିଛି । ବିକଳ୍ପ ରାସ୍ତା ଭାବରେ ଫୁଲବାଣୀ ଠାରୁ ଚକାପାଦ ଦେଇ ଭଂଜନଗରକୁ ରାସ୍ତା ଥିଲେ ମଧ୍ୟ ଏହା କମ୍ ଓସାରିଆ, ଅଧିକ ଦୂର ଓ ସମୟ ସାପେକ୍ଷ ଅଟେ । ତେବେ ବର୍ଷା କମିବା ପରେ ଘାଟି ରାସ୍ତାର ଅବସ୍ଥା କିପରି ରହିଛି ଓ ଏହାକୁ ମରାମତି କାର୍ଯ୍ୟ କରି ଗମନାଗମନ ଉପଯୋଗୀ କରିବାକୁ କେତେ ଦିନ ସମୟ ଲାଗିବ ତାହା ଅନୁଧ୍ୟାନ କରିବା ପରେ ଜଣାପଡ଼ିବ ବୋଲି ଜାତୀୟ ରାଜପଥ ବିଭାଗୀୟ ଅଧିକାରୀମାନେ ପ୍ରକାଶ କରିଛନ୍ତି । ସୂଚନାଯୋଗ୍ୟ ଯେ, ଏହି ରାସ୍ତା ଦେଇ ପ୍ରତ୍ୟେକ ଦିନ ରାଉରକେଲା, ସମ୍ବଲପୁର, ବୌଦ୍ଧ, ବଲାଙ୍ଗୀର ଅଞ୍ଚଳରୁ ବସ୍ ଗୁଡ଼ିକ ବ୍ରହ୍ମପୁରକୁ ଯାତାୟାତ କରିଥାଏ ।

# ମୟୂରଭଞ୍ଜ ଓ ବାଲେଶ୍ୱର ଜିଲ୍ଲାରେ କେନ୍ଦ୍ରମନ୍ତ୍ରୀଙ୍କୁ ସ୍ୱାଗତ

## ମୟୂରଭଞ୍ଜର ବିକାଶ ପାଇଁ ଡବଲ ଇଞ୍ଜିନ ସରକାର ବଦ୍ଧ ପରିକର: ଧର୍ମେନ୍ଦ୍ର

ବାରିପଦା, (ସବ୍ୟୁ) : ମୟୂରଭଞ୍ଜ ଜିଲ୍ଲା ଗସ୍ତରେ ଥିବା କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ବିଭିନ୍ନ ସ୍ଥାନରେ ଜନସାଧାରଣ ଓ କାର୍ଯ୍ୟକର୍ତ୍ତା ମାନେ ସ୍ୱାଗତ କରିଛନ୍ତି । କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ଆଜି ସକାଳେ ବାଲେଶ୍ୱର ଷ୍ଟେସନରେ ପହଞ୍ଚିବା ପରେ ବେତନଟୀ ଦେଇ ସରକାରୀ ଓ ସାମାଜିକ କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ମୟୂରଭଞ୍ଜ ବାରିପଦା ଅଭିମୁଖେ ଯାତ୍ରା କରିଥିଲେ । ଶ୍ରୀ ପ୍ରଧାନଙ୍କୁ ବାଲେଶ୍ୱର, ରେମୁଣା, ବଡ଼ସାହି, ମୋରଡ଼ା ଓ ବେତନଟୀ ସମେତ ଅନେକ ସ୍ଥାନରେ ସାଧାରଣ ନାଗରିକ ଓ କାର୍ଯ୍ୟକର୍ତ୍ତାମାନେ ସ୍ୱାଗତ କରିଥିଲେ । ଗସ୍ତକାଳରେ ଶ୍ରୀ ପ୍ରଧାନ ବାରପିଦାରେ ବିଭିନ୍ନ ପ୍ରକଳ୍ପର ଉଦଘାଟନ ସହ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ । ବାରିପଦାରେ ମୟୂରଭଞ୍ଜ ଆଥଲେଟିକ୍ ଆସୋସିଏସନର ପ୍ରଶାସନିକ ଭବନ ଉଦଘାଟନ, ବାରିପଦା ଛଉ ପେଣ୍ଡାଲ ପ୍ରକଳ୍ପ ଓ ବାରିପଦାରେ ଜୁବୁଲି ପାର୍କ ଓ ଝିଞ୍ଜିରୀ ବନ୍ଧର ପୁନଃ ନବୀକରଣ ପ୍ରକଳ୍ପର ଶୁଭାରମ୍ଭ କରିଥିଲେ କେନ୍ଦ୍ରମନ୍ତ୍ରୀ । ଏହା ଉପରେ ଶ୍ରୀ ପ୍ରଧାନ କହିଛନ୍ତି ଯେ, ମୟୂରଭଞ୍ଜ ଜିଲ୍ଲାର ବିକାଶ ପାଇଁ ଡବଲ ଇଞ୍ଜିନ ସରକାର ବଦ୍ଧ ପରିକର । ବାରିପଦାରେ ମୟୂରଭଞ୍ଜ ଆଥଲେଟିକ୍ ଆସୋସିଏସନର ପ୍ରଶାସନିକ ଭବନ ଆମର ଯୁବ ପ୍ରତିଭାମାନଙ୍କୁ ପ୍ରୋତ୍ସାହିତ କରିବା ତଥା କ୍ରୀଡ଼ା ଭିତ୍ତିଭୂମିର ବିକାଶ ପାଇଁ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ।

ମୟୂରଭଞ୍ଜର ସାଂସ୍କୃତିକ ପରମ୍ପରାର ପ୍ରତୀକ ହେଉଛି ଛଉ ନୃତ୍ୟ । ବାରିପଦା ଛଉ ପେଣ୍ଡାଲ ସହ ପାଶର୍ବରେ ଥିବା ପଡ଼ିଆର ଉନ୍ନତିକରଣ ହେବ । ଆଗାମୀ ଦିନରେ ଏହି ପ୍ରକଳ୍ପ ଛଉ ନୃତ୍ୟ ସମେତ ଅନ୍ୟାନ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ଏକ ସୁନ୍ଦର ଭିତ୍ତିଭୂମି ଯୋଗାଇବ । ମୟୂରଭଞ୍ଜର ବାରିପଦାରେ ଜୁବୁଲି ପାର୍କ ଓ ଝିଞ୍ଜିରୀ ବନ୍ଧର ପୁନଃ ନବୀକରଣ ପ୍ରକଳ୍ପ ସହରର ସୌନ୍ଦର୍ଯ୍ୟ ବୃଦ୍ଧି କରିବା ସହିତ ଏହି ସ୍ଥାନକୁ ଏକ ପ୍ରମୁଖ ପର୍ଯ୍ୟଟନ କେନ୍ଦ୍ରରେ ପରିଣତ କରିବ । ବାରିପଦାରେ ଜନଜାତି ସମ୍ପ୍ରଦାୟର ଭଉଣୀମାନଙ୍କ ସହିତ ପାରମ୍ପରିକ ନୃତ୍ୟ କରମା ନାଚରେ ସାମିଲ ହୋଇ ଖୁସିବ୍ୟକ୍ତ କରିଥିଲେ ।



# ଲକ୍ଷାଧିକ ଟଙ୍କାର ବ୍ରାଉନସୁଗାର ଜବତ : ୪ ଗିରଫ

ତାଳଚେର, (ସବ୍ୟୁ) : ତାଳଚେର ପୋଲିସ୍ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଜାଣିବାକୁ ପାଇଥିଲା ଯେ, ପୃଥକ ପୃଥକ ଭାବେ ବ୍ରାଉନସୁଗାର ଭଳି ମାରାତ୍ମକ ନିଶା କାରବାର ଚାଲିଛି । ଅନୁଗୋଳ ଏସପିଙ୍କ ନିର୍ଦ୍ଦେଶକ୍ରମେ ତାଳଚେର ଏସଡ଼ିପିଓଙ୍କ ତତ୍ତ୍ୱାବଧାନରେ ତାଳଚେର ଥାନା ଆଇଆଇସି ଏକ ସ୍ୱତନ୍ତ୍ର ଟିମ ଗଠନ କରି ସବଇନ୍ସପେକଟର ଦେବବ୍ରତ ନାୟକ, ଏସଆଇ ସୁଶାନ୍ତ ମହାଲିକ, ସୁନିଲ ହେମବ୍ରମ, ରଞ୍ଜନ ପ୍ରଧାନଙ୍କ ସମେତ ଅନ୍ୟଷ୍ଟାଫ ମାନେ ଆତର୍କିତ ଚଢ଼ାଉ କରିଥିଲେ ।

ସୂଚନା ମୁତାବକ ତାଳଚେର ବ୍ଲକ ଅନ୍ତର୍ଗତ ଦୁଇଜଣ ଲୋକ କଣ୍ଟାଳଗ୍ରାମ ବସଷ୍ଟାଣ୍ଡ ନିକଟରେ ସନ୍ଦେହଜନକ ଅବସ୍ଥାରେ ଠିଆ ହୋଇଥିବା ଦେଖି ପୋଲିସ୍ ସେମାନଙ୍କୁ ଅଟକାଇ ପଚରାଉଚରା କରିବାପରେ ସେମାନେ ପାଖରେ ବ୍ରାଉନସୁଗାର ରଖିଥିବାର ସ୍ୱୀକାର



କରିଥିଲେ । ସେମାନେ ହେଲେ କଣ୍ଟାମ ଗ୍ରାମ ପଙ୍କଜ ପ୍ରଧାନ ଓରଫ (ଦିପୁ) ଓ ଅନ୍ୟ ଜଣେ ତାଳଚେର ଥାନା ଅନ୍ତର୍ଗତ ଅନାଦିପୁର ଗ୍ରାମର ଶ୍ୟାମଘନ ନାଏକ ଓରଫ ଶ୍ୟାମ । ଅଭିଯୁକ୍ତ ଶ୍ୟାମଘନ ନାଏକ ଠାରୁ ୧୦.୩୬ ଗ୍ରାମ ବ୍ରାଉନସୁଗାର ଯାହାର ଆନୁମାନିକ ମୂଲ୍ୟ ୧ଲକ୍ଷ ୨୦ହଜାର ଟଙ୍କା ହେବ ଓ ପଙ୍କଜ ପ୍ରଧାନଙ୍କ ଠାରୁ ଗୋଟିଏ ହିରୋ ପାସିଓନ୍ ପ୍ରୋ ମୋଟର ସାଇକେଲ ଓଡ଼ି ୧୯-ଏଲ ୩୮୮୧ ଜବତ କରାଯାଇଥିବା ପୋଲିସ୍ ସୂତ୍ରରୁ ପ୍ରକାଶ । ସେହିପରି ତାଳଚେର ଥାନା ଇନ୍ସପେକଟର ସରୋଜିନୀ ବେହେରାଙ୍କ ନେତୃତ୍ୱରେ ତାଳଚେର ରାଣୀପାର୍କ ଜଙ୍ଗଲରେ ଚଢ଼ାଉ କରିବା ସହିତ ଦୁଇଜଣଙ୍କୁ ଗିରଫ କରିଥିଲା । ସେମାନେ ହେଲେ ବ୍ରାହ୍ମଣଶାସନ ଅଂଚଳର ରୀତାଞ୍ଜଳୀ ଓରଫ (ଲିଲି) ଓ ଅନ୍ୟଜଣେ ବଡ଼ଦାଣ୍ଡ ସାହିର ସୁଜିତ ବାହାଦୂର । ଅଭିଯୁକ୍ତ ଲିଲିଙ୍କ ଠାରୁ ୧୦.୮୭ ଗ୍ରାମର ବ୍ରାଉନସୁଗାର ଯାହାର ଆନୁମାନିକ ମୂଲ୍ୟ ୧ଲକ୍ଷ ୩୭ହଜାର ଟଙ୍କା ହେବ ବୋଲି ପୋଲିସ୍ ସୂତ୍ରରୁ ପ୍ରକାଶ ଏବଂ ସୁଜିତ ବାହାଦୂର ନିକଟରୁ ନଗଦ ୨୮ହଜାର ଟଙ୍କା ଜବତ କରିଥିବା ପୋଲିସ୍ ସୂତ୍ରରୁ ପ୍ରକାଶ ।

## ଏମସିଏଲ ପ୍ରକଳ୍ପର ଆରପିଡିଏସି ଓ ଡିଏମ୍ଏଫ୍ ବୈଠକ

# ଲୋକଙ୍କ ସୁବିଧାକୁ ଦୃଷ୍ଟିରେ ରଖି ସବୁ ଯୋଜନା ହେବ - ଧର୍ମେନ୍ଦ୍ର




ଅନୁଗୋଳ, (ସବ୍ୟୁ) : କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ଅନୁଗୋଳ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଅନୁଗୋଳ ଜିଲ୍ଲାର ମହାନଦୀ କୋଲ୍ ଫିଲ୍ଡ ଲିମିଟେଡ୍ (ଏମସିଏଲ) ପ୍ରକଳ୍ପର ୧୫ତମ ରିହାବିଲିଟେସନ ଆଣ୍ଡ ପେରିଫେରି ଡେଭଲପମେଣ୍ଟ ଆଡଭାଇଜରି କମିଟି (ଆରପିଡିଏସି) ଏବଂ ଜିଲ୍ଲା ଡିଏମଏଫ ଟ୍ରଷ୍ଟ ବୋର୍ଡର ପୃଥକ ପୃଥକ ବୈଠକ ଅନୁଷ୍ଠିତ ହୋଇଯାଇଛି ।

ପ୍ରଥମ ବୈଠକରେ ଜନ ସମସ୍ୟାକୁ ପ୍ରାଥମିକତା ଦେବା ଏବଂ ଗରିବ ଲୋକଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି କାର୍ଯ୍ୟ କରିବା ଦିଗରେ ଏମସିଏଲ୍ ଓ ଜିଲ୍ଲା ପ୍ରଶାସନିକ ଅଧିକାରୀଙ୍କ ସହ ଆଲୋଚନା ହୋଇଛି। ସେହିପରି ଅନୁଗୋଳ ଜିଲ୍ଲା ଡିଏମଏଫ ଟ୍ରଷ୍ଟ ବୋର୍ଡ ବୈଠକରେ ଲୋକଙ୍କ ସ୍ୱାର୍ଥ ପାଇଁ ଉନ୍ନୟନ କାର୍ଯ୍ୟ ଏବଂ କଲ୍ୟାଣକାରୀ ପ୍ରକଳ୍ପ ବିଷୟରେ ଚର୍ଚ୍ଚା ହୋଇଛି। ଡିଏମଏଫ ପାଣ୍ଠିରୁ ହୋଇଥିବା ଅର୍ଥ ବିନିଯୋଗ ତଥା ପାନୀୟ ଜଳ, ସ୍ୱାସ୍ଥ୍ୟ , ଶିକ୍ଷା, ଦକ୍ଷତା ବିକାଶ, ଆନୁଷଙ୍ଗିକ ଭିତ୍ତିଭୂମି, ପରିବେଶ ସୁରକ୍ଷା, ଗମନାଗମନ ଭଳି କ୍ଷେତ୍ରରେ ଉନ୍ନତିମୂଳକ କାର୍ଯ୍ୟ ଉପରେ ବିଚାରବିମର୍ଶ ହୋଇଥିଲା।

ବୈଠକ ପରେ ଗଣମାଧ୍ୟମକୁ ସୂଚନା ଦେଇ ଶ୍ରୀ ପ୍ରଧାନ କହିଛନ୍ତି ଯେ ଅନୁଗୋଳର ତାଳଚେର ଓ ଛେଣ୍ଡିପଦା ବ୍ଲକରୁ ପ୍ରାୟ ୧୦୦ ମିଲିୟନ ମେଟ୍ରିକ୍ ଟନ୍ କୋଇଲା ଉତ୍ପାଦନ ହେଉଛି। ଚଳିତବର୍ଷ ୧୨୫ ମିଲିୟନ ମେଟ୍ରିକ୍ ଟନ୍ କୋଇଲା ଉତ୍ପାଦନ କରିବାର ଲକ୍ଷ୍ୟ ରଖାଯାଇଛି। କୋଇଲାର ସବୁଠୁ ବଡ କଞ୍ଚାମାଲ ହେଉଛି ଜମି ଏବଂ ସ୍ଥାନୀୟ ଅଞ୍ଚଳର ଜମି ଅଧିଗ୍ରହଣ କରିବାର ସ୍ପଷ୍ଟ ନୀତିର ନିର୍ଦ୍ଧାରଣ ମଞ୍ଚ ହେଉଛି ଆରପିଡିଏସି। ଲୋକଙ୍କ ସୁବିଧା ପାଇଁ ଏହି ବୈଠକ ଗତ ଫେବୃୟାରୀ ବସିଥିବା ବେଳେ ଆଜି ଏବଂ ଚଳିତବର୍ଷ ଶେଷରେ ବୈଠକ ହେବାର ନିଷ୍ପତି ହୋଇଛି।

ଲୋକମାନଙ୍କର ସବିଶେଷ ତଥ୍ୟକୁ ବିସ୍ତୃତ ଭାବେ ଜାଣିବା ପାଇଁ ଆରପିଡିଏସି ଦ୍ୱାରା ଅନେକ ପଲିସି ନିର୍ଣ୍ଣୟ ହୋଇଛି। ଏଥିପାଇଁ ଏକ ବିଶେଷ କମିଟିର ମଧ ପରିକଳ୍ପନା ହୋଇଛି। ଲୋକଙ୍କ ସୁବିଧା ଅନୁସାରେ ଜମି ଅଧିଗ୍ରହଣ କରିବାର ବ୍ୟବସ୍ଥା କରିବା ଉପରେ ନୀତି ପ୍ରସ୍ତୁତ ହୋଇଛି। ଭାରତ ଓ ରାଜ୍ୟ ସରକାରଙ୍କ ଆଇନ ଏବଂ ନୀତି ଅନୁସାରେ ଲୋକମାନେ ବା ବିସ୍ଥାପିତମାନେ ଅଧିକ ଉପକୃତ ହେବା ସହ ଅଧିକ କ୍ଷତିପୂରଣ ପାଇବେ, ସେଥିପାଇଁ ପଦକ୍ଷେପ ନିଆଯିବା ସମ୍ଭାବ୍ୟ ସହାୟତା ପାଇଁ କୋଲ୍ ଇଣ୍ଡିଆ ତରଫରୁ ମଧ ବ୍ୟବସ୍ଥା ହୋଇଛି। ବୈଠକରେ ପ୍ରଦୂଷଣ ରୋକିବା ସହ କୃତ୍ରିମ ଜଙ୍ଗଲ ସୃଷ୍ଟି ଓ ବନ୍ୟଜନ୍ତୁଙ୍କ ସୁରକ୍ଷା ପର୍ଯ୍ୟନ୍ତ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା ହୋଇଛି ।

ଅପରପକ୍ଷରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ କଳ୍ପନାକୁ ସାକାର କରିବା ଲକ୍ଷ୍ୟରେ ତାଳଚେର ପବିତ୍ର ମୋହନ ମେଡିକାଲ କଲେଜ ପାଇଁ ୧୬୦୦ କୋଟିରୁ ଅଧିକ ଟଙ୍କା ଖର୍ଚ୍ଚ କରିଥିବାରୁ କୋଲ ଇଣ୍ଡିଆକୁ ଧନ୍ୟବାଦ ଜଣାଇଛନ୍ତି ଶ୍ରୀ ପ୍ରଧାନ। ଏହି ବୈଠକରେ ଢେଙ୍କାନାଳ ସାଂସଦ ରୁଦ୍ର ନାରାୟଣ ପାଣିଙ୍କ ସମେତ ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ, ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା ଓ ତାଳଚେର ବିଧାୟକ ବ୍ରଜ କିଶୋର ପ୍ରଧାନ ଏବଂ ଅନୁଗୋଳ ଜିଲ୍ଲାପାଳ ଅବ୍ଦଦଲ ଏମ ଅଖତର ଓ ଅନ୍ୟାନ୍ୟ ପ୍ରଶାସନିକ ଓ ଏମସିଏଲ ଅଧିକାରୀମାନେ ପ୍ରମୁଖ ଉପସ୍ଥିତ ଥିଲେ।

## ତାଳଚେର ମେଡିକାଲ କଲେଜ ପରିଦର୍ଶନ

ତାଳଚେର,(ସବ୍ୟୁ) : ଅନୁଗୋଳ ଜିଲ୍ଲା ତାଳଚେର ପବିତ୍ର ମୋହନ ସରକାରୀ ମେଡିକାଲ କଲେଜ ଚଳିତ ଶିକ୍ଷାବର୍ଷରୁ ୧୦୦ଟି ଏମବିବିଏସ ସିଟ୍ ନାମ ଲେଖାଇବା ପାଇଁ "ଜାତୀୟ ମେଡିକାଲ କମିଶନ' ମଞ୍ଜୁରୀ ଦେବା ପରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆଜି ଏହି ହସ୍ପିଟାଲ ପରିଦର୍ଶନ କରିଛନ୍ତି ।

ଏ ସମ୍ପର୍କରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ଶ୍ରୀ ପ୍ରଧାନ କହିଛନ୍ତି ଯେ ଅନୁଗୋଳ ଜିଲ୍ଲାରେ ବହୁ ବର୍ଷର ପ୍ରତୀକ୍ଷାର ଅନ୍ତ ଘଟିଛି। ନରେନ୍ଦ୍ର ମୋଦୀ ପ୍ରଧାନମନ୍ତ୍ରୀ ହେବା ପରେ ତାଳଚେର ଜିଲ୍ଲାରେ ମେଡିକାଲର ସ୍ୱପ୍ନ ପୂରଣ ହୋଇପାରିଛି। ନିକଟରେ ରାଜ୍ୟ ସରକାରଙ୍କ ଆବେଦନ କ୍ରମେ ଏହି ମେଡିକାଲ କଲେଜରେ ୨୦୨୫-୨୬ ଶିକ୍ଷାବର୍ଷରୁ ୧୦୦ଟି ଏମବିବିଏସ ସିଟ୍ ପାଇଁ ନାମଲେଖା ପ୍ରକ୍ରିୟା ଆରମ୍ଭ କରିବାକୁ ଜାତୀୟ ମେଡିକାଲ କମିଶନ ମଞ୍ଜୁରୀ ଦେଇଛନ୍ତି, ଯାହା ଖୁସିର ବିଷୟ।

ଭାରତ ସରକାରଙ୍କ ରାଷ୍ଟ୍ରାୟତ୍ତ ଉଦ୍ୟୋଗ ଏମସିଏଲ ତାଳଚେର ପବିତ୍ର ମୋହନ ମେଡିକାଲ କଲେଜ ପାଇଁ ୧୬୦୦ କୋଟିରୁ ଅଧିକ ଟଙ୍କା ଖର୍ଚ୍ଚ କରିଛି। ପୁରୁଣା ତାଳଚେର ନେହେରୁ ଶତାବ୍ଦୀ ହସ୍ପିଟାଲକୁ ପବିତ୍ର ମୋହନ ପ୍ରଧାନଙ୍କ ନାମରେ ନାମକରଣ କରାଯାଇ ଏହି ମେଡିକାଲକୁ ବିକଶିତ କରାଯାଇଛି। ଏହା ଜିଲ୍ଲା ଓ ରାଜ୍ୟ ପାଇଁ ଡବଲ ଇଞ୍ଜିନ ସରକାର ବହୁତ ବଡ଼ ଉପଲବ୍ଧି। ଏହି ହସ୍ପିଟାଲ କାର୍ଯ୍ୟକ୍ଷମ ହେବା ଦ୍ୱାରା ତାଳଚେର ସମେତ ଅନୁଗୋଳ ଓ ଆଖପାଖ ଜିଲ୍ଲାର ଲୋକମାନେ ବିଶେଷ ଭାବରେ ଉପକୃତ ହେବେ। ଏହି ନିର୍ଣ୍ଣୟ ପାଇଁ ଶ୍ରୀ ପ୍ରଧାନ ପ୍ରଧାନମନ୍ତ୍ରୀ ମୋଦୀ ଏବଂ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି।

## ଶାନ୍ତି ଶୃଙ୍ଖଳାରେ ପୂଜା ସାରିବା ପାଇଁ ପୋଲିସର ନିର୍ଦ୍ଦେଶ

ଠାକୁରଗଡ, (ସବ୍ୟୁ) : ଆଗକୁ ପୂଜା ପାର୍ବଣ ଋତୁ ଆସୁଥିବା ବେଳେ କିପରି ଶାନ୍ତି ଶୃଙ୍ଖଳାରେ ପୂଜା ସରିବ ସେ ନେଇ ହଣ୍ଡପା ପୋଲିସ ପ୍ରସ୍ତୁତ ଆରମ୍ଭ କରିଛି। ଏ ନେଇ ମଙ୍ଗଳବାର ଦିନ ହଣ୍ଡପା ଥାନା ପରିସରରେ ହଣ୍ଡପା ପୋଲିସ ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇ ଯାଇଛି ।

ଆଇ ଆଇ ସି ନମିତା ନାୟକ ଙ୍କସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ବଇଣ୍ଡା ହାଇସ୍କୁଲ ରୋଡ଼ର ପୂଜା କମିଟିର କର୍ମକର୍ତ୍ତା ଗିରିଶ ଚନ୍ଦ୍ର ବେହେରା, ରାଜେନ୍ଦ୍ର ରାଉତ, ଛବି ପାତ୍ର, ରାକେଶ ମିଶ୍ର, ପ୍ରଦୀପ ସାହୁ, ବିକାଶ ବେହେରାଙ୍କ ସମେତ ପୂଜା କମିଟିର କର୍ମକର୍ତ୍ତା ମାନେ ଯୋଗ ଦେଇଥିଲେ। ଆଗକୁ କିପରି ପୂଜା ପୁରା ଶାନ୍ତି ଶୃଙ୍ଖଳା ରେ ସମାପ୍ତ ହେବ ସେ ନେଇ ଆଲୋଚନା କରା ଯାଇଥିଲା। ଏ ପରିକି ସମସ୍ତ ସଦସ୍ୟ ଏଥି ପ୍ରତି ଗୁରୁତ୍ୱ ଦେବାକୁ ପୋଲିସ ପରାମର୍ଶ ଦେଇଥିଲା।

ଅନ୍ୟପଟରେ ଓଡିଶା ପୋଲିସ ଡିଜି ଙ୍କ ଥିବା ନିର୍ଦ୍ଦେଶ ଯାହାକି ବେଆଇନ ଭାବରେ ଚାନ୍ଦା ନ ମାଗିବା ପାଇ ମଧ ଆଲୋଚନା କରା ଯାଇଥିଲା।

## ପଟ୍ଟା ବଣ୍ଟନ କାର୍ଯ୍ୟକ୍ରମରେ ବିଜେପି କର୍ମକର୍ତ୍ତାଙ୍କ ଉପସ୍ଥିତି

# ସମାଲୋଚନା କଲା ବିଜେଡି




ବ୍ରହ୍ମପୁର (ସବ୍ୟୁ) ଗତକାଲି ଗଞ୍ଜାମ ଜିଲ୍ଲା ଗୋପାଳପୁର ବିଧାନସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ରଙ୍ଗେଇଲୁଣ୍ଡା ବ୍ଲକରେ ରାଜ୍ୟ ସରକାରଙ୍କ ରାଜସ୍ୱମନ୍ତ୍ରୀ ସୁରେଶ ପୂଜାରୀ ଯୋଗଦେଇ ହିତାଧିକାରୀମାନଙ୍କୁ ପଟା ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ପ୍ରଶାସନିକ ଅଧିକାରୀମାନେ ଉପସ୍ଥିତ ରହିଥିବା ବେଳେ ବିଜେପି ଦଳର କର୍ମକର୍ତ୍ତା ମଞ୍ଚରେ ବସିବା ନେଇ ବିଜେଡି ଜିଲ୍ଲା ସଭାପତି ବିକ୍ରମ ପଣ୍ଡା ଅଭିଯୋଗ କରିଛନ୍ତି । ଏହା ରାଜ୍ୟ ସରକାରଙ୍କ କାର୍ଯ୍ୟକ୍ରମ ନା ତାଙ୍କର ଦଳୀୟ କାର୍ଯ୍ୟକ୍ରମ ବୋଲି ଆଜି ସ୍ଥାନୀୟ ଗଜପତି ନଗର ସ୍ଥିତ ବାସଭବନ ଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ପ୍ରଶ୍ନ ଉଠାଇଛନ୍ତି ।

ଚିକିଟି ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ସୋରଳ ବେଳାଭୂମିରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିବା ସମସ୍ତଙ୍କୁ ବ୍ୟଥିତ କରିଥିବା ବେଳେ ଏହି ବ୍ଲୁଫାଗ ବିଚରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ଚିକିଟି ବିଧାୟକ ପ୍ରାର୍ଥୀ ଚିନ୍ମୟା ନନ୍ଦ ଶ୍ରୀରୁପ ଦେବ ଅଭିଯୋଗ କରିଛନ୍ତି । ଏହି ବେଳାଭୂମି ଲାଇଫ ଗାର୍ଡ ନଥିବା ଫଳରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଲା ବୋଲି ଅଭିଯୋଗ କରିଛନ୍ତି । ଅଞ୍ଚଳରେ ପାନୀୟ ଜଳ ସମସ୍ୟା, ପରିବେଶ ଅସୁରକ୍ଷିତ ହୋଇ ଯାଇଛ । ପଟା ବଣ୍ଟନରେ ଦଳିୟ କର୍ମକର୍ତ୍ତା ମଞ୍ଚରେ ବସିବାକୁ ନେଇ ଆମର ପ୍ରଶ୍ନ ବୋଲି ସେ କହିଛନ୍ତି । ସେହିପରି ଗୋପାଳପୁର ବେଳାଭୂମି ପର୍ଯ୍ୟଟନ ସ୍ଥଳରେ ଗଣ ଦୁଷ୍କର୍ମ ଘଟଣା ଲୋକଙ୍କ ମନରୁ ଲିଭି ନଥିବା ବେଳେ ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରରେ ନିନ୍ଦିତ ହୋଇଛି । ସେହି ଅଞ୍ଚଳର ଜନସାଧାରଣଙ୍କୁ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ସୁରକ୍ଷା ବ୍ୟବସ୍ଥା ନିମନ୍ତେ ତାଲିମ ପ୍ରଦାନ କରିଥିବା ବେଳେ ଏବେ ସେମାନଙ୍କୁ ହଟାଇ ଦିଆ ଯାଇଛି । ଅନ୍ୟ ଜଣଙ୍କୁ ଦାଇତ୍ୱ ପ୍ରଦାନ କରାଯାଇଛି । ଯାହା ଫଳରେ ଏହିଭଳି ଘଟଣା ଘଟିଛି । ଅନ୍ୟପଟେ ପର୍ଯ୍ୟଟକମାନଙ୍କୁ ପିକ୍‌ନିକ କରିବାକୁ ଆସୁଥିବା ଲୋକମାନଙ୍କୁ ଠାରୁ ୨ ଶହ ଟଙ୍କା ଲେଖାଏଁ ଫରେଷ୍ଟ ବିଭାଗ ଆଦାୟ କରାଯାଉଛି । ହେଲେ ଅଞ୍ଚଳର ବିକାଶ ନିମନ୍ତେ ପଦେକ୍ଷପ ନିଆଯାଉ ନାହିଁ ବୋଲି ଅଭିଯୋଗ କରିଛନ୍ତି । ସୋନପୁର ବେଳାଭୂମିରେ ବୁଡି ମୃତ୍ୟୁ ବରଣ କରିଥିବା ଯୁବକଙ୍କ ମୃତ୍ୟୁ ପାଇଁ ସ୍ଥାନୀୟ ପ୍ରଶାସନ ଓ ସରକାରଙ୍କୁ ଦାୟୀ କରି ଥିଲେ । ଏଥି ସହିତ ସୁନପୁର ଉପକୂଳରେ ପର୍ଯ୍ୟଟକଙ୍କ ସୁରକ୍ଷା ବଢାଇବା ପାଇଁ ଲାଇଫ ଗାର୍ଡ ନିଯୁକ୍ତି ସହ ବେଆଇନ ଟିକସ ଆଦାୟକୁ ବିରୋଧ କରିଥିଲେ ।

# ଡିଭାଇନରେ ଇଞ୍ଜିନିୟର୍ସ ଦିବସ

ବାରିପଦା, (ସବ୍ୟୁ) : ଡିଭାଇନ୍ ଇନଷ୍ଟିଚ୍ୟୁଟ୍ ଅଫ୍ ଇଞ୍ଜିନିୟରିଂ ଏଣ୍ଡ ଟେକ୍ନୋଲୋଜିରେ ସେପେଟମ୍ବର ୧୫ତାରିଖ ଦିନ ଇଞ୍ଜିନିୟର୍ସ ଦିବସ ପାଳିତ ହୋଇଯାଇଛି । ପ୍ରାରମ୍ଭରେ ଭାରତ ରନି ସାର ମୋଖ୍ୟଗୁଣ୍ଡମ ବିଶ୍ୱେଶ୍ୱରାୟାଙ୍କ ଫୋଟ ଚିତ୍ରରେ ମାଲ୍ୟାର୍ପଣ କରିବା ସହ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯିବା ସହ ତାଙ୍କର ମହାନୁଭବତାର ସ୍ମୃତି ଚାରଣ କରଯାଇଥିଲା । ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବାରିପଦା ମଣ୍ଡଳ ପୂର୍ତ୍ତ ବିଭାଗର ସହକାରୀ ଇଞ୍ଜିନିୟର ଇଂ କମଲ କୁମାର ପାଣିଗ୍ରାହୀ, ସ୍ୱତନ୍ତ୍ର ଅତିଥିଭାବେ ଭାରତ ପାଓ୍ୱାର କୋର୍ପିରେସନର ଉପ ମହାପ୍ରବନ୍ଧକ ଇଂ ପ୍ରଦୀପ କୁମାର ଜେନା ଓ ମୁଖ୍ୟ ପ୍ରବନ୍ଧକ ଇଂ ସରୋଜ କୁମାର ଲାକ୍ରା ଯୋଗଦେଇ ପିଲାଙ୍କୁ ଆତ୍ମନିର୍ଭରଶୀଳ ହେବାକୁ ପରାମର୍ଶ ଦେବାସହ ସୁଦୂର ପ୍ରସାରୀ ଭବିଷ୍ୟତକୁ ସୁରକ୍ଷିତ ରଖିବାକୁ ପରାମର୍ଶ ଦେଇଥିଲେ । ଅନୁଷ୍ଠାନର ନିର୍ଦ୍ଦେଶକ ଇଂ ବିପ୍ଳବ ଭଞ୍ଜନ ବୁଗୁଡାଇ ନିଜର ବାର୍ତ୍ତା ମାଧ୍ୟମରେ ଛାତ୍ରଛାତ୍ରୀ ମାନଙ୍କୁ ନିଷ୍ଠା, ଧୈର୍ଯ୍ୟ ଓ ପରାକାଷ୍ଠା ବଳରେ ସ୍ୱପ୍ନକୁ ସାକାର କରିବା ସହ ରାଷ୍ଟ୍ର ନିର୍ମାଣରେ ଯୋଗଦାନ କରିବାକୁ ଆହ୍ୱାନ ଦେଇଥିଲେ । ଇଂ ବୁଗୁଡାଇଙ୍କ ନିର୍ଦ୍ଦେଶକ୍ରମେ ଆୟୋଜିତ ଏହି କାର୍ଯ୍ୟ କ୍ରମରେ ଅନୁଷ୍ଠାନର ଅଧ୍ୟକ୍ଷ ଇଂ ଅଭିନ୍ନକୁମାର ଦାସ, ଉପାଧ୍ୟକ୍ଷ ତଥା ମେକାନିକାଲ ବିଭାଗୀୟ ମୁଖ୍ୟ ଇଂ ପ୍ରକାଶ ଚନ୍ଦ୍ର ଶା, ଇଲେକଟ୍ରିକାଲ ବିଭାଗୀୟ ମୁଖ୍ୟ ଇଂ ହିମାଂଶୁ ମହାପାତ୍ର, ସିଭିଲ ବିଭାଗୀୟ ମୁଖ୍ୟ ଇଂ ଯାଜ୍ଞସେନୀ ଦେଓ, ଇଲେକଟ୍ରିକାଲ ଓ ମେକନିକାଲ ବିଭାଗୀୟ ମୁଖ୍ୟ ଇଂ ଆଶୀର୍ବାଦ ସ୍ୱାଇଁ ଓ ବିଜ୍ଞାନ ଓ ମାନବିକ ବିଭାଗୀୟ ମୁଖ୍ୟ ବିଶ୍ୱରଞ୍ଜନ ମହାନ୍ତ ଏବଂ ଅକାଡେମିକ ଡିନ ଇଂ ସନଦୀପ ଦାସ ପ୍ରମୁଖ ଛାତ୍ରଛାତ୍ରୀ ମାନଙ୍କୁ ଉଦ୍‌ବୋଧନ ଦେବା ସହ କେବେଳ ଶ୍ରୋତା ନହୋଇ ଚିନ୍ତାଶୀଳ ହେବା ପାଇଁ ପରାମର୍ଶ ଦେବା ସହ ନିଜର ବହୁମୁଖୀ ପ୍ରତିଭାକୁ ଉଜ୍ଜୀବିତ କରି ରଖିବା ପାଇଁ ପରାମର୍ଶ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ସମସ୍ତ ଅଧାପକ- ଅଧାପିକାଙ୍କ ସହ ସମସ୍ତ ଛାତ୍ରଛାତ୍ରୀ ମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ । କାର୍ଯ୍ୟକ୍ରମ ଶେଷରେ ଆୟୋଜିତ ହୋଇଥିବା ମଡେଲ ଓ ପୋଷ୍ଟର ତିଆରି ପ୍ରତିଯୋଗୀତାରେ ଉତ୍ତୀର୍ଣ୍ଣ ପ୍ରତିଯୋଗୀ ମାନଙ୍କୁ ପୁରସ୍କାର ବିତରଣ କରଯାଇଥିଲା ।

## ବଡ଼ ବଜାର ବ୍ୟବସାୟୀ ସଙ୍ଘ ପକ୍ଷରୁ ଦୁର୍ଗାପୂଜା ଶୁଭଖୁଣ୍ଟି ସ୍ଥାପନ

ଛତ୍ରପୁର, (ସବ୍ୟୁ) : ଆଉ କେଇଟା ଦିନ ପରେ ଧରାବତରଣ କରିବେ ଜଗତ ଜନନୀ ଦଶଭୁଜା ମା ଦୁର୍ଗା । ଏଥିପାଇଁ ସବୁଠି ଆରମ୍ଭ ହୋଇଗଲାଣି ପ୍ରସ୍ତୁତି । ଶକ୍ତି ପୀଠ ମାନଙ୍କରେ ମା' ଙ୍କ ଷୋଡ଼ସ ପୂଜା ଆରମ୍ଭ ହୋଇଥିବା ବେଳେ ବିଭିନ୍ନ ସ୍ଥାନରେ ମେଢ଼ ନିର୍ମାଣ କରାଯିବା ଲାଗି ସବିଏଁ ପ୍ରସ୍ତୁତ ହୋଇ ସାରିଲେଣି । କେଉଁଠି କେଉଁଠି ମାଙ୍କ ମୃଣ୍ମୟୀ ମୂର୍ତ୍ତି ନିର୍ମାଣ ଚାଲିଥିବା ବେଳେ ଆଉ କେତେକ ସ୍ଥାନରେ ମାଙ୍କ ପୂଜା ପାଇଁ ଶୁଭ ଖୁଣ୍ଟି ସ୍ଥାପନ କରାଯାଉଛି । ଆଉ ଏଥିରୁ ବାଦ ପଡିନି ଗଞ୍ଜାମ ଜିଲ୍ଲା ଛତ୍ରପୁର ସହର । ସହରର ବଡ଼ ବଜାର ବ୍ୟବସାୟୀ ସଙ୍ଘ ପକ୍ଷରୁ ମଙ୍ଗଳବାର ଶୁଭଖୁଣ୍ଟି ସ୍ଥାପନ କରାଯାଇଥିବା ଦେଖିବାକୁ ମିଳିଛି । ପଣ୍ଡିତ ମନୋଜ କୁମାର ଶତପଥିଙ୍କ ପୌରାହିତରେ ସଙ୍ଘର ସଭାପତି ସଂଜିତ କୁମାର ରାଉଳଙ୍କ ସମେତ ବହୁ ସଦସ୍ୟ ମାନେ ଏକତ୍ରିତ ହୋଇ ମା' ଙ୍କ ପୂଜା ପାଇଁ ଶୁଭଖୁଣ୍ଟି ସ୍ଥାପନ କରିଥିଲେ ।

## ୨୭ରେ ପ୍ରଧାନମନ୍ତ୍ରୀଙ୍କ ଗଞ୍ଜାମ ଗସ୍ତ

### ସଭାସ୍ଥଳୀ ଚିହ୍ନଟ ସହ ସ୍ଥିତି ପରଖିଲେ ମନ୍ତ୍ରୀ ଓ ଜିଲ୍ଲାପାଳ

ବ୍ରହ୍ମପୁର, (ସବ୍ୟୁ): ଚଳିତ ମାସ ୨୭ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଗଞ୍ଜାମ ଗସ୍ତ କାର୍ଯ୍ୟକ୍ରମ ରହିଛି । ତାହାକୁ ନଜରରେ ରଖି ସଭା କାର୍ଯ୍ୟକ୍ରମ ପାଇଁ ମଙ୍ଗଳବାର ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା, ଗଞ୍ଜାମ ଜିଲ୍ଲାପାଳ ଭି.କୀର୍ତ୍ତି ଭାଷନ, ଦକ୍ଷିଣାଞ୍ଚଳ ଆଇ.ଜି ନିତି ଶେଖର, ଗୋଇନ୍ଦା ବିଭାଗର ଅତିରିକ୍ତ ଡିଜି, ଅତିରିକ୍ତ ଡିଜି ସଞ୍ଜୟ କୁମାର, ବ୍ରହ୍ମପୁର ଏସପି, ଡ଼.ଶ୍ରାବଣା ବିବେକ ଏମ, ବ୍ରହ୍ମପୁର ବିଏମସି କମିସନର ପ୍ରଥମେସ ଅରବିନ୍ଦ ରାଜସିଁକ, ରଙ୍ଗେଇଲୁଣ୍ଡା ବିଡ଼ିଓ ବିଶ୍ୱଜିତ ରାୟ, କନିସି ତସିଲଦାର କବିରାଜ ପ୍ରଧାନଙ୍କ ସମେତ ବହୁ ଅଧିକାରୀ ରଙ୍ଗେଇଲୁଣ୍ଡା ବିମାନ ବନ୍ଦରରେ ପହଁଚି ସଭାସ୍ଥଳ ଚିହ୍ନଟ ସହ ତଦାରଖ କରିଥିଲେ । ଏନେଇ ମନ୍ତ୍ରୀଙ୍କ ସହ ଯୋଗାଯୋଗ ବେଳେ ଗଞ୍ଜାମକୁ ପ୍ରଧାନମନ୍ତ୍ରୀଙ୍କ ଗସ୍ତ ରହିଥିବାରୁ ଏଠାରେ ସଭା ସ୍ଥଳ, ପାର୍କିଂ, ସୁରକ୍ଷା, ଟ୍ରାଫିକ ବ୍ୟବସ୍ଥା ଆଦି ସହ ପ୍ରାୟ ୩ ଲକ୍ଷ୍ୟରୁ ଉର୍ଦ୍ଧ୍ୱର୍ ଲୋକଙ୍କ ସମାଗମ ହେବ । ସେମାନଙ୍କ ସୁରକ୍ଷା ବ୍ୟବସ୍ଥା ସହ କାର୍ଯ୍ୟକ୍ରମ କିଭଳି ସଫଳ ହେବ ସେ ନେଇ ଆଲୋଚନା ହୋଇଛି ।

# ଆକ୍ରମଣରେ ଯୁବକ ଗୁରୁତର

ଗୋଡିବନ୍ଧ,(ସବ୍ୟୁ) : ଗତକାଲି ଅପରାହ୍ନ ୨ଟା ବେଳେ ସମଲ ଥାନାର ସମଲ ବ୍ୟାରେଜ୍ ଚକ୍ରଶିଳା ମନ୍ଦିର ପରିସରରେ ଆକ୍ରମଣରେ ଜଣେ ଯୁବକ ଗୁରୁତର ହେଇଛି। ତାଳଚେର ବ୍ଲକ ଟେଣ୍ଟୁଲେଇ ଗ୍ରାମର ସନାତନ ବେହେରାଙ୍କ ପୁଅ ସୌଭାଗ୍ୟ ବେହେରା(୨୦) ଓ ତାଙ୍କ ସାଙ୍ଗ ଆୟୁଷ ଦାସ ବାରୁଆଁ ଗ୍ରାମର ମଉସା ରବି ବେହେରାଙ୍କ ଘରକୁ ଆସିଥିଲେ। ମଉସାଙ୍କ ଘରେ ମଧାହ୍ନ ଖାଇବାପରେ ୩ଟା ବେଳକୁ ଚକ୍ରଶିଳା ଶିବ ମନ୍ଦିରକୁ ବୁଲିବାକୁ ଆସିଥିଲେ। ସେଠାରେ ପହଞ୍ଚି ନିଜ ମୋବାଇଲ ଫୋନରେ ଫଟୋ ଉଠାଉଥିବା ବେଳେ ସେଠାରେ ଜଣେ ଯୁବକ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିବା ସହ ତାଙ୍କ ଗାଡିରୁ ଧାରୁଆ ଅସ୍ତ୍ର ବାହାର କରି ଆକ୍ରମଣ କରିଥିଲେ । ଧାରୁଆ ଅସ୍ତ୍ରରେ ଆକ୍ରମଣ ଫଳରେ



ସୌଭାଗ୍ୟଙ୍କୁ ଗଭୀର ଆଘାତ ଲାଗିଥିଲା। ରକ୍ତ ଜୁଡୁବୁଡୁ ଅବସ୍ଥାରେ ପ୍ରଥମେ ସମଲ ଥାନା ଓ ପରେ ଚିକିତ୍ସା ପାଇଁ ଗୋଡ଼ିବନ୍ଧ ସରକାରୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଯାଇଥିଲେ। ସେଠାରେ ତାଙ୍କର ମୁଣ୍ଡକୁ ୧୧ଟି ସିଲେଇ ପରେ ଅବସ୍ଥା ସଙ୍କଟାପନ୍ନ ହେବାରୁ ଜିଲ୍ଲା ଚିକିତ୍ସାଳୟ ଅନୁଗୁଳକୁ ସ୍ଥାନାନ୍ତରିତ କରାଯାଇଥିଲା। ଆହତଙ୍କୁ ସିଟି ସ୍କାନ କରାଯାଇଥିବା ପରିବାର ଲୋକ କହିଛନ୍ତି । ଆକ୍ରମଣକାରୀ ଯୁବକ ଖୁଲମ୍ ଖୋଲା ଭାବେ ମୁଁ କଂସମୁଣ୍ଡା ଗ୍ରାମର କାଳିଆ ବାରିକ ଓ ଏମସିଏଲ ଭରତପୁର କଲିୟରିରେ ଚାକିରୀ କରୁଛି ,ପୋଲିସ ମୋର କଣ କରିବ ବୋଲି ସମଲ ପୋଲିସକୁ ଚ୍ୟାଲେଞ୍ଜ କରିଛି । ସମଲ ଥାନା ଅଧିକାରୀ ଅରୁଣ କୁମାର ଖିଲାର ଏକ କେସ ପଞ୍ଜିକରଣ କରି ତଦନ୍ତକାରୀ ଅଧିକାରୀ ଭାବେ ବିଚିତ୍ରା ସାହୁଙ୍କୁ ନିୟୋଜିତ କରିଛନ୍ତି। ତଦନ୍ତକାରୀ ଅଧିକାରୀ ଶ୍ରୀ ସାହୁ କେବେ ଅଭିଯୁକ୍ତକୁ ଗିରଫ କରୁଛନ୍ତି ଦେଖିବାକୁ ବାକି ରହିଛି। ତେବେ ଏ ଘଟଣା ପ୍ରେମଜନିତ ବୋଲି ପ୍ରାଥମିକ ତଦନ୍ତରୁ ଜଣା ପଡ଼ିଛି ।

## ୨୦ ଗ୍ରାମ ବ୍ରାଉନସୁଗର ଜବତ : ୨ ଗିରଫ

ଢେଙ୍କାନାଳ ,(ସବ୍ୟୁ) : ଢେଙ୍କାନାଳ ଜିଲ୍ଲା ସଦର ଥାନା ଭାପୁର ଫାଣ୍ଡି ବିଷ୍ଣୁପୁର ଛକରୁ ମଙ୍ଗଳବାର ଅପରାହ୍ନ ୪ଟା ବେଳେ ଭାପୁର ଫାଣ୍ଡି ପୁଲିସ ଆଠଗଡ ଅଞ୍ଚଳରୁ ଅନୁଗୁଳ ଯାଉଥିବା ଏକ ଅଟୋରେ ୨ ଯୁବକଙ୍କୁ ତଲାସି ପରେ ତାଙ୍କ ଠାରୁ ୨୦ ଗ୍ରାମ ବ୍ରାଉନ୍ ସୁଗାର ଜବତ ହୋଇଛି। ଅଭିଯୁକ୍ତ ହେଲେ ଭାପୁର ଗୁହାଳଡିହି ଗ୍ରାମର ଟିଟୁଆ ସାମଲ (୩୯) ଏବଂ ଭାପୁର ଅଞ୍ଚଳର ସଞ୍ଜୀୟ ମହାରଣା (୩୯)। ସେମାନେ ବିଷ୍ଣୁ ପୁର ଛକରେ ଉକ୍ତ ବ୍ରାଉନ୍ ସୁଗାରକୁ ଦେବାପାଇଁ ଅପେକ୍ଷା କରିଥିବା କୌଣସି ସୂତ୍ରରୁ ପୁଲିସ ଖବର ପାଇଥିଲା। ଉଭୟ ଅଭିଯୁକ୍ତ ଦ୍ୱୟଙ୍କୁ ବୁଧବାର କୋର୍ଟ ଚାଲାଣ କରାଯିବ ବୋଲି ଭାପୁର ଫାଣ୍ଡି ଅଧିକାରୀ ପ୍ରଦୀପ୍ତ କୁମାର ପାତ୍ର ପ୍ରକାଶ କରିଛନ୍ତି। ଜବତ ହୋଇଥିବା ବ୍ରାଉନ୍ ସୁଗାରର ଆନୁମାନିକ ମୂଲ୍ୟ ୧ ଲକ୍ଷ ହେବ ବୋଲି ଜଣାପଡିଛି ।

## ଆମ ବସ ଚାଳକମାନଙ୍କ ଷ୍ଟିୟରିଂ ଛାଡ଼ ଆନ୍ଦୋଳନ

ବ୍ରହ୍ମପୁର, (ସବ୍ୟୁ): ଦରମା ଦେବାରେ ବିଳମ୍ବ ସହ ୭ ଦଫା ଦାବୀ ନେଇ ସିଆରୟୁଟି ସଂସ୍ଥା ପକ୍ଷରୁ କାର୍ଯ୍ୟରତ ଡ୍ରାଇଭର ମାନେ ଷ୍ଟିୟରିଂ ଛାଡ଼ ଆନ୍ଦୋଳନ କରିଛନ୍ତି । ୪୩ଟି ବସ୍ ର ଚଳାଚଳ ବନ୍ଦ ଥିବା ବେଳେ ଆଜି ୩୦ରୁ ଅଧିକରୁ ଚାଳକ ହଳଦିଆପଦର ଡିପୋଠାରେ ଗଣଧାରଣା ଦେଇଛନ୍ତି । ଫଳରେ ଆଜି ଦିନତମାମ ବ୍ରହ୍ମପୁର ସମେତ ଆଖପାଖ ଅଞ୍ଚଳକୁ ଯାତାୟାତ କରୁଥିବା ଯାତ୍ରୀ ନାହିଁ ନଥିବା ଅସୁବିଧା ହେଉଥିବା ଦେଖିବାକୁ ମିଳିଥିଲା । ଉଚ୍ଚ ପଦସ୍ଥ ଅଧିକାରୀଙ୍କ ସହ ଆଲୋଚନା ପରେ ଘଟଣା ସ୍ଥଳରୁ ଓହରି ଥିବା ଜଣାପଡିଛି । ଆସନ୍ତାକାଲି ଗାଡ଼ି ଚଳାଚଳ ସ୍ୱାଭାବିକ ହେବ ବୋଲି ଚାଳକମାନେ କହିଛନ୍ତି । ଚାଳକମାନେ ଅଭିଯୋଗ କରିଥିଲେ, ଠିକ୍ ସମୟରେ ସେମାନଙ୍କୁ ମାସିକ ଦରମା ମିଳୁନ । ସାମାଜିକ ସୁରକ୍ଷା ବିନା ଗାଡ଼ି ଚଳାଉଛନ୍ତି ପ୍ରତିମାସ ୧୦ ତାରିଖ ମଧ୍ୟରେ ଦରମା ମିଳିବା ବଦଳରେ ବିଳମ୍ବରେ ଦରମା ମିଳିଥିବା କହିଛନ୍ତି । ସେପଟେ ଗାଡ଼ି ଚଳାଇବା ପରେ ବିଶ୍ରାମ ନେବାକୁ ରେଷ୍ଟ ରୁମ୍ ନାହିଁ ଓଭର ଡ୍ୟୁଟିର ଚାପ ରହୁଛି । ମାସକୁ ୪ ଦିନ ସାପ୍ତାହିକ ଛୁଟି ମିଳୁନାହିଁ । ଇପିଏଫ, ଇଏସ୍‌ଆଇ ସୁବିଧା ବି ମିଳୁନାହିଁ ବୋଲି ଦାବୀ କରିଛନ୍ତି ।

# ଜିଲ୍ଲାସ୍ତରୀୟ ଶିଶୁ ମହୋତ୍ସବ ଉତ୍ସାହ ଓ ମହକ ଅନୁଷ୍ଠିତ



ବାରିପଦା, (ସବ୍ୟୁ) : ବାରିପଦା ଠାରେ ଜିଲ୍ଲା ଶିଶୁ ସୁରକ୍ଷାୟୁନିଟ ଆନୁକୂଲ୍ୟରେ ସ୍ଥାନୀୟ ସହିଦ ସ୍ମୃତି ଭବନ ଠାରେ ଜିଲ୍ଲାସ୍ତରୀୟ ଶିଶୁ ମହୋତ୍ସବ ଉତ୍ସାହ ଓ ମହକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାର ବିଭିନ୍ନ ଶିଶୁ ଯନି ଅନୁଷ୍ଠାନ ଗୁଡିକରେ ରହୁଥିବା ଅନ୍ତେବାସୀ ଛାତ୍ରଛାତ୍ରୀ ମାନଙ୍କ ଅନ୍ତଃନିର୍ହିତ ପ୍ରତିଭାକୁ ପ୍ରସ୍ଫୁଟିତ କରିବା ଉଦ୍ଦେଶ୍ୟରେ ପ୍ରତିବର୍ଷ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥାଏ । ମହକ କାର୍ଯ୍ୟକ୍ରମ ଅଧୀନରେ ପିଲାମାନଙ୍କ ମଧ୍ୟରେ ଚିତ୍ରାଙ୍କନ, ବକ୍ତୃତା, ଏକକ ନୃତ୍ୟ, ଗ୍ରୁପ ଡେନ୍ସ କୁଇଜ ଏବଂ ତର୍କ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ କନିଷ୍ଠ ବର୍ଗରେ ୧୦ବର୍ଷ ବୟସରୁ ୧୪ବର୍ଷ ବୟସ ଏବଂ ବରିଷ୍ଠ ବର୍ଗରେ ୧୫ବର୍ଷ ବୟସରୁ ୧୮ବର୍ଷ ବୟସର ଶିଶୁମାନେ ଅଂଶଗ୍ରହଣ କରିଥିଲେ। ସେହିପରି ଉତ୍ସାହ ଅଧିନରେ ୧୨ବର୍ଷ ବୟସରୁ ୧୮ବର୍ଷ ବୟସ ମଧ ଶିଶୁମାନଙ୍କ ମଧ୍ୟରେ ୧୦୦/୨୦୦ ମିଟର ଦୌଡ଼, ଚେସ, କ୍ୟାରାମ, ଉଚ୍ଚ ଡିଆଁ, ଲମ୍ବ ଡିଆଁ ଏବଂ ଫୁଟବଲ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ଜିଲ୍ଲା ଶିଶୁସୁରକ୍ଷା ଅଧିକାରିଣୀ ମମତାମୟୀ ବିଶ୍ୱାଳଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମର ପ୍ରଥମ ଅଧିବେଶନ ଉଦଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଜିଲ୍ଲାପାଳ ହେମକାନ୍ତ ସୟ, ମୁଖ୍ୟବ୍ୟକ୍ତା ଭାବେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ବରୁଣ ଗୁଣ୍ଟୁପାଲି, ସମ୍ମାନିତ ଅତିଥି ଭାବେ ଆଇଏଏସ ପ୍ରବେଶନର ମିସ କାଶିଷ ବକ୍ସି, ବାରିପଦା ଉପଜିଲ୍ଲାପାଳ ଡଃ ଦୟାସିନ୍ଧୁ ପରିଡା, ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ, ଜିଲ୍ଲା ମଙ୍ଗଳ ଅଧିକାରୀ ଗୁରୁ ଚରଣ ମଲ୍ଲିକ ଯୋଗଦେଇଥିଲେ ।

ମୁଖ୍ୟଅତିଥି ଓ ଅନ୍ୟାନ୍ୟ ନିମନ୍ତ୍ରିତ ଅତିଥିବୃନ୍ଦ ପିଲାମାନଙ୍କୁ ସେମାନଙ୍କର ଅନ୍ତର୍ନିର୍ହିତ ଗୁଣାବଳୀକୁ ପ୍ରସ୍ଫୁଟିତ କରିବା ପାଇଁ ଈଶ୍ୱରଙ୍କ ଉପରେ ବିଶ୍ୱାସ ରଖି ନିଜ ଭିତରେ ଆତ୍ମ ବିଶ୍ୱାସ ବୃଦ୍ଧି କରିବା ସହ କଠିନ ପରିଶ୍ରମ କଲେ ଏବଂ ଧୈର୍ଯ୍ୟର ସହିତ ନିରନ୍ତର ପ୍ରଚେଷ୍ଟା ଜାରି ରଖିଲେ ନିଶ୍ଚିତ ଦିନେ ସଫଳତା ମିଳିବ ଏବଂ ନିଜ ଲକ୍ଷ୍ୟ ସ୍ଥଳରେ ପହଂଚି ହେବ ।

ସେହିପରି କାର୍ଯ୍ୟକ୍ରମର ଦ୍ୱିତୀୟ ଅଧିବେଶନ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଧର୍ମାନନ୍ଦ ବେହେରା, ସମ୍ମାନିତ ଅତିଥି ଭାବେ ଶିଶୁ ମଙ୍ଗଳ ସମିତିର ଅଧ୍ୟକ୍ଷ ଜଗଦୀଶ ଚନ୍ଦ୍ର ଘଡେଇ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ନିହାରିକା ମହାନ୍ତି ଓ ଜିଲ୍ଲା ଦକ୍ଷତା ବିକାଶ ଓ ନିୟୋଜନ ଅଧିକାରୀ ଆଶିଷ ବସନ୍ତିଆ ପ୍ରମୁଖ ଯୋଗଦେଇ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିବା ସହିତ ଭବିଷ୍ୟତରେ ଆହୁରି ଉନ୍ନତି କରି ନିଜ ଭିତରେ ଥିବା ଲୁMାୟିତ ପ୍ରତିଭାକୁ ପୂର୍ଣ୍ଣ ବିକଶିତ କରିବା ପାଇଁ ଉତ୍ସାହ ପ୍ରଦାନ କରିଥିଲେ ଏବଂ ପ୍ରତିଯୋଗିତାରେ ଅସଫଳ ହୋଇଥିବା ଛାତ୍ରଛାତ୍ରୀ ମାନେ ନିରୁତ୍ସାହିତ ନହୋଇ ସଫଳତା ହାସଲ ପାଇଁ ଧର୍ଯ୍ୟର ସହିତ ଉଦ୍ୟମ ଜାରି ରଖିବାକୁ ପରାମର୍ଶ ଦେଇଥିଲେ। ପ୍ରକାଶ ଥାଉକି ଜିଲ୍ଲା ସ୍ତରରେ ପ୍ରଥମ ସ୍ଥାନ ଅଧିକାର କରିଥିବା କୃତୀ ପ୍ରତିଯୋଗୀ ମାନେ ରାଜ୍ୟ ସ୍ତରୀୟ ଶିଶୁ ମହତ୍ସବ ଉତ୍ସାହ ଓ ମହକ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ସମସ୍ତ ଶିଶୁ ଯନି ଅନୁଷ୍ଠାନର ଅନ୍ତେବାସୀ ମାନେ ଅଂଶଗ୍ରହଣ କରିଥିଲେ। ପରିଶେଷରେ ଶିଶୁ ସୁରକ୍ଷାୟୁନିଟର ଅଧିକାରୀଣୀ ମମତାମୟୀ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ ।

# ଖଣି ଶ୍ରମିକଙ୍କୁ ୨୦% ବୋନସ ଦାବିରେ ଧାରଣା




କେନ୍ଦୁଝର, (ଜିପ୍ର/ସବ୍ୟୁ): କେନ୍ଦୁଝର ଜିଲ୍ଲାର ଓଡିଶା ଖଣି ନିଗମର ଅନେକ ଲୌହ ଓ ମାଙ୍ଗାନିଜ ଖଣି ରହିଛି। ଏହି ଖଣିରୁ ବାର୍ଷିକ ଲକ୍ଷ ଲକ୍ଷ ଟନ ଲୁହା ପଥର ଉତ୍ତୋଳନ କରାଯାଇ ଖଣି ନିଗମକୁ ହଜାର ହଜାର କୋଟି ଟଙ୍କାର ଲାଭ ମିଳିଥାଏ। ଖଣି ଉତ୍ତୋଳନରେ କାର୍ଯ୍ୟରତ ସମସ୍ତ ଶ୍ରମିକ ମାନେ ବିଭିନ୍ନ ଠିକାଦାର ଅଧିନରେ ବର୍ଷ ବର୍ଷ ଧରି କାର୍ଯ୍ୟ କରି ଆସୁଛନ୍ତି। ଏହି ଠିକାଦାର ଶ୍ରମିକ ମାନଙ୍କୁ ଜୀବନ ସାରା ସରକାରଙ୍କ ଦ୍ୱାରା ଘୋଷିତ ସର୍ବନିମ୍ନ ମଜୁରୀ ପାଇଥାନ୍ତି। ସେମାନଙ୍କ କେବେ ବି ପ୍ରୋମୋସନ ହୁଏ ନାହିଁ କିମ୍ବା ଇନକ୍ରିମେଣ୍ଟ ହୁଏ ନାହିଁ। ବେକାରୀ ସମସ୍ୟାର ସୁଯୋଗ ନେଇ ଏହି କର୍ମଚାରୀ ମାନଙ୍କୁ ଶୋଷଣ କରାଯାଉଛି। ରହିବା ପାଇଁ ବାସଗୃହ, ମାଗଣାରେ ଚିକିତ୍ସା ଇତ୍ୟାଦି ସର୍ବନିମ୍ନ ସୁବିଧା ମଧ୍ୟ ଏହି କର୍ମଚାରି ମାନଙ୍କୁ ମିଳୁ ନାହିଁ। ଏଆଇଟିୟୁସି ୟୁନିୟନ ତରଫରୁ ବାରମ୍ବାର ଦାବି କରିବା ସତ୍ତ୍ୱେ ମଧ୍ୟ ଖଣି ନିଗମ କର୍ତ୍ତୃପକ୍ଷ କର୍ଣ୍ଣପାତ କରୁନାହାନ୍ତି। ନିଗମର ଉତ୍ପାଦନ ଓ ଲାଭରେ ପ୍ରମୁଖ ଭୂମିକା ଗ୍ରହଣ କରୁଥିବା ଏହି ଶ୍ରମିକ ମାନଙ୍କୁ ସର୍ବନିମ୍ନ ଶତକଡା ୮.୩୩ % ହାରରେ ବୋନସ ଦିଆଯାଉଛି। ଖଣି ନିଗମର ବିଭାଗୀୟ କର୍ମଚାରି ମାନେ ଶତକଡା ୨୦% ହାରରେ ବୋନସ ପାଇବା ସହ ଏକ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଗିଫ୍ଟ ଆକାରରେ ଦୁର୍ଗା ପୂଜା ସମୟରେ ପାଇଥାନ୍ତି। କେନ୍ଦୁଝର ଓ ସୁନ୍ଦରଗଡ ଜିଲ୍ଲାର ବିଭିନ୍ନ ଘରୋଇ ଖଣି ଓ ସରକାରୀ ଖଣିର ଠିକାଦାର ଶ୍ରମିକ ମାନଙ୍କୁ ଶତକଡା ୨୦% ହାରରେ ବୋନସ ମିଳୁ ଥିବା ବେଳେ ନିଗମର ଗନ୍ଧମାର୍ଦନ ଖଣି, ଜିଲିଂ ଲଙ୍ଗାଲଟା ଖଣି, ଖଣ୍ଡବନ୍ଧ ଖଣି, ବାଂଶପାଣି ଖଣିର ଠିକାଦାର ଶ୍ରମିକ ଶତକଡା ୮.୩୩% ହାରରେ ବୋନସ ଦିଆ ଯାଉଛି। ପ୍ରାୟ ଏକ ମାସ ପୂର୍ବରୁ ଶତକଡା ୨୦% ହାରରେ ବୋନସ ପ୍ରଦାନ ନିମନ୍ତେ ଖଣିରେ କାର୍ଯ୍ୟରତ ଠିକାଦାର ସଂସ୍ଥା ମାନଙ୍କୁ ନୋଟିସ ଦିଆ ଯାଇଥିଲା। ଗତ ସେପ୍ଟମ୍ବର ୯ ତାରିଖରେ କେନ୍ଦ୍ରୀୟ ଶ୍ରମ ପ୍ରବର୍ତ୍ତନ ଅଧିକାରୀ, ବଡବିଲଙ୍କ କାର୍ଯ୍ୟାଳୟରେ ଠିକାଦାର ମାନଙ୍କ ପ୍ରତିନିଧି ଓ ୟୁନିୟନ ପ୍ରଧିନିଧି ଉପସ୍ଥିତିରେ ଆଲୋଚନା କରା ଯାଇଥିଲେ ଓ ସେହି ଆଲୋଚନାରେ ଠିକାଦାର ପ୍ରତିନିଧି ମାନେ ଶତକଡା ୮.୩୩% ହାରରୁ ଅଧିକ ବୋନସ ଦେବା ରୋକ ଠୋକ ମନା କରି ଦେଇଥିଲେ। ତେଣୁ ବାଧ ହୋଇ ସେପ୍ଟମ୍ବର ୧୫ ତାରିଖ ଠାରୁ ଖଣି କାର୍ଯ୍ୟାଳୟ ସମ୍ମୁଖରେ ଅର୍ନିଦିଷ୍ଟ କାଳ ପାଇଁ ଶାନ୍ତିପୂର୍ଣ୍ଣ ଧାରଣା ଚାଲୁ କରାଯାଇଛି। ଏହି ଧାରଣାରେ ଶହ ଶହ ସଂଖ୍ୟାରେ ଠିକାଦାର ଶ୍ରମିକ ଭାଗ ନେବା ସହ ୟୁନିୟନ ନେତୃବ ମଧ୍ୟରେ ସାଧାରଣ ସମ୍ପାଦକ ମହେଶ୍ୱର ରାଉତ, ଉପସାଧାରଣ ସଂପାଦକ କପିଳ ମହାନ୍ତି, ଉପ ସଭାପତି କାହ୍ନୁ ଚରଣ ସାମଲ, ସଂପାଦକ ବଦ୍ରୁ ଜାମା, ଉପ ସଭାପତି ଶ୍ରୀହରି ଘଣା, ହୃଦାନନ୍ଦ ପାତ୍ର, ବିରଂଚି ଦେହୁରୀ, ମାର୍କଣ୍ଡ ଦେହୁରୀ, ମିଟୁ ମହାନ୍ତ, ରାଜାରାମ ମୁଣ୍ଡା, ହୃଦାନନ୍ଦ ପ୍ରଧାନ ପ୍ରମୁଖ ଭାଗ ନେଇଥିଲେ।

# କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଭବ୍ୟ ସ୍ୱାଗତ : ୩ ପ୍ରସ୍ତାବ ରଖିଲେ ବିଧାୟକ

ବେତନଟୀ,(ସବ୍ୟୁ): ମୟୂରଭଞ୍ଜ ଗସ୍ତରେ ଆସିଥିବା କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ମୟୂରଭଞ୍ଜ ଜିଲ୍ଲାର ପ୍ରବେଶ ଦ୍ୱାର ୧୮ନଂ ଜାତୀୟ ରାଜପଥର ବୈଶିଙ୍ଗା ଥାନା ଅଧୀନ କଳମା ଠାରେ ଥିବା ସ୍ୱାଗତ ଗେଟ ପାଖରେ ଭବ୍ୟ ସ୍ୱାଗତ କରାଯାଇଥିଲା। ବାରିପଦାରେ ଥିବା କାର୍ଯ୍ୟକ୍ରମରେ ଯୋଗଦେବାକୁ ସଡକପଥରେ ଯାଉଥିବା କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ସତସଙ୍ଗ ବିହାର ଠାରେ ଶତାଧିକ ଦଳୀ କାର୍ଯ୍ୟ କରା, ଜନସାଧାରଣ , ବିଭିନ୍ନ ସ୍କୁଲ, କଲେଜରୁ ଆସିଥିବା ଶତାଧିକ ଛାତ୍ରଛାତ୍ରୀ ପ୍ରମୁଖ ଏହି ଅବସରରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ। ବେତନଟୀ ସତସଙ୍ଗବିହାର ଠାରେ ପହଞ୍ଚିବା ପରେ ପ୍ରଥମେ ଉପାୟନ, ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ସମ୍ବର୍ଦ୍ଧନା ଜଣାଯାଇଥିଲା । ଏହାପରେ ପାରମ୍ପରିକ ନୃତ୍ୟ, ବାଦ୍ୟର ତାଳେତାଳେ ଷ୍ଟେଜ ନିକଟକୁ ପାଛୋଟି ଆଣିଥିଲେ। ଏହି ଅବସରରେ ଶତାଧିକ ଦଳୀୟ କାର୍ଯ୍ୟକର୍ତ୍ତା, ଜନସାଧାରଣ, ଛାତ୍ରଛାତ୍ରୀ ପ୍ରମୁଖ କେନ୍ଦ୍ରମନ୍ତ୍ରୀ ଶ୍ରୀଯୁକ୍ତ ପ୍ରଧାନଙ୍କ ଉପରେ ପୁଷ୍ପବୃଷ୍ଟି କରିଥିଲେ। ।ଏହି ଅବସରରେ ପ୍ରାକ୍ତନ କେନ୍ଦ୍ରମନ୍ତ୍ରୀ ତଥା ସାଂସଦ ପ୍ରତାପଚନ୍ଦ୍ର ଷଡଙ୍ଗୀ, ଲୋକପ୍ରିୟ ବିଧାୟକ ସନାତନ ବିଜୁଳି, ନୀଳଗିରି ବିଧାୟକ ସନ୍ତୋଷ ଖଟୁଆ, ଉଦଳା ବିଧାୟକ ଭାସ୍କର ମଢେଇଙ୍କ ସମେତ ଜିଲ୍ଲାପାଳ ହେମକାନ୍ତ ସାଏ, ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ବରୁଣ ଗୁଣ୍ଟୁପାଲୀ ପ୍ରମୁଖ ଉପସ୍ଥିତ ଥିଲେ । ସୁରକ୍ଷା ଦୃଷ୍ଟିରୁ ବୈଶିଙ୍ଗା ଆଇଆଇସି ବାରିଣୀ ଦାସ , ବେତନଟୀ ଥାନା ଆଇଆଇସି ସସ୍ମିତା ମହାନ୍ତ ସଦଳବଳେ ଉପସ୍ଥିତ ରହି ଶାନ୍ତଶୃଙ୍ଖଳା ବଜାୟ ରଖିବା ଠାରୁ ଆରମ୍ଭ କରି ଟ୍ରାଫିକ



ନିୟନ୍ତ୍ରଣ ସାଙ୍ଗକୁ ହଜାର ହଜାର ଲୋକଙ୍କ ଜନସମାଗମକୁ ସୁନିୟନ୍ତ୍ରିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା କାର୍ଯ୍ୟକରିଣୀ ସଦସ୍ୟ ପ୍ରଦୀପ ପରିଡା, ୩୫ ନଂ ମଣ୍ଡଳ ସଭାପତି ଜୀବନ ପରିଡା,୩୬ ନଂ ମଣ୍ଡଳ ସଭାପତି ରାଜୀବ ନନ୍ଦୀ , ୩୭ ନଂ ମଣ୍ଡଳ ସଭାପତି ଶାନ୍ତନୁ ପଣ୍ଡା , ଓବିସି ମୋର୍ଚ୍ଚା ଜିଲ୍ଲା ସଭାପତି ବ୍ରଜମୋହନ ବେହେରା, ସାଧାରଣ ସମ୍ପାଦକ ବିକାଶ ଦାସ ,ଉତ୍ସର୍ଗ ବେହେରା, ଛତିସ ମଣ୍ଡଳ , ପଦ୍ମନାଭ ପଣ୍ଡା , ଶାନ୍ତନୁ ଦଳେଇ କୁନା ମହାନ୍ତ, ଚନ୍ଦ୍ରଶେଖର ବେରା, କ୍ଷୀତିଶ ମହାନ୍ତ, ଜଗା ଦାସ ଏବଂ ଅନ୍ୟ ବରିଷ୍ଠ କର୍ମୀ ପ୍ରମୁଖ ଉପସ୍ଥିତ ଥିଲେ ।ଏହି ଅବସରରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ବଡ଼ସାହି ନିର୍ବାଚନମଣ୍ଡଳୀ ପାଇଁ ତିନିଗୋଟି ପ୍ରମୁଖ ପ୍ରସ୍ତାବ ବେତନଟୀ କଲେଜକୁ ସ୍ୱୟଂଶାସିତ ମାନ୍ୟତା, ଦକ୍ଷତା ବିକାଶ ପ୍ରଶିକ୍ଷଣ ପ୍ରତିଷ୍ଠାନ ଏବଂ ଏକ କେନ୍ଦ୍ରୀୟ ବିଦ୍ୟାଳୟର ସ୍ଥାପନା ନେଇ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଲିଖିତ ଭାବେ ଜଣାଇଲେ ଲୋକପ୍ରିୟ ବିଧାୟକ ସନାତନ ବିଜୁଳି। ଉପରୋକ୍ତ ତିନିଗୋଟି ପ୍ରମୁଖ ପ୍ରସ୍ତାବ ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରି ବାସ୍ତବସ୍ଥିତି ବାବଦରେ ଅବଗତ କରିବା ସହିତ ଲିଖିତ ଭାବରେ କେନ୍ଦ୍ରମନ୍ତ୍ରୀ ଶ୍ରୀଯୁକ୍ତ ପ୍ରଧାନଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହି ସମୟରେ ବିଧାୟକଙ୍କ ସମେତ ବାଲେଶର ସାଂସଦ ପ୍ରତାପ ଚନ୍ଦ୍ର ଷଡଙ୍ଗୀ ମଧ୍ୟ ଉପସ୍ଥିତ ଥିଲେ ।

# ୩୪ ଲକ୍ଷ ଠକେଇ : ମହିଳା ଗିରଫ



କେନ୍ଦୁଝର, (ସବ୍ୟୁ): ଭିନ ଭିନ ମାମଲାରେ ପ୍ରାୟ ୩୪ଲକ୍ଷ ଠକେଇ ଅଭିଯୋଗରେ କେନ୍ଦୁଝର ଟାଉନ ଥାନା ଅନ୍ତର୍ଗତ କଲେଜ ରୋଡ଼ର ଅସୀମା ସତ୍ପଥୀ ନାୟକ (୫୨) ନାମକ ଜଣେ ମହିଳାଙ୍କୁ କେନ୍ଦୁଝର ଟାଉନ ଥାନା ପୋଲିସ ଭୁବନେଶ୍ୱରରୁ ଗିରଫ କରିଛି। ସେ ବର୍ତ୍ତମାନ ରାଜଧାନୀ କଲୋନୀ, ଭୁବନେଶ୍ୱରରେ ରହୁଥିବାରୁ ଟାଉନ ପୋଲିସ ଏକ ଟିମ ଗିରଫ କରିଛନ୍ତି । ଅଭିଯୋଗକାରୀଙ୍କ କହିବା ଅନୁସାରେ, ଅଭିଯୁକ୍ତା ୦୭.୦୯.୨୦୨୪ ତାରିଖରେ ତାଙ୍କଠାରୁ ୫ଲକ୍ଷ ୫୦ହଜାର ନେଟ ବ୍ୟାଙ୍କିଂ ଓ ୫୦,୦୦୦/- ନଗଦରେ ଧାର ନେଇଥିଲେ ଏବଂ ଏକ ମାସ ମଧ୍ୟରେ ଫେରାଇବାକୁ ଆଶ୍ୱାସନା ଦେଇଥିଲେ। ସୁରକ୍ଷା ରୂପେ ସେ ୨ଟି ଚେକ ୨ଲକ୍ଷ ୭୫ହଜାର ମୂଲ୍ୟର ଦେଇଥିଲେ। କିନ୍ତୁ ସମୟ ସମାପ୍ତି ପରେ, ସେ ଟଙ୍କା ଫେରାଇଲେ ନାହିଁ ଓ ଦେଇଥିବା ଚେକ ବ୍ୟାଙ୍କକୁ ଷ୍ଟପ ପେମେଣ୍ଟ ନିର୍ଦ୍ଦେଶ ଦେଇଥିଲେ। ସେତେବେଳେ ଅଭିଯୋଗକାରୀ ପୁନଃ ଦାବି କଲେ, ଅଭିଯୁକ୍ତା ଓ ତାଙ୍କ ପରିବାର ସଦସ୍ୟମାନେ ଆତଙ୍କିତ କରିଥିଲେ ଓ ଭୁଲ ଆଇନୀ ମାମଲାର ଧମକ ଦେଉଥିଲେ।ଏହା ପରେ କେନ୍ଦୁଝର ଟାଉନ ପୋଲିସ ଷ୍ଟେସନ କେସ ନଂ-୨୪୫/୨୫ରେ ମାମଲା ରୁଜୁ କରି ତଦନ୍ତ କରିଥିଲେ। ତଦନ୍ତ ସମୟରେ ଧାର ସମ୍ବନ୍ଧୀୟ ଚୁକ୍ତିପତ୍ର, ବ୍ୟାଙ୍କ ଟ୍ରାଞ୍ଜାକ୍ସନ ବିବରଣୀ, ଚେକ ଓ ବ୍ୟାଙ୍କ ଅସ୍ୱୀକାର ପ୍ରପତ୍ରଗୁଡ଼ିକ ଜବତ କରାଯାଇଥିଲା। ତଦନ୍ତ କାଳରେ ଅଭିଯୁକ୍ତାଙ୍କ ପୂର୍ବରୁ ଅନ୍ୟାନ୍ୟ ଅପରାଧିକ ମାମଲା ଥିବା ପ୍ରକାଶ ପାଇଛି। କେନ୍ଦୁଝର ଟାଉନ ପୋଲିସ କେସ ନଂ- ୩୭୦/୧୧,ଅନୁସୂଚିତ ଜାତି ଓ ଜନଜାତି କେସ ନଂ- ୧୬୨୯/୨୦୨୦, କେସ ନଂ- ୧୧/୨୫, ଧାରା ୧୩୮ ରେ କେନ୍ଦୁଝର ଏସଡିଜେଏମଙ୍କ କୋର୍ଟ ବ୍ୟତୀତ, ସେ ୨୭.୩୫ ଲକ୍ଷ ଟଙ୍କା ସୁରେଶ କୁମାର ଡୋରାଙ୍କୁ ଠକିଥିଲେ, ଯାହା ପାଇଁ ଟାଉନ ପୋଲିସ କେସ ନଂ- ୬୮୮/୨୦୨୫ ରୁଜୁ ହୋଇଛି।ଅଭିଯୁକ୍ତାଙ୍କୁ ସୋମବାର ମଧ୍ୟାହ୍ନ ୧୨ଟାରେ ଗିରଫ କରି କୋର୍ଟ ଚାଲାଣ କରାଯାଇଛି।

# ବିଜେପି ସଭାପତି ମନମୋହନଙ୍କୁ ଚାନ୍ଦବାଲିରେ ବିପୁଳ ସମ୍ବର୍ଦ୍ଧନା

ଭଦ୍ରକ,(ସବ୍ୟୁ): ରାଜ୍ୟ ବିଜେପିର ଚତୁର୍ଥ ଥର ପାଇଁ ସଭାପତି ହେବା ପରେ ନିଜ ନିର୍ବାଚନମଣ୍ଡଳୀ ଚାନ୍ଦବାଲି ଗସ୍ତରେ ଆସିଥିଲେ ମନମୋହନ ସାମଲ। ସମଗ୍ର ନିର୍ବାଚନ ମଣ୍ଡଳରେ ତାଙ୍କୁ ବିପୁଳ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ ପ୍ରଦାନ କରାଯାଇଥିଲା। ନିର୍ବାଚନମଣ୍ଡଳୀ ଆଖୁଆଡିହି ଭୁକର ବିଞ୍ଚା ଛକ ଠାରୁ ଏକ ବିରାଟ ବାଇକ ଶୋଭାଯାତ୍ରାରେ କର୍ମୀ ତଥା ଦଳୀୟ ନେତାମାନେ ତାଙ୍କୁ ଚାନ୍ଦବାଲି ପର୍ଯ୍ୟନ୍ତ ନେଇଥିଲେ।



ମନମୋହନଙ୍କ ସହିତ ନଗର ଉନ୍ନୟନ ମନ୍ତ୍ରୀ ଡ.କୃଷ୍ଣ ଚନ୍ଦ୍ର ମହାପାତ୍ର,ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ,ସାଂସଦ ଅଭିମନ୍ୟୁ ସେଠୀ,ଭଦ୍ରକ ବିଧାୟକ ସୀତାଂଶୁ ଶେଖର ମହାପାତ୍ର,ବରିଷ୍ଠ ନେତା ଜୟନ୍ତ ନାୟକ,ଜିଲ୍ଲା ସଭାପତି ଭଗବାନ ପଣ୍ଡାଙ୍କ ସମେତ ବହୁ ନେତା ପ୍ରମୁଖ ସାମିଲ ଥିଲେ। ପିରହାଟ ନୁଆ ଓ ପୁରୁଣା ବଜାର, ଗଡ଼ି, ଖେରଙ୍ଗ, ନାଲଗୁଣ୍ଡା, ବିଲଞ୍ଚିଆ, ମତୋବକାର ମାନଙ୍କରେ ବିଭିନ୍ନ ସଂଗଠନ, ମହିଳା ଗ୍ରୁପ ସାଙ୍ଗକୁ ଦଳୀୟ କର୍ମୀମାନେ ଉତ୍ସବିତ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ପରେ କାଳୀପଡିଆ ଠାରେ ଏକ ସମ୍ବର୍ଦ୍ଧନା ସଭା ଆୟୋଜନ କରାଯାଇଥିଲା। ଜିଲ୍ଲା ବିଜେପି ସମ୍ପାଦକ କମଳା କାନ୍ତ ସୁତାରଙ୍କ ସଂଯୋଜନାରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ଜିଲ୍ଲା କୃଷକ ମୋର୍ଚ୍ଚା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଆଇନଜୀବୀ ଉପେନ୍ଦ୍ର ରାଉଳ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ଶ୍ରୀ ସାମଲ ଚାନ୍ଦବାଲି ନିର୍ବାଚନମଣ୍ଡଳୀ ହେଉଛି ତାଙ୍କ କର୍ମଭୂମି ବୋଲି କହିବା ସହ ନିର୍ବାଚନମଣ୍ଡଳୀ ଏଠାରେ ଥିବା ସମସ୍ୟାର ସମାଧାନ କରିବାକୁ ତାଙ୍କ ସରକାର ଯତ୍ନବାନ ଅଛନ୍ତି। ତେଣୁ ଦଳମତ ନିର୍ବିଶେଷରେ ଆଗାମୀ ଦିନରେ ଚାନ୍ଦବାଲି ନିର୍ବାଚନମଣ୍ଡଳୀରେ ହେବାକୁ ଥିବା ବିକାଶ କ୍ଷେତ୍ରରେ ସମସ୍ତେ ସହଯୋଗ ହାତ ବଢ଼ାଇବାକୁ ପରାମର୍ଶ ଦେଇଥିଲେ। ରାଜ୍ୟରେ ବିଶେଷ କରି ଚାନ୍ଦବାଲି ବ୍ଲକର ଧାମରା ଠାରେ ଆଗାମୀ ଦିନରେ ବ୍ୟାପକ ପୁଞ୍ଜି ବିନିଯୋଗ ହେବ,ଫଳରେ ଏଠାରେ ଶିଳ୍ପ ପ୍ରତିଷ୍ଠା ସାଙ୍ଗକୁ ବ୍ୟାପକ ନିଯୁକ୍ତି ସମ୍ଭାବନା ସୃଷ୍ଟି ହେବାକୁ ଯାଉଛି। ଖୁବ୍‌ଶୀଘ୍ର ଜଗତପୁର-ଆନନ୍ଦପୁର ରାଜ୍ୟ ରାଜପଥକୁ ଜାତୀୟ ରାଜପଥରେ ପରିଣତ କରିବାକୁ ସର୍ଭେ ଆରମ୍ଭ ହୋଇଥିବା ସେ ପ୍ରକାଶ କରିଥିଲେ। ମୁଖ୍ୟଅତିଥି ରାଜ୍ୟ ନଗର ଉନ୍ନୟନ ମନ୍ତ୍ରୀ ଡ.କୃଷ୍ଣ ଚନ୍ଦ୍ର ମହାପାତ୍ର ତାଙ୍କ ଅଭିଭାଷଣରେ ଶ୍ରୀ ସାମଲଙ୍କୁ ଉଚ୍ଚ ପ୍ରଶଂସା କରିବା ସହିତ ଚାନ୍ଦବାଲି ଏନ୍‌ଏସିକୁ ରାଜ୍ୟ ସରକାର ଏକ ମଡେଲ ଏନ୍‌ଏସିରେ ପରିଣତ କରିବାକୁ ସେ ସମସ୍ତ ସହଯୋଗ କରିବାକୁ ଘୋଷଣା କରିଥିଲେ। ଏହି ଅବସରରେ ନୂତନ ଭାବେ ଏନ୍‌ଏସିରେ ଅନେକ ପାର୍କ ସାଙ୍ଗକୁ ଅନେକ ବିଭାଗ ବାଳେପୋଖରୀର ପୂର୍ଣ୍ଣାଙ୍ଗ ପ୍ରତିମୂର୍ତ୍ତି ପ୍ରତିଷ୍ଠା ହେବ ବୋଲି ଘୋଷଣା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ନେତା କିଶୋର ନାୟକ, କାହ୍ନୁ ବେହେରା,ପୂର୍ଣ୍ଣଚନ୍ଦ୍ର ପାଣି, ସନାତନ ସାହୁ, ଜିଲ୍ଲା କୃଷକ ମୋର୍ଚ୍ଚା ସଭାପତି ଅଶୋକ ରାଉଳ, ଜଗନ୍ନାଥ ରାଉତ, ସରୋଜ କର, ପାରିଷଦ ଚନ୍ଦନ ରାଉତ, ମିତ୍ରଭାନୁ ଦାସ, ବିକାଶ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ଜାତୀୟ ରାଜପଥ -ନୂଆପୁର ରାସ୍ତା ନିର୍ମାଣର ଶିଳାନ୍ୟାସ

ବାଲେଶ୍ୱର,(ସବ୍ୟୁ): ବାଲେଶ୍ୱର ସଦର ନିର୍ବାଚନମଣ୍ଡଳୀରେ ବିକାଶ ଧାରାକୁ ତ୍ୱରାନ୍ୱିତ କରିବାରେ ବିଧାୟକ ମାନସ କୁମାର ଦତ୍ତଙ୍କ ଅବିରତ ଉଦ୍ୟମ ଜନସାଧାରଣଙ୍କ ସୁଫଳ ପ୍ରଦାନରେ ସହାୟକ ହୋଇଛି । ଏହି ପରିପ୍ରେକ୍ଷୀରେ ଲୋକଙ୍କ ଦୀର୍ଘ ଦିନର ଦାବିକୁ ଦୃଷ୍ଟିରେ ରଖି ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ୬୦ନଂ ଜାତୀୟ ରାଜପଥ ଠାରୁ ନୂଆପୁର ପର୍ଯ୍ୟନ୍ତ ରାସ୍ତା ନିର୍ମାଣ ପାଇଁ ଶିଳାନ୍ୟାସ ସ୍ଥାପନ କରାଯାଇଛି । ଏହି ରାସ୍ତା ବଇଁଚା, ବୁଆଁଳ ଓ ନଗ୍ରମ ପଞ୍ଚାୟତ ଦେଇ ଜାତୀୟ ରାଜପଥକୁ ଛୁଇଁବ । ମୋଟ ୪.୯୦୦ କିଲୋମିଟର ଲମ୍ବର ରାସ୍ତା ନିର୍ମାଣ ପାଇଁ ୬କୋଟି ୬୬ଲକ୍ଷ ଟଙ୍କା ଖର୍ଚ୍ଚ ଅଟକଳ କରାଯାଇଛି । ଏ ନେଇ ବଇଁଚା ପଞ୍ଚାୟତର ଗୁଜୁରୀ ବଜାର ଛକ ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ବିଧାୟକ ଶ୍ରୀ ଦତ୍ତ ଯୋଗଦେଇ ନୂତନ ରାସ୍ତାର ଶିଳାନ୍ୟାସ କରିଥିଲେ । ଏହି ନୂତନା ରାସ୍ତା ନିର୍ମାଣ ଦ୍ୱାରା ଲୋକ ସିଧାସଳଖ ଜାତୀୟ ରାଜପଥ ଦେଇ ବିଭିନ୍ନ ସ୍ଥାନକୁ ଯାତାୟତ ପାଇଁ ସବୁଦିନିଆ ରାସ୍ତା ପାଇବେ । ଏଥିରେ ବଇଁଚା, ବୁଆଁଳ ଓ ନଗ୍ରମ ପଂଚାୟତ ସମେତ ସଦର ନିର୍ବାଚନମଣ୍ଡଳୀର ସଂଖ୍ୟାଧିକ ପଂଚାୟତର ଲକ୍ଷାଧିକ ଲୋକ ଉପକୃତ ହେବେ ବୋଲି ବିଧାୟକ ଶ୍ରୀ ଦତ୍ତ ଆଶା ପ୍ରକାଶ କରିଥିଲେ । ରାସ୍ତା ନିର୍ମାଣରେ ଉତମ ଗୁଣବତା ରକ୍ଷା ସହିତ ସଠିକ ମାନଦଣ୍ଡ ଓ ଧାର୍ଯ୍ୟ ସମୟସୀମା ମଧ୍ୟରେ ଯୋଜାନବଦ୍ଧ ଭିତ୍ତିରେ ସାରିବାକୁ ବିଧାୟକ ଶ୍ରୀ ଦତ୍ତ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ପରେ ବିଧାୟକ ବୁଆଁଳ ପଞ୍ଚାୟତ ପାଇଁ ଉଦ୍ଦିଷ୍ଟ ୪୦ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ ଅଟକଳରେ ୧୦ଟିରୁ ଅଧିକ ପ୍ରକଳ୍ପ ପାଇଁ ଶିଳାନ୍ୟାସ କରିଥିଲେ । ଜିଲ୍ଲା ପରିଷଦ ସଦସ୍ୟ ଗୟାଧର ବେହେରା, ବଇଁଚା ସରପଂଚ ରବିନାରାୟଣ ପ୍ରଧାନ ଓ ସମିତି ସଭ୍ୟା ଗୀତା ସୋରେନ, ବୁଆଁଳ ସରପଂଚ ଜିତେନ ଯେନା ଓ ସମିତି ସଭ୍ୟ ମାୟାଧର ମହାଲିକ, ନଗ୍ରମ ସରପଂଚ ବନିତା ଭୂଁୟା ଓ ସମିତି ସଭ୍ୟ ରଞ୍ଜନ କୁମାର ପାଣି ପ୍ରମୁଖ ଏହି ଶିଳାନ୍ୟାସ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ।

# ନେତାଜୀ ଜନ କଲ୍ୟାଣ ସଂସ୍ଥାର ତାଳମଞ୍ଜି ରୋପଣ

ବାଲେଶ୍ୱର,(ସବ୍ୟୁ): ବଜ୍ରପାତ ଯୋଗୁଁ ବହୁ ଧନଜୀବନ ହାନୀ ହେଉଥିବା ବେଳେ ସେଥିରୁ ରକ୍ଷାପାଇବା ପାଇଁ ତାଳଗଛ ଏକମାତ୍ର ମାଧ୍ୟମ ହୋଇଥିବାରୁ ଏବେ ବିଭିନ୍ନ ସ୍ଥାନରେ ସରକାରୀ ଓ ବେସରକାରୀସ୍ତରରେ ତାଳମଞ୍ଜି ରୋପଣ କରାଯାଉଛି । ଆଗରୁ ଯେତେ ସଂଖ୍ୟକ ତାଳଗଛ ରହିଥିଲା ସେହିସବୁ ଗଛଗୁଡ଼ିକ ଏବେ ଏକପ୍ରକାର ଲୋପ ପାଇଯାଇଥିବାରୁ ବଜ୍ରପାତ ଭଳି ଘଟଣା ବ୍ୟାପକଭାବେ କ୍ଷତି ଘଟାଉଛି । ତାହାକୁ ଦୃଷ୍ଟିରେ ରଖି ନେତାଜୀ ଜନକଲ୍ୟାଣ ସଂସ୍ଥାର ସମ୍ପାଦକ ତଥା ଶିକ୍ଷକ ନେତା ପ୍ରଦୀପ ଜେନା ଓ ଅନ୍ୟ ସଭ୍ୟ ସଭ୍ୟାମାନେ ପର୍ଯ୍ୟାୟ କ୍ରମେ ୧୮୬୯ଟି ତାଳମଞ୍ଜି ଲଗାଇଥିବା ଜଣାପଡ଼ିଛି । ଗତ ଅଗଷ୍ଟମାସରେ ଟିକାୟତପୁର ଅଞ୍ଚଳରେ ୪୪୪ଟି ଏବଂ ମଧୁପୁରା ତ୍ରିବେଣୀ ଅଞ୍ଚଳରେ ୪୫୦ଟି , ତ୍ରିବେଣୀର ପଶ୍ଚିମପାଖ ହୁଡ଼ାରେ ୫୨୫ଟି, ଉତ୍ତରପଟ ହୁଡ଼ାରେ ୪୫୦ଟି ତାଳମଞ୍ଜି ରୋପଣ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ତନ୍ମୟ ନାୟକ, ଶୁଭମ୍ ଜେନା, କିରଣ ଦାସ, ସତ୍ୟପ୍ରକାଶ ରାଉତ, ଅଭିଜିତ ଜେନା, ପଙ୍କଜ ନାୟକ, ଭବାନୀ ଶଙ୍କର ଜେନା, ଅନନ୍ତ ପରିଡ଼ା, ଅବିନାଶ ଜେନା, ବିଶ୍ୱଜିତ ଜେନା ପ୍ରମୁଖ ସହଯୋଗ କରିଥିଲେ । ଗତବର୍ଷ ମଧ ସଂସ୍ଥା ପକ୍ଷରୁ ୧୭୧୯ଟି ତାଳମଞ୍ଜି ରୋପଣ କରାଯାଇଥିବା ବେଳେ ତାହା ଏବେ ବଢି ଚାଲିଛି । ଆଗକୁ ଏହି ଭଳି କାର୍ଯ୍ୟକ୍ରମ ଜାରି ରହିବ ବୋଲି ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି ।

# ଜଳିଗଲା ୪ଦୋକାନ ଲକ୍ଷାଧିକ ଟଙ୍କାର କ୍ଷୟକ୍ଷତି

ଆଗରପଡ଼ା,(ସବ୍ୟୁ): ସୋମବାର ବିଳମ୍ବିତ ରାତିରେ ଆଗରପଡ଼ାସ୍ଥିତ ଶୁଭଦ୍ରା ମହତାବ ସାପ୍ତାହିକୀ ହାଟ ସାମ୍ନାରେ ଥିବା ୪ଗୋଟି ଦୋକାନରେ ଅଗ୍ନିକାଣ୍ଡ ଘଟି ଲକ୍ଷାଧିକ ଟଙ୍କାର କ୍ଷୟକ୍ଷତି ଘଟିଥିବାର ପ୍ରାକ୍ ଆକଳନରୁ ଜଣାପଡ଼ିଛି। ବଜାର ବନ୍ଦ ହେବାପରେ ଦୋକାନ ବନ୍ଦ କରି ଦୋକାନୀମାନେ ଘରକୁ ଯାଇଥିଲେ। ବିଳମ୍ବିତ ରାତିରେ ଦୋକାନ ନିକଟସ୍ଥ ଗାଁର ଜନୈକ ବ୍ୟକ୍ତି ପରିସ୍ରା କରିବାକୁ ବାହାରକୁ ଉଠିଥିବାବେଳେ ଦୋକାନଗୁଡ଼ିକ ମଧ୍ୟରୁ ଧୂଆଁ ବାହାରୁଥିବାର ଦେଖି ଚିତ୍କାର କରି ଲୋକମାନଙ୍କୁ ଡାକିଥିଲେ। ପରେ ଖବର ପାଇ ଅଗ୍ନିଶମ ବାହିନୀ ନିଆଁକୁ ଆୟତ୍ତ କରିଥିଲେ ନଚେତ ଅନେକ ଦୋକାନ ପୋଡ଼ି ପାଉଁଶ ହୋଇ ଯାଇଥାନ୍ତା। ଅଶୋକ ଗୁପ୍ତାଙ୍କ ତେଜରାତି ଦୋକାନ,ସୁବାସ ପଢ଼ିଆରୀଙ୍କ ପୂଜା ସାମଗ୍ରୀ ଦୋକାନ,କାର୍ତ୍ତିକ ଦାସଙ୍କ ହାର୍ଡ ୱେୟାର ଷ୍ଟୋର,ରାଧାଶ୍ୟାମ ରାଉତଙ୍କ ଷ୍ଟୁଡିଓରେ ଅଗ୍ନି ସଂଯୋଗ ହୋଇ ଲକ୍ଷାଧିକ ଟଙ୍କାର ବିଭିନ୍ନ ସାମଗ୍ରୀ ପୋଡ଼ି ନଷ୍ଟ ହୋଇଥିବାର ଜଣାପଡ଼ିଛି। ବିଦ୍ୟୁତ ସର୍ଟ ସର୍କିଟରୁ ଏହି ଅଗ୍ନିକାଣ୍ଡ ଘଟି ଥାଇପାରେ ବୋଲି ଅନୁମାନ କରାଯାଉଛି।

# ଡାବାରୁ ବିଦେଶୀ ମଦ ଜବତ ଜଣେ ଗିରଫ

ସୋର,(ସବ୍ୟୁ): ସୋର ଥାନା ୧୬ନମ୍ବର ଜାତୀୟ ରାଜପଥ ତଳନଗର ନିକଟରେ ଥିବା ମୋନାଲି ଡାବା ଉପରେ ପୁଲିସ ଚଢାଉ କରି ୧୨ ଲିଟର ବିଦେଶୀ ମଦ ଜବଦ କରିବା ସହିତ କୁଡ଼େଇ ଗ୍ରାମର ମାୟାଧର ସେଠୀକୁ ସୋର ଥାନାକୁ ଆଣି ଅଟକ ରଖିଥିଲେ । ମଙ୍ଗଳବାର ଦିନ ଏବାବଦରେ ସୋର ଥାନାରେ କେସ୍ ନମ୍ବର ୭୫୦ /୨୦୨୫ ମୂଳେ ଏକ ମାମଲା ରୁଜୁ କରାଯାଇ ଗିରଫ ମାୟାଧରଙ୍କୁ ଡାକ୍ତରୀ ମାଇନାପରେ କୋର୍ଟ ଚାଲାଣ କରାଯାଇଛି । ସୋର ଥାନା ଅଧିକାରୀ ସୁଦୀପ୍ତ ସାହୁଙ୍କ ନିର୍ଦ୍ଦେଶରେ ଥାନା ଏସ୍ ଆଇ ଶୁଭସ୍ମିତା ପାଲ ସୋମବାର ରାତିରେ ମୋନାଲି ଡାବା ଉପରେ ଚଢାଉ କରି ମାୟାଧରଙ୍କୁ ଧରି ମଦସହ ଥାନାକୁ ଆଣି ଥିଲେ ।

# ଏସ୍‌ଏଚଜି ଲକ୍ଷାଧିକ ଟଙ୍କା ଆର୍ଥିକ ଅନିୟମିତତା ଥାନାରେ ଗୋଷ୍ଠୀର ମହିଳା ସଦସ୍ୟ

ଦୋବଲ,(ସବ୍ୟୁ): ଧାମନଗର ବ୍ଲକ ଅନ୍ତର୍ଗତ କରଦା ପଞ୍ଚାୟତର ମହାଲକ୍ଷ୍ମୀ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ସଭାନେତ୍ରୀଙ୍କ ଦ୍ୱାରା ଆର୍ଥିକ ଅନିୟମିତତା ନେଇ ଗୋଷ୍ଠୀର ସମ୍ପାଦିକାଙ୍କ ସହ ଅନ୍ୟ ସଦସ୍ୟାମାନେ ମଙ୍ଗଳବାର ପୂର୍ବାହ୍ନରେ ଧାମନଗର ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ମୁତାବକ ମହାଲକ୍ଷ୍ମୀ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ଋଣ ଅର୍ଥର ମାସିକିଆ ପରିଶୋଧ ଅର୍ଥକୁ ସମସ୍ତ ମହିଳା ବିଶ୍ୱାସରେ ସଭାନେତ୍ରୀଙ୍କୁ ହସ୍ତାନ୍ତର କରିଥାନ୍ତି। ହେଲେ ଋଣ ସୁଝିବା ନେଇ ସଦସ୍ୟାମାନେ ସଭାନେତ୍ରୀଙ୍କୁ ଦେଉଥିବା ଅର୍ଥକୁ ବ୍ୟାଙ୍କରେ ପୈଠ ନକରିବା,ମାସିକିଆ କିସ୍ତି ଅର୍ଥକୁ ନଦେଇ ଗୋଷ୍ଠୀ ନାମରେ ଥିବା ସେଭିଂ ଏକାଉଣ୍ଟରୁ ବିନା ଅନୁମତିରେ ଉଠାଣ କରି ଋଣ ସୁଝିବା,ସଭାନେତ୍ରୀ ଜଣଙ୍କ ସମ୍ପାଦିକାଙ୍କ ଜାଲ ଦରଖାସ୍ତ କରି ବ୍ୟାଙ୍କରୁ ଟଙ୍କା ଉଠାଣ କରିବା,ରିଜୋଲୋସନ ଖାତାରେ ବ୍ଲାଙ୍କ ଦସ୍ତଖତ କରିବା ସହ ଟଙ୍କା ଉଠାଣ ସମୟରେ ସଦସ୍ୟାମାନଙ୍କୁ ନଜଣାଇବା,ଚେକ୍ ବହିରେ ସମ୍ପାଦିକାଙ୍କ ଜାଲ ଦସ୍ତଖତ କରି ଟଙ୍କା ଉଠାଣ ଆଦି କରାଯାଇ ଲକ୍ଷାଧିକ ଟଙ୍କା ହଡ଼ପ କରାଯାଇଛି। ଏପରିକି ଗତ ୨୨/୧୧/୨୪ ତାରିଖରେ ଏକ ଲକ୍ଷ ଋଣ ଉଠାଣ କରିବା ପରିବର୍ତ୍ତେ ଦୁଇ ଲକ୍ଷ ଋଣ ଉଠାଣ କରି ସଦସ୍ୟା ମାନଙ୍କୁ ଏକ ଲକ୍ଷ ଟଙ୍କା ଋଣ ଉଠାଣ କରାଯାଇଛି ବୋଲି କହି ଅବଶିଷ୍ଟ ଏକ ଲକ୍ଷ ଟଙ୍କା ସଭାନେତ୍ରୀ ହଡ଼ପ କରିଛନ୍ତି ବୋଲି ଅଭିଯୋଗ ହୋଇଛି। ସେହିପରି ଏହି ଟଙ୍କା ସମ୍ବନ୍ଧରେ ସଭାନେତ୍ରୀଙ୍କୁ ପଚାରିବାରୁ ଓଲଟା ସଦସ୍ୟାମାନଙ୍କୁ ଗାଳିଗୁଲଜ କରନ୍ତି ବୋଲି କହିଛନ୍ତି। ଉକ୍ତ ସଭାନେତ୍ରୀ ସୁନିଲତା ସାହୁ ମାଳସାହି ଆଂଚଳିକ ମଂଚର ସିଆରପି ମଧ ଅଛନ୍ତି। ପୂର୍ବରୁ ଏହି ଆର୍ଥିକ ହେରଫେରକୁ ନେଇ ବ୍ଲକର ବିଭିନ୍ନ ବିଭାଗୀୟ ଅଧିକାରୀଙ୍କୁ ଲିଖିତ ଅଭିଯୋଗ କରିଥିଲେ ମଧ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକରିବା ନେଇ ମଧ କହିଥିଲେ। ଅମ୍ବିକା ସାହୁ,ଦୂର୍ଗାବତି ସାହୁ,ବିଷ୍ଣୁପ୍ରିୟା ସାହୁ,ପୂଜାରାଣି ସାହୁ,ପ୍ରତିମା ସାହୁ,ସାରଥି ସାହୁ,ପ୍ରଣତି କର ଏବଂ ସରଦା କର ପ୍ରମୁଖ ଉପସ୍ଥିତ ରହି ଅଭିଯୋଗ କରିଥିଲେ।

# ଭାଇରାଲ ହେଉଛି ସଙ୍ଗୀତ ମାଧ୍ୟମରେ ଖଇରା ଏନଏସି ଦାବି

ଖଇରା,(ସବ୍ୟୁ): ବାଲେଶ୍ୱର ଜିଲ୍ଲାର ଖଇରାକୁ ଏନଏସି ଦାବି ନେଇ ବିଭିନ୍ନ ସଙ୍ଗଠନର ସମର୍ଥନରେ ବ୍ଲକ ଗେଟ ସମ୍ମୁଖରେ ଗଣଧାରଣା ରେ ବସିଥିବା ଖଇରା ସ୍ୱାଭିମାନ ମଞ୍ଚ ମଙ୍ଗଳବାର ଥିଲା ଦ୍ୱିତୀୟ ଦିବସ । ମଙ୍ଗଳବାର ଭିନ୍ନ ଢଙ୍ଗର ଦାବୀ ଶୈଳୀ ଦୃଶ୍ୟ ଏବେ ସାମାଜିକ ଗଣମାଧ୍ୟମରେ ଘୁରିବୁଲୁଛି । କିଶୋର ରାଉତ ଙ୍କ ସଙ୍ଗୀତ ସଂଯୋଜନା ରେ ପ୍ରସ୍ତୁତ ଖଇରା ଏନଏସି ହେବ ରେ ଭାଇ ଖଇରା ଏନଏସି ହେବ । ଏନଏସି ଘୋଷଣା ନହେବା ଯାଏ ଆନ୍ଦୋଳନ ଚାଲୁଥିବ । ଖଇରା ମାଟି ଜିନ୍ଦାବାଦ,ବିପ୍ଳବ ମାଟି ଜିନ୍ଦାବାଦ ଗୀତ ମାଧ୍ୟମରେ ଖଇରାବାସୀ ଏକ ହୋଇ ଦାବୀପୂରଣ ପାଇଁ ଆହ୍ୱାନ ଦେବା ଦୃଶ୍ୟ ଦେଖିବାକୁ ମିଳିଛି । ଏହିଭଳି ଭାବେ ହାରମୋନିୟମ ଓ ତବଲା ସାଙ୍ଗକୁ ଗୀତର ତାଳେ ତାଳେ ସ୍ଲୋଗାନ ଆନ୍ଦୋଳନକାରୀଙ୍କୁ ଆଗକୁ ବଢିବାକୁ ପ୍ରେରଣା ଦେଉଛି । ଏହି ଗୀତ ସାମାଜିକ ଗଣମାଧ୍ୟମରେ ପ୍ରବଳ ମାତ୍ରାରେ ଭାଇରାଲ ହେଉଥିବା ବେଳେ ସରକାରୀ କଳ ଉପରେ ଚାପ ସୃଷ୍ଟି କରିବ ବୋଲି ଆଲୋଚନା ହେଉଛି । ଦିତୀୟ ଦିନ ମଧ୍ୟ ପ୍ରାକ୍ତନ ବିଧାୟକ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ଆନ୍ଦୋଳନରେ ସାମିଲ ହୋଇ ମଞ୍ଚ ସଦସ୍ୟଙ୍କୁ ଉତ୍ସାହିତ କରିଥିଲେ।

# ବିଦ୍ୟୁତ ଆଘାତରେ ମହିଳା ମୃତ

ଭଣ୍ଡାରିପୋଖରୀ,(ସବ୍ୟୁ): ମଞ୍ଜୁରୀରୋଡ ଫାଣ୍ଡି ଅନ୍ତର୍ଗତ ଥଇଲା ମାଝୀସାହିର ଅଜୟ ମାଝୀଙ୍କ ପତ୍ନୀ ପାର୍ବତୀ ବେହେରା(୨୬) ବିଦ୍ୟୁତ ଆଘାତରେ ମଙ୍ଗଳବାର ପୂର୍ବାହ୍ନ ୧୦ଟାରେ ପ୍ରାଣ ହରାଇଥିବା ଜଣାଯାଇଛି। ଦେଡ଼ବର୍ଷ ଶିଶୁପତ୍ରକୁ ନେଇ ଗତ ସୋମବାର ଆଖଣ୍ଡଳମଣି ଦର୍ଶନ କରି ଫେରିଥିଲେ। ବୁଧବାର ପୁରୀଯିବା ପାଇଁ ଲୁଗାପଟା ସଫା କରିବା ପାଇଁ ନଳକୂପ ସଂଲଗ୍ନ ପାଣିମୋଟର ସୁଇଚ ସ୍ୱର୍ଶ କରିବା ମାତ୍ରେ ବିଦ୍ୟୁତ ଆଘାତ ଲାଗିଥିଲା। ସରପଞ୍ଚ ପୂର୍ଣ୍ଣଚନ୍ଦ୍ର ମାଝୀ, ସମାଜସେବୀ ଦେବାନନ୍ଦ ସାହୁ ପ୍ରମୁଖ ଗ୍ରାମବାସୀମାନେ ଓ ପରିବାର ଲୋକେ ସଂଜ୍ଞାହୀନ ପାର୍ବତୀଙ୍କୁ ଭଣ୍ଡାରିପୋଖରୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଡାକ୍ତରଙ୍କ ରିପୋର୍ଟ କ୍ରମେ ୧୯/୨୫ନଂ ଅପମୃତ୍ୟୁ ମାମଲା ରଜୁ କରାଯାଇ ବ୍ୟବଚ୍ଛେଦ ପାଇଁ ଶବ ଭଦ୍ରକ ପଠାଯାଇଥିଲା। ଘଟଣାକୁ ନେଇ ଗ୍ରାମରେ ଶୋକାକୂଳ ପରିବେଶ ସୃଷ୍ଟି ହୋଇଥିଲା।

# ପରିବେଶ ସଚେତନତା କାର୍ଯ୍ୟକ୍ରମ




କରଞ୍ଜିଆ, (ସବ୍ୟୁ) :ମୟୂରଭଞ୍ଜ ଜିଲ୍ଲା କରଞ୍ଜିଆ ବ୍ଲକ ଅନ୍ତର୍ଗତ କାଦଡିହା ରଘୁନାଥ ଡିଗ୍ରୀ ମହାବିଦ୍ୟାଳୟରେ ପରିବେଶ ସଚେତନତା ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଅଧକ୍ଷ ଡକ୍ଟର ଭାଗବତ ଲେଙ୍କା ଙ୍କ ଅଧକ୍ଷତାରେ ଅନୁଷ୍ଠିତ ଆଲୋଚନାଚକ୍ର ରେ ମୁଖ୍ୟ ଅତିଥି ରୂପେ ସହକାରୀ କରଞ୍ଜିଆ ବନଖଣ୍ଡ ଅଧିକାରୀ ମଦନ ମୋହନ ମହାନ୍ତ , ରେଞ୍ଜର ପ୍ରଶାନ୍ତ କୁମାର ସ୍ୱାଇଁ ଓ ଫରେଷ୍ଟର ହରିଶ ଚନ୍ଦ୍ର ବେହେରା ଯୋଗ ଦେଇଥିଲେ। ଅଧ୍ୟାପିକା ଯଶୋଦା ରାଉତ , ଧରଣୀ ଧର ତ୍ରିପାଠୀ , ରମାକାନ୍ତ ପାଢ଼ୀ ପ୍ରମୁଖ ମତବ୍ୟକ୍ତ କରିଥିଲେ ପରିବେଶ ଉପରେ ସେମାନଙ୍କ ବ୍ୟକ୍ତବ୍ୟ ରଖିଥିଲେ। ରଘୁନାଥ ଡିଗ୍ରୀ ମହାବିଦ୍ୟାଳୟ ଜାତୀୟ ସେବା ଯୋଜନାର ଛାତ୍ର ଛାତ୍ରୀ ମାନେ ଏକ ବିଶାଳ ପଦଯାତ୍ରାରେ ଗାଁ ର ଲୋକ ମାନଙ୍କୁ ଯାଇ ସଚେତନତା କରାଇଥିଲେ ।ଏନ ଏସ ଏସ ର ପ୍ରୋଗ୍ରାମ ଅଫିସର ଅଧାପକ ବନମାଳୀ ମହାନ୍ତ ସାଗତ ଭାଷଣ ଦେବା ସହ ୧୭ ତାରିଖରେ ଏକ ବିରାଟ ବୃକ୍ଷ ରୋପଣ କାର୍ଯ୍ୟ ଆୟୋଜନ ହେଉଛି ।ଏହି କାର୍ଯ୍ୟକ୍ରମ ରେ ସମସ୍ତ ଛାତ୍ରଛାତ୍ରୀଙ୍କୁ ସାମିଲ ହେବା ପାଇଁ ଜଣାଇଥିଲେ । ।

# ବ୍ରାଉନସୁଗର ଜବତ : ଯୁବକ ଗିରଫ

ଢେଙ୍କିକୋଟ ,(ସବ୍ୟୁ): ସୋମବାର ଘଟଗାଁ ରଥ ସାହିର ବାସୁଦେବ ତ୍ରିପାଠୀଙ୍କ ପୁଅ ଆଶୁତୋଷ ତ୍ରିପାଠୀ ( ୨୨) ଙ୍କୁ ବ୍ରାଉନସୁଗାର ରଖିବା ଅଭିଯୋଗରେ ଘଟଗାଁ ଥାନା ଅଧିକାରୀ ଶୁଭ୍ରାଂଶୁ କୁମାର ଜେନା ଗିରଫ କରିଛନ୍ତି । ସେ ବ୍ରାଉନ ସୁଗାର ରଖିଥିବା ଖବର ପାଇବାପରେ ଥାନା ଅଧିକାରୀ ତାକୁ ଆନନ୍ଦପୁର ଘଟଗାଁ ବାଇପାସ ନିକଟରୁ ଧରିଥିଲେ । ତା ପାଖରୁ ୧୧୮ ଗ୍ରାମ ବ୍ରାଉନ ସୁଗାର ଜବତ ହୋଇଛି । କେଶ ନମର୍ ୩୮୯ ୟୁ/ଏସ ୨୧( ବି) ଏନଡିପିଏସ ଆକ୍ଟ ଅନୁଯାୟୀ ଗିରଫ କରାଯାଇଛି । ।

# ବିସିଇଟିରେ ଇଞ୍ଜିନିୟରିଂ ଦିବସ ପାଳିତ




ବାଲେଶ୍ୱର,(ସବ୍ୟୁ): ସେରଗଡ଼ ସ୍ଥିତ ବାଲେଶ୍ୱର କଲେଜ ଅଫ୍ ଇଞ୍ଜିନିୟରିଂ ଏଣ୍ଡ ଟେକ୍ନୋଲୋଜି (ବିସିଇଟି) ପରିସରରେ ଇଞ୍ଜିନିୟରିଂ ଦିବସ ଇତିମଧ୍ୟରେ ପାଳିତ ହୋଇଯାଇଛି। ସର୍ବପ୍ରଥମେ ଇଂ.ଏମ୍. ବିଶ୍ୱେଶ୍ୱର ରାୟଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ତାଙ୍କର ଜନ୍ମ ତିଥିକୁ ସାରା ଭାରତବର୍ଷରେ ଇଞ୍ଜିନିୟର ଡେ ରୁପେ ପାଳନ କରାଯାଉଅଛି। ଅନୁଷ୍ଠାନର ନିର୍ଦ୍ଦେଶକ ପ୍ରଫେସର ଡ. ରତିକାନ୍ତ ସାହୁଙ୍କ ଅଧକ୍ଷତାରେ ଏକ ସାଧାରଣ ସଭାର ଆୟୋଜନ କରାଯାଇଥିଲା। ଏଥିରେ ଚାନ୍ଦିପୁରସ୍ଥିତ ଆଇ.ଟି.ଅର. ଡି.ଆର.ଡ଼ି.ଓର ସାଇନ୍ସଷ୍ଟି ଜି ଗ୍ରୁପ୍ ଡାଇରେକ୍ଟର ଇଂ. ମ୍ରିନାଲ ଗୋସ୍ୱାମୀ, ମୁଖ୍ୟ ଅତିଥି ଏବଂ ଔଦ୍ୟୋଗି ଇଂ ସନୁ ଖଣ୍ଡେଲୱାଲ ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିଲେ। ଆଗାମି ଦିନରେ କୃତିମ ବୁଦ୍ଧିମତା ଓ ଯାନ୍ତ୍ରିକ ପ୍ରଶିକ୍ଷଣ ମାଧ୍ୟମରେ ଏକ ନୂତନ ଯୁଗର ଅୟମାରମ୍ଭ ହେବାକୁ ଯାଉଛି। ଦେଶ ଗଠରେ ଇଞ୍ଜିନିୟରିଂ ମାନଙ୍କର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ତାଙ୍କର ବକ୍ତବ୍ୟରେ ପ୍ରକାଶ କରିଥିଲେ। ଇଞ୍ଜିନିୟରିଂ ବିଭାଗର ଛାତ୍ର-ଛାତ୍ରୀମାନଙ୍କ ଦ୍ୱାରା ପ୍ରସ୍ତୁତ ହୋଇଥିବା ପ୍ରକଳ୍ପ ଗୁଡ଼ିକ ପ୍ରଦର୍ଶିତ ହୋଇଥିଲା। ଏଥିରେ ଇଲେକ୍ଟ୍ରୋନିକସ୍ ଏଣ୍ଡ ଟେଲିକମ୍ୟୁନିକେସନ ବିଭାଗ ପ୍ରଥମ, ସିଭିଲ ଇଞ୍ଜିନିୟରିଂ ଦ୍ୱିତୀୟ ଓ କମ୍ପ୍ୟୁଟର ସାଇନ୍ସ ଏଣ୍ଡ ଇଞ୍ଜିନିୟରିଂ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଅନୁଷ୍ଠାଦର ଅଧକ୍ଷ ଡକ୍ଟର ଶିବେନ୍ଦ୍ର କୁମାର ଘରାଇ, ଉପାଧକ୍ଷ ପ୍ରଫେସର ଜେ୍ୟାତିରଞ୍ଜନ ରାଉତ, ଏକାଡ଼େମିକ୍ ଡିନ୍ ଇଂ. ସରୋଜ କୁମାର ପାତ୍ର, ଆଇ.କ୍ୟୁ.ଏସି. ମୁଖ୍ୟ ଡ. ଧିରେନ୍ଦ୍ର କୁମାର ଜେନା, ଆଇ.ଆଇ.ସି ମୁଖ୍ୟ ଡ. ମୃତ୍ୟୁଞ୍ଜୟ ଦାସ ପ୍ରମୁଖ ଯୋଗ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ଟ୍ରେନିଂ ପ୍ଲେସମେନ୍ଟ ମୁଖ୍ୟ ଅଧାପକ ସାରଦା ପ୍ରସନ ପଟ୍ଟନାୟକ ଓ ସହ ପ୍ଲେସ୍‌ମେନ୍ଟ ଅଧିକାରୀ ଶ୍ରୀମତୀ ସୁହାସିନୀ ଚୌଧୁରୀ ପରିଚାଳନା କରିଥିଲେ। ତତ୍ ସହିତ ସବୁ ବିଭାଗର ଅଧ୍ୟାପକ ଅଧ୍ୟାପିକା ମାନେ ଉକ୍ତ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଅନୁଷ୍ଠାନର ପ୍ରତିଷ୍ଠାତା ତଥା ପରିଚାଳନା ପରିଷଦର ସଭାପତି ଡ. ମନ୍ମଥ କୁମାର ବିଶ୍ୱାଳ, ସମ୍ପାଦିକା ସୁବ୍ରତା ବିଶ୍ୱାଳ, ଉପସଭାପତି ଅଭିଷେକ ବିଶ୍ୱାଳ ଓ ସହ-ଉପସଭାପତି ରାଜଶ୍ରୀ ସ୍ୱାଇଁ ଉକ୍ତ କାର୍ଯ୍ୟକ୍ରମରେ ଉପସ୍ଥିତ ସମସ୍ତ ନିମନ୍ତ୍ରିତ ଅତିଥି ଓ ଅଂଶଗ୍ରହଣ କରିଥିବା ସମସ୍ତ ବ୍ୟକ୍ତି ବିଶେଷଙ୍କୁ ଶୁଭେଚ୍ଛା ଜଣାଇଥିଲେ ।

# ଜିଲ୍ଲାର ୧୪ ହଜାର ଟ୍ରକ୍ ମାଲିକଙ୍କ ଅବସ୍ଥା ସଙ୍କଟାପନ୍ନ : ସୁଶାନ୍ତ ବାରିକ



କେନ୍ଦୁଝର, (ଜିପ୍ର) : ଖଣିଜ ସମ୍ପଦ ଭରା କେନ୍ଦୁଝର ଜିଲ୍ଲାର ୧୪ ହଜାର ଟ୍ରକ ମାଲିକଙ୍କ ଅବସ୍ଥା ଆଜି ସଙ୍କଟା ପନ୍ନ ବୋଲି ଟ୍ରକ ମାଲିକ ସଂଘର ସମ୍ପାଦକ ସୁଶାନ୍ ବାରି କହିଛନ୍ତି। ।ସ କହିଛନ୍ତି ଯେ ପରିବହନ ପାଇଁ ପ୍ରତି ଟନ୍‌ରେ ପିସି ନେଇ ନେତା ମାଲାମାଲ ହେଉଥିବାବେଳେ ଟ୍ରକ୍ ମାଲିକମାନେ ସର୍ବହରା ହେବାକୁ ବସିଲେଣି। ଖଣିଖାଦାନ ଜିଲ୍ଲାର ଟ୍ରକ୍‌ଗୁଡ଼ିକୁ ଖଣିଜ ପରିବହନ ପାଇଁ ଲୋଡ଼ିଂ ମିଳୁନି, ଏମିତିକି ଗତ ୧୫ ବର୍ଷ ତଳେ ଯେତିକି ଭଡ଼ା ଟ୍ରକ୍ ମାଲିକମାନଙ୍କୁ ମିଳୁଥିଲା ସେ ଭଡ଼ା ବଢ଼ିବା ବଦଳରେ ଅଧା ହ୍ରାସ ପାଇଲାଣି। ଯେଉଁ ଟ୍ରକ୍ ମାଲିକମାନେ ୨୦୦୭-୦୮ରେ ପାରାଦୀପକୁ ପରିବହନ ଟନ୍ ପିଛା ୩୧୦୦ ଟଙ୍କା ପାଉଥିଲେ, ସେ ଭଡ଼ା ବର୍ତ୍ତମାନ ୧୨୦୦ରେ ପହଞ୍ଚିଲାଣି। ଟ୍ରକ୍ ବଦଳରେ ଏବେ ରେଳରେ ଖଣିଜ ପରିବହନକୁ ଅଧିକ ପ୍ରାଧାନ୍ୟ ଦିଆଯାଉଥିବା ବେଳେ ସମ୍ପ୍ରତି 'ସ୍ଲରି' (ପାଇପ୍ ଦ୍ୱାରା ଖଣିଜ ପରିବହନ) ଆଉ ଏକ ବିପଦକୁ ଡ଼ାକିଆଣିଛି। ଫଳରେ ପର୍ଯ୍ୟାପ୍ତ ଲୋଡ଼ିଂ ମଧ୍ୟ ମିଳୁନାହିଁ। ଜିଲ୍ଲାରେ ୧୪ ହଜାର ଟ୍ରକ୍ ମାଲିକ ଓ ସେମାନଙ୍କ ପରିବାରର ପେଟପାଟଣା ବିପନ୍ନ ହେବାକୁ ବସିଥିବା ବେଳେ ସ୍ଥାନୀୟ ନେତାଙ୍କର ଏଥିରେ ଯା' ଆସ ନାହିଁ। ଏହାକୁ ନେଇ କେନ୍ଦୁଝର ଟ୍ରକ୍ ମାଲିକମାନେ ଏବେ ଦଳମତ ନିର୍ବିଶେଷରେ ଏକ ବଡ଼ ଆନ୍ଦୋଳନ ପାଇଁ ସଜବାଜ ହେଉଛନ୍ତି। ଏ ସମ୍ପର୍କରେ ଯୋଡ଼ା ଟ୍ରକ୍ ମାଲିକ ସଂଘର ପୂର୍ବତନ ସମ୍ପାଦକ ରବିନାରାୟଣ ଦାସ କହିଛନ୍ତି ।୨୦୧୮-୧୯ରେ ଗୋପାଳପୁରକୁ ଟନ୍ ପିଛା ୨୪୦୦ ଟଙ୍କା ଭଡ଼ା ଦିଆଯାଉଥିଲା। ଏବେ ମାତ୍ର ୧୭୦୦ ଟଙ୍କା ଦିଆଯାଉଛି। ଧାମରାକୁ ପୂର୍ବରୁ ୧୯୦୦ ଟଙ୍କା ଦିଆଯାଉଥିବା ବେଳେ ଏବେ ୧୫୦୦ ଟଙ୍କା ଦିଆଯାଉଛି। ଲୋଡ଼ିଂ ମଧ୍ୟ ପର୍ଯ୍ୟାପ୍ତ ମିଳୁନାହିଁ। ଡ଼ିଜେଲ୍ ଟ୍ରକ୍‌ରେ ବ୍ୟବହୃତ ଯନ୍ତ୍ରାଂଶ ଦର, ଡ୍ରାଇଭର ଓ ହେଲ୍ପରଙ୍କ ମଜୁରୀ ଏହା ଭିତରେ ତିନିଗୁଣା ବଢ଼ି ସାରିଲାଣି। ଅଥଚ ପରିବହନ ଭଡ଼ା ହ୍ରାସ ପାଇବା ଯୋଗୁଁ ଟ୍ରକ ମାଲିକ ମୁଣ୍ଡରେ ହାତ ଦେଇ ବସିଛନ୍ତି । ନବେ ଦଶକରୁ ଲୁହାପଥର ମୂଲ୍ୟ ଅନ୍ତର୍ଜାତୀୟ ବଜାରରେ ବୃଦ୍ଧି ପାଇବା ପରେ ଖଣିଗୁଡ଼ିକ ଯାନ୍ତ୍ରିକ ପଦ୍ଧତିରେ ଚାଲିଛି। ଶ୍ରମିକ ଛଟେଇ ସାଙ୍ଗକୁ ସ୍ଥାନୀୟ ଲୋକଙ୍କୁ ନିଯୁକ୍ତି ଦିଆଯାଉନାହିଁ। ଯୋଡ଼ା, ବଡ଼ବିଲ, ଭଦ୍ରାସାହି, ସେରେଣ୍ଡା, ଗୁଆଲି, ବିଲେଇପଦା ଦେଓଝର, ଜୁରୁଡ଼ି, ବାମେବାରୀ, ପଳସା, କାଳିମାଟି, ଦବୁନା ଅଞ୍ଚଳର ଯୁବଗୋଷ୍ଠୀ ଟ୍ରକ୍ ମାଧ୍ୟମରେ ଖଣିଜ ପରିବହନ କରି ନିଜ ପରିବାର ପ୍ରତିପୋଷଣ କରୁଛନ୍ତି। ଟ୍ରକ୍ ଯୋଗେ ଅଧିକ ପରିମାଣର ଉଖଣିଜ ପରିବହନ ପାଇଁ ଟ୍ରକ୍ ମାଲିକ ସଂଘଗୁଡ଼ିକ ଦାବି କରୁଥିବା ବେଳେ ଖଣି କମ୍ପାନୀମାନେ ଏହାକୁ ଗୁରୁତ୍ୱ ନେଉନାହାନ୍ତି । ଏହାଛଡ଼ା ଯୋଡ଼ା ଖଣିମଣ୍ଡଳରୁ ସମ୍ବଲପୁର, ପାରାଦୀପ, ଧାମରା, ଗୋପାଳପୁର, ଅନୁଗୁଳ, ଝାରସୁଗୁଡ଼ା, ରାଉରକେଲା, ଢ଼େଙ୍କାନାଳକୁ ପରିବହନ ଭଡ଼ା ବୃଦ୍ଧି ପାଇବା ପରିବର୍ତ୍ତେ ହ୍ରାସ ପାଇଛି। ଯୋଡ଼ା ଟ୍ରକ୍‌ମାଲିକ ସଂଘ ସମ୍ପାଦକ ସୁଶାନ୍ତ କୁମାର ବାରିକ କହିଛନ୍ତି ।, ଖଣି କମ୍ପାନୀମାନେ ପରିବହନ ଖର୍ଚ୍ଚ କମାଇବା ପାଇଁ ଟ୍ରେନ୍ ଓ ସ୍ଲରି ପାଇପ୍ ଯୋଗେ ଖଣିଜ ପରିବହନକୁ ଗୁରୁତ୍ୱ ଦେଉଛନ୍ତି । ଏଥିରେ ସରକାରଙ୍କ ପକ୍ଷରୁ କୌଣସି ଅଙ୍କୁଶ ରହୁନାହିଁ। ଟ୍ରକ୍ ମାଲିକଙ୍କ ସମସ୍ୟା ପ୍ରତି ସରକାର ଦୃଷ୍ଟି ନ ଦେଲେ ଖଣି ଅଞ୍ଚଳବାସୀଙ୍କ ଆର୍ଥିକ ସ୍ଥିତି ଆହୁରି ଜଟିଳ ହେବ ବୋଲି ସେ କହିଛନ୍ତି ।

(ଶ୍ରୀମଦ୍ଭଗବଦ୍ ଗୀତା ୧୮/୪୨)

–ମୋକ୍ଷଯୋଗଃ–

(ଶ୍ରୀଭଗବାନୁବାଚ)

**ଶମୋ ଦମସ୍ତପଃ ଶୌଚଂ କ୍ଷାନ୍ତିରାର୍ଜବମେବ ଚ ।**
**ଜ୍ଞାନଂ ବିଜ୍ଞାନମାସ୍ତିକ୍ୟଂ ବ୍ରହ୍ମକର୍ମ ସ୍ୱଭାବଜମ୍ ।। ୪୨ ।।**

(ତତ୍ର ବ୍ରାହ୍ମଣସ୍ୟ ସ୍ୱଭାବିକାନି କର୍ମାଣି ଆହ)–ଶମଃ ( ଚିତ୍ତୋପରମଃ), ଦମଃ ( ବହିରିନ୍ଦ୍ରୟସଂଯମଃ), ତପଃ ( ପୂର୍ବୋକ୍ତଂ ଶରୀରାଦି), ଶୌଚଂ (ବାହ୍ୟାଭ୍ୟନ୍ତରଶୁଦ୍ଧିଃ), କ୍ଷାନ୍ତି (କ୍ଷମା), ଆର୍ଜବଂ (ସରଳତା), ଜ୍ଞାନଂ (ଶାସ୍ତ୍ରୀୟ ଜ୍ଞାନଂ), ବିଜ୍ଞାନଂ (ଅନୁଭବଃ), ଆସ୍ତିକ୍ୟଂ (ପରଲୋକ ଇତି ନିଶ୍ଚୟଃ) ଚ ଏବ ସ୍ୱଭାବଜଂ ( ସ୍ୱାଭାବିକଂ) ବ୍ରହ୍ମକର୍ମ (ବ୍ରାହ୍ମଣସ୍ୟ କର୍ମ)।। ୪୨ ।।

# ପ୍ରଧାନମନ୍ତ୍ରୀଙ୍କୁ ଜନ୍ମଦିବସର ଶୁଭେଚ୍ଛା


ଭାରତର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଜୀ ଆଜି ୭୫ ବର୍ଷରେ ପଦାର୍ପଣ କରୁଥିବାରୁ ତାଙ୍କୁ ଆମର ଜନ୍ମ ଦିବସର ଶୁଭେଚ୍ଛା । ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ତାଙ୍କର ଦୀର୍ଘ ଓ ନିରାମୟ ଜୀବନ ପାଇଁ ଆମର ପ୍ରର୍ଥନା । ଏହି ସେପ୍ଟେମ୍ବର ୧୭, ୧୯୫୦ରେ ସେ ଭୂମିଷ୍ଠ ହୋଇଥିଲେ– ତତ୍କାଳୀନ ବମ୍ବେ ରାଜ୍ୟର ହାଡ୍‌ନଗରରେ । ଏବେ ତାଙ୍କର ଜନ୍ମସ୍ଥାନ ଗୁଜରାଟରେ । ଅବିଭକ୍ତ ବମ୍ବେ ଭାଗ ଭାଗ ହୋଇ ମହାରାଷ୍ଟ୍ର ଓ ଗୁଜରାଟ, ଏହିପରି ଦୁଇଗୋଟି ରାଜ୍ୟରେ ପରିଣତ ହୋଇଥିଲା–୧୯୬୦ ମେ ପହିଲାରୁ । ମୋଦିଜୀ ତାଙ୍କ ଜନ୍ମସ୍ଥାନରେ ସ୍କୁଲ ଶିକ୍ଷା ସମାପନ କରିବା ପରେ ଆଠ ବର୍ଷ ବୟସରେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ (ଆର୍.ଏସ୍. ଏସ୍)ରେ ଯୋଗ ଦେଇଥିଲେ–୧୯୭୧ ମସିହାରେ । ସଂଘରେ ସେ ପୂର୍ଣ୍ଣକାଳୀନ କର୍ମୀ ହୋଇଗଲେ । ସଂଘପକ୍ଷରୁ ୧୯୮୫ରେ ତାଙ୍କୁ ଭାରତୀୟ ଜନତା ପାର୍ଟି (ବିଜେପି)କୁ ପଠାଗଲା ନୂତନ ଦାୟିତ୍ୱ ସହ । ତା' ପରଠୁଁ ତାଙ୍କର ପଦୋନ୍ନତି । ସେ ବିଜେପିର ସାଧାରଣ ସଂପାଦକ ହେଲେ । ଏହାପରେ ୨୦୦୧ରେ ମୋଦିଜୀଙ୍କୁ ଗୁଜରାଟ ପ୍ରଦେଶର ମୁଖ୍ୟମନ୍ତ୍ରୀ କରାଗଲା । ସେ ଜଣେ ବିଚକ୍ଷଣ ଓ ସଚ୍ଚୋଟ ରାଜନୀତିଜ୍ଞ ଭାବେ ଗୁଜରାଟ ପ୍ରଦେଶର ଉନ୍ନତି ପାଇଁ ଉଦ୍ୟମ କରି ଆସୁଥିବା ବେଳେ ୨୦୦୨ରେ ଗୁଜରାଟରେ ହୋଇଥିବା ଦଙ୍ଗାରେ ପ୍ରାୟ ହଜାରେ ମୁସଲମାନ ସଂପ୍ରଦାୟର ଲୋକେ ପ୍ରାଣ ହରାଇଥିଲେ । କେହି କେହି ଏହି ମୃତ୍ୟୁ ସଂଖ୍ୟାକୁ ୨୦୦୦ ବୋଲି ମଧ୍ୟ କହିଥିଲେ । ମାତ୍ର ସରକାରୀ ସୂତ୍ର ଅନୁଯାୟୀ ଏହି ମୃତ୍ୟୁ ସଂଖ୍ୟା ହଜାରେ ଥିଲା । ମୋଦିଜୀଙ୍କ ଲୋକପ୍ରିୟତା ବିରୋଧରେ ଏହା ଥିଲା ଏକ ବିରାଟ ଷଡଯନ୍ତ୍ର ଓ ରାଜନୀତିକ ପରୀକ୍ଷା । ଏକ ସ୍ୱତନ୍ତ୍ର ତଦନ୍ତକାରୀ ଦଳ ଗଢାଯାଇ ଏହାର ତଦନ୍ତ କରାଗଲା । ୨୦୧୨ ମସିହାରେ ଦେଶର ସର୍ବୋଚ୍ଚ ଅଦାଲତ ଯିଏ କି ଏହି ସ୍ୱତନ୍ତ୍ର ତଦନ୍ତକାରୀ ଦଳ ଗଠନ ପାଇଁ ଆଦେଶ ଦେଇଥିଲେ, ସେହି ତଦନ୍ତକାରୀ ଦଳ ମୋଦିଜୀଙ୍କ ବିରୋଧରେ କୌଣସି ପ୍ରମାଣ ଦେଇ ପାରିଲେ ନାହିଁ । ମୋଦିଜୀ ପୂର୍ବପରି ଗୁଜରାଟ ରାଜ୍ୟର ଶିକ୍ଷା ଓ ସ୍ୱାସ୍ଥ୍ୟର ଉନ୍ନତି ସହିତ ଦାରିଦ୍ର୍ୟ ଦୂରୀକରଣ ପାଇଁ ଅକ୍ଲାନ୍ତ ପରିଶ୍ରମ କରିଗଲେ । ଫଳରେ ସାରା ଭାରତରେ ମୋଦିଜୀଙ୍କ ନେତୃତ୍ୱରେ ଗୁଜରାଟ ଏକ ଆଦର୍ଶସ୍ଥାନୀୟ ରାଜ୍ୟରେ ପରିଣତ ହୋଇଥିଲା । ଦୀର୍ଘ ପ୍ରାୟ ତେରବର୍ଷ କାଳ ମୁଖ୍ୟମନ୍ତ୍ରୀ ହୋଇ ମୋଦିଜୀ ଭାରତରେ ବେଶ୍ ଲୋକପ୍ରିୟତା ଅର୍ଜନ କରିଥିଲେ । ୨୦୦୫ରେ ଭାରତରେ ମନମୋହନ ସିଂ ପ୍ରଧାନମନ୍ତ୍ରୀ ଥିଲେ । କଂଗ୍ରେସ ଦଳ ମୋଦିଜୀଙ୍କ ପ୍ରତି ଅସହିଷ୍ଣୁ ହୋଇ ପଡ଼ିଥିଲା । ଏପରିକି ଆମେରିକା ଯିବା ଲାଗି ମୋଦିଜୀଙ୍କ ପାସ୍‌ପୋର୍ଟ ଓ ଭିସାକୁ ଗ୍ରହଣ କରା ନ ଯିବାକୁ ଚକ୍ରାନ୍ତ କରାଯାଇଥିଲା । ମୋଦିଜୀ ଆମେରିକା ଯାଇ ପାରିଲେ ନାହିଁ ସତ, କିନ୍ତୁ ଆମେରିକାର ଲକ୍ଷ ଲକ୍ଷ ଭାରତୀୟ ଓ ଗୁଜରାଟୀ ଏଥିରେ ଅସନ୍ତୋଷ ପ୍ରକାଶ କରିଥିଲେ । ସେମାନେ ମଧ୍ୟ ଭାରତୀୟମାନଙ୍କ ପରି ଚାହିଁଲେ ଯେ ମୋଦିଜୀ ଭାରତର ପ୍ରଧାନମନ୍ତ୍ରୀ ହୁଅନ୍ତୁ । ବାଜପେୟୀ ସେତେବେଳେ ଅସୁସ୍ଥ ହୋଇ ଗଲେଣି । ତାଙ୍କ ପରେ ଯଦି କୌଣସି ଯୋଗ୍ୟ ବ୍ୟକ୍ତି ପ୍ରଧାନମନ୍ତ୍ରୀ ହୋଇପାରିବେ, ସେ ନରେନ୍ଦ୍ର ମୋଦିଙ୍କ ବ୍ୟତୀତ ଆଉ କେହି ନୁହନ୍ତି ବୋଲି ସାଧାରଣ ନିର୍ବାଚନର ଦୁଇ ବର୍ଷ ପୂର୍ବରୁ ଅର୍ଥାତ୍ ୨୦୧୨ରେ ଚାପା ଗୁଞ୍ଜରଣ ଭାରତରେ ସୃଷ୍ଟି ହୋଇଥିଲା । ସେହି ସମୟରେ ଭାରତର ପ୍ରଧାନମନ୍ତ୍ରୀ ହେବାକୁ ପୂର୍ବତନ ଉପ–ପ୍ରଧାନମନ୍ତ୍ରୀ ବିଜେପିର ବରିଷ୍ଠ ନେତା ଶ୍ରୀ ଲାଲକୃଷ୍ଣ ଆଡଭାନୀ କୁଆଡେ ଆଶା କରିଥିଲେ । କଂଗ୍ରେସ ଦଳରୁ ଶ୍ରୀ ରାହୁଲ ଗାନ୍ଧି ମଧ୍ୟ ପ୍ରଧାନମନ୍ତ୍ରୀ ହେବା ଲାଗି ଆଶା ରଖିଥିଲେ । ଏ ଲେଖକ ଗୋଟିଏ ଦୈନିକ ସମ୍ବାଦପତ୍ରରେ ଲେଖାଟିଏ ଲେଖିଥିଲା, ଯାହା ତାଙ୍କର ଜନ୍ମଦିବସ ସେପ୍ଟେମ୍ବର ୧୭ (୨୦୧୨)ରେ ପ୍ରକାଶ ପାଇଥିଲା । ସେଥିରେ ଏ ଲେଖକ ଉଲ୍ଲେଖ କରିଥିଲା ଯେ ନିଜ ଜନ୍ମଦିବସକୁ ଗୁଜରାଟରେ ସଦ୍‌ଭାବନା ଦିବସ ଭାବେ ବିଭିନ୍ନ ଜନହିତକର କାର୍ଯ୍ୟ ସହ ପାଳନ କରୁଥିବା ମୋଦିଜୀ ୨୦୧୪ରେ ଭାରତର ନୂତନ ପ୍ରଧାନମନ୍ତ୍ରୀ ହେବେ ବୋଲି । ତାହା ହିଁ ସତ ହୋଇଥିଲା । ଏପରିକି ଭାରତର ନୂତନ ପ୍ରଧାନମନ୍ତ୍ରୀ ହେବା ବିଷୟରେ ୨୦୧୪ ମେ ୧୫ ତାରିଖର ଏକ ଲେଖାରେ ଏ ଲେଖକ ଦର୍ଶାଇଥିଲା ଯେ ବିଜେପି ପକ୍ଷରୁ ମୋଦିଜୀ ହିଁ ପ୍ରଧାନମନ୍ତ୍ରୀ ହେବେ । ମାତ୍ର ସେ ପ୍ରଧାନମନ୍ତ୍ରୀ ହୋଇ ପାରିବେ ନାହିଁ ବୋଲି କଂଗ୍ରେସ ଦଳ ପକ୍ଷରୁ ବାରମ୍ବାର ପ୍ରଚାର କରା ଯାଉଥିଲା । ଏପରିକି ପଶ୍ଚିମବଙ୍ଗର ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ବିବୃତି ଦେଇ କହିଥିଲେ, 'ଜଣେ ସାଂପ୍ରଦାୟିକ ବ୍ୟକ୍ତି କେବେହେଲେ ଭାରତରେ ପ୍ରଧାନମନ୍ତ୍ରୀ ହୋଇପାରିବେ ନାହିଁ ।' ମାତ୍ର ମୋଦିଜୀ ପ୍ରଧାନମନ୍ତ୍ରୀ ହେଲେ ଏବଂ ତତ୍କାଳୀନ ଆମେରିକାର ରାଷ୍ଟ୍ରପତି ବାରାକ୍ ଓବାମା, ଯେଉଁ ମୋଦିଙ୍କୁ ଆମେରିକା ଯିବା ଲାଗି ଭିସା ପ୍ରଭୃତି ମନା ଥିଲା, ତାଙ୍କୁ ଅତି ସମ୍ମାନର ସହିତ ଆମେରିକା ଯିବାକୁ ନିମନ୍ତ୍ରଣ କଲେ । ଆମେରିକାରେ କେବଳ ଭାରତୀୟ ନୁହନ୍ତି, ହଜାର ହଜାର ଆମେରିକୀୟ ନରନାରୀ ମୋଦିଜୀଙ୍କୁ ଦେଖିବାକୁ ଆଉ ତାଙ୍କ ସହିତ ହାତ ମିଳାଇବାକୁ ଖୁବ୍ ଭିଡ଼ କରିଥିଲେ । ଆମେରିକାର 'ଷ୍ଟେଚ୍ୟୁ ଅଫ୍ ଲିବର୍ଟି' ବିଶ୍ୱରେ ସବୁଠାରୁ ବଡ଼ ପ୍ରତିମୂର୍ତ୍ତି ଥିଲା । ମାତ୍ର ମୋଦିଜୀ ଗୁଜରାଟରେ ଭାରତର ପୂର୍ବତନ ଉପ–ପ୍ରଧାନମନ୍ତ୍ରୀ ଲୌହମାନବ ସର୍ଦ୍ଦାର ପଟେଲଙ୍କର ତାହାଠୁଁ ବଡ଼ ପ୍ରତିମୂର୍ତ୍ତିଟିଏ ବନେଇ ନାଁ ଦେଲେ 'ଷ୍ଟେଚ୍ୟୁ ଅଫ୍ ୟୁନିଟି' ।

ମୋଦିଙ୍କ ବିଗତ ଦଶ ବର୍ଷର ଶାସନ କାଳରେ ଭାରତରେ କୌଣସିଠାରେ ସାଂପ୍ରଦାୟିକ ଦଙ୍ଗା ହଙ୍ଗାମା ହୋଇନାହିଁ । ଭାରତ ଏକ ହିନ୍ଦୁ ରାଷ୍ଟ୍ର ବୋଲି କହିଲେ ମଧ୍ୟ ସବୁ ଧର୍ମ ପ୍ରତି ସମାନ ମର୍ଯ୍ୟାଦା ଦେବାକୁ ମୋଦିଜୀ ଆହ୍ୱାନ ଦେଇଛନ୍ତି । ଅଯୋଦ୍ଧାରେ ହିନ୍ଦୁ ଓ ମୁସଲମାନଙ୍କ ହୃଦୟକୁ ଜୟ କରି ବିରାଟ ରାମ ମନ୍ଦିର ମଧ୍ୟ ମୋଦିଜୀ ପ୍ରତିଷ୍ଠା କରାଇଛନ୍ତି । ବିରୋଧୀ ଦଳର ସମସ୍ତ ଚକ୍ରାନ୍ତକୁ ପଣ୍ଡ କରି ମୋଦିଜୀ ଭାରତର ରାଷ୍ଟ୍ରପତିଙ୍କର ଏକ ଭ୍ରାନ୍ତ ଆଦେଶନାମା ବଳରେ ଜମ୍ମୁ ଓ କାଶ୍ମୀରର ଯେଉଁ ସ୍ୱତନ୍ତ୍ରତା ରହିଥିଲା, ତାହାକୁ ରଦ୍ଦ କରି ଜାମ୍ମୁ ଓ କାଶ୍ମୀରକୁ ଭାରତରେ ଅନ୍ତର୍ଭୁକ୍ତ କରାଇଛନ୍ତି । ଭାରତକୁ ସଶକ୍ତ କରିବା ପାଇଁ ବିଦେଶ ନୀତିରେ ତାଙ୍କ ଦୃଷ୍ଟିକୋଣ ଯେପରି ଗ୍ରହଣୀୟ ହୋଇଛି, ଆଭ୍ୟନ୍ତରୀଣ ଭାରତର ନୀତି ଓ ନୈତିକତା ତାଙ୍କୁ ଜନପ୍ରିୟତାର ଶୀର୍ଷ ସ୍ଥାନରେ ଉପନୀତ କରିପାରିଛି । ପ୍ରଧାନମନ୍ତ୍ରୀ ମୋଦିଙ୍କର ଜୟ ହେଉ ।

(ଗୁରୁକଲ୍ୟାଣ ମହାପାତ୍ର)

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

# ୭୫ତମ ଜନ୍ମଦିନର ଶୁଭେଚ୍ଛା



**ମୋହନ ଚରଣ ମାଝୀ**



ଆଜି ସେପ୍ଟେମ୍ବର ୧୭ ତାରିଖ । ଆମର ପ୍ରିୟ ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଜୀଙ୍କର ୭୫ତମ ଜନ୍ମଦିନ । ସାଢ଼େ ଚାରିକୋଟି ଓଡ଼ିଆଙ୍କ ତରଫରୁ ମୋଦିଜୀଙ୍କୁ ଜନ୍ମଦିନର ହାର୍ଦ୍ଦିକ ଶୁଭେଚ୍ଛା । ତାଙ୍କର ଦୀର୍ଘ, ସୁସ୍ଥ ଏବଂ ନିରାମୟ ଜୀବନ କାମନା କରିବା ସହ ଆହୁରି ଉତ୍ସାହ,ଆଗ୍ରହ ଓ କଠିନ ପରିଶ୍ରମ ସହ ଜନସେବା କରନ୍ତୁ ଏହା ହିଁ କାମନା । ମୋଦିଜୀ, ଯିଏ ନିଜର ଆଦ୍ୟ ଯୌବନର ଅନେକ ବର୍ଷ ଗୁଜରାଟ ଅହମଦାବାଦ ସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିରରେ ବିତାଇଛନ୍ତି, ସିଏ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର ଅନନ୍ୟ ଭକ୍ତ । ତାଙ୍କର ୭୫ତମ ଜନ୍ମଦିନରେ ସନାତନ ବିଶ୍ୱାସରେ କଳିଯୁଗର ଜୀବନ୍ତ ଠାକୁର ମହାପ୍ରଭୁ ଶ୍ରୀଜଗନ୍ନାଥ ତାଙ୍କ ଉପରେ ଆଶୀର୍ବାଦର ବର୍ଷା କରନ୍ତୁ । ଆଜି ମହାପ୍ରଭୁଙ୍କ ପାଖରେ ଏତିକି ପ୍ରାର୍ଥନା କରୁଛି ।

ଆମ ମୋଦିଜୀ ଆଜି ସାରା ବିଶ୍ୱର ସବୁଠୁଁ ଅଧିକ ଜନପ୍ରିୟ ନେତା । ଭାରତର ଗରିବ, ଅତି ଗରିବ, ମେହନତି ମଣିଷର ପରିବାର ସଦସ୍ୟ କହିଲେ ଭୁଲ ହେବ ନାହିଁ । ସବୁ ଭେଦଭାବ, ଉଚ୍ଚନୀଚ, ବାଦବିବାଦକୁ ପଛକୁ ଠେଲି ରାଜନୀତିର ସନ୍ଥ ଭାବରେ ନିଜକୁ ପ୍ରତିଷ୍ଠିତ କରିଛନ୍ତି ମୋଦିଜୀ । ତାଙ୍କର ଚାରି ଜାତି ମହିଳା–କୃଷକ–ଯୁବକ ଓ ଗରିବ ଭାରତୀୟ ରାଜନୀତିର ମୋଡ଼ ବଦଳାଇ ଦେଇଛି । ଆମକୁ ୨୦୦ ବର୍ଷ ଶାସନ କରିଥିବା ବ୍ରିଟିଶରଙ୍କୁ ପଛକୁ ଠେଲି ଆମ ଦେଶକୁ ଚତୁର୍ଥ ଶ୍ରେଷ୍ଠ ଅର୍ଥନୀତିରେ ପରିଣତ କରିବା ପଛରେ ରହିଛି ଦେଶର ବିକାଶ ପାଇଁ 'ସବ୍‌କା ସାଥ୍, ସବ୍‌କା ବିକାଶ , ସବ୍‌କା ବିଶ୍ୱାସ, ସବ୍‌କା ପ୍ରୟାସ'ର ବଡ଼ ରାଜନୈତିକ ସିଦ୍ଧାନ୍ତ । ଆମେ ଭାରତୀୟ ଜନତା ପାର୍ଟିର କାର୍ଯ୍ୟକର୍ତ୍ତାମାନେ ଗାନ୍ଧି, ଗୋପବନ୍ଧୁ, ବିନୋବା ଏବଂ ପଣ୍ଡିତ ଦିନଦୟାଲ ଉପାଧ୍ୟାୟଙ୍କ ପରି ସାମାଜିକ କାର୍ଯ୍ୟକର୍ତ୍ତା ଓ ଚିନ୍ତାନାୟକମାନଙ୍କର ଅନୁଗାମୀ ।

ଭାରତୀୟ ବିଚାର ପରମ୍ପରାର ଆମ ଦେଶର ଚିନ୍ତାନାୟକ ଡଃ ହେଡ଼ଗେୱାର ହୁଅନ୍ତୁ, ଗୁରୁ ଗୋଲୱାଲକର ବା ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ ହୁଅନ୍ତୁ ଏମାନଙ୍କ ଚିନ୍ତାଧାରା ଆମମାନଙ୍କ ଜୀବନରେ ପ୍ରତିଫଳିତ ହୁଏ । ଏକାତ୍ମ ମାନବବାଦର ସ୍ରଷ୍ଟା ତଥା ଜନସଙ୍ଘର ପ୍ରତିଷ୍ଠାତା ସଦସ୍ୟ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ବିକାଶର ମୂଳ ମନ୍ତ୍ର ଅନ୍ତୋଦୟ । ଅର୍ଥାତ୍ ବିକାଶ ସିଢିର ଶେଷ ପାହାଚରେ ଥିବା ମଣିଷ ଶାସନ–ପ୍ରଶାସନର ପ୍ରାଥମିକତାର କେନ୍ଦ୍ରବିନ୍ଦୁକୁ ଆଣିବା ହିଁ ବିକାଶର ସହିଦିଶା ଏବଂ ସ୍ୱଷ୍ଟନୀତି । ବ୍ୟକ୍ତିଗତ ଭାବରେ ତିନି ଦଶନ୍ଧି ଧରି ବିଜେପି ଓ ସଂଘ ବିଚାର ପରିବାରର କାର୍ଯ୍ୟକର୍ତ୍ତା ଭାବରେ ମୁଁ ସକ୍ରିୟ ରହିଛି । ଆମର ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଜୀଙ୍କଠାରେ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ବିଚାରର ମୂଳସ୍ରୋତ ଅନ୍ତୋଦୟକୁ ସାକ୍ଷାତ୍ ଦର୍ଶନ କଲାପରି ଅନୁଭବ କରିଛି । ପଣ୍ଡିତ ଦୀନଦୟାଲଙ୍କ ଅନ୍ତୋଦୟ ବିଚାରକୁ ଆଜି ଦିନରେ ମୋଦିଜୀ ଗରିବ କଲ୍ୟାଣ କାର୍ଯ୍ୟକ୍ରମ ଭାବରେ ସର୍ବଜନ ବିଦିତ କରିପାରିଛନ୍ତି ।

ରାଜନେତା ଭାବରେ ଆଗାମୀ ଅନେକ ପିଢ଼ି ପର୍ଯ୍ୟନ୍ତ ମୋଦିଜୀଙ୍କ ଚାଲ–ଚରିତ୍ର –ଚେହେରା ଉଚ୍ଚକୋଟିର ମୂଲ୍ୟାଙ୍କନ ହେବ, ଏଥିରେ ତିଳେମାତ୍ର ସନ୍ଦେହ ନାହିଁ । ମାତ୍ର ମୋର ବିଚାର ମୋଦିଜୀଙ୍କୁ ଜଣେ ରାଜନେତାର କ୍ଷୁଦ୍ର ପରିଧିରେ ଇତିହାସ ସୀମିତ କରିପାରିବ ନାହିଁ । ବିଶ୍ୱ ଦରବାରରେ ମୋଦିଜୀ ଜଣେ ଦୂରଦୃଷ୍ଟି ସମ୍ପନ୍ନ ସାମାଜିକ ନେତୃତ୍ୱ ଓ ଦାର୍ଶନିକ ଭାବରେ ଶତାବ୍ଦୀ ଶତାବ୍ଦୀ ଧରି ବିଶ୍ୱକୁ ପ୍ରଭାବିତ କରିବେ ଏହା ମୋର ଦୃଢ଼ ବିଶ୍ୱାସ ।

ମୋର ସ୍ପଷ୍ଟ ମନେ ଅଛି, ୨୦୧୯ ନିର୍ବାଚନର ମତଦାନ ସରିଥାଏ । ନିର୍ବାଚନ ଲଢ଼ି ଆମେ କ୍ଲାନ୍ତ ଥାଉଁ । ମନରେ ଗୋଟିଏ ପ୍ରାଥମିକତା ମତଗଣନାକୁ ଅପେକ୍ଷା । ଏହି ସମୟରେ ପୁରୀ,ଖୋର୍ଦ୍ଧା ତଥା ଆଖପାଖ ଜିଲ୍ଲାରେ ଫନୀ ନାଁରେ ବଡ଼ ବାତ୍ୟା ଆସୁଛି ବୋଲି ପାଣିପାଗ ବିଭାଗ ସତର୍କ କରାଇଲା । ସେ ସମୟର ମୋର ପୁରୁଣା ଡାଇରୀକୁ ଖୋଲି ସେ ସମୟର ଅନୁଭବକୁ ପଢ଼ିବା ବେଳେ ଆଜି ବି ଲୋମ ଟାଙ୍କୁରୀ ଉଠେ । ସେତବେଳକୁ ମୁଁ ଦୁଇ ଦୁଇ ଥର ବିଧାୟକ ହୋଇସାରିଥାଏଁ । ମେଣ୍ଟ ସରକାର ସମୟରେ ସରକାରୀ ଦଳର ଉପମୁଖ୍ୟ ସଚେତକର ଦାୟିତ୍ୱ ବି ତୁଲାଇ ସାରିଥାଏ । ସରପଞ୍ଚରୁ–ବିଧାୟକ ପର୍ଯ୍ୟନ୍ତ ଯାତ୍ରାରେ ତ ୨୪ ଘଣ୍ଟାରୁ ଦିନରେ ଅଧିକ ସମୟ ମିଳିଲେ ଲୋକଙ୍କ ସ୍ୱାର୍ଥରେ ଆପଣାକୁ ଲଗାଇବାର ଝୁଙ୍କ ବି ଥାଏ । ଯେତେବେଳେ ଫନୀ ଆସିବା ନେଇ ପୂର୍ବାନୁମାନ କରାଗଲା ମୁଁ ମନେ ମନେ ଭାବିଥିଲି ନିର୍ବାଚନ ସରିଛି । ଭୋଟ ଗଣତିକୁ ଅପେକ୍ଷା କରିବା ଗୋଟିଏ କାମ । ଫନୀର ପରିଚାଳନା ଦାୟିତ୍ୱ ବୋଧେ ମୋଦିଜୀ ପ୍ରଶାସନ ଉପରେ ଛାଡ଼ିଦେଇ ବିଶ୍ରାମ ନେବେ । ହେଲେ ମୁଁ ବ୍ୟକ୍ତିଗତ ଭାବରେ ଫନୀର ଗତି ଓ ପ୍ରସ୍ତୁତି ଉପରେ ନଜର ରଖିଥାଏ । ବାତ୍ୟା ଆସିବା ପୂର୍ବରୁ ମୋଦିଜୀ ପ୍ରଥମେ ଆମ ରାଜ୍ୟପାଇଁ ଆର୍ଥିକ ସହାୟତା ଘୋଷଣା କଲେ । ଫନୀ ଆସିଲା । ଖୋଦ୍ ମୋଦିଜୀ ଓଡ଼ିଶା ଆସିଲେ ପୁରୀ–ଖୋର୍ଦ୍ଧା ଇତ୍ୟାଦି ଜିଲ୍ଲାକୁ ଆକାଶମାର୍ଗରୁ ଦେଖିଲେ । ମୋର ମନେ ଅଛି ରାଜ୍ୟ ସରକାର ଓ କେନ୍ଦ୍ର ସରକାଙ୍କର ମିଳିତ ସମୀକ୍ଷା ବୈଠକ ବିମାନ ବନ୍ଦରରେ କରିଥିଲେ ।

**ମୋଦିଜୀ ଗୁଜରାଟ ମୁଖ୍ୟମନ୍ତ୍ରୀ ଓ ଦେଶର ପ୍ରଧାନମନ୍ତ୍ରୀ ସରକାରର ମୁଖ୍ୟ ଭାବରେ ପାଖାପାଖି ୨୪ ବର୍ଷରୁ ଉର୍ଦ୍ଧ୍ୱ ବର୍ଷ ଏହା ମଧ୍ୟରେ ବିତାଇ ସାରିଛନ୍ତି । ମୋ ଭଳି ଆଦିବାସୀ ଗରିବ ପରିବାରରୁ ଆସି ପଡ଼ି ଉଠି ଠିଆ ହୋଇଥିବା ରାଜନୈତିକ ଏବଂ ସାମାଜିକ କାର୍ଯ୍ୟକର୍ତ୍ତା ପାଇଁ ମୋଦିଜୀ ଆଦର୍ଶ । ମୋ ଭଳି ରାଜନୀତି କ୍ଷେତ୍ରରେ କିଏ କେଉଁ ଦଳ ବା ବିଚାରରେ ଥାଆନ୍ତୁ ନା କାହିଁକି ମୋଦି ସେମାନଙ୍କ ପାଇଁ ଆଦର୍ଶ ସ୍ଥାନର ବ୍ୟକ୍ତି କିଏ କହୁ ବା ନ କହୁ ଏହାହିଁ ସତ୍ୟ । ମୋର ରାଜନୈତିକ ଦର୍ଶନର ପ୍ରେରଣାର ଉତ୍ସ ଭାବରେ ପୁଣି ଥରେ ନତମସ୍ତକ ହୋଇ ମୋଦିଜୀଙ୍କୁ ପ୍ରଣାମ କରୁଛି ।**

ଟିକିନିଖି ଲୋକଙ୍କ ସୁଖ–ଦୁଃଖ–ରିଲିଫ୍–ଥଇଥାନ, ପୁନର୍ବାସ ତଥା କ୍ଷତିପୂରଣ ପ୍ରଦାନ ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା କଲେ । ମୋର ମନେ ଅଛି ସେହି ସମୀକ୍ଷା ବୈଠକରେ ହଜାରେ କୋଟିର ସହାୟତା ଘୋଷଣା କଲେ । ମୋଦିଜୀଙ୍କର ଓଡ଼ିଶାକୁ ଭଲପାଇବା, ଓଡ଼ିଆ ଲୋକଙ୍କ ପ୍ରତି ଦରଦ ଏ କଥା ଭିନ୍ନ ପ୍ରସଙ୍ଗ, ମାତ୍ର ଜଣେ ରାଜନେତା ନିର୍ବାଚନ ବା ଭୋଟ୍ ପାଇଁ ନୁହେଁ, ଲୋକଙ୍କ କଲ୍ୟାଣ ପାଇଁ ଜୀଇଁବା ଦରକାର, ସେତବେଳେ ମୋଦିଜୀ ହିଁ ଏହି ବାର୍ତ୍ତା ଦେଇଥିଲେ । ନିର୍ବାଚନର ବିଜୟ ପରାଜୟର ଚକ୍ରବ୍ୟୁହ ବାହାରେ ଲୋକ ସମସ୍ୟାର ସମାଧାନ ପାଇଁ ଅଖଣ୍ଡ ନିଷ୍ଠା ଜଣେ ରାଜନେତାକୁ ରାଷ୍ଟ୍ର ନେତାର ସିଂହାସନରେ ଅଭିଷିକ୍ତ କରେ । ଆଜି ଯେତେବେଳେ ସେଇ ପୁରୁଣା ଦିନର ସ୍ମୃତିକୁ ମନେ ପକାଉଛି ସେତେବେଳେ ମୁଁ ଭାବପ୍ରବଣ ହୋଇ ପଡୁଛି । ୨୦୧୯ ମେ ମାସର ଓଡ଼ିଶାର ଦୁର୍ଦ୍ଦଶା ଓ ସେଥିରେ ପ୍ରଧାନମନ୍ତ୍ରୀ ମୋଦୀଜୀ ଭୋଟ୍ ରାଜନୀତିରୁ ଉର୍ଦ୍ଧ୍ୱକୁ ଯାଇ ନିର୍ବାଚନ ପ୍ରଚାରର ଶରୀରର କଷ୍ଟକୁ ତଥା ଭୋଟ ରାଜନୀତିର ପ୍ରଭାବ ନ ଥିବା ସତ୍ତ୍ୱେ ଜନ ସେବା ପାଇଁ ସେ ବାହାରି ଆସିଥିଲେ । ମୁଁ ଜାଣିନି ଆଉ କିଏ ପ୍ରଧାନମନ୍ତ୍ରୀ ଥିଲେ କଣ କରିଥାନ୍ତା ? ସେତେବେଳେ ବି ଓଡ଼ିଶାରେ ଆଞ୍ଚଳିକ ଦଳ ଶାସନ କରୁଥିଲା । ମନ୍ତ୍ରୀ, ବିଧାୟକ ଓ ସରକାରୀ ଦଳର ନେତାମାନେ ଲୋକଙ୍କ ସହିତ ରହିବା ପରିବର୍ତ୍ତେ ପରିବାର ଓ ବିଶ୍ରାମରେ ସୀମିତ ରହି ଭୋଟ ଗଣତିକୁ ମୁଣ୍ଡ ଉପରେ ବସାଇଥିଲେ । ଆମ ଦଳ ବିଜେପି ତରଫରୁ ଆମର କେନ୍ଦ୍ରୀୟ ନେତୃତ୍ୱ ଓ କାର୍ଯ୍ୟକର୍ତ୍ତମାନେ ବାତ୍ୟା କ୍ଷତିଗ୍ରସ୍ତଙ୍କ ସେବା କାମରେ ଲାଗି ରହିବା ପାଇଁ ବାରମ୍ବାର ପରାମର୍ଶ ଦେଇଥିଲେ ।

ଫନୀ ସମୟରେ ମୋଦୀଜୀଙ୍କ ଏହି ପ୍ରଚେଷ୍ଟା ଓ ଉଦ୍ୟମ ମୋ ଭଳି ଭାରତୀୟ ଜନତା ପାର୍ଟିର କାର୍ଯ୍ୟକର୍ତ୍ତାମାନଙ୍କ ପାଇଁ ପ୍ରେରଣା । ୨୦୧୯ରେ ବିଧାୟକ ଭାବରେ ନିର୍ବାଚିତ ହେଲି । ଦଳ ମୋତେ ଚିଫ୍ ହ୍ୱିପର ଦାୟିତ୍ୱ ଦେଲା । ବିଧାନସଭାର ପବ୍ଲିକ୍ ଆକାଉଣ୍ଟସ୍ କମିଟି ଚେୟାରମ୍ୟାନ ଭଳି ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ତୁଲାଇଲି । ମାତ୍ର ଭୋଟ ସ୍ୱାର୍ଥ ଉର୍ଦ୍ଧ୍ୱରେ ଯେ ଜନସେବା ପ୍ରାଥମିକତା ଏକଥା ନା ମନରୁ ଯାଇଛି ନାଁ ଭବିଷ୍ୟତରେ ଯାଇପାରିବ । ମୋଦିଜୀ ଗୁଜରାଟ ମୁଖ୍ୟମନ୍ତ୍ରୀ ଓ ଦେଶର ପ୍ରଧାନମନ୍ତ୍ରୀ ସରକାରର ମୁଖ୍ୟ ଭାବରେ ପାଖାପାଖି ୨୪ ବର୍ଷରୁ ଉର୍ଦ୍ଧ୍ୱ ବର୍ଷ ଏହା ମଧ୍ୟରେ ବିତାଇ ସାରିଛନ୍ତି । ମୋ ଭଳି ଆଦିବାସୀ ଗରିବ ପରିବାରରୁ ଆସି ପଡ଼ି ଉଠି ଠିଆ ହୋଇଥିବା ରାଜନୈତିକ ଏବଂ ସାମାଜିକ କାର୍ଯ୍ୟକର୍ତ୍ତା ପାଇଁ ମୋଦିଜୀ ଆଦର୍ଶ । ମୋ ଭଳି ରାଜନୀତି କ୍ଷେତ୍ରରେ କିଏ କେଉଁ ଦଳ ବା ବିଚାରରେ ଥାଆନ୍ତୁ ନା କାହିଁକି ମୋଦି ସେମାନଙ୍କ ପାଇଁ ଆଦର୍ଶ ସ୍ଥାନର ବ୍ୟକ୍ତି କିଏ କହୁ ବା ନ କହୁ ଏହାହିଁ ସତ୍ୟ । ମୋର ରାଜନୈତିକ ଦର୍ଶନର ପ୍ରେରଣାର ଉତ୍ସ ଭାବରେ ପୁଣି ଥରେ ନତମସ୍ତକ ହୋଇ ମୋଦିଜୀଙ୍କୁ ପ୍ରଣାମ କରୁଛି ।

ମୋଦିଜୀ ପ୍ରଧାନମନ୍ତ୍ରୀ ହେବାର ପ୍ରଥମ ବର୍ଷରେ ପୂର୍ବୋଦୟ ପରିକଳ୍ପନାର ସୂତ୍ରଧର ହୋଇଥିଲେ । ଆର୍ଥିକ ଦୃଷ୍ଟିରୁ ଆଗରେ ଥିବା ଦେଶର ପଶ୍ଚିମ ଓ ଦକ୍ଷିଣ ଭାଗ ସହ ପୂର୍ବ ଭାରତକୁ ସମକକ୍ଷ କରାଇବାର ଇଚ୍ଛାଶକ୍ତିକୁ ଯୋଜନାରେ ରୂପାନ୍ତରିତ କରିଥିଲେ । ସମୟ ଥିଲା ଓଡ଼ିଶାର ପୁରା ବଜେଟ ସାଇଜ୍ ଯାହା ଥିଲା, ଏବେ ଗୋଟିଏ ଗୋଟିଏ ବିଭାଗର ବଜେଟ୍ ତା'ଠୁ ଅଧିକ । ଓଡ଼ିଶାରେ ଅମାପ ଖଣିଜ ସମ୍ପଦ, ସୁଦୀର୍ଘ ବେଳାଭୂମି, ଆଦିବାସୀ ଜନତା, ପରିଶ୍ରମୀ ଓ ବୁଦ୍ଧିମାନ ମାନବ ସମ୍ବଳ ସତ୍ତ୍ୱେ ଓଡ଼ିଶା କାହିଁକି ଗରିବ ସମସ୍ତେ ପ୍ରଶ୍ନ ଉଠାଇଥିଲେ । ମୋର ମନେ ଅଛି ବିଜୁ ବାବୁ ୧୯୯୦–୯୫ରେ ମୁଖ୍ୟମନ୍ତ୍ରୀ ଥିବା ସମୟରେ ରାଜ୍ୟମାନଙ୍କୁ ଆର୍ଥିକ ସ୍ୱାୟତତା ବା ଫିସକାଲ ଅଟୋନମି ପ୍ରଶ୍ନ ଉଠାଇଥିଲେ । ବର୍ଷପରେ ବର୍ଷ ବିତିଲା । ସରକାର ପରେ ସରକାର ଆସିଲା ଓ ଗଲା । ପ୍ରାଚୁର୍ଯ୍ୟ ଭିତରେ ଓଡ଼ିଶା କାହିଁକି ଗରିବ ପ୍ରଶ୍ନ କରି ସମସ୍ତେ ଦାୟିତ୍ୱ ଶେଷ କରୁଥିଲେ । ୨୦୧୪ରେ ମୋଦି ପ୍ରଧାନମନ୍ତ୍ରୀ ହେଲେ । ଖଣି ନିଲାମୀ ବ୍ୟବସ୍ଥା କଲେ । ଖୋଲାବିଡିଂ ବ୍ୟବସ୍ଥା ହେଲା । ଡିଏମ୍ ଫଣ୍ଡ ଖଣି ପ୍ରଭାବିତ ଜିଲ୍ଲାମାନଙ୍କ ହାତରେ ପ୍ରଚୁର ଅର୍ଥଦେଲେ । ଫଳସ୍ୱରୂପ ମୋଦିଙ୍କ ନୀତି କାରଣରୁ ଆମର ବଜେଟ୍ ଆକାର ବହୁତ ବଡ଼ ହେଲା ।

ଓଡ଼ିଶା ପରି ଆମର ପଡ଼ୋଶୀ ଝାଡ଼ଖଣ୍ଡ ଓ ଛତିଶଗଡ଼ ମଧ୍ୟ ଖଣିଜ ସମ୍ପଦ ପରିପୂର୍ଣ୍ଣ ରାଜ୍ୟ ଏହାର ଲାଭ ପାଇଲେ । ଝାଡ଼ଖଣ୍ଡ ଓ ଛତିଶଗଡ଼ରେ ଖଣି ଅଛି ସତ ମାତ୍ର ମହାପ୍ରଭୁ ଜଗନ୍ନାଥ ଆମକୁ ସୁଦୀର୍ଘ ସମୁଦ୍ର ତଟ ଦେଇଛନ୍ତି ଯାହା ଆମର ଦୁଇ ପଡ଼ୋଶୀ ରାଜ୍ୟମାନଙ୍କ ପାଖରେ ନାହିଁ । ଓଡ଼ିଶାକୁ ପ୍ରଗତିର ଶୀର୍ଷକୁ ନେବା ପାଇଁ ଓଡ଼ିଶାକୁ ପୁଞ୍ଜି ନିବେଶର ସୁଅ ଆସିବାର ରାସ୍ତା ମୋଦିଜୀ ଖୋଲି ଦେଇଛନ୍ତି । କେବଳ ଉତ୍କର୍ଷ ଓଡ଼ିଶାରେ ମୋଦିଜୀଙ୍କ ଉପସ୍ଥିତିରେ ୧୬.୭୩ ଲକ୍ଷ କୋଟି ଟଙ୍କାର ପୁଞ୍ଜିନିବେଶ ପ୍ରସ୍ତାବ ଆସିଥିଲା । ଗତ ୧୫ ମାସ ମଧ୍ୟରେ ୨୬୦ଶିଳ୍ପ ପ୍ରକଳ୍ପକୁ ମଞ୍ଜୁରୀ ଦିଆଯାଇଛି । ଏହାଦ୍ୱାରା ୫.୬ ଲକ୍ଷ କୋଟିର ନିବେଶ ଏବଂ ୩.୬ ଲକ୍ଷର ନିଯୁକ୍ତି ସମ୍ଭାବନା ସୃଷ୍ଟି ହୋଇଛି । ୮୪ଟି ପ୍ରକଳ୍ପର ଭିତ୍ତି ପ୍ରସ୍ତର ସ୍ଥାପନ କରାଯାଇଛି ।

ଗତବର୍ଷ ଆଜି ଦିନରେ ମୋଦିଜୀ ତାଙ୍କ ଜନ୍ମ ଦିନ ଓଡ଼ିଶା ଆସି ଆମର 'ସୁଭଦ୍ରା ଯୋଜନା'ର ଶୁଭାରମ୍ଭ କରିଥିଲେ । ଆମେ ଏକ କୋଟିରୁ ଉର୍ଦ୍ଧ୍ୱ ମହିଳାଙ୍କୁ ୧୫ ହଜାର ଲେଖାଏଁ ସେମାନଙ୍କ ବ୍ୟାଙ୍କ ଖାତାରେ ଦେଇ ସାରିଛୁ । ମୋଟ ୫୦ ହଜାର ଟଙ୍କା ଆଗାମୀ ବର୍ଷମାନଙ୍କରେ ଦେବାର ବ୍ୟୟବରାଦ କରିଛୁ । ଚାଷୀଙ୍କୁ ୧୦୦ ଟଙ୍କା ବୋନସ୍ ଦେବାକୁ ପୂର୍ବ ବ୍ୟବସ୍ଥା ସାହସ ଜୁଟାଇ ପାରୁନଥିଲା । ଆମେ କ୍ୱିଣ୍ଟାଲ୍ ପିଛା ୮୦୦ଟଙ୍କାର ଇନ୍‌ପୁଟ ସବସିଡ଼ି ଦେଇ ପାରିଛୁଁ କାରଣ ମୋଦିଜୀଙ୍କ ଗରିବ କଲ୍ୟାଣ ଆମ ଶାସନର ମୂଳ ଆଧାର । ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟ ଜଳ, ଗ୍ରାମୀଣ ରାସ୍ତା ଓ ଭିତ୍ତିଭୂମି ଆମର ପ୍ରାଥମିକତା । ରେଳ ଓ ସଡ଼କ ଯୋଗାଯୋଗ ମୋଦିଜୀଙ୍କ ନେତୃତ୍ୱରେ ଡବଲ ଇଞ୍ଜିନ୍ ସରକାରରେ ଦ୍ରୁତଗତିରେ ଆଗେଇ ଚାଲିଛି ।

ଗରିବ କ'ଣ, ସଂଘର୍ଷ କ'ଣ, ପ୍ରତିକୂଳ ପରିସ୍ଥିତିକୁ ସାମନା କରି କିପରି ଆଗକୁ ବଢ଼ିବାକୁ ହୁଏ ମୋଦିଜୀ ତାର ପ୍ରତୀକ । ମା'ଙ୍କ ପାଇଁ ଶୌଚାଳୟ ହେଲା, ଜନଧନ ବ୍ୟାଙ୍କ ଖାତା, ସମସ୍ତଙ୍କ ମୁଣ୍ଡ ଉପରେ ପକ୍କା ଘର, ଘରେ ପାଇପ ପାଣି ଓ ଉଜ୍ଜ୍ୱଳା ଗ୍ୟାସ୍ ତଥା ନିଜ ଅଞ୍ଚଳରେ ଯୁବପିଢ଼ିଙ୍କ ପାଇଁ ରୋଜଗାର ସୁଯୋଗର ବ୍ୟବସ୍ଥା କେବଳ ସଂଘର୍ଷ ପୃଷ୍ଠଭୂମିରୁ ଆସିଥିବା ମୋଦିଜୀ ହିଁ ଚିନ୍ତା କରିପାରନ୍ତି । କେନ୍ଦୁଝର ଜିଲ୍ଲାର ରାଇକଳା ଗାଁରୁ ମୁଁ ପିଅନର ପୁଅ । ମା'ର ଗାଈ ଗୁହାଳର କାମ । ଶିକ୍ଷକରୁ ସରପଞ୍ଚ । ପଡ଼ି ଉଠି ସଂଘର୍ଷ କରି ଏଠି ପହଁଚିଛି । ମୋଦିଜୀଙ୍କ ଜୀବନରୁ ଶିଖିଛି, ଆଗକୁ ବହୁତ ଶିଖିବାର ଅଛି । ପୁଣି ଥରେ ଓଡ଼ିଶାବାସୀଙ୍କ ତରଫରୁ ମୋଦିଜୀଙ୍କୁ ୭୫ତମ ଜନ୍ମଦିନର ଶୁଭେଚ୍ଛା ଓ ଶୁଭକାମନା ଜଣାଉଛି । ଚଳିତ ମାସ ୨୭ ତାରିଖରେ ମୋଦିଜୀ ପୁଣି ଆମ ରାଜ୍ୟକୁ ଆସିବେ । ଗଞ୍ଜାମରେ ଅନେକ ଯୋଜନାର ଲୋକାର୍ପଣ ଓ ଭିତ୍ତି ପ୍ରସ୍ତର ସ୍ଥାପନ କରିବେ । ନୂଆ ସରକାର ଗଠନ ହେବା ଦିନଠୁଁ ଚଳିତ ମାସ ୨୭ତାରିଖରେ ସେ ସପ୍ତମ ଥର ପାଇଁ ଓଡ଼ିଶା ଆସିବେ । ଏହି ମହାନ ଜନନାୟକଙ୍କୁ ୨୭ ତାରିଖରେ ସ୍ୱାଗତ ପାଇଁ ଓଡ଼ିଶାବାସୀ ପ୍ରସ୍ତୁତ । ଆଜି ୧୭ ତାରିଖରେ ସାରା ରାଜ୍ୟରେ ମୋଦିଜୀଙ୍କ ୭୫ତମ ଜନ୍ମ ଦିନରେ ୭୫ ଲକ୍ଷ ବୃକ୍ଷରୋପଣ କାର୍ଯ୍ୟକ୍ରମ ଚାଲିଛି । ଆପଣ ବି ଏହି ଅଭିଯାନ ମା'ପାଇଁ ଗଛଟିଏରେ ସାମିଲ ହୁଅନ୍ତୁ । ବୃକ୍ଷରୋପଣ କରନ୍ତୁ । ବୃକ୍ଷକୁ ଲାଳନପାଳନ କରି ସୁରକ୍ଷିତ ରଖି ନିଜ ମା'ଙ୍କୁ ସମ୍ମାନସହ ଧରିତ୍ରୀ ମାତାର ସେବା କରନ୍ତୁ ।

**ଜୟ ଜଗନ୍ନାଥ**

**ମୁଖ୍ୟମନ୍ତ୍ରୀ,ଓଡ଼ିଶା ସରକାର**

# ଦେବଶିଳ୍ପୀ ବିଶ୍ୱକର୍ମା



**ଦିଲ୍ଲୀପ ଶତପଥୀ**

ଅନନ୍ତଶୟନରେ ଥିବା ବିଷ୍ଣୁଙ୍କର ନାଭି କମଳରୁ ବ୍ରହ୍ମଦେବଙ୍କ ଉତ୍ପତ୍ତି । ସୃଷ୍ଟିର ସର୍ଜନା କରିଥିଲେ ବ୍ରହ୍ମା କିନ୍ତୁ ବ୍ରହ୍ମାଙ୍କର କୌଣସି ଜାଗାରେ ପୂଜା କରାଯାଏ ନାହିଁ । ପୃଥିବୀରେ କେବଳ ପୁଷ୍କର କ୍ଷେତ୍ରରେ ବ୍ରହ୍ମାଙ୍କର ମନ୍ଦିର ଅଛି । ମାତ୍ର ବ୍ରହ୍ମାଙ୍କୁ ବିଶ୍ୱକର୍ମା ଅବତାରରେ ସର୍ବତ୍ର ପୂଜନ କରାଯାଏ ବୋଲି ଶାସ୍ତ୍ର ବିଦିତ ।

ସ୍କନ୍ଦ ପୁରାଣ ମତେ ବିଶ୍ୱକର୍ମାଙ୍କର ପାଞ୍ଚ ମୁଖ, ପାଞ୍ଚ ଅବତାର ଏବଂ ପାଞ୍ଚ ପୁତ୍ର ଅଛନ୍ତି । ପଞ୍ଚ ଅବତାରଗୁଡିକ ହେଲା– ବିରାଟ ବିଶ୍ୱକର୍ମା, ଧର୍ମବଂଶୀ ବିଶ୍ୱକର୍ମା, ଅଗ୍ନିବଂଶୀ ବିଶ୍ୱକର୍ମା, ସୁଧନ୍ୱା ବିଶ୍ୱକର୍ମା ଓ ଭୃଗୁବଂଶୀ ବିଶ୍ୱକର୍ମା ଏବଂ ପାଞ୍ଚ ପୁତ୍ର ଯେପରି ମନୁ, ମୟ, ତ୍ୱଷ୍ଟା, ଶିଳ୍ପୀ ଓ ଦେବଜ୍ଞ ଏମାନେ ଜଣେ ଜଣେ ପ୍ରଚଣ୍ଡ ଜ୍ଞାନଧାରୀ ଦିବ୍ୟ ମହର୍ଷି ଅଟନ୍ତି । ବିଶ୍ୱକର୍ମାଙ୍କ ଜ୍ୟେଷ୍ଠ ପୁତ୍ର ଋଷି ମନୁ, ଯାହାଙ୍କ ବିବାହ ଅଙ୍ଗିରା ଋଷିଙ୍କ କନ୍ୟା ସମ୍ପାଙ୍କ ସହିତ ହୋଇଥିଲା । ଦ୍ୱିତୀୟ ପୁତ୍ରମୟ ଋଷି, ତାଙ୍କର ବିବାହ ପରାଶର ଋଷିଙ୍କ କନ୍ୟା ସୌମ୍ୟା ସହିତ ହୋଇଥିଲା । ତୃତୀୟ ପୁତ୍ର ତ୍ୱଷ୍ଟା ଋଷି, ତାଙ୍କର ବିବାହ କୌଷିକ ଋଷିଙ୍କ କନ୍ୟା ଜୟନ୍ତୀଙ୍କ ସହ ହୋଇଥିଲା । ଚତୁର୍ଥ ପୁତ୍ର ଶିଳ୍ପୀ ଋଷି, ତାଙ୍କର ବିବାହ ଭୃଗୁ ଋଷିଙ୍କ କନ୍ୟା କରୁଣାଙ୍କ ସହିତ ହୋଇଥିଲା । ପଞ୍ଚମ ପୁତ୍ର ଦେବଜ୍ଞ ଋଷି, ତାଙ୍କର ବିବାହ ଜୈମିନୀ ଋଷିଙ୍କ କନ୍ୟା ଚନ୍ଦ୍ରିକାଙ୍କ ସହିତ ହୋଇଥିଲା । ବିଶ୍ୱକର୍ମାଙ୍କର ପଞ୍ଚ ପୁତ୍ର ସମଗ୍ର ବିଶ୍ୱର ହିତ ସାଧନ ପାଇଁ ବହୁ ଯାନ୍ତ୍ରିକ ଅସ୍ତ୍ରଶସ୍ତ୍ର ଓ ଅନ୍ୟାନ୍ୟ ସାମଗ୍ରୀର ନିର୍ମାଣ, କଳା କୌଶଳ ଉଦ୍ଭାବନ କରିଥିଲେ ।

ବ୍ରହ୍ମ ବୈବର୍ତ୍ତ ପୁରାଣରେ ବିଶ୍ୱକର୍ମାଙ୍କ ବଂଶାବଳୀର ବିସ୍ତୃତ ବିବରଣୀ ମିଳେ । ଏହି ପୁରାଣରୁ ଜଣାଯାଏ ଯେ, ଘୃତାଚୀ ନାମକ ଅପ୍ସରୀ ହିଁ ବିଶ୍ୱକର୍ମାଙ୍କ ପତ୍ନୀ ଥିଲେ । 'ଅମର କୋଷ'ରୁ ପଢିବାକୁ ମିଳେ ସ୍ୱର୍ଗରେ ଥିବା ଅପ୍ସରୀମାନଙ୍କ ମଧ୍ୟରେ ଘୃତାଚୀ ଥିଲେ ଅନ୍ୟତମ । ଘୃତାଚୀ ମେନକା, ରମ୍ଭା, ଉର୍ବଶୀ,ତିଳୋତ୍ତମା, ସୁକେଶୀ ମଞ୍ଜୁଘୋଷା ଆଦି ଅପ୍ସରୀମାନଙ୍କ ତୁଳନାରେ କିଛି କମ୍ ସୁନ୍ଦରୀ ନଥିଲେ । ବ୍ରହ୍ମବୈବର୍ତ୍ତ ପୁରାଣ ବର୍ଣ୍ଣନାନୁସାରେ ଥରେ ଘୃତାଚୀ କାମାସକ୍ତା ହୋଇ କାମଦେବଙ୍କ ନିକଟକୁ ରମଣ ଉଦ୍ଦେଶ୍ୟ ନେଇ ପୁଷ୍କର ତୀର୍ଥକୁ ଯାତ୍ରା କରୁଥିଲେ । ଠିକ୍ ସେହି ସମୟରେ ବିଶ୍ୱକର୍ମା ସ୍ୱର୍ଗଲୋକରୁ ଫେରୁଥିବା ଅବସ୍ଥାରେ ଘୃତାଚୀଙ୍କୁ ଭେଟିଥିଲେ । ଘୃତାଚୀଙ୍କ ଅପରୂପ ସୌନ୍ଦର୍ଯ୍ୟ ବିଶ୍ୱକର୍ମାଙ୍କୁ ମୋହିତ କରିଥିଲା ଏବଂ କ୍ଷଣିକ ଉତ୍ତେଜନାର ବଶବର୍ତ୍ତୀ ହୋଇ ଘୃତାଚୀଙ୍କୁ ରତି ଦାନ ପାଇଁ ନିବେଦନ କରିଥିଲେ । ଘୃତାଚୀ କିନ୍ତୁ ବିଶ୍ୱକର୍ମାଙ୍କୁ ରମଣ ପାଇଁ ବାରଣ କରିଥିଲେ । ବିଶ୍ୱକର୍ମାଙ୍କୁ ପ୍ରଣାମ କରି ଏ ପ୍ରବୃତ୍ତିରୁ ନିବୃତ୍ତ ରହିବା ପାଇଁ ପରାମର୍ଶ ଦେଇଥିଲେ । କହିଲେ, 'ହେ ଦେବଶିଳ୍ପୀ, ସ୍ୱର୍ଗର ନିୟମ ଅନୁସାରେ ଯେଉଁ ଦିନ ଦେବତାଙ୍କ ପ୍ରତି ସ୍ୱର୍ଗ ଅପ୍ସରୀମାନଙ୍କ ଅଭିଳାଷ ଥାଏ, ସେଦିନ ସେହି ନିର୍ଦ୍ଦିଷ୍ଟ ଦେବତାହିଁ ପତି ସ୍ୱରୂପ । ଏଣୁ କାମଦେବ ମୋ ପକ୍ଷେ ଆଜି ଦିନର ପତି ସ୍ୱରୂପ । ତୁମେ ମଧ୍ୟ କାମଦେବଙ୍କ ଶିଷ୍ୟ ତୁଲ୍ୟ ଅଟ । ଏଣୁ ଗୁରୁପତ୍ନୀ ହରଣ କରିବା ଶୋଭନୀୟ ନୁହେଁ ।



ଆଗାମୀ ଦିନରେ ମୁଁ ଆପଣଙ୍କୁ ପତି ରୂପେ ବରଣ କରି ରତି ସୁଖ ପ୍ରଦାନ କରିବି ନିଶ୍ଚୟ ।' ଘୃତାଚୀଙ୍କ ଘୋର ବାରଣ ହେତୁ ବିଶ୍ୱକର୍ମା ଅତ୍ୟନ୍ତ କ୍ରୋଧାନ୍ୱିତ ହୋଇଉଠିଲେ ଏବଂ କାମ ଜ୍ୱାଳାରେ ଜର୍ଜରିତ ହୋଇ ଘୃତାଚୀଙ୍କୁ ମର୍ତ୍ତ୍ୟରେ ଶୂଦ୍ରନାରୀ ରୂପେ ଜନ୍ମହେବାକୁ ଅଭିଶାପ ଦେଲେ । ଘୃତାଚୀ ମଧ୍ୟ ବିଶ୍ୱକର୍ମାଙ୍କୁ ମର୍ତ୍ତ୍ୟରେ ମାନବ ହୋଇ ଜନ୍ମହେବାକୁ ପ୍ରତି ଅଭିଶାପ ଦେଲେ ।

ବିଶ୍ୱକର୍ମା ଘୃତାଚୀର ଅଭିଶାପ ପ୍ରସଙ୍ଗ ସୃଷ୍ଟିକର୍ତ୍ତା ବ୍ରହ୍ମାଙ୍କୁ ଜଣାଇଲେ ଓ ତାହାର ନିରାକରଣ କାମନା କରି ଆଶୀର୍ବାଦ ଭିକ୍ଷା କରିଥିଲେ । ପରବର୍ତ୍ତୀ ସମୟରେ ବିଶ୍ୱକର୍ମା ବ୍ରାହ୍ମଣ ଜାତିରେ ମର୍ତ୍ତ୍ୟରେ ଜନ୍ମ ନେଇଥିଲେ ଓ ତାଙ୍କର ଦିବ୍ୟଜ୍ଞାନ ଥିବାରୁ ସେ ସବୁକଥା ଜାଣିପାରୁଥିଲେ । ସେତେବେଳେ ମର୍ତ୍ତ୍ୟର ମହାରାଜାଙ୍କ ଆଦେଶରେ ସେ ପ୍ରୟାଗ ତୀର୍ଥରେ ଅନେକ ଦେବାଦେବୀଙ୍କ ମନ୍ଦିର ନିର୍ମାଣ କାର୍ଯ୍ୟରେ ନିୟୋଜିତ ଥିବା ବେଳେ ଏକଦା ସେହି ସମୟରେ ଗଙ୍ଗାରେ ରାଜବସ୍ତ୍ର ଧୌତ କରୁଥିବା ଏକ ଅନିନ୍ଦ୍ୟ ଦିବ୍ୟ ସୁନ୍ଦରୀ ରଜକ କନ୍ୟାକୁ ଦେଖିଲେ ଏବଂ ଜାଣିପାରିଲେ ଯେ, ସେ ହେଉଛନ୍ତି ଘୃତାଚୀ । ଘୃତାଚୀ ମଧ୍ୟ ବିଶ୍ୱକର୍ମାଙ୍କୁ ଚିହ୍ନି ପାରିଲେ ।

ବ୍ରହ୍ମାଙ୍କ କଥା ଅନୁସାରେ ଉଭୟ ଗଙ୍ଗାତୀରସ୍ଥ ମଳୟ ବନରେ ବିବାହ କରି ଏକାଠି ବାରବର୍ଷ ବିତାଇଲେ । ଏହି ସମୟ କାଳରେ ତାଙ୍କର ନଅଗୋଟି ସନ୍ତାନ ଜନ୍ମ ନେଇଥିଲେ । ପୁତ୍ରମାନଙ୍କ ମଧ୍ୟରେ ମାଳାକାର, କର୍ମକାର, କଂସାରି, ଶଙ୍ଖାରି, କୁମ୍ଭକାର, କୁନ୍ଦବିକ, ସୂତ୍ରଧର, ସ୍ୱର୍ଣ୍ଣକାର ଓ ଚିତ୍ରକର । ସେହି ପୁତ୍ରଙ୍କ ମଧ୍ୟରୁ ମାଳାକାରଙ୍କୁ ପୁଷ୍ପଶିଳ୍ପ, କର୍ମକାରଙ୍କୁ ଲୌହ ଶିଳ୍ପ, କାଂସ୍ୟକାରଙ୍କୁ କଂସା ଶିଳ୍ପ, ସୂତ୍ରଧରଙ୍କୁ କାଠ ଶିଳ୍ପ, ତନ୍ତୀଙ୍କୁ ବୟନଶିଳ୍ପ, କୁମ୍ଭକାରଙ୍କୁ ମୃତ୍ତିକା ଶିଳ୍ପ, ସ୍ୱର୍ଣ୍ଣକାରଙ୍କୁ ଅଳଙ୍କାର ଓ ଚିତ୍ରକାରଙ୍କୁ ଅଙ୍କନ ଶିଳ୍ପ ବିଦ୍ୟା ଶିକ୍ଷା ଦେଇ ବିଶ୍ୱକର୍ମା ସେମାନଙ୍କୁ ସୁଶିକ୍ଷିତ ଏବଂ ସର୍ବ କୁଶଳ ବିଦ୍ୟାରେ ପାରଙ୍ଗମ କରାଇଥିଲେ । କନ୍ୟା ଚିତ୍ରାଙ୍ଗଦା ମଧ୍ୟ ପିତାଙ୍କଠାରୁ ସିଲେଇ କଳାର ଶିକ୍ଷାଦାନ ପାଇଥିଲେ ।

ବାମନ ପୁରାଣ ଅନୁସାରେ ଦେବଶିଳ୍ପୀ ବିଶ୍ୱକର୍ମା ଅଭିଶପ୍ତ ହୋଇ ଦାନବ ରୂପ ଧାରଣ କରିଥିଲେ । ଋଷି ଋତୁଧ୍ୱଜଙ୍କଠାରୁ ବର ଲାଭକରି ଘୃତାଚୀଙ୍କ ସହ ସଂପର୍କ ରଖି 'ନଳ'ଙ୍କୁ ଜନ୍ମକରି ଶାପମୁକ୍ତ ହୋଇଥିଲେ । ବାନର ସେନାପତି ନଳ ମଧ୍ୟ ଅଦ୍ଭୁତ ଶକ୍ତିର ଅଧିକାରୀ ଥିଲେ , ସିଏ ଯେଉଁ ପଥର ଖଣ୍ଡକୁ ସ୍ପର୍ଶ କରୁଥିଲେ, ତାହା ପାଣିରେ ବୁଡି ନଯାଇ ଭାସମାନ ଅବସ୍ଥାରେ ରହୁଥିଲା । ସେନାପତି ନଳଙ୍କ ସହାୟତାରେ ତ୍ରେତୟା ଯୁଗରେ ପ୍ରଭୁ ଶ୍ରୀରାମଚନ୍ଦ୍ର ସମୁଦ୍ରରେ ସେତୁବନ୍ଧ ବନ୍ଧାଇ ସମୁଦ୍ରକୁ ପାର ହୋଇ ଲଙ୍କା ଗଡ଼ରେ ପହଞ୍ଚିଥିଲେ । ସମଗ୍ର ଯୁଦ୍ଧରେ ସମ୍ପୂର୍ଣ୍ଣ ଅଣ କୁଶଳୀ ବାନର ସେନା,ସର୍ବ କୌଶଳ ଏବଂ ଯୁଦ୍ଧ ବିଦ୍ୟାରେ ପାରଙ୍ଗମ ପ୍ରବଳ ପରାକ୍ରମୀ ରାବଣର ରାକ୍ଷସ ସେନାଙ୍କୁ ପରାଜିତ କରାଇ ଥିଲେ ।

ବିଶ୍ୱକର୍ମାଙ୍କର ପୁତ୍ରୀ ଚିତ୍ରଙ୍ଗଦା ରାଜା ସୁରଥଙ୍କୁ ବିବାହ କରିଥିଲେ । ପୌରାଣିକ ତଥ୍ୟ ଅନୁଯାୟୀ ଦେବଶିଳ୍ପୀ ବିଶ୍ୱକର୍ମା ବା ତ୍ୱଷ୍ଟାଙ୍କୁ ଅଗ୍ନିଦେବତା ଭାବେ ଗ୍ରହଣ କରାଯାଇଥାଏ, ଯାହାଙ୍କର ତ୍ରିଶିରା ନାମକ ପୁତ୍ର ତଥା ସଂଜ୍ଞା ନାମକ କନ୍ୟା ଥିଲେ । ସଂଜ୍ଞାଙ୍କୁ ସୂର୍ଯ୍ୟଙ୍କ ସହ ସେ ବିବାହ କରାଇଥିଲେ । ସୂର୍ଯ୍ୟଙ୍କ ପ୍ରଚଣ୍ଡ ତେଜରାଶି ସଂଜ୍ଞାଙ୍କ ପକ୍ଷରେ ଅସହ୍ୟ ହେବାରୁ ତ୍ୱଷ୍ଟା ବିଶ୍ୱକର୍ମା ୧୦୮ ସୂର୍ଯ୍ୟସ୍ତୋତ୍ର ପାଠକରି ସୂର୍ଯ୍ୟଙ୍କୁ ପ୍ରସନ୍ନ କରି ତେଜହୀନ କରିଥିଲେ ଏବଂ ନିଜ କନ୍ୟାକୁ ସନ୍ତୁଷ୍ଟି ପ୍ରଦାନ କରିଥିଲେ ।

ଏହି କଥା ନରସିଂହ ପୁରାଣ ବର୍ଣ୍ଣିତ ଏକ ଅଂଶ । ସଂଜ୍ଞାଙ୍କ ଗର୍ଭରେ ସୂର୍ଯ୍ୟଙ୍କ ଔରସରେ ବୈବସ୍ୱତ ମନୁ, ଯମ, ଯମୁନା ଓ ଅଶ୍ୱିନୀ–କୁମାର ଦ୍ୱୟ ଜନ୍ମଗ୍ରହଣ କରିଥିଲେ । ସୂର୍ଯ୍ୟଦେବଙ୍କୁ ପ୍ରସନ୍ନ କରାଇବା ଫଳରେ ତାଙ୍କ ଉଗ୍ର ତେଜରାଶିକୁ ବିଶ୍ୱକର୍ମା ଚାଞ୍ଛି ପକାଇଥିଲେ । ଫଳରେ ସେହି ତେଜ ପୁଞ୍ଜରୁ କ୍ରମେ ବିଷ୍ଣୁଙ୍କ ସୁଦର୍ଶନ ଚକ୍ର ଓ ଶିବଙ୍କ ତ୍ରିଶୂଳ, ଇନ୍ଦ୍ର ଦେବଙ୍କ ବଜ୍ର ତଥା ଅନ୍ୟ ଦେବତାମାନଙ୍କ ପାଇଁ ଭିନ୍ନ ଭିନ୍ନ ଅସ୍ତ୍ରଶସ୍ତ୍ର ନିର୍ମାଣ କରିଥିଲେ । ଏହା ମହାକବି କାଳିଦାସଙ୍କ 'ରଘୁବଂଶମ୍' ମହାକାବ୍ୟରେ ମଧ୍ୟ ପ୍ରତିଫଳିତ । ରାମାୟଣ ବର୍ଣ୍ଣନା ଅନୁସାରେ ରାବଣର ସ୍ୱର୍ଣ୍ଣମୟ ଲଙ୍କାପୁର, ହରିବଂଶ ବର୍ଣ୍ଣନା ଅନୁସାରେ ଦ୍ୱାରିକାଧାମ, ଖାଣ୍ଡବବନ ଦହନ ପରେ ସେଠାରେ ଭବ୍ୟ ଇନ୍ଦ୍ରପ୍ରସ୍ଥର ସର୍ଜନା କରିଥିଲେ ଦେବଶିଳ୍ପୀ ବିଶ୍ୱକର୍ମା ।

ସ୍କନ୍ଦପୁରାଣ ବର୍ଣ୍ଣନା ଅନୁସାରେ ମହାରାଜା ଇନ୍ଦ୍ରଦ୍ୟୁମ୍ନଙ୍କୁ ସ୍ୱପ୍ନ ଆଦେଶ ଅନୁଯାୟୀ ବାଙ୍କୀ ମୁହାଣରୁ ପାଇଥିବା ଓଲଟ ବୃକ୍ଷର ଦାରୁରୁ ଶ୍ରୀବିଗ୍ରହ ନିର୍ମାଣ ପାଇଁ ବିଭିନ୍ନ ଦକ୍ଷ ମହାରଣା ମୂର୍ତ୍ତିକାରମାନଙ୍କୁ ବିନିଯୋଗ କରିଥିଲେ । ମାତ୍ର ମୂର୍ତ୍ତି ନିର୍ମାଣ ଦୂରର କଥା ଦାରୁ ଛେଦନ ମଧ୍ୟ ଅସମ୍ଭବ ହୋଇଥିଲା । ସକଳ ପ୍ରଚେଷ୍ଟାରେ ନିଷ୍ଫଳ ହୋଇ ଚିନ୍ତିତ ଥିବା ସମୟରେ ସ୍ୱୟଂ ବିଶ୍ୱକର୍ମା ବୃଦ୍ଧ ବଢ଼େଇ ରୂପରେ ପ୍ରକଟ ହୋଇଥିଲେ ଏବଂ ସର୍ତ୍ତ ଅନୁସାରେ ଅନ୍ନ ଜଳ ସ୍ପର୍ଶ ନକରି ମାତ୍ର ଏକୋଇଶି ଦିନରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଅଧା ଗଢ଼ା ଶ୍ରୀବିଗ୍ରହ ନିର୍ମାଣ କରିଥିଲେ । ଆଜି ବି ପ୍ରତି ଓଡ଼ିଆଙ୍କ ଘରେ ଘରେ ପୂଜିତ ବିଶ୍ୱ ବିଦିତ ଜଗତର ନାଥ ମହାପ୍ରଭୁ ଶ୍ରୀଜଗନ୍ନାଥ ଶ୍ରୀମନ୍ଦିରର ଶୋଭା ବର୍ଦ୍ଧନ କରି, ଭକ୍ତମାନଙ୍କ ମନୋବାଞ୍ଛା ପୂରଣ କରୁଛନ୍ତି ।

**ମାତୃ ପିତୃ କୃପା ୫୦୮, ନୂଆସାହି**
**ନୂଆପଲ୍ଲୀ, ଭୁବନେଶ୍ୱର– ୭୫୧୦୧୨**
**ମୋ–୯୪୩୭୧୭୫୭୬୪**

# ତୃତୀୟ ପୃଷ୍ଠାର ଅବଶିଷ୍ଟାଂଶ

## ୭୫ ବର୍ଷରେ...

କାଳରେ ବାତିଲ କରାଯାଇ ଭାରତୀୟ ନ୍ୟାୟ ସଂହିତା ଏବଂ ନୂତନ ଅପରାଧ ଆଇନ୍‌କୁ ୨୦୨୩ରୁ ପ୍ରଚଳନ କରାଯାଇଛି । ଜୁନ୍ ୨୧କୁ ଆନ୍ତର୍ଜାତୀୟ ଯୋଗ ଦିବସ ରୂପେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଘୋଷଣା କରି ଜାତିସଂଘରେ ପ୍ରସ୍ତାବ ପାରିତକୁ ନେତୃତ୍ୱ ନେଇଥିଲେ । ସାର୍କ ରାଷ୍ଟ୍ରଗୁଡ଼ିକର ନେତାମାନଙ୍କୁ ଶପଥଗ୍ରହଣ ସମାରୋହକୁ ନିମନ୍ତ୍ରଣ କରି ଆଞ୍ଚଳିକ ସମ୍ପର୍କ ପ୍ରତି ତାଙ୍କର ପ୍ରତିବଦ୍ଧତା ସୂଚିତ କରିଥିଲେ । ୨୦୧୪ରେ ପ୍ରଥମଥର ପାଇଁ ସଂସଦରେ ପ୍ରବେଶ କରିଥିଲେ ଓ ପ୍ରବେଶ ପୂର୍ବରୁ ସଂସଦ ଗୃହକୁ ସାଷ୍ଟାଙ୍ଗ ପ୍ରଣିପାତ କରିଥିଲେ ।୨୦୪୭ ସୁଦ୍ଧା ବିକଶିତ ଭାରତର ଲକ୍ଷ ନେଇ ତାଙ୍କ ସରକାର ଏବେ କାର୍ଯ୍ୟ କରୁଛି ।

## ଦିନକ...

ସବୁ ଦଳର ସହଯୋଗ ଲୋଡ଼ିଲେ । ସାମ୍ବିଧାନିକ ବିଧି ବ୍ୟବସ୍ଥା ଅନୁସାରେ ଆମେ ସହଯୋଗ କରିବୁ । ସରକାରଙ୍କ ବିରୋଧରେ ମାଳମାଳ ପ୍ରସଙ୍ଗ ରହିଛି । ଚାଷୀ ଓ ସାର ସମସ୍ୟା ସହିତ ପଞ୍ଚାୟତ ପ୍ରତିନିଧିଙ୍କ କ୍ଷମତା ସଙ୍କୁଚିତ, ମହିଳା ବିରୋଧୀ ହିଂସା ବୃଦ୍ଧି ପ୍ରସଙ୍ଗ ଗୃହରେ ଉଠିବ । ପ୍ରଥମ ଦିନ ଦିବଂଗତ ବିଧାୟକ ରାଜେନ୍ଦ୍ର ଢୋଲକିଆଙ୍କ ଉଦ୍ଦେଶ୍ୟରେ ଶୋକ ପ୍ରସ୍ତାବ ଆସି ବନ୍ଦ ରହିବ । ସେହିପରି କଂଗ୍ରେସ ବିଧାୟକ ଦଳର ନେତା ରାମଚନ୍ଦ୍ର କାଡାମ କହିଛନ୍ତି, ଗୃହ ସ୍ୱାଭାବିକ ଚାଲିବା ନେଇ ବାଚସ୍ପତିଙ୍କ ସହ ଆଲୋଚନା ହୋଇଛି । ଅନେକ ପ୍ରସଙ୍ଗ ରହିଛି ଓ କଂଗ୍ରେସର ଆସନ୍ତାକାଲି(ବୁଧବାର) ବିଧାୟକ ଦଳ ବୈଠକରେ ନିଷ୍ପତ୍ତି ନିଆଯିବ । ଏହି ବୈଠକରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ସଂସଦୀୟ ବ୍ୟାପର ମନ୍ତ୍ରୀ ମୁକେଶ ମହାଲିଙ୍ଗ, ସରକାରୀ ଦଳ ମୁଖ୍ୟ ସଚେତକ ସରୋଜ ପ୍ରଧାନ, ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ପ୍ରମୁଖ ଉପସ୍ଥିତ ଥିଲେ ।

## ନୂଆପଡା...

ପ୍ରକାଶ ପାଇବ । ୨ ଲକ୍ଷ ୪୮ ହଜାର ୨୫୬ ମତଦାତାଙ୍କ ମଧ୍ୟରୁ ୧ ଲକ୍ଷ ୨୨ ହଜାର ୧୦୩ ଜଣ ପୁରୁଷ ଥିବାବେଳେ ୧ ଲକ୍ଷ ୨୬ ହଜାର ୧୩୨ ମହିଳା, ୨୧ ତୃତୀୟ ଲିଙ୍ଗ, ୨୦୦୭ ବରିଷ୍ଠ ନାଗରିକ, ୬୦୦୩ ଯୁବ ମତଦାତା ଓ ୪୦୦୦ ଭିନ୍ନକ୍ଷମ ମତଦାତା ରହିଛନ୍ତି । ରାଜନୈତିକ ଦଳଗୁଡ଼ିକ ସହ ବୈଠକ ଶେଷ ହୋଇଛି ।

# ପିପିଲି ରାବଣପୋଡି ମହୋତ୍ସବ : ମୁଖ୍ୟ ଆକର୍ଷଣ ହେବ ୨୫ ଫୁଟର ରାବଣ

ପିପିଲି (ସବ୍ୟ): ଆସନ୍ତା ଦୁର୍ଗାପୂଜା ତିଥି ରେ ପିପିଲି ଠାରେ ସଚେତନ ନାଗରିକ ମଞ୍ଚ ଆନୁକୂଲ୍ୟରେ ଅନୁଷ୍ଠିତ ହେବାକୁ ଯାଉଥିବା ଏଗାରତମ ରାବଣପୋଡି ମହୋତ୍ସବର ପ୍ରସ୍ତୁତି ବୈଠକି ପଦା ପଡିଆ ସ୍ଥିତ ନୀଳକେ=ଶର ମନ୍ଦିର ପ୍ରାଙ୍ଗଣରେଅନୁଷ୍ଠିତ ହୋଇଯାଇଛି । ମହୋତ୍ସବ କମିଟି ସଭାପତି ଆଇନଜୀବୀ ସୁରେଶ ରଥଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେଏଥର ୨୫ ଫୁଟ ଉଚ୍ଚର ରାବଣ ମୁଖ୍ୟ ଆକର୍ଷଣ ବିନ୍ଦୁ ହେବା ପାଇଁ ସ୍ଥିର କରାଯାଇଥିବା ବେଳେ ଦର୍ଶକ ଙ୍କ ନିମନ୍ତେ ରଙ୍ଗଝରଙ୍ଗ କାର୍ଯ୍ୟକ୍ରମ ସହ ପିପିଲି ଅଂଚଳର ବିଭିନ୍ନ ବର୍ଗର ପ୍ରତିଭା ମାନଙ୍କୁ ସମ୍ବର୍ଦ୍ଧିତ କାର୍ଯ୍ୟକ୍ରମ ରହିଛି । ଏହି ସାଂସ୍କୃତିକ କାର୍ଯ୍ୟକ୍ରମ ଶାନ୍ତି ଶୃଙ୍ଖଳା ସହ ସମାପନ ହେବା ପାଇଁ ସ୍ଥାନୀୟ ପୋଲିସ, ଦମକଳ ଏବଂ ଆମ୍ବୁଲାନ୍ସ ବ୍ୟବସ୍ଥା କରାଯିବା ପାଇଁ ଅନୁଷ୍ଠାନ ତରଫରୁ ସ୍ଥିର କରାଯାଇଥିବା ସଂଗଠନ ର ଉପଦେଷ୍ଟା ଭଗବାନ ସେଠି ସୂଚନା ଦେଇଛନ୍ତି । ଏହି ବୈଠକ ରେ ଅନ୍ୟମାନଙ୍କ ମଧ୍ୟରେ ବିଘ୍ନେଶ ଦାସ, ଗୌରାଙ୍ଗ ଚରଣ ମହାନ୍ତି, ସୁଦାମ ଖୁଣ୍ଟିଆ, ଲାଲ ବ୍ରଜବିହାରୀ ପ୍ରସାଦ ରାୟ, ପ୍ରମିଳା ପଣ୍ଡା, ବିଭୁତି ବେହେରା, ସୁରେନ୍ଦ୍ର ବେହେରା, ଗୁଣନିଧି ମାଝୀ, ଶାନ୍ତିଲତା ସିଂ, ହୁଲାସ ସାହୁ, ପ୍ରଦୀପ ମିଶ୍ର, ନରେଶ ଦାସ, ସୁଶାନ୍ତ ଦାସ, ସଞ୍ଜୟ ଦାସ ପ୍ରମୁଖ ଉପସ୍ଥିତ ରହିଥିଲେ ।

**LOST DOCUMENTS**

By virtue of an Affidavit sworn before the Notary Public, Cuttack, dated 15.09.2025, I, **Samirkant Roul,** aged about 48 years, S/o- Niranjan Roul, permanent resident At: Tangarapali, PO: Rourkela-7, Dist.: Sundergarh, Odisha, PIN-769007 and present residing At/PO/PS: Bidanasi, Dist.: Cuttack, Odisha, PIN-753014, do hereby declare that, on 10.09.2025, At: Bidanasi, Dist.: Cuttack, Odisha, I lost the original document somewhere which I am unable to find them so far. Documents Details: (i) Regd. Sale Deed No. 531, Dt.: 13.02.2004 (Original), (ii) R.O.R No. 111/273 (Original), bearing Khata No.: 111/307, Plot No. 160/1019, Area: Ac.0.017,7 dec. under Mouza: Cuttack Sahar Unit No. 6 Uttar Deulasahi, Tahasil: Cuttack Sadar, Dist.: Cuttack, Odisha.

**Samirkant Roul**

**AFFIDAVIT**

**I, Rashmirekha Parida, D/o- Shri Dhaneswar Barik, resident of Qtrs. No-E-41/1,Rental Colony, I.R.C Village,Bhubaneswar,P.O/P.S-Nayapalli, Dist-Khurda, Pin-751015, Odisha declare by this affidavit No.78AA806760 dtd.-15/09/2025 that now onwards I shall be known as RASHMIREKHA BARIK for all future purposes.**

**AFFIDAVIT**

By virtue of an Affidavit sworn before Executive Magistrate, Nayagarh Odisha on dated. 16.09.2025 I, Chhabi Majhi, S/o- Praful Majhi Resident of Village Hatakata, P.O- Purusottamprasad, P.S.- Fategarh, Dist - Nayagarh, PIN-752077 declare that I have changed my minor Son's name from Basant Majhi to Basanta Majhi. Henceforth, He shall be known as Basanta Majhi for all purposes.

**Sd/- Chhabi Majhi**

# ବିଜେପିର ସେବାପକ୍ଷ କର୍ମଶାଳା

ଦଶପଲ୍ଲା, (ସବ୍ୟ) : ବିଜେପି ବଣିଗୋଛା ମଣ୍ଡଳ ତରଫରୁ ସେବା ପକ୍ଷ କର୍ମ ଶାଳା ସୋମବାର ଦିନ ଅନୁଷ୍ଠିତ ହୋଇଯାଇଛି । ଶ୍ରୀ ଚନ୍ଦ୍ରଶେଖର ମନ୍ଦିର ପ୍ରାଙ୍ଗଣ ରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ପୂର୍ଣ୍ଣ ଚନ୍ଦ୍ର ନାୟକଙ୍କ ସଭାପତିତ୍ୱ କରିଥିଲେ । ଉକ୍ତ କର୍ମଶାଳା ରେ ସ୍ୱଚ୍ଛତା, ବୃକ୍ଷ ରୋପଣ, ସେବା , ଓ ଆଞ୍ଚଳିକ ସମସ୍ୟା ବିଷୟରେ ଆଲୋଚନା କରାଯାଇ ଥିଲା । ସେପେଟମ୍ବର ୧୭ ତାରିଖରୁ ଅକଟୋବର ୨ପର୍ଯ୍ୟନ୍ତ ବିଜେପି ଜିଲ୍ଲା ଓ ମଣ୍ଡଳ, ସ୍ତରରେ ଯେଉଁ ସବୁ କାର୍ଯ୍ୟକ୍ରମ ହାତ କୁ ନେବ ତାହା କାର୍ଯ୍ୟକାରୀ କରିବା ପାଇଁ ଉପସ୍ଥିତ କର୍ମୀ ମାନେ ନିଜର ମତ ପୋଷଣ କରିଥିଲେ । ଆସନ୍ତା ୧୭ ତାରିଖ ଠାରୁ ମା ପାଇଁ ଗଛଟିଏ କାର୍ଯ୍ୟକ୍ରମ ଆରମ୍ଭ ହେବ । ସମସ୍ତେ ନିଜ ଘର ସହ ବୁଥ ସ୍ତରରେ, ପଂଚାୟତ ସ୍ତରରେ ଏବଂ ମଣ୍ଡଳ ସ୍ତରରେ କରିବା ପାଇଁ ନିଷ୍ପତି ନିଆଯାଇଥିଲା । ନୂଆଗାଁ ପଞ୍ଚାୟତ ମୁଖ୍ୟ ରାସ୍ତା ଦୋଳମୁଣ୍ଡେଇ ରାସ୍ତା, ଦଦାର ରାସ୍ତା ଏବଂ ଅଭୟପୁର ରାସ୍ତା ମରଣ ଯନ୍ତା ପାଲଟି ଥିବାରୁ ତୁରନ୍ତ ପଦେକ୍ଷପ ନେବାପାଇଁ ବୈଠକ ରେ ଆଲୋଚନା କରାଯାଇଥିଲା । ନୂଆଗାଁ ପଞ୍ଚାୟତକୁ କନ୍ଧମାଳ ସାଂସଦ ସୁକାନ୍ତ କୁମାର ପାଣିଗ୍ରାହୀ ସାଂସଦ ପାଣ୍ଠିରୁ ଦୋଳମୁଣ୍ଡେଇ କୋଠ ଘରକୁ ଦୁଇ ଲକ୍ଷ ଏବଂ ନୂଆଗାଁ ନବଗ୍ରହ ମଣ୍ଡପ ଉନ୍ନତି ପାଇଁ ଏକ ଲକ୍ଷ ମଞ୍ଜୁ କରି ଥିବାରୁ ତାଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ସାଂସଦ ବ୍ଲକ ପ୍ରତିନିଧି କିଶୋର ଚନ୍ଦ୍ର ଦଳବେହେରା ସାଧାରଣ ସମ୍ପାଦକ ଗୋକୁଳ ଚନ୍ଦ୍ର ନାୟକ, ଦନାର୍ଦ୍ଦନ ସାହୁ ଙ୍କ ସହ ସମ୍ପାଦକ ବିପ୍ର ନାୟକ, ଅରୁଣ ନାୟକ, ପ୍ରମୋଦ ଦଳବେହେରା, ଜଗନ୍ନାଥ ନାୟକ,ସରୋଜ ନାୟକ, ସିମାଞ୍ଚଳ ନାୟକ, ଅଭିନ୍ନ୍ୟ ନାୟକ ଆଦି କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ ।

**ନାମଲେଖା ବିଜ୍ଞାପନ**

'ବେଦବିଦ୍ୟା ଗୁରୁକୁଳମ୍'ରେ ସମ୍ପୂର୍ଣ୍ଣ ମାଗଣାରେ ବେଦ ପାଠ ପଢ଼ିବା ପାଇଁ ଦରଖାସ୍ତ ଆହ୍ୱାନ କରାଯାଉଛି । ପ୍ରତ୍ୟେକ ବେଦ ନିମନ୍ତେ ୮ ଜଣ ଛାତ୍ରଛାତ୍ରୀଙ୍କୁ ଗ୍ରହଣ କରାଯିବ ।

ଆଗ୍ରହୀ ପ୍ରାର୍ଥୀ ବିଶଦ ବିବରଣୀ ସହ ଯୋଗାଯୋଗ କରନ୍ତୁ ।

**ଯୋଗାଯୋଗ :**
ହ୍ୱାଟ୍ସଆପ୍ ନଂ – ୯୯୩୬୭୫୩୮୧୯୩
୮୨୪୯୨୯୩୯୦୧

**ଇ-ମେଲ୍ :**
apply@satyachetana.org

**ଠିକଣା**
ବେଦବିଦ୍ୟା ଗୁରୁକୁଳମ୍,
କୋଣଳାଇ, ଆଡିଆନାମଲାଇ,
ତିରୁବନାମଲାଇ,
ତାମିଲନାଡୁ – ୬୦୬୬୦୪

**ନାମଲେଖା ବିଜ୍ଞାପନ**

ତିରୁବନାମଲାଇ, ତାମିଲନାଡୁର 'ବେଦବିଦ୍ୟା ଗୁରୁକୁଳମ୍' (ସିବିଏସ୍‌ଇ ପାଠ୍ୟକ୍ରମ)ରେ ସମ୍ପୂର୍ଣ୍ଣ ମାଗଣାରେ ପାଠ ପଢ଼ିବା ପାଇଁ ଦରଖାସ୍ତ ଆହ୍ୱାନ କରାଯାଉଛି । ଓଡ଼ିଶାରୁ ମାତ୍ର ଦଶ ଜଣ ଛାତ୍ରଛାତ୍ରୀଙ୍କ ପାଇଁ ସୁଯୋଗ ରହିଛି । ବୟସ ସୀମା : ୧.୧.୨୦୨୬ ସୁଦ୍ଧା ୮ ରୁ ୯ ବର୍ଷ ହୋଇଥିବା ଆବଶ୍ୟକ ।

ଆଗ୍ରହୀ ପ୍ରାର୍ଥୀ ବିଶଦ ବିବରଣୀ ସହ ଯୋଗାଯୋଗ କରନ୍ତୁ ।

**ଯୋଗାଯୋଗ :**
ହ୍ୱାଟ୍ସଆପ୍ ନଂ – ୯୯୩୬୭୫୩୮୧୯୩
୮୨୪୯୨୯୩୯୦୧

**ଇ-ମେଲ୍ :**
apply@satyachetana.org

**ଠିକଣା**
ବେଦବିଦ୍ୟା ଗୁରୁକୁଳମ୍,
କୋଣଳାଇ, ଆଡିଆନାମଲାଇ,
ତିରୁବନାମଲାଇ,
ତାମିଲନାଡୁ – ୬୦୬୬୦୪

**ନିଯୁକ୍ତି ବିଜ୍ଞାପନ**

୧. ବେଦବିଦ୍ୟା ଗୁରୁକୁଳମ୍ (ସିବିଏସ୍‌ଇ ପାଠ୍ୟକ୍ରମ) ନିମନ୍ତେ ଇଂରାଜୀ, ଗଣିତ, ସାମାଜିକ-ବିଜ୍ଞାନ, କମ୍ପ୍ୟୁଟର ଓ ହିନ୍ଦୀ ଶିକ୍ଷକ ଆବଶ୍ୟକ ।
୨. ବେଦଯଜ୍ଞ ନିମନ୍ତେ କର୍ମକାଣ୍ଡୀ ବ୍ରାହ୍ମଣ, ଆଚାର୍ଯ୍ୟ ଓ ଅଧ୍ୟକ୍ଷ ଆବଶ୍ୟକ ।
୩. ବେଦବିଦ୍ୟା ଗୁରୁକୁଳ ପାଇଁ ରୋଷେୟା ଆବଶ୍ୟକ ।

ଆଗ୍ରହୀ ପ୍ରାର୍ଥୀ ବିଶଦ ବିବରଣୀ ସହ ଯୋଗାଯୋଗ କରନ୍ତୁ ।

**ଯୋଗାଯୋଗ :**
ହ୍ୱାଟ୍ସଆପ୍ ନଂ – ୯୯୩୬୭୫୩୮୧୯୩
୮୨୪୯୨୯୩୯୦୧

**ଇ-ମେଲ୍ :**
apply@satyachetana.org

**ଠିକଣା**
ବେଦବିଦ୍ୟା ଗୁରୁକୁଳମ୍,
କୋଣଳାଇ, ଆଡିଆନାମଲାଇ,
ତିରୁବନାମଲାଇ,
ତାମିଲନାଡୁ – ୬୦୬୬୦୪

# ସୋନି ଇଣ୍ଡିଆର ନୂଆ ଅଭିଯାନ ଅବ୍ କୁଛ୍ ସିନେମାଟିକ୍ କର୍‌ତେ ହେଁ

ବାଲେଶ୍ୱର: ସୋନି ଇଣ୍ଡିଆ ପକ୍ଷରୁ ଏକ ନୂଆ ଅଭିଯାନ ଅବ୍ କୁଛ୍ ସିନେମାଟିକ୍ କର୍‌ତେ ହେଁକୁ ଉନ୍ମୋଚନକରାଯାଇଛି । ଏଥିରେ ଭାରତୀୟ ବିବାହର ନିରବ ନାୟକ ସ୍ଥାନୀୟ ଫଟୋ ଓ ଭିଡିଓ ଷ୍ଟୁଡିଓ ପ୍ରତି ସମ୍ମାନ ପ୍ରଦାନକରାଯାଇଛି । ଛୋଟ ସହରଗୁଡ଼ିକରେ ଦଶନ୍ଧି ଦଶନ୍ଧି ଧରି ସେହି ସମାନ ଷ୍ଟୁଡିଓର ବିଭିନ୍ନ ପିଢ଼ି ଦ୍ୱାରା ଫଟୋଗ୍ରାଫିପରମ୍ପରା ଆଗକୁ ବଢ଼ିଥାଏ । ସେହି ପରିବାର ପରିଚାଳିତ ଷ୍ଟୁଡିଓ ଗୁଡିକୁ ବେଶ୍ ବିଶ୍ୱାସ କରାଯାଏ । ଦୁନିଆବଦଳିଯାଇଥିବା ବେଳେ ବିବାହରେ ମଧ୍ୟ ପରିବର୍ତ୍ତନ ଘଟିଛି । ତେଣୁ କ୍ୟାମେରାରେ ମଧ୍ୟ ପରିବର୍ତ୍ତନରଆବଶ୍ୟକତା ରହିଛି ।ଏହି ଅଭିଯାନରେ ସୋନି ପକ୍ଷରୁ ବିବାହ କ୍ରିଏଟରମାନଙ୍କୁ ନିଜ ଗିୟର ଅପ୍‌ଗ୍ରେଡ୍ କରିବା ସହ ନିଜ କଳାରେ ସଂସ୍କାର ଆଣିବା ପାଇଁ ଆମନ୍ତ୍ରଣ କରାଯାଉଛି । ସୋନି ସିନେମା ଲାଇନ୍‌ର ଏଫ୍‌ଏକ୍ସ ୩୦ ପ୍ରାରମ୍ଭିକ ମଡେଲ୍ ବିନାଖର୍ଚ୍ଚ ପ୍ରତିବନ୍ଧକରେ ସିନେମା ଭଳି ଅନୁଭବ ପ୍ରଦାନ କରୁଛି । ଏହା ଛୋଟ, ଶକ୍ତିଶାଳୀ ଏବଂ ପ୍ରଫେସନାଲ୍‌ମାନେ ବ୍ୟବହାର କରୁଥିବା ସୁବିଧାସୁଯୋଗରେ ପରିପୂର୍ଣ୍ଣ । ଏଫ୍‌ଏକ୍ସ୩୦ ସିନେମାର ଯାଦୁକୁ ପ୍ରତି ସ୍ଥାନୀୟ ଷ୍ଟୁଡିଓ ହାତପାଆନ୍ତାରେ ପହଂଚାଇବ ।ସୋନି ଇଣ୍ଡିଆର ଇମେଜିଂ ବ୍ୟବସାୟର ମୁଖ୍ୟ ମୁକେଶ ଶ୍ରୀବାସ୍ତବ କହିଛନ୍ତି ଯେ, ସୋନି ଇଣ୍ଡିଆରେ ଆମରବିଶ୍ୱାସ ରହିଛି ଯେ ବିବାହ ଏକ କାର୍ଯ୍ୟକ୍ରମଠାରୁ ଢ଼େର ଅଧିକ ଏବଂ ସେଗୁଡ଼ିକ ହେଉଛି ଜୀବନରେ ଏକମାତ୍ରକାହାଣୀ ଯାହାକୁ ସିନେମା ଭଳି ସମାନ ଭବ୍ୟତା ଓ ଯାଦୁ ସହିତ କହିବା ପାଇଁ ସଂରକ୍ଷିତ ରଖିବା ଦରକାର । ବିଗତବର୍ଷଗୁଡ଼ିକରେ ଭାରତୀୟ ବିବାହରେଘଟିଥିବା ରୂପାନ୍ତରଣକୁ ଆମେ ଦେଖିଛୁ । ଆଜିର ଦମ୍ପତିମାନେ କେବଳମୁହୂର୍ତ୍ତକୁ ତୋଳି ଧରିବାକୁ ଚାହୁନାହାନ୍ତି, ସେମାନେ ତାହାକୁ ଏକ ଅସୀମ ସିନେମାରେ ପରିଣତ କରିବାକୁ ଚାହୁଛନ୍ତିଯାହାକୁ ପିଢ଼ି ପିଢ଼ି ଧରି ଅନୁଭବ କରିପାରିବେ । ଅବ କୁଛ୍ ସିନେମାଟିକ୍ କର୍‌ତେ ହେଁ' ସହିତ ଆମେ ସେହିଷ୍ଟୁଡିଓଗୁଡ଼ିକୁ ପାଳନ କରୁଛୁ ଯେଉଁମାନେ ପିଢ଼ି ପିଢ଼ି ଧରି ଏହି ମୁହୂର୍ତ୍ତଗୁଡ଼ିକର ରକ୍ଷାକାର ହୋଇଛନ୍ତି । ନୂଆ ଯୁଗରକାହାଣୀ ବର୍ଣ୍ଣନାକୁ ଗ୍ରହଣ କରିବା ଲାଗି ଆମେ ସେମାନଙ୍କୁ ସ୍ୱାଗତ କରୁଛୁ । ଏହି ଅଭିଯାନ କେବଳ ପ୍ରଯୁକ୍ତିର କଥାକହୁନାହିଁ, ଏହା ପରମ୍ପରାକୁ ସମ୍ମାନ, ପରିବର୍ତ୍ତନକୁ ଗ୍ରହଣ ଏବଂ ପ୍ରତି ପ୍ରେମ କାହାଣୀକୁ ତାହା ହକଦାର ଥିବାସିନେମାଟିକ୍ ଅଧ୍ୟାୟ ପ୍ରଦାନ କରିବାକୁ ଚାହୁଁଛି ।"ଏହି ସିନେମା ହେଉଛି ୬ ମିନିଟର ଏବଂ ତାହାକୁ ହିନ୍ଦୀ, ମାଲାୟାଲମ, ତେଲୁଗୁ ଓ କନ୍ନଡ ଭାଷାରେ ପ୍ରସ୍ତୁତକରାଯାଇଛି ଯାହା ବିବାହ ଫଟୋଗ୍ରାଫର ଓ ଦମ୍ପତିଙ୍କ ଭିତରେ ଥିବା ଭାବପୂର୍ଣ୍ଣ ସମ୍ପର୍କକୁ ତୋଳି ଧରିଛି ।ନିକଟରେ ସୋନି ଏଫ୍‌ଏକ୍ସ ୩୦କୁ ଗ୍ରହଣ କରିଥିବା ଡିଏଫ୍ ପ୍ରଡକ୍ସନ୍‌ର ଦେବେନ କହିଛନ୍ତି ଯେ, ଏହିକ୍ୟାମେରାରେ ଯେଉଭଳି ନମନୀୟତା ରହିଛି ଆଗରୁ ମୋର ଥିବା ଗିୟର୍‌ରେ ସେଭଳି ନମନୀୟତା ନଥିଲା । ଏଫ୍‌ଏକ୍ସ୩୦ ଜରିଆରେ ବିବାହ ସୁଟିଂ କରିବା ବେଶ୍ ସହଜ ହୋଇଛି ଏବଂ ଫଳାଫଳ ମଧ୍ୟ ସିନେମା ଭଳି ଦେଖାଯାଉଛି ।"

**AFFIDAVIT**

By virtue of an Affidavit sworn before Executive Magistrate, Nayagarh Odisha on dated. 16.09.2025 I, Kabiraj Das, S/o- Bhikari Das Resident of Village Anandapalli, P.O.- Kendudhipi, P.S- Itamati, Dist-Nayagarh, PIN-752079 declare that I have changed my minor Daughter's name from Ipsita Das to Ipsmita Das. Henceforth, She shall be known as Ipsmita Das for all purposes.

**Sd/- Kabiraj Das**

**ଦ.ପୂ. ରେଳପଥ-**

ଇ-ଟେଣ୍ଡର ନୋଟିସ ନଂ. ୪୪୪୬-ଜିଆରସି-ସିଇ-ସି-୦ଆଇ-୧୫-୨୦୨୫ । ଭାରତର ରାଷ୍ଟ୍ରପତିଙ୍କ ତରଫରୁ ଓ ପାଇଁ ଚିଫ୍ ଇଞ୍ଜିନିୟର (କନଷ୍ଟ୍ରକସନ) / ଆଇ/ ଜିଆରସି ନିମ୍ନୋକ୍ତ କାର୍ଯ୍ୟ ନିମନ୍ତେ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି : ନିମ୍ନୋକ୍ତ ଟେଣ୍ଡର ୱେବସାଇଟ୍ www.ireps.gov.in ରେ ଅପଲୋଡ୍ ହୋଇଛି । ଟେଣ୍ଡର ନିର୍ଦ୍ଧାରିତ ତାରିଖର ୧୨.୦୦ ଘଟିକା ସମୟରେ ବନ୍ଦ ହେବ । କାର୍ଯ୍ୟର ସଂକ୍ଷିପ୍ତ ବିବରଣୀ : ସିଇ/ କନଷ୍ଟ୍ରକସନ/ଆଇ/ଜିଆରସି, ନିର୍ମାଣ ସଂଗଠନ, ଦକ୍ଷିଣ ପୂର୍ବ ରେଳପଥଙ୍କ କ୍ଷମତା ଅଧୀନରେ ଥିବା ବିଭିନ୍ନ ନିର୍ମାଣ ୟୁନିଟ/ସେକ୍ସନରେ ପ୍ରୋଜେକ୍ଟ ସୁପରଭିଜନ ସର୍ଭିସେସ୍ ବ୍ୟବସ୍ଥା ପାଇଁ ପ୍ରୋଜେକ୍ଟ ସୁପରଭିଜନ ସର୍ଭିସେସ୍ ଏଜେନ୍ସି (ପିଏସ୍‌ଏସଏ) ନିଯୁକ୍ତି ନିମନ୍ତେ ଅନୁରୋଧ ପ୍ରସ୍ତାବ ( ଆରଏଫ୍‌ପି) । ଆନୁମାନିକ ମୂଲ୍ୟ : ଟ. ୧୩.୧୩ କୋଟି, ବିଡ୍ ସିକ୍ୟୁରିଟି : ଟ. ୮,୦୬,୬୦୦/- । ସମାପ୍ତି ସମୟ : ୨୪ ମାସ । ବନ୍ଦ ତାରିଖ : ୧୦.୧୦.୨୦୨୫ । ଇଚ୍ଛୁକ ଟେଣ୍ଡରଦାତାମାନେ ଟେଣ୍ଡରର ସମ୍ପୂର୍ଣ୍ଣ ତଥ୍ୟ/ବିବରଣୀ / ସ୍ପେସିଫିକେସନ ପାଇଁ ୱେବସାଇଟ୍ www.ireps.gov.in ଦେଖିପାରିବେ ଏବଂ ସେମାନଙ୍କର ବିଡ୍ ଅନଲାଇନ୍ ଦାଖଲ ହେବ । ଏହିସବୁ ଆଇଟମ ପାଇଁ କୌଣସି କ୍ଷେତ୍ରରେ ମାନୁଆଲ ଟେଣ୍ଡର ଗ୍ରହଣ ହେବନାହିଁ । ବି.ଦ୍ର : ଆଗାମୀ ଦିନରେ ଅନ୍ୟ ସମସ୍ତ ଟେଣ୍ଡରରେ ଅଂଶଗ୍ରହଣ କରିବାକୁ ନିୟମିତ ଭାବେ www.ireps.gov.in ଦେଖିପାରିବେ । (PR-630)

**ROURKELA DEVELOPMENT AUTHORITY**
**UDITNAGAR, ROURKELA-769012**
**No. 2415/RDA, Dated. 15.9.25**

**PROCLAMATION**

**CAD-1791 :** It is hereby informed to the General public **Sandeep Kumar Sahu, Sumant Kumar Sahu, Sudep Kumar Sahu & Deepak Kumar Sahu, all are S/o- Late Sukhendu Bikash Sahu, have applied for Mutation House No. C2M/85 Chhend Housing Project, Stage-II, Chhend, Rourkela-15** in their favour consequent upon of father **Late Sukhendu Bikash Sahu.** Anybody has got objection to the proposed mutation, he/she may file objection petition before the undersigned within 30 (thirty) days from the date of publication of this proclamation. Objection petition shall not be entertained after expiry of the stipulated Period.

Sd/- Secretary
Rourkela Development Authority

OIPR : 13250/11/0106/2526

GOVERNMENT OF ODISHA, "e"-PROCUREMENT NOTICE
OFFICE OF THE SUPERINTENDINGENGINEER, PURI (R&B) DIVISION, PURI
**WORKS DEPARTMENT**
**Short Tender Call Notice**

E-mail: eerbpuri@yahoo.co,in

**Bid Identification No. SE(R&B) Puri-3 1/2025-26**

**B-523 :** The Superintending Engineer, Puri (R&B) Division, Puri on behalf of Governor of Odisha inviting percentage rate bid in Single cover system in ONLINE MODE form the eligible class of contractors registered with the State Governments and contractors of equivalent Grade/ Class registered with Central Government / Railways :

1. Nature of Work : Electrical Works.
2. No of Work : 3 Nos
3. Tender Cost : Rs. 6000.00 (On-Line)
4. Class of bidders : MV/HT
5. Available of Bid document in of the Website : From 10.00 AM of Dt. 19.09.2025 to 05.00 PM Dt.03.10.2025
6. Last Date of receipt of tender : Dt.03.10.2025 up to 05.00 PM
7. Date of opening of Bid : Dt.04.10.2025 at 11:00 AM
8. The Bidders have to participate in ONLINE bidding only. Further details can be seen from the Website: https://tenderodisha.gov.in . Any Addendum / Corrigendum / Cancellation of tender can also be seen in the said website.

Sd/- Superintending Engineer
Puri (R&B) Division, Puri

OIPR : 34064/11/0042/2526

O-753

**GOVERNMENT OF ORISSA**
**OFFICE OF THE CHIEF CONSTRUCTION ENGINEER**
**RURAL WORKS CIRCLE, BOLANGIR**
**e-Procurement Notice**

| | | | |
|---|---|---|---|
| 1. | Name of work | : | Construction of Building works in the District of Bolangir for the year 2024-25 |
| 2. | No. of works | : | 9 (Nine) work. |
| 3. | Time for completion varies from | : | 12 (Twelve) Calendar Months. |
| 4. | Approximate estimated cost varies | : | Rs. 102.03 lakhs Rs. 174.91 lakhs |
| 5. | Mode of Submission of tender | : | Tender should be submitted online in **www.tendersodisha.gov.in** |
| 6. | Other details are as follow | | |

| Procurement Officer | Bid Identification No. | Availability of tender On-line for bidding | | Last Date & Time of seeking Tender Clarification | Date and Opening of Tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| Chief Construction Engineer, Rural Works, Circle, Bolangir | BLGR-Online-13/2025-26 | 18.09.25 at 11.00 A.M. | 04.10.25 up to 5.00 P.M. | 03.10.25 up to 5.00 P.M. | 06.10.2025 at 11.00 A.M. | The date will be intimated Later on |

- Further details can be seen from the website **www.tendersodisha.gov.in**
- Any Corrigendum/Addendum will be displayed in the above e tender website only.

Sd/- Construction Engineer
R.W. Circle, Bolangir

OIPR : 25118/11/0050/2526

# ଅଇଁଠାପାଲି ଛକ ନିକଟରେ ଗ୍ୟାସ ଲିକ୍, ଭୟରେ ଲୋକେ



ସମ୍ବଲପୁର, (ସବ୍ୟ) : ସମ୍ବଲପୁର ସହର ଅଇଁଠାପାଲି ଛକ ନିକଟରେ ଗ୍ୟାସ ଲିକ୍ ହୋଇଥିବା ଜଣାପଡ଼ିଛି । ଏହା ଜଣାପଡ଼ିବା ପରେ ଅଞ୍ଚଳରେ ଭୟର ବାତାବରଣ ସୃଷ୍ଟି ହୋଇଛି । ଖବର ପାଇ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଏହାକୁ ବନ୍ଦ କରିବାକୁ ଉଦ୍ୟମ କରୁଛି । କେଉଁ କାରଣରୁ ଗ୍ୟାସ ଲିକ୍ ହେଉଛି ତାହା ଅସ୍ପଷ୍ଟ ରହିଛି । ସୂଚନାଯୋଗ୍ୟ, ସମ୍ବଲପୁର ସହର ମଧ୍ୟ ଦେଇ ବିପିସିଏଲ କମ୍ପାନୀର ପାଇପ୍ ଲାଇନ୍ ଯାଇଛି । ତେବେ ସେଥିରୁ ଗ୍ୟାସ ଲିକ ହେବା ଓ କିଛି ସମୟର ପୂର୍ବରୁ ନିଆଁ ଲାଗି ଯାଇଥିବା ସ୍ଥାନୀୟଲୋକେ କହିଛନ୍ତି । ତେବେ ସ୍ଥାନୀୟ ଲୋକେ ନିଆଁକୁ ଆୟତ୍ତ କରିଥିବାବେଳେ ଏହି ଅଞ୍ଚଳକୁ ସିଲ କରାଯାଇଛି । ଅଗ୍ନି ନିର୍ବାପକ ଯନ୍ତ୍ର ମହଜୁତ ରଖାଯାଇଛି । ପୋଲିସ ଓ ଅଗ୍ନିଶମ ବାହିନୀ ସ୍ଥିତି ଉପରେ ନଜର ରଖିଛନ୍ତି ।

**AFFIDAVIT**

By virtue of an Affidavit sworn before (Executive Magistrate BHUBANESWAR, Dated. 09.7.2025 I, CHANDRAMANI NAYAK Address AT-RAJPUR, PO-KERARAGARH, KENDRAPARA, ODISHA, 754246, PS-RAJNAGAR declare that I have changed the name of my son SIBU NAYAK to SIBAM NAYAK. Henceforth, he shall be known as SIBAM NAYAK for all purposes.

**CHANDRAMANI NAYAK**
**(Applicant Name)**

# ପୋଖରୀରେ ଗାଧୋଇବା ବେଳେ ଅଘଟଣ, ପାଣିରେ ବୁଡି ଜଣେ ମୃତ

ହରଭଙ୍ଗା, (ସବ୍ୟ): ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ ପୁରୁଣାକଟକ ଥାନା ଅର୍ନ୍ତଗତ ସିଙ୍ଗାଣିବିଡା ଗ୍ରାମରେ ମଙ୍ଗଳବାର ଅପରାହ୍ଣ ସମୟରେ ଏକ ଅଘଟଣ ଘଟିଛି । ପୋଖରୀରେ ଗାଧୋଇବା ବେଳେ ପାଣିରେ ବୁଡି ଜଣଙ୍କର ମୃତ୍ୟୁ ଘଟିଛି । ମୃତକ ଜଣଙ୍କ ହେଉଛନ୍ତି ସିଙ୍ଗାଣିବିଡା ଗ୍ରାମର ଅରକ୍ଷିତ ପ୍ରଧାନ (୫୫) ବୋଲି ସୂଚନା ମିଳିଛି । ମିଳିଥିବା ସୂଚନା ଅନୁସାରେ ମଙ୍ଗଳବାର ଅପରାହ୍ଣ ପ୍ରାୟ ୧ଟା ସମୟରେ ସେ ପୋଖରୀକୁ ଗାଧୋଇବାକୁ ଯାଇଥିଲେ । ଅସାବଧାନତାବଶତଃ ପୋଖରୀରେ ବୁଡି ତାଙ୍କର ମୃତ୍ୟୁ ଘଟିଥିଲା । ସ୍ଥାନୀୟ ଲୋକେ ମୃତଦେହ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ପୁରୁଣାକଟକ ମେଡିକାଲ ପଠାଇଥିଲେ । ମୃତ ଅରକ୍ଷିତ ଘରର ଏକ ମାତ୍ର ରୋଜଗାରିଆ ବ୍ୟକ୍ତି ଥିଲେ ଛତାଙ୍କ ମୃତ୍ୟୁ ପରେ ପତ୍ନୀ ଶାରଳା ଙ୍କ ସହ ୩ ଝିଅ ଏବଂ ୭ପୁଅ ସମ୍ପୂର୍ଣ୍ଣ ବେସାହାରା ହୋଇପଡିଛନ୍ତି । ତୁରନ୍ତ ମୃତକ ଗରିବ ପରିବାରକୁ ସରକାରୀ ସହାୟତା ଯୋଗାଇଦେବାକୁ ଦାବୀ ହେଉଛି ।

# ସୂର୍ଯ୍ୟମନ୍ଦିର ପରିଦର୍ଶନ କଲେ ହାଇକୋର୍ଟ ମୁଖ୍ୟ ବିଚାରପତି

କୋଣାର୍କ, (ସବ୍ୟ): ରବିବାର ପୂର୍ବାହ୍ନରେ ହାଇକୋର୍ଟର ମୁଖ୍ୟ ବିଚାରପତି ହରିଶ ଟଣ୍ଡନ ସପରିବାର କୋଣାର୍କ ସୂର୍ଯ୍ୟମନ୍ଦିର ପରିଦର୍ଶନ ଆସିଥିଲେ । ଏଠାରେ ପହଞ୍ଚିବା ପରେ ପ୍ରଥମେ ଯାତ୍ରୀନିବାସରେ ଗାର୍ଡ ଅଫ ଅନର ଦିଆଯାଇଥିଲା । ପରେ ସୂର୍ଯ୍ୟମନ୍ଦିର ପରିଦର୍ଶନ କରିଥିଲେ । ସ୍ୱୀକୃତିପ୍ରାପ୍ତ ଗାଇଡ ବିଶେଶ୍ୱର ଦାଶ ସୂର୍ଯ୍ୟମନ୍ଦିରର ଐତିହାସିକ ତଥ୍ୟ ବୁଝାଇ ଦେଖାଇଥିଲେ । ସୂର୍ଯ୍ୟମନ୍ଦିରର ସୂକ୍ଷ୍ମ କାରୁକାର୍ଯ୍ୟ ଗୁଡିକ ଦେଖି ଭାବ ବିହ୍ୱଳ ହୋଇଥିଲେ । ମନ୍ଦିରରେ କିଛି ସମୟ ଅତିବାହିତ କରିସାରିବା ପରେ ପୁରୀ ଅଭିମୁଖେ ଫେରିଯାଇଥିଲେ । ମୁଖ୍ୟ ବିଚାରପତିଙ୍କ ଏହି ଗସ୍ତ ସମୟରେ ଅତିରିକ୍ତ ଏସପି. ସଚିନ କୁମାର ପଟେଲ, ନିମାପଡ଼ା ଏସଡିପିଓ ଜନାର୍ଦ୍ଦନ ପାଢ଼ୀ, କୋଣାର୍କ ପର୍ଯ୍ୟଟନ ଅଧିକାରୀ ଅମୀୟ କୁମାର ସେଠୀ , ଛାତ୍ରୀନିବାସ ପରିଚାଳକ ବାପି ରଞ୍ଜନ ସାହୁ, କୋଣାର୍କ ଥାନା ଆଇଆଇସି ପୂର୍ଣ୍ଣଚନ୍ଦ୍ର ସେଠୀ ପ୍ରମୁଖ ପ୍ରଶାସନିକ ଅଧିକାରୀ ଉପସ୍ଥିତ ଥିଲେ । ସୁରକ୍ଷା ବ୍ୟବସ୍ଥା କଡାକଡି କରାଯାଇଥିଲା ।



**ବିଜ୍ଞାପନ**

ଓଡିଶା ହିନ୍ଦୁ ଦେବୋତ୍ତର ଆୟୁକ୍ତଙ୍କ ଅଦାଲତ, ଭୁବନେଶ୍ୱର
ଏଫ.ଏ ନଂ ୧୩/୨୦୨୪ ଧାରା୪୪ରେ
ଶ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ପାଢୀ ........... ଆପେଲାଣ୍ଟ
ବନାମ
ଶ୍ରୀମତୀ ପ୍ରଶାନ୍ତ ପାଢୀ ଓଗେର......ରେସପୋଣ୍ଡେଣ୍ଟ ଦେୱାନୀ କାର୍ଯ୍ୟବିଧି ଆଇନର ଆଦେଶ ନଂ ୫ ନିୟମ ୨୦ ଅନୁଯାୟୀ

ଏତଦ୍‌ଦ୍ୱାରା ଆପଣ ଶ୍ରୀମତୀ ପ୍ରଶାନ୍ତ ପାଢୀ ସ୍ୱାମୀ ରମାକାନ୍ତ ପାଢୀ , ଶ୍ରୀ ଲୋକନାଥ ପାଢୀ ପିତା ସ୍ୱର୍ଗତ ରମାକାନ୍ତ ପାଢୀ ଉଭୟେ ସାକିନ-ରାଧା ଦେଉଳପୁର ପୋ.ଅ/ ଥାନା -ପାତ୍ରପୁର ଜିଲ୍ଲା-ଗଞ୍ଜାମ ଏବଂ ଶ୍ରୀମତୀ ନିବେଦିତା ସାହୁ ପିତା ସ୍ୱର୍ଗତ ରମାକାନ୍ତ ପାଢୀ ସ୍ୱାମୀ ଶ୍ରୀ ଲୋକନାଥ ସାହୁ ସା - ଜଗିଆଳ ଷ୍ଟ୍ରିଟ ହିଞ୍ଜିଳିକାଟୁ ପୋଷ୍ଟ/ଥାନା - ହିଞ୍ଜିଳିକାଟୁ ଜିଲ୍ଲା-ଗଞ୍ଜାମଙ୍କୁ ଜଣାଇ ଦିଆଯାଉଛି ଯେ ଶ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ପାଢୀ ଓଗେର ଶ୍ରୀ ଶ୍ରୀ ରାଧାକୃଷ୍ଣ ମହାପ୍ରଭୁ ସା/ପୋଅ- ପାତ୍ରପୁର ଓଗେର ଆପଣମାନଙ୍କୁ ରେସପୋଣ୍ଡେଣ୍ଟ ୧,୨,୫ କରି ଅତ୍ର ଅଦାଲତରେ ଏଫ.ଏ ନଂ ୧୩/୨୦୨୪ ଧା ୪୪ରା ଓଡିଶା ହିନ୍ଦୁ ଦେବୋତ୍ତର ଆଇନ ୧୯୫୧ ଅନୁଯାୟୀ ଉପରୋକ୍ତ ମୋକଦ୍ଦମା ଦାଖଲ କରିଅଛନ୍ତି ।

ଏଣୁ ଆପଣ ଆସନ୍ତା ତା ୧୬.୧୦.୨୦୨୫ରିଖ ଦିବା ୧୦ ଘଟିକାରେ ଅଦାଲତରେ ନିଜେ ବା କ୍ଷମତାପ୍ରାପ୍ତ ଓକିଲଙ୍କ ଦ୍ୱାରା ହାଜର ହୋଇ ମୋକଦ୍ଦମାର ତଦବିର କରିପାରିବେ । ଧାର୍ଯ୍ୟ ତାରିଖରେ ମୋକଦ୍ଦମା ଆପଣଙ୍କ ଗର ହାଜରରେ ଆଇନାନୁଯାୟୀ ବିଚାର କରାଯିବ ।

ଅଦାଲତଙ୍କ ଆଦେଶ ଓ ମୋହରକ୍ରମେ
ସ୍ୱା- ଶ୍ରୀ ଲଲାଟେନ୍ଦୁ ଜେନା
ଓ.ଏସ.ଜେ.ଏସ
ଓଡିଶା ହିନ୍ଦୁ ଦେବୋତ୍ତର ଆୟୁକ୍ତ
ଭୁବନେଶ୍ୱର

ଏଫ.ନଂ.ପି-ଏଲ-୦୨୦୦୧/୧/୨୦୨୫-ପିଏଲ
ଭାରତ ସରକାର
ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ
ନୀତି ଏବଂ ଆଇନ ବିଭାଗ
ଏନଜିଟି ସେଲ୍
..........

ଲେଭେଲ-୧, ଜଳ ୱିଙ୍ଗ,
ଇନ୍ଦିରା ପର୍ଯ୍ୟାବରଣ ଭବନ,
ଜୋର ବାଗ ରୋଡ୍,
ନୂଆଦିଲ୍ଲୀ-୦୩

ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ନ୍ୟାସନାଲ ଗ୍ରୀନ ଟ୍ରିବ୍ୟୁନାଲ (ଏନଜିଟି ) ରେ ପାଞ୍ଚଟି (୦୫) ଖାଲି ପଡ଼ିଥିବା ନ୍ୟାୟିକ ଏବଂ ବିଶେଷଜ୍ଞ ସଦସ୍ୟ ପଦବୀ ପୂରଣ ପାଇଁ ଆବେଦନପତ୍ର ଆହ୍ୱାନ କରୁଛି ।

ଯୋଗ୍ୟତା, କାର୍ଯ୍ୟର ସର୍ତ୍ତାବଳୀ, ବୟସ ସୀମା, ସେବା ସର୍ତ୍ତାବଳୀ ଇତ୍ୟାଦି ମନ୍ତ୍ରଣାଳୟର ୱେବସାଇଟ୍ **www.moef.gov.in** ରେ ଉପଲବ୍ଧ । ଆବେଦନ ଫର୍ମ ସହିତ ବିଜ୍ଞାପନର ବିବରଣୀମନ୍ତ୍ରଣାଳୟର ୱେବସାଇଟ https://parivesh.nic.in/newupqrade//leqal-vacancies ରେ ଉପଲବ୍ଧ ।

ମନ୍ତ୍ରଣାଳୟରେ ଆବେଦନ ଦାଖଲ କରିବାର ଶେଷ ତାରିଖ ପ୍ରକାଶନ ତାରିଖ ୧୭/୧୦/୨୦୨୫ (୨୩:୫୯ଘଟିକା (ମଧ୍ୟରାତ୍ରି)) ଠାରୁ ଚାରି ସପ୍ତାହ । ସମସ୍ତ ଆବେଦନପତ୍ର ସହିତ ଅନଲାଇନରେ ଦାଖଲ କରିବାକୁ ପଡିବ (**https://parivesh.nic.in/newupqrade//leqal-vacancies**) । ମନ୍ତ୍ରଣାଳୟ ଆବେଦନ ଦାଖଲର ଅନ୍ୟ କୌଣସି ପଦ୍ଧତି ଗ୍ରହଣ କରିବ ନାହିଁ କିମ୍ବା ଧାର୍ଯ୍ୟ ତାରିଖ ଏବଂ ସମୟ ପରେ ପ୍ରାପ୍ତ କୌଣସି ଆବେଦନ ପ୍ରକ୍ରିୟାକରଣ କରିବ ନାହିଁ ।

**ସୂଚନା:** ଯେଉଁ ଆବେଦନକାରୀମାନେ ୨୯.୦୩.୨୦୨୫ ତାରିଖର ପୂର୍ବ ବିଜ୍ଞାପନର ଜବାବରେ ପୂର୍ବରୁ ଆବେଦନ ଦାଖଲ କରିଛନ୍ତି, ସେମାନଙ୍କୁ ପୁନର୍ବାର ଆବେଦନ କରିବାକୁ ପଡିବ ନାହିଁ ଏବଂ ନୂତନ ବିଜ୍ଞାପନରେ ବିଜ୍ଞପିତ ସମସ୍ତ ଖାଲି ପଦବୀ ନିମନ୍ତେ ସେମାନଙ୍କର ଆବେଦନଗୁଡ଼ିକୁ ବିଚାର କରାଯିବ ।

**CBC 13101/11/0018/2526**

### ଶ୍ରେଷ୍ଠ ଗୁଣବତ୍ତା ଏବଂ ଆବିଷ୍କାର କ୍ଷେତ୍ରରେ ଦକ୍ଷତା ହାସଲ ପାଇଁ

# ଓଏମସିର ବିଭିନ୍ନ ଦଳକୁ ୧୯ଟି ସ୍ୱର୍ଣ୍ଣ ଏବଂ ୨ଟି ରୌପ୍ୟ ପୁରସ୍କାର

ଭୁବନେଶ୍ୱର, (ସବ୍ୟୁ): ଓଡ଼ିଶା ଖଣି ନିଗମ (ଓଏମସି) ର କ୍ୱାଲିଟି ସର୍କଲ ଦଳ ଗୁଡ଼ିକ ୧୩ ରୁ ୧୪ ସେପ୍ଟେମ୍ବର ମଧ୍ୟରେ ଭୁବନେଶ୍ୱର ଠାରେ ଆୟୋଜିତ "କନଭେନସନ୍ ଅନ୍ କ୍ୱାଲିଟି କନସେପ୍ଟସ୍ (ସି.ସି.କ୍ୟୁ.ଏସ-୨୦୨୫) ର ସପ୍ତମ ଚାପ୍ଟରରେ ୧୯ଟି ସ୍ୱର୍ଣ୍ଣ ଏବଂ ୨ଟି ରୌପ୍ୟ ପୁରସ୍କାର ହାସଲ କରିଛନ୍ତି। କ୍ୱାଲିଟି ସର୍କଲ ଫୋରମ୍ ଅଫ୍ ଇଣ୍ଡିଆ (କ୍ୟୁ.ସି.ଏଫ୍.ଆଇ), ଭୁବନେଶ୍ୱର ଚାପ୍ଟର ଦ୍ୱାରା ଆୟୋଜିତ ଏହି ସମ୍ମିଳନୀରେ "ଆତ୍ମ ନିର୍ଭର ବିକଶିତ ଭାରତ ପାଇଁ କ୍ୱାଲିଟୀ କନସେପ୍ଟସ୍" ବିଷୟବସ୍ତୁ ଅଧୀନରେ ଏହି ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏଥିରେ ଓଡ଼ିଶାରେ ଅବସ୍ଥାପିତ ଶିଳ୍ପାନୁଷ୍ଠାନ ଗୁଡିକ ବହୁ ସଂଖ୍ୟାରେ ଅଂଶଗ୍ରହଣ କରିଥିଲେ।

ଏହି କାର୍ଯ୍ୟକ୍ରମରେ, ଓଏମସି ପକ୍ଷରୁ ଅଂଶଗ୍ରହଣ କରିଥିବା ଦଳଗୁଡ଼ିକ ନିଜ ନିଜର ନବସୃଜନ ପ୍ରଣାଳୀ, ଦଳଗତ କାର୍ଯ୍ୟ ଏବଂ ସମସ୍ୟା ସମାଧାନ ପଦ୍ଧତି ପ୍ରଦର୍ଶନ କରିଥିଲେ। ଏହି ସମ୍ମିଳନୀରେ କେସ୍ ଷ୍ଟଡି ଉପସ୍ଥାପନା, ଜ୍ଞାନ ପରୀକ୍ଷା ଏବଂ ମଡେଲ୍ ପ୍ରଦର୍ଶନ ମାଧ୍ୟମରେ ପ୍ରତିଯୋଗିତା କରାଯାଇଥିଲା। ଉତ୍ପାଦନ, ବିକ୍ରୟ, ପରିବେଶ, ସୁରକ୍ଷା, ବୈଷୟିକ ଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା, ଗୁଣବତ୍ତା ନିୟନ୍ତ୍ରଣ,




ସ୍ୱାସ୍ଥ୍ୟସେବା ଇତ୍ୟାଦି ଆଧାରିତ ବିଭିନ୍ନ ପ୍ରକଳ୍ପ ଉପରେ ଓଡ଼ିଶା ଖଣି ନିଗମର ସର୍ବମୋଟ ୨୨ଟି ଦଳ ଏହି ସମ୍ମିଳନୀରେ ଅଂଶଗ୍ରହଣ କରିଥିଲେ। ସମ୍ପୃକ୍ତ ବର୍ଗରେ ସର୍ବୋଚ୍ଚ ସ୍ୱୀକୃତି ପ୍ରାପ୍ତ ସ୍ୱର୍ଣ୍ଣ ବର୍ଗରେ ପୁରସ୍କୃତ ବିଜେତା ଦଳଗୁଡ଼ିକ, ଆଗାମୀ ଦିନରେ ଜାତୀୟ ସ୍ତରର ଏନ.ସି.କ୍ୟୁ.ସି-୨୦୨୫ ରେ ଓଏମସି ପକ୍ଷରୁ ପ୍ରତିନିଧିତ୍ୱ କରିବେ।

କ୍ୟୁ.ସି.ଏଫ୍.ଆଇ ଭଳି ଜାତୀୟ ସ୍ତରର ପ୍ଲାଟଫର୍ମରେ ଓଡ଼ିଶା ଖଣି ନିଗମ ସର୍ବଦା ଉତ୍କୃଷ୍ଟ ପ୍ରଦର୍ଶନ କରିଆସିଛି। ଓଏମସି ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ଦଳଗୁଡ଼ିକ ଏନ.ସି.କ୍ୟୁ.ସି ରେ ଉତ୍କର୍ଷତା ହାସଲ କରି ଅନେକ ପୁରସ୍କାର ଗ୍ରହଣ କରିଛନ୍ତି। ଏଥିସହିତ ଏହି ସମ୍ମିଳନୀରେ ସ୍ୱର୍ଣ୍ଣ ଏବଂ ରୌପ୍ୟ ପୁରସ୍କାର ମଧ୍ୟ ପାଇଛନ୍ତି। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ୨୦୨୩ ମସିହାରେ ଚୀନର ବେଜିଂ ଠାରେ ଅନୁଷ୍ଠିତ ଆନ୍ତର୍ଜାତୀୟ ଆଇ.ସି.କ୍ୟୁ.ସି.ସି ରେ ଓଏମସି ପକ୍ଷରୁ ପ୍ରତିନିଧିତ୍ୱ କରିଥିବା ଦୁଇଟି ଦଳ ସ୍ୱର୍ଣ୍ଣ ପୁରସ୍କାର ମଧ୍ୟ ଜିତିଛନ୍ତି, ଯାହା ଖଣି କ୍ଷେତ୍ର ମଧ୍ୟରେ ଉତ୍କୃଷ୍ଟଗୁଣବତ୍ତା ହାସଲ ପାଇଁ ଓଡ଼ିଶା ଖଣି ନିଗମର ନେତୃତ୍ୱକୁ ସୁଦୃଢ଼ କରିଛି।

କ୍ୟୁ.ସି.ଏଫ୍.ଆଇ ହେଉଛି ଏକ ବୃହତ ତଥା ପ୍ରତିଷ୍ଠିତ ସଂଗଠନ ଯାହା ଗୁଣବତ୍ତା ହାସଲ କ୍ଷେତ୍ରରେ ଗ୍ରହଣ କରାଯାଉଥିବା ନୂତନ ଆବିଷ୍କାର ଓ ସିଦ୍ଧାନ୍ତ ଗୁଡ଼ିକୁ କାର୍ଯ୍ୟକାରୀ କରିବା ପାଇଁ ସ୍ୱୀକୃତି ପ୍ରଦାନ କରିଥାଏ। ତୃଣମୂଳ ସ୍ତରରେ ନବସୃଜନ ଏବଂ ସଷ୍ଟେନବଲ୍ ପ୍ରାକ୍ଟିସେସ୍ ଭଳି ଉନ୍ନତମାନର ପଦକ୍ଷେପ ଗୁଡ଼ିକୁ ଏହା ପ୍ରୋତ୍ସାହନ ପ୍ରଦାନ କରିଥାଏ। ଯେପରିକି କାର୍ଯ୍ୟକ୍ଷେତ୍ରର ଉତ୍ପାଦକତା ଏବଂ ସୁରକ୍ଷା ବୃଦ୍ଧି ଦିଗରେ ଗଠନ ହୋଇଥିବା ଅନେକ ପଦକ୍ଷେପ ଗୁଡ଼ିକୁ ଏଠାରେ ଅଂଶଗ୍ରହଣ କରିଥିବା କ୍ୱାଲିଟି ସର୍କଲ ଦଳ ଗୁଡ଼ିକ ପ୍ରଦର୍ଶନ କରିଥାନ୍ତି।କାର୍ଯ୍ୟକ୍ଷମ ଉତ୍କର୍ଷତା ହାସଲ କରିବା ପାଇଁ ଯେଉଁ ସବୁ ଦିଗ ଉପରେ କାର୍ଯ୍ୟ କରିଛନ୍ତି ସେହି ଅଭିନବ ପଦ୍ଧତି ସମ୍ପର୍କରେ ଏହି ସମ୍ମିଳନୀରେ ପ୍ରଦର୍ଶନ କରିଥାନ୍ତି।

# ସୋଆ ଆଇଡିଏସ୍ ପକ୍ଷରୁ ଆତ୍ମହତ୍ୟା ନିବାରଣ ସପ୍ତାହ ପାଳିତ

ଭୁବନେଶ୍ୱର, (ସବ୍ୟୁ): ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଡେଂଟାଲ୍ ସାଇନସେସ୍ (ଆଇଡିଏସ୍) ପକ୍ଷରୁ ଚଳିତ ମାସ ୧୦ରୁ ୧୬ ତାରିଖ ପର୍ଯ୍ୟନ୍ତ ସପ୍ତାହ ବ୍ୟାପୀ 'ଆତ୍ମହତ୍ୟା ନିବାରଣ ଦିବସ' ଆୟୋଜିତ ହୋଇଯାଇଛି। ଚଳିତ ବର୍ଷର ଥିମ୍ " ଚେଞ୍ଜିଙ୍ଗ୍ ଦ ନାରେଟିଭ୍ ଅନ୍ ସୁଇସାଇଡ" ବିଷୟ ବସ୍ତୁ ସହିତ ମାନସିକ ସ୍ୱାସ୍ଥ୍ୟ ଏବଂ ଭାବପ୍ରବଣତାକୁ ନେଇ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ଏହି କାର୍ଯ୍ୟକ୍ରମ ସହିତ ସୋମବାର ବିଶ୍ୱ ଆତ୍ମହତ୍ୟା ନିବାରଣ ଦିବସ ମଧ୍ୟ ପାଳନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଭୁବନେଶ୍ୱର ସ୍ଥିତ ଏମ୍ସର ଡିନ୍ (ଏକାଡେମିକ୍ସ) ଡାକ୍ତର ପ୍ରଶାନ୍ତ ରାଘବ ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କହିଥିଲେ ଯେ ଏହିଭଳି କର୍ମଶାଳା ମାଧ୍ୟମରେ ଛାତ୍ରଛାତ୍ରୀମାନଙ୍କ ସହିତ ଫ୍ୟାକଲ୍ଟି, ଡାକ୍ତର ଓ ପିତାମାତାମାନେ ସଚେତନ ହେବା ଜରୁରୀ।

ବର୍ତ୍ତମାନ ସମୟରେ ଆତ୍ମହତ୍ୟା ଏକ ଗୁରୁତ୍ୱପୂର୍ଣ୍ଣ ସମସ୍ୟା ପାଲଟିଲାଣି । ଏହା ଯୁବପିଢିମାନଙ୍କ ଉପରେ ବେଶ୍ ପ୍ରଭାବ ପକାଉଛି। ଯେ କୌଣସି ସମସ୍ୟାର ସମ୍ମୁଖୀନ ହେବା ମାତ୍ରେ ସେମାନେ



ଧୈର୍ଯ୍ୟହରା ହୋଇ ଆତ୍ମହତ୍ୟାକୁ ଏକ ସମାଧାନ ବୋଲି ଭାବି ମୃତ୍ୟୁବରଣ କରୁଛନ୍ତି। ଏହାକୁ ରୋକିବାକୁ ହେଲେ ବ୍ୟକ୍ତି ଅବା ଯୁବପିଢି କିପରି ନିଜ ସମସ୍ୟା ବିଷୟରେ ଅନ୍ୟ କାହା ସହିତ କଥାବାର୍ତ୍ତା ତଥା ଯୋଗାଯୋଗ ମାଧ୍ୟମରେ ସମାଧାନ କରିବାର ସୂତ୍ର ଖୋଜି ପାଇପାରିବେ ସେ ବିଷୟରେ ଡାକ୍ତର ମହାପାତ୍ର ଛାତ୍ରଛାତ୍ରୀମାନଙ୍କୁ ଅବଗତ କରାଇଥିଲେ। ଛାତ୍ରଛାତ୍ରୀମାନେ ମାନସିକ ଯନ୍ତ୍ରଣା ନ ଭୋଗି ସମସ୍ୟାର ମୁକାବିଲା କରି କିପରି ନିଜ ମନୋବଳକୁ ଦୃଢ଼ ରଖିପାରିବେ ସେ ବିଷୟରେ ମଧ୍ୟ ଡାକ୍ତର ମହାପାତ୍ର ଆଲୋଚନା କରିଥିଲେ।

ସେହିପରି ମନମ୍ ଫାଉଣ୍ଡେସନ୍‌ର ଚିଫ୍ କାଉନସେଲିଂ ଟ୍ରଷ୍ଟି ମେମ୍ବର ଶ୍ରୀମତି ସୋମ୍ୟା ସୁଚରିତା ମହାପାତ୍ର ମୁଖ୍ୟ ବକ୍ତା ଭାବେ ଯୋଗ ଦେଇ ଖୋଲା ଆଲୋଚନାକୁ ଉତ୍ସାହିତ କରିବା ତଥା ଅନ୍ୟର ଯତ୍ନ ନେବା ଉପରେ ଗୁରୁତ୍ୱାରୋପ କରିଥିଲେ। ବିଭିନ୍ନ ସକରାତ୍ମକ ଗଳ୍ପ ମାଧ୍ୟମରେ ଛାତ୍ରଛାତ୍ରୀ ଆତ୍ମହତ୍ୟାକୁ କିପରି ରୋକାଯିବ ଓ ଏହାର ଲକ୍ଷଣ ସମ୍ପର୍କରେ ସେ ବିଭିନ୍ନ ପ୍ରେରଣାଦାୟକ ବକ୍ତବ୍ୟ ପ୍ରଦାନ କରିଥିଲେ। ରେକଗ୍‌ନାଇଜ, ରେସପଣ୍ଡ ଓ ରେଫର୍ ଶବ୍ଦ ଗୁଡ଼ିକୁ ନେଇ ଆତ୍ମହତ୍ୟା ନିରାକରଣ ନିମନ୍ତେ ସେ ମତ ରଖିଥିଲେ। ଏହି ଅବସରରେ ଆଇଡିଏସ୍ ର ଡିନ୍ ପ୍ରଫେସର (ଡାକ୍ତର) ରୁଚି ଭୂୟାଁ ସ୍ୱାଗତ ଭାଷଣ ଦେବା ସହିତ ଛାତ୍ରଛାତ୍ରୀମାନଙ୍କୁ ଏହି କର୍ମଶାଳାର ମୁଖ୍ୟ ଉଦ୍ଦେଶ୍ୟ ବିଷୟରେ ଅବଗତ କରିଥିଲେ। ଚଳିତ ବର୍ଷର ଥିମକୁ ନେଇ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ବିଭିନ୍ନ ପ୍ରକାର ପ୍ରତିଯୋଗିତା ହୋଇଥିବାବେଳେ ଏଥିରେ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଏହି କାର୍ଯ୍ୟକ୍ରମର ମୁଖ୍ୟ ସଂଯୋଜକ ତଥା ଆଇଡିଏସ୍‌ର ପେରିଓଡଂଟିକ୍ସ ବିଭାଗର ଆସୋସିଏଟ୍ ପ୍ରଫେସର (ଡାକ୍ତର) ଗାଥା ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ଏହି କର୍ମଶାଳାରେ ପ୍ରାୟ ୩୦୦ ଛାତ୍ରଛାତ୍ରୀ, ଡାକ୍ତର ଏବଂ ଫ୍ୟାକଲ୍ଟି ଉପସ୍ଥିତ ଥିଲେ।

### ଶିଳ୍ପ ବିଭାଗର ଗ୍ରାଉଣ୍ଡ ବ୍ରେକିଂ କାର୍ଯ୍ୟକ୍ରମ

# ଭାରତ ମସଲା କର୍ନଫ୍ଲୋର୍ ୟୁନିଟର ଭିତ୍ତିପ୍ରସ୍ତର ସ୍ଥାପନା କଲେ ମୁଖ୍ୟମନ୍ତ୍ରୀ

କଟକ, (ସବ୍ୟୁ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓୟୁଏଟି ସ୍ଥିତ କନ୍ଭେନସନ ସେଣ୍ଟର ଠାରେ ଶିଳ୍ପ ବିଭାଗ ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମରେ ୧୨ଟି ଜିଲ୍ଲାରେ ସମୁଦାୟ ୨୭ଟି ଶିଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିବା ଅବସରରେ କଟକ ଜିଲ୍ଲାର ମସଲା ଓ ସ୍ୱାସ୍ଥ୍ୟକର ଖାଦ୍ୟ ପ୍ରସ୍ତୁତ କରି ଦେଶ ବିଦେଶରେ ସୁନାମ ଅର୍ଜନ କରିଥିବା ଭାରତ ମସଲା କମ୍ପାନୀର ଏକ ନୂତନ ୟୁନିଟର ଭିତ୍ତିପ୍ରସ୍ତର ସ୍ଥାପନା କରିଛନ୍ତି। କୃଷି ଓ କୃଷକ ମାନଙ୍କୁ ପ୍ରୋତ୍ସାହନ ଯୋଗାଇ ଆସୁଥିବା ଭାରତ ମସଲା କମ୍ପାନୀ ମକା ଚାଷୀ ମାନଙ୍କ ପାଇଁ ଏକ ସୁଯୋଗ ସୃଷ୍ଟି କରିବାକୁ ଯାଉଛି। ଏହା ଦ୍ୱାରା ଓଡ଼ିଶାର ଶିଳ୍ପ ଇତିହାସରେ କମ୍ପାନୀ ଆଉ ଏକ ସ୍ୱର୍ଣ୍ଣିମ ଇତିହାସ ଅଧ୍ୟାୟ ଯୋଡିଛି। ଆମ ରାଜ୍ୟରେ ଗଞ୍ଜାମ, କୋରାପୁଟ, ରାୟଗଡ଼ା ମାଲକାନଗିରି, କଳାହାଣ୍ଡି, ଭଳି ଜିଲ୍ଲା ଗୁଡ଼ିକ ମକା ଉତ୍ପାଦନ ପାଇଁ ଅନୁକୂଳ ହୋଇଥଲା ବେଳେ ଏହାର ଅଭାବୀ ବିକ୍ରୀ ସାଙ୍ଗକୁ ଚାଷୀମାନେ ମଧ୍ୟ ଚାଷ



**୫୦ ହଜାର ମେଟ୍ରିକ ଟନ ମକା ଖର୍ଦ୍ଦୀ କରିବୁ : ଏମ୍‌ଡି**

ପାଇଁ ଉପଯୁକ୍ତ ସହଯୋଗ ପାଇ ପାରୁ ନାହାନ୍ତି। ଫଳରେ ଉତ୍ପାଦନ ମଧ୍ୟ କମ ହେଉଛି। ଏହି ଅସୁବିଧାକୁ ଉପଲବ୍ଧ କରି ସରକାରଙ୍କ ସହଯୋଗରେ ଆମ କମ୍ପାନୀ ୫୦ ହଜାର ମେଟ୍ରିକ ଟନ ମକା ଚାଷୀଙ୍କ ଠାରୁ ସିଧାସଳଖ ଖର୍ଦ୍ଦୀ କରିବାକୁ ଯୋଜନା ରଖିଛି ବୋଲି ଭାରତ ମସଲା କମ୍ପାନିର ପରିଚାଳନା ନିର୍ଦ୍ଦେଶକ ସୁଶାନ୍ତ କୁମାର ପଣ୍ଡା କହିଛନ୍ତି। ରାଜ୍ୟରେ ମାତ୍ର ଦୁଇରୁ ତିନି ମେଟ୍ରିକ ଟନ ବର୍ତ୍ତମାନ ମକା ଅମଳ ହେଉଥିବାବେଳେ ଆମର ଆବଶ୍ୟକତା ଚାଷୀଙ୍କୁ ଚାଷ କରିବାକୁ ଯଥେଷ୍ଟ ମନୋବଳ ବୃଦ୍ଧି କରାଇବ। ଏପରିକି ଆମ କମ୍ପାନୀ ଯେତିକି ପରିମାଣରେ କର୍ନଫ୍ଲୋର ଉତ୍ପାଦନ କରିବ ତାହା ଆମ ରଜ୍ୟରେ ଆବଶ୍ୟକତାରୁ ଯଥେଷ୍ଟ ଅଧିକ ହେବ ବୋଲି ଶ୍ରୀ ପଣ୍ଡା ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ପୂର୍ବରୁ କମ୍ପାନୀ ଲଙ୍କା, ହଳଦୀ ,ଅଦା ଓ ଟମାଟୋ ଚାଷ କରୁଥିବା ଚାଷୀ ମାନଙ୍କୁ ସହଯୋଗର ହାତ ବଢେଇ ଅଭାବୀ ବିକ୍ରୀ କୁ ଏଡ଼ାଇବା ସହ ମିଡିଲମ୍ୟାନ୍ ପ୍ରଥାକୁ ଅନେକାଂଶରେ ରୋକି ପାରିଥିବା ସେ କହିଥିଲେ।ଶିଳ୍ପ ମନ୍ତ୍ରୀ ସମ୍ପଦ ସ୍ୱାଇଁ , ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା,ଉନ୍ନୟନ କମିଶନର ଶ୍ରୀମତୀ ଅନୁ ଗର୍ଗ , ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା ଏବଂ ଦକ୍ଷତା ବିକାଶ ବିଭାଗର କମିଶନର ତଥା ସଚିବ ଭୁପେନ୍ଦ୍ର ସିଂ ପୁନିଆ ଉପସ୍ଥିତିରେ ଭାରତ ମସଲା କମ୍ପାନିର କର୍ନଫ୍ଲୋର୍ ୟୁନିଟ୍ ର ଶିଳାନ୍ୟାସ କରାଯାଇଛି। ଶିଳ୍ପ କ୍ଷେତ୍ରରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ଭାରତ ମସଲା କମ୍ପାନିର ଅଧ୍ୟକ୍ଷ ସୁରେନ୍ଦ୍ର ନାଥ ପଣ୍ଡାଙ୍କ ସହ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଏହି ଗ୍ରାଉଣ୍ଡ ବ୍ରେକିଙ୍ଗ ମହୋତ୍ସବରେ ଶିଳ୍ପ ସଂକ୍ରାନ୍ତୀୟ ଅନେକ ପ୍ରସଙ୍ଗରେ ପଚାରି ବୁଝିଥିଲେ।ଏହି ଅବସରରେ ବାରଙ୍ଗସ୍ଥିତ ରାମଦାସ ପୁର ଭାରତ ମସଲା କମ୍ପାନୀ ପରିସରରେ ତହସିଲଦାର ଡ଼କ୍ଟର ତୁଷାର ଜ୍ୟୋତି ରଞ୍ଜନ, ଡିପାର ଏଆଇଇ ସ୍ୱପ୍ନା ଦାସ,ପରିଚାଳନା ନିର୍ଦ୍ଦେଶକ ଶୁଶାନ୍ତ କୁମାର ପଣ୍ଡା, ନିର୍ଦ୍ଦେଶକ ଶ୍ରୀମନ୍ତ ପଣ୍ଡା,ଦିଗନ୍ତ ପଣ୍ଡା, ଏସ ଏନ ମିଲେନିୟମ, ଆଶୁତୋଷ ପଣ୍ଡା ,ଜିଏମ ଅଶ୍ୱିନୀ ଦାସ, ଜିଏମ୍ ଅପରେସନ ଅରୁଣ ନାୟକ,ଜିଏମ୍ ପ୍ରଡକ୍ସନ ନବକୃଷ୍ଣ ପ୍ରଧାନ ପ୍ରମୁଖ ଭର୍ଚୁଆଲ ମୋଡରେ କାର୍ଯ୍ୟକ୍ରମରେ ସାମିଲ ଥିଲେ।

### ରାଜ୍ୟରେ ମହିଳା ସୁରକ୍ଷା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ

# ୧୭ରେ ସମସ୍ତ ଜିଲ୍ଲା ଏସ୍‌ପିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ମହିଳା ବିଜେଡିର ଧାରଣା

ଭୁବନେଶ୍ୱର, (ସବ୍ୟୁ): ବ୍ରହ୍ମଗିରିର ପ୍ରସିଦ୍ଧ ପର୍ଯ୍ୟଟନସ୍ଥଳୀ ବାଲିହରଚଣ୍ଡୀ ପୀଠ ନିକଟ ଜଙ୍ଗଲରେ ପ୍ରେମିକକୁ ଗଛରେ ବାନ୍ଧି ତା ସମ୍ମୁଖରେ ପ୍ରେମିକାକୁ ଗଣଦୁଷ୍କର୍ମ ଘଟଣା ଲୋକଲୋଚନକୁ ଆସିବା ପରେ ରାଜ୍ୟରେ ମହିଳା ସୁରକ୍ଷା ପ୍ରସଙ୍ଗରେ ବିଜୁ ଜନତା ଦଳ ଆଜି ରାଜ୍ୟ ସରକାରଙ୍କ ଉପରେ ବର୍ଷିଛି । ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ, ଦଳର ବିଧାୟିକା ତଥା ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ, ଦଳର ବରିଷ୍ଠ ସାଧାରଣ ସମ୍ପାଦିକା ଡ଼ ଲେଖାଶ୍ରୀ ସାମନ୍ତସିଂହାର ଓ ପୂର୍ବତନ ରାଜ୍ୟ ମହିଳା କମିଶନ ଅଧ୍ୟକ୍ଷା ଶ୍ରୀମତୀ ମିନତୀ ବେହେରା ରାଜ୍ୟରେ ମହିଳାଙ୍କୁ ସୁରକ୍ଷା ପ୍ରଦାନ ଓ ପର୍ଯ୍ୟଟନସ୍ଥଳୀରେ ପର୍ଯ୍ୟଟକଙ୍କୁ ସୁରକ୍ଷା ପ୍ରଦାନ ପ୍ରସଙ୍ଗରେ ରାଜ୍ୟ ସରକାର ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି ବୋଲି ଅଭିଯୋଗ କରିଛନ୍ତି । ମହିଳାଙ୍କୁ ସୁରକ୍ଷା ପ୍ରଦାନ ଦାବିରେ, ସେପ୍ଟେମ୍ବର ୧୭ ତାରିଖରେ ରାଜ୍ୟର ସମସ୍ତ ଜିଲ୍ଲାର ଏସ୍ପି ଅଫିସ ସମ୍ମୁଖରେ ବିଜୁ ମହିଳା ଜନତା ଦଳ ତରଫରୁ ଧାରଣା ଦିଆଯିବା ସହିତ ଏହି ସମ୍ବନ୍ଧରେ ଏକ ସ୍ମାରକପତ୍ର ପ୍ରଦାନ କରାଯିବ ବୋଲି ସେମାନେ ସୂଚନା ଦେଇଥିଲେ । ତେଣୁ ବୁଧବାର ରାଜ୍ୟର ସମସ୍ତ ଜିଲ୍ଲାରେ ମହିଳା ସୁରକ୍ଷା ପ୍ରସଙ୍ଗରେ ବିଜୁ ମହିଳା ଜନତା ଦଳ ତରଫରୁ ରାଜ୍ୟର ସମସ୍ତ ଜିଲ୍ଲା ଏସ୍ପିଙ୍କ ଅଫିସ ସମ୍ମୁଖରେ ଧାରଣା ଦେବା ସହିତ ଏକ ସ୍ମାରକପତ୍ର ପ୍ରଦାନ କରାଯିବ ।

# ହିଣ୍ଡାଲକୋ ପକ୍ଷରୁ "ବିଶ୍ୱ ଓଜୋନ୍ ଦିବସ" ପାଳନ

ଭୁବନେଶ୍ୱର (ସବ୍ୟୁ): ହିଣ୍ଡାଲକୋ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍ ହୀରାକୁଦ, ଓଡ଼ିଶା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ସମ୍ବଲପୁର ସହିତ ମିଳିତ ଭାବରେ ବିଶ୍ୱ ଓଜୋନ୍ ଦିବସ ପାଳନ । ଏହାର ଉଦ୍ଦେଶ୍ୟ ପରିବେଶ ସଚେତନତା ଏବଂ ସ୍ଥାୟୀତ୍ୱକୁ ପ୍ରୋତ୍ସାହିତ କରିବା। ଏହି କାର୍ଯ୍ୟକ୍ରମରେ ଆଞ୍ଚଳିକ ଅଧିକାରୀ ଡକ୍ଟର ଏସ୍. ଏନ୍. ନନ୍ଦ, ଅଂଶୁମାଳା କୁସୁମ ମିଞ୍ଜ, ଇଞ୍ଜିନିୟର ରାକେଶ ପଣ୍ଡା, ମନୋରଞ୍ଜନ ପ୍ରଧାନ, ଏବଂ ଓଏସ୍‌ପିସିବି ସମ୍ବଲପୁରର ଅନ୍ୟାନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ। ହିଣ୍ଡାଲକୋ ପରିଚାଳନା ପକ୍ଷରୁ ୟୁନିଟ୍ ମୁଖ୍ୟ ସୁମିତ ମୁଖାର୍ଜୀ, ଅରୁଣ ସିଂହ, ଏୟାର ଟାସ୍କ ଫୋର୍ସର ଅଧ୍ୟକ୍ଷ ବିଶ୍ୱଜିତ୍ ତିୱାରୀ, ଏବଂ ପରିବେଶ ବିଭାଗ ମୁଖ୍ୟ ରଞ୍ଜନ ଜେନା, ବିଶ୍ୱଜିତ୍ ପରିଡା ହିଣ୍ଡାଲକୋର ଅନ୍ୟାନ୍ୟ ସଦସ୍ୟଙ୍କ ସହିତ ଉପସ୍ଥିତ ଥିଲେ। ଏହି ଉତ୍ସବରେ ଓଜୋନ ସ୍ତରର ଗୁରୁତ୍ୱ ଉପରେ ଏକ ସଚେତନତା ଅଧିବେଶନ, ଏକ ଲାଇଭ୍ କୁଇଜ୍ ପ୍ରତିଯୋଗିତା, ଏବଂ ପରିବେଶ




ସୁରକ୍ଷାରେ ଉଲ୍ଲେଖନୀୟ ଅବଦାନ ପାଇଁ ପୁରସ୍କାର ଏବଂ ସ୍ୱୀକୃତି ସମେତ ଅନେକ ଆକର୍ଷଣୀୟ କାର୍ଯ୍ୟକଳାପ ଅନୁଷ୍ଠିତ ହୋଇଥିଲା। ରଞ୍ଜନ ଜେନା ସମସ୍ତ ବିଶିଷ୍ଟ ବ୍ୟକ୍ତି, ଅଂଶଗ୍ରହଣକାରୀ ଏବଂ ଆୟୋଜକ ଦଳମାନଙ୍କୁ ସେମାନଙ୍କର ଉତ୍ସାହୀ ଅଂଶଗ୍ରହଣ ପାଇଁ ଆନ୍ତରିକ କୃତଜ୍ଞତା ପ୍ରକାଶ କରିଥିଲେ। ସେ ଏକ ସ୍ଥାୟୀ ଭବିଷ୍ୟତ ଗଠନରେ ଶିଳ୍ପ ଏବଂ ନିୟାମକ ସଂସ୍ଥା ମଧ୍ୟରେ ନିରନ୍ତର ସହଯୋଗର ଗୁରୁତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି କାର୍ଯ୍ୟକ୍ରମ ପରିବେଶ ସୁରକ୍ଷା ପ୍ରତି ହିଣ୍ଡାଲକୋର ପ୍ରତିବଦ୍ଧତା ଏବଂ ସମର୍ପଣ ଏବଂ ଓଜୋନ ସ୍ତରକୁ ସୁରକ୍ଷା ଦେବା ଏବଂ ଜଳବାୟୁ ପରିବର୍ତ୍ତନ ମୁକାବିଲା କରିବା ପାଇଁ ବିଶ୍ୱସ୍ତରୀୟ ପ୍ରୟାସକୁ ସମର୍ଥନ କରିବାରେ ଏହାର ସକ୍ରିୟ ଭୂମିକାକୁ ଗୁରୁତ୍ୱାରୋପ କରିଥିଲା।

### ଭୁବନେଶ୍ୱରରେ କର୍ପୋରେଟ୍-ରିସାଇକ୍ଲର୍ସ କନକ୍ଲେଭ୍ ୨୦୨୫

# ସର୍କ୍ୟୁଲାର୍‌ଇକୋନମି ପାଇଁ ଉଦ୍ୟୋଗପତି ଓ ରିସାଇକ୍ଲରଙ୍କ ମିଳିତ ପଦକ୍ଷେପ

ଭୁବନେଶ୍ୱର, (ସବ୍ୟୁ): ମାନବ ସଂସାଧନ ବିକାଶ ସଂସ୍ଥାନ (ଏମ୍‌ଏସଭିଏସ) ଦ୍ୱାରା ଆୟୋଜିତ କର୍ପୋରେଟ୍-ରିସାଇକ୍ଲର୍ସ କନକ୍ଲେଭ୍ ୨୦୨୫ ଭୁବନେଶ୍ୱରରେ ଆରମ୍ଭ ହୋଇଛି । ଏହି କନକ୍ଲେଭ୍‌ରେ ଉଦ୍ୟୋଗ କ୍ଷେତ୍ର ଓ ରିସାଇକ୍ଲିଂ କ୍ଷେତ୍ରର ପ୍ରମୁଖ ବ୍ୟକ୍ତିତ୍ୱମାନେ ଯୋଗଦେଇଛନ୍ତି । ଉଦ୍ୟୋଗୀୟ ବର୍ଜ୍ୟର



ସୁବୁଦ୍ଧିମାନ ପ୍ରୟୋଗ ଓ ଭାରତର ସର୍କ୍ୟୁଲାର୍ ଇକୋନମି ଦୃଷ୍ଟିକୋଣକୁ ଆଗେଇ ନେବାହେତୁ ଏହି ଉଦ୍ୟମ କେନ୍ଦ୍ରିତ । ପ୍ରୋଫେସର୍ ରଞ୍ଜିତ ପ୍ରସାଦ ସ୍ୱାଗତ ଅଭିଭାଷଣ ଦେଇଥିଲେ ଓ ଡ଼ା. ଏସ୍. ରଙ୍ଗନାଥନ୍ ପ୍ରାରମ୍ଭିକ ଉକ୍ତି ରଖିଥିଲେ । ଏହି ସୁଯୋଗରେ ଏକ ବିଶେଷ ସ୍ମରଣିକା ମଧ୍ୟ ଉନ୍ମୋଚନ କରାଯାଇଥିଲା । ସଭାକୁ ସମ୍ବୋଧିତ କରିଥିବା ପ୍ରମୁଖ ଅତିଥିଶ୍ରୀ ଥୋଟାକୃଷ୍ଣରାଓ, ପ୍ରବନ୍ଧନ ନିର୍ଦ୍ଦେଶକ, ରିସଷ୍ଟେନେବିଲିଟିଲିମିଟେଡ୍(ବିଶିଷ୍ଟ ଅତିଥି) ଯିଏ ରିସାଇକ୍ଲରମାନଙ୍କ ଭୂମିକା, ଅନୌପଚାରିକ କ୍ଷେତ୍ରର ସମ୍ମିଳନ, ଉତ୍ପାଦକମାନଙ୍କ ପାଇଁ ଇପିଆରନିୟମାବଳୀର ଗୁରୁତ୍ୱ ଓ ଆଧୁନିକ ରିସାଇକ୍ଲିଂ ଉପକରଣ ସମ୍ପର୍କରେ ଆଲୋଚନା କରିଥିଲେ । ଡ଼ା. ଅରବିନ୍ଦ ବୋଧଙ୍କର, ମୁଖ୍ୟ ସସ୍ଥାୟୀତା ଅଧିକାରୀ, ଏଏମ୍ / ଏନ୍‌ଏସ୍‌ଇଣ୍ଡିଆ: ଅତ୍ୟଧିକ ଉପଭୋଗ କମେଇବା ଓ ସସ୍ଥାୟୀତା ପାଇଁ ସଚେତନ ଅଭ୍ୟାସ ଗ୍ରହଣ କରିବାର ଆବଶ୍ୟକତା ଉପରେ ଜୋର୍ ଦେଇଥିଲେ । ପ୍ରଭାତୀ ସାମ୍ବିଦାନିକ ସଭାରେ ଏନ୍‌ଆଇଏନ୍‌ଏଲ୍, ହିଣ୍ଡାଲକୋ, ଏଏମ୍ / ଏନ୍‌ଏସ୍‌ଇଣ୍ଡିଆ, ରୁଙ୍ଗଟା, ଜେଏସ୍‌ଡବ୍ଲ୍ୟୁବିପିଏସ୍‌ଏଲ୍, ଜେଏସ୍‌ଡବ୍ଲ୍ୟୁସିମେଣ୍ଟ, କଲ୍ୟାଣୀଷ୍ଟିଲ୍, ଓ ନାଲକୋପକ୍ଷରୁ ପ୍ରସ୍ତୁତିକରଣ ହୋଇଥିଲା, ଯେଉଁଥିରେ ସେମାନଙ୍କ ସସ୍ଥାୟୀତା ପ୍ରୟାସ ଓ ନବୀନ ରିସାଇକ୍ଲିଂ ଉଦ୍ୟମକୁ ପ୍ରଦର୍ଶନ କରାଗଲା । ଏହି ଆଲୋଚନାଚକ୍ରରେଏନଆଇଟି ଜାମସେଦପୁର, ଆଇଆଇଟି ଭୁବନେଶ୍ୱର, ଗୁରୁ ଘାସିଦାସବିଶ୍ୱବିଦ୍ୟାଳୟ ଏବଂ କୋଲହାନବିଶ୍ୱବିଦ୍ୟାଳୟ ମଧ୍ୟ ଅଂଶଗ୍ରହଣ କରିଥିଲେ।

## ଦଶମ ଶ୍ରେଣୀ ଛାତ୍ରୀଙ୍କୁ ଉଠାଇନେବା ଉଦ୍ୟମ : ଅଭିଯୁକ୍ତ ଗିରଫ

ଜଟଣୀ,(ସବ୍ୟୁ): ଅଭିଯୋଗକାରୀ ପିତାଙ୍କ ଅଭିଯୋଗକୁ ଆଧାର କରି ପୋଲିସ ଚିରଞ୍ଜିବୀ ସ୍ୱାଇଁ ଓରଫ ରାବଣକୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୋଗକାରୀ ପରିବାର ସହ ଜଟଣୀରେ ରୁହନ୍ତି। ତାଙ୍କର ଜଣେ ନାବାଳିକା କନ୍ୟା ନିକଟସ୍ଥ ବିଦ୍ୟାଳୟରେ ଦଶମ ଶ୍ରେଣୀରେ ପଢ଼ନ୍ତି ଏବଂ ସଂଧ୍ୟାରେ ନିୟମିତ ଟ୍ୟୁସନ୍ ଯାଇଥାନ୍ତି। ନାବାଳିକା ଝିଅ ସାଙ୍ଗମାନଙ୍କ ସହିତ ଟ୍ୟୁସନ୍ ସାରି ଘରକୁ ଫେରୁଥିବା ବେଳେ ଗୋଠବଣିଆ ଖେଳ ପଡ଼ିଆ ନିକଟରେ ରାବଣ ପହଂଚି ଛାତ୍ରୀଙ୍କୁ ପ୍ରଥମେ ଅସଦାଚରଣ କରିବା ସହ ବଳ ପୂର୍ବକ ଉଠାଇନେବାକୁ ଉଦ୍ୟମ କରିଥିଲା। ସେହି ସମୟରେ ନାବାଳିକାଙ୍କ ସାଥୀରେ ଥିବା ସାଙ୍ଗମାନେ ଭୟଭୀତ ହେବା ସହ ବଡ଼ ପାଟିରେ ଡାକ ପକାଇଥିଲେ। ଜଟଣୀ ପୁଲିସ ଚିରଞ୍ଜିବୀ ସ୍ୱାଇଁ ଓରଫ ରାବଣକୁ ଗିରଫ କରିଛି।

# ଖେଳ ମାଧ୍ୟମରେ ଶିକ୍ଷକତା ତଥା ମୌଳିକ ଶିକ୍ଷାରେ ପରିବର୍ତ୍ତନ ଆଣିଛନ୍ତି ଶିକ୍ଷୟିତ୍ରୀ କଲ୍ୟାଣୀ ପ୍ରିୟଦର୍ଶିନୀ

ଭୁବନେଶ୍ୱର, (ସବ୍ୟୁ): ନିଜ ପିତାଙ୍କ ପଦଚିହ୍ନ ଅନୁସରଣ କରି ଓଡିଶାର ରତ୍ନ ପ୍ରଭା ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଦୀର୍ଘ ୧୨ ବର୍ଷ ହେବ ଶିକ୍ଷକ ଭାବେ କାର୍ଯ୍ୟରତ ଥିବା କଲ୍ୟାଣୀ ପ୍ରିୟଦର୍ଶିନୀ କୌଣସି ଶିଶୁ ଯେପରି ଶିକ୍ଷାର ଗୁରୁତ୍ୱପୂର୍ଣ୍ଣ ପ୍ରାରମ୍ଭିକ ବର୍ଷଗୁଡିକରେ ପଛରେ ନରହିଯାଏ ତାହା ନିଶ୍ଚିତ କରୁଛନ୍ତି। ତାଙ୍କର ଆଗ୍ରହ ମୌଳିକ ସାକ୍ଷରତା ଓ ସଂଖ୍ୟା ଜ୍ଞାନ (ଏଫଏଲଏନ) ର ମହତ୍ୱ ଉପରେ ଏକ ଶକ୍ତିଶାଳୀ ବିଶ୍ୱାସରୁ ସୃଷ୍ଟି ହୋଇଛି। କଲ୍ୟାଣୀ କହିଛନ୍ତି, "ମୌଳିକ ଶିକ୍ଷା ପିଲାମାନଙ୍କ ପାଇଁ ଆଧାର ହୋଇଥାଏ। ଯଦି ସେମାନେ ପ୍ରାଥମିକ ସ୍ତରରେ ଓଡିଆ, ହିନ୍ଦୀ ଓ ଇଂରାଜୀ ବର୍ଣ୍ଣମାଳା ନଶିଖିବେ ତେବେ ୪ର୍ଥ ଓ ୫ମ ଶ୍ରେଣୀ ଭଳି ଉଚ୍ଚ ଶ୍ରେଣୀରେ ଶବ୍ଦଗୁଡିକୁ ପଢିବା ସେମାନଙ୍କ ପାଇଁ ଅତ୍ୟଧିକ କଷ୍ଟକର ହୋଇପଡିବ।" ପ୍ରିୟଦର୍ଶିନୀ ତାଙ୍କର ଛାତ୍ରଛାତ୍ରୀଙ୍କୁ ବିଫଳ କରୁଥିବା ପାରମ୍ପରିକ ଘୋଷିବା ଶିକ୍ଷା ପଦ୍ଧତିଠାରୁ ଦୂରେଇ ଯାଇ ୧ମ ରୁ ୩ୟ ପର୍ଯ୍ୟନ୍ତ ଶ୍ରେଣୀଗୃହରେ ଏକାଧିକ ଆଧୁନିକ ଶିକ୍ଷା ପଦ୍ଧତିକୁ କାର୍ଯ୍ୟକାରୀ କରିଛନ୍ତି।



ତାଙ୍କର ନୂତନ ପଦ୍ଧତି ଦୈନନ୍ଦିନ ଶିକ୍ଷାଦାନରେ ଖେଳ, ସଙ୍ଗୀତ ଓ ଦୃଶ୍ୟାତ୍ମକ ସହାୟକଗୁଡିକୁ ଅନ୍ତର୍ଭୁକ୍ତ କରିବା ଉପରେ କେନ୍ଦ୍ରିତ ଅଟେ। ତାଙ୍କର ଶ୍ରେଣୀଗୃହରେ ଏବେ ରଙ୍ଗୀନ ପ୍ଲାକାର୍ଡ, ଏଜୁକେଶନାଲ ଷ୍ଟିକର ଓ ଶିକ୍ଷଣୀୟ ଖେଳନା ଆଦି ରହିଛି ଯାହା ଛାତ୍ରଛାତ୍ରୀଙ୍କୁ ସ୍ପର୍ଶନୀୟ ବସ୍ତୁଗୁଡିକ ସହ ଆବ୍‌ଷ୍ଟ୍ରାକ୍ଟ କନ୍‌ସେପ୍ଟକୁ ସଂଯୋଗ କରିବାରେ ସାହାଯ୍ୟ କରିଥାଏ।

ସେ କହିଛନ୍ତି, "ମଜାଦାର ଗତିବିଧି, ଗୀତ ଓ ଖେଳ ମାଧ୍ୟମରେ ଶ୍ରେଣୀଗୃହରେ ଶିକ୍ଷାଦାନ ଛାତ୍ରଛାତ୍ରୀଙ୍କୁ କେବଳ ଶିଖିବାରେ ସାହାଯ୍ୟ କରୁନାହିଁ ବରଂ ସେମାନଙ୍କ ପାଇଁ ସମଗ୍ର ପ୍ରକ୍ରିୟାକୁ ଆହୁରି ରୋଚକପୂର୍ଣ୍ଣ କରୁଛି।" ପ୍ରିୟଦର୍ଶିନୀ ଉଲ୍ଲେଖ କରିଛନ୍ତି ଯେ, ତାଙ୍କର ଅନେକ ଛାତ୍ରଛାତ୍ରୀଙ୍କ ପାଖରେ ସ୍କୁଲ ବାହାରେ ଖେଳିବା ପାଇଁ ସୀମିତ ସୁଯୋଗ ରହିଛି, ଯାହା ବିଶେଷ କରି ଏଭଳି ପାରସ୍ପରିକ ଶ୍ରେଣୀଗୃହ ଗତିବିଧିଗୁଡିକୁ ମୂଲ୍ୟବାନ କରୁଛି। ପାରମ୍ପରିକ କଥନ ପଦ୍ଧତି ଓ ରାଇମଗୁଡିକ ସହିତ ଭିଜୁଆଲ ଏଲିମେଂଟକୁ ଏକତ୍ରିତ କରି ସେ ପିଲାମାନଙ୍କୁ ଭାଷା ଓ ପ୍ରସଙ୍ଗ ସମ୍ପର୍କରେ ଏକ ଗଭୀର ଜ୍ଞାନ ବିକଶିତ କରିବାରେ ସାହାଯ୍ୟ କରିଥାଏ। ଛାତ୍ରଛାତ୍ରୀମାନେ ଦୃଶ୍ୟଗୁଡିକୁ ବର୍ଣ୍ଣମାଳା ସହିତ ସଂଯୋଗ କରିବା ଶିଖିଥାନ୍ତି।

ରାଜ୍ୟର ଏଫଏଲଏନ ମିଶନ ନିପୁଣ ଓଡିଶା ଅଧିନରେ ଏକ ଶିକ୍ଷକ ତାଲିମ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବା ପରେ ସେମାନଙ୍କ ଶିକ୍ଷାଦାନ ପଦ୍ଧତିରେ ଏହି ପରିବର୍ତନ ଆସିଛି, ଯାହା ୩ୟ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଏଫ୍‌ଏଲଏନ ଦକ୍ଷତାର ସାର୍ବଜନିନ ଅଧିଗ୍ରହଣକୁ ନିଶ୍ଚିତ କରିବା ପାଇଁ ଲକ୍ଷ୍ୟ ରଖିଛି। ସେ କହିଛନ୍ତି, "ଏଫଏଲଏନ ତାଲିମ ପୂର୍ବରୁ ଟିଏଲଏମର ବ୍ୟବହାର ବିରଳ ଥିଲା, କିନ୍ତୁ ବର୍ତମାନ ଭିନ୍ନ ଭିନ୍ନ ଉପକରଣ, ପ୍ରିଂଟ-ସମୃଦ୍ଧ ସାମଗ୍ରୀ ଓ ଶବ୍ଦଗୁଡିକୁ ଭାଙ୍ଗିବାର ଧାରଣା ସାହାଯ୍ୟରେ ଏହା ପିଲାମାନଙ୍କୁ ବହୁତ ସାହାଯ୍ୟ କରୁଛି।" ପ୍ରିୟଦର୍ଶିନୀ ଏହି ପଦ୍ଧତିଗୁଡିକୁ କାର୍ଯ୍ୟକାରୀ କରିବା ଆରମ୍ଭ କରିବା ପରଠାରୁ ବିଦ୍ୟାଳୟ ପ୍ରଶାସକମାନେ ଛାତ୍ରଛାତ୍ରୀଙ୍କ ଯୋଗଦାନ ଓ ଶିକ୍ଷା ଫଳାଫଳରେ ଉନ୍ନତି ପରିଲକ୍ଷିତ କରିଛନ୍ତି। ତାଙ୍କର ପଦ୍ଧତି ଜିଲ୍ଲାରେ ଅନ୍ୟ ଶିକ୍ଷକମାନଙ୍କ ଧ୍ୟାନ ଆକର୍ଷିତ କରିଛି ଯିଏ ସମାନ ପଦ୍ଧତିକୁ ଆପଣାଇବା ପାଇଁ ଚାହୁଁଛନ୍ତି। ନିପୁଣ ଓଡିଶାର ଅଂଶ ଭାବେ ରାଜ୍ୟର ଶିକ୍ଷକମାନେ ତାଲିମ ଅଧିବେଶନରେ ଅଂଶଗ୍ରହଣ କରୁଛନ୍ତି ଯାହାକୁ ସେମାନଙ୍କୁ ଆଧୁନିକ ଶିକ୍ଷା ଉପକରଣ ସହ ସୁସଜ୍ଜିତ କରିବା ପାଇଁ ଡିଜାଇନ କରାଯାଇଛି। ପ୍ରିୟଦର୍ଶିନୀଙ୍କ ପାଇଁ ଏହି ପରିବର୍ତନ କେବଳ ନୂଆ ଶିକ୍ଷା ପଦ୍ଧତିଗୁଡିକର ନୁହେଁ ବରଂ ଛୋଟ ପିଲାମାନେ କିଭଳି ଉତ୍ତମ ଭାବେ ଶିଖନ୍ତି ତାହା ଉପରେ ଏକ ବିସ୍ତୃତ ଜ୍ଞାନର ପ୍ରତିଫଳନ କରୁଛି।

# ଚାକିରି କରାଇ ଦେବାକୁ କହି ୧୮ ଲକ୍ଷ ଠକେଇ, ଅଭିଯୁକ୍ତ ଗିରଫ

ଭୁବନେଶ୍ୱର, (ସବ୍ୟୁ) : ନାଲ୍‌କୋରେ ଚାକିରି କରାଇ ଦେବାକୁ କହି ୧୮ ଲକ୍ଷ ଟଙ୍କା ଠକେଇ କରିଥିବା ଅଭିଯୁକ୍ତ ନରେଶ ବାରିକ ଓରଫ ବୁଟୁ (୫୫)କୁ ବଡଗଡ ଥାନା ପୋଲିସ ଗିରଫ କରି ମଙ୍ଗଳବାର କୋର୍ଟଚାଲାଣ କରିଛି । ଚନ୍ଦ୍ରଶେଖରପୁର ପ୍ରଗତିବିହାରରେ ଅଭିଯୁକ୍ତର ଘର ହୋଇଥିବା ବେଳେ ଠକେଇ କରିବା ତା'ର କାମ । ଠକେଇର ଶିକାର ହୋଇଥିବା ସର୍ବେଶ୍ୱର ସାମଲ ୨୦୨୧ ମସିହାରେ ଅଭିଯୁକ୍ତ ନରେଶ ବାରିଙ୍କୁ ଚିହ୍ନିଥିଲେ । ନାଲ୍‌କୋ ଏଜିଏମ୍‌ଙ୍କ ସହ ତା'ର ଭଲ ସମ୍ପର୍କ ବୋଲି କହିବା ସହ ଦିଲ୍ଲୀପ ଭଟ୍ଟଙ୍କ ସହ ପରିଚୟ କରାଇଥିଲା । ଦିଲ୍ଲୀପ ନିଜକୁ ନାଲ୍‌କୋର ଏଜିଏମ୍ ଅଛନ୍ତି ବୋଲି ଅଭିଯୋଗକାରୀକୁ କହିଥିଲା । ଅଭିଯୋଗକାରୀଙ୍କ ପୁଅ ସ୍ମୃତି ସୌରଭ ସାମଲ ଜଣେ ବି-ଟେକ୍ ପାସ୍ କରିବା ପରେ ବେକାର ହୋଇ ବୁଲିବା ସହ ଚାକିରି ସନ୍ଧାନରେ ଥିଲେ । ନାଲ୍‌କୋରେ ଚାକିରି ପାଇଁ ୧୮ ଲକ୍ଷ ଟଙ୍କା ଦେବାକୁ କହି ଅଭିଯୋଗକାରୀଙ୍କୁ ବାରମ୍ବାର ଫୋନ୍ କରି ଜଣାଇଥିଲା । ଠକ କଥାକୁ ବିଶ୍ୱାସ କରି ଅଭିଯୋଗକାରୀ ଫୋନ୍ ପେ/ଗୁଗୁଲ୍ ପେ/ ବ୍ୟାଙ୍କ ଟ୍ରାନ୍ସଫର ଏବଂ ନଗଦ ମାଧ୍ୟମରେ ନରେଶ ବାରିକଙ୍କୁ ମୋଟ ୧୮ ଲକ୍ଷ ଟଙ୍କା ଦେଇଥିଲେ । ୮ ଲକ୍ଷ ଟଙ୍କା କ୍ୟାସ୍ ଦେଇଥିବା ବେଳେ ୫ଲକ୍ଷ ଲେଖାଏଁ ଦୁଇ ପର୍ଯ୍ୟାୟରେ ୧୦ଲକ୍ଷ ଟଙ୍କା ଫୋନ୍ ମାଧ୍ୟମରେ ଦେଇଥିବା ସେ କହିଛନ୍ତି । ମାର୍ଚ୍ଚ ୧୯ ତାରିଖରେ ଅଭିଯୋଗକାରୀଙ୍କ ପୁଅ ନାଲ୍‌କୋ ଅଫିସ୍‌ରେ ରିପୋର୍ଟ କରିବା ପରେ ଠକ ଦେଇଥିବା ସମସ୍ତ କାଗଜପତ୍ର ଜାଲ୍ ବୋଲି ଜଣାପଡିଥିଲା ।

# ଶୁଳ୍କ ବିବାଦ : ଭାରତ-ଆମେରିକା ବାଣିଜ୍ୟ କଥାବାର୍ତ୍ତା ଆରମ୍ଭ

ନୂଆଦିଲ୍ଲୀ: ଭାରତୀୟ ରପ୍ତାନିକାରୀଙ୍କ ପାଇଁ ଅନିଶ୍ଚିତତା ସୃଷ୍ଟି କରିଥିବା ଉଚ୍ଚ ଶୁଳ୍କ ପରିପ୍ରେକ୍ଷୀରେ ସମସ୍ୟାଗୁଡ଼ିକର ସମାଧାନ ପାଇଁ ପ୍ରସ୍ତାବିତ ବାଣିଜ୍ୟ ଚୁକ୍ତି ଉପରେ ଭାରତ ଏବଂ ଆମେରିକା ମଧ୍ୟରେ ଆଲୋଚନା ଆରମ୍ଭ ହୋଇଛି।

ଦକ୍ଷିଣ ଏବଂ ମଧ୍ୟ ଏସିଆ ପାଇଁ ସହାୟକ ଆମେରିକୀୟ ବାଣିଜ୍ୟ ପ୍ରତିନିଧି ବ୍ରେଣ୍ଡନ ଲିଞ୍ଚ ଆମେରିକୀୟ ଦଳର ନେତୃତ୍ୱ ନେଉଥିବା ବେଳେ, ଭାରତର ବାଣିଜ୍ୟ ବିଭାଗର ସ୍ୱତନ୍ତ୍ର ସଚିବ ରାଜେଶ ଅଗ୍ରୱାଲ ପ୍ରତିନିଧିତ୍ୱ କରୁଛନ୍ତି। ଲିଞ୍ଚ ତାଙ୍କ ଭାରତୀୟ ପ୍ରତିପକ୍ଷଙ୍କ ସହିତ ଦିନିକିଆ ଆଲୋଚନା ପାଇଁ ସୋମବାର ବିଳମ୍ବିତ ଭାରତରେ ପହଞ୍ଚିଥିଲେଛ ଆମେରିକା ବଜାରରେ ପ୍ରବେଶ କରୁଥିବା ଭାରତୀୟ ସାମଗ୍ରୀ ଉପରେ ୨୫% ଶୁଳ୍କ ଏବଂ ରୁଷୀୟ ଅଶୋଧିତ ତୈଳ କିଣିବା ପାଇଁ ଅତିରିକ୍ତ ୨୫% ଜରିମାନା ଲାଗୁ ହେବା ପରେ ଏହା ଜଣେ ଉଚ୍ଚପଦସ୍ଥ ଆମେରିକୀୟ ବାଣିଜ୍ୟ ଅଧିକାରୀଙ୍କ ପ୍ରଥମ ଗସ୍ତ

ଭାରତ ୫୦% ଅଧିକ ଶୁଳ୍କକୁ ଅନ୍ୟାୟ ଏବଂ ଅଯୌକ୍ତିକ ବୋଲି ବର୍ଣ୍ଣନା କରିଛି। ଉଭୟ ଦେଶର ନେତାମାନେ ଫେବୃଆରୀରେ ଏକ ପ୍ରସ୍ତାବିତ ଦ୍ୱିପାକ୍ଷିକ ବାଣିଜ୍ୟ ଚୁକ୍ତି ଉପରେ ଆଲୋଚନା କରିବାକୁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ୨୦୨୫ ଶରତ ସୁଦ୍ଧା ଚୁକ୍ତିର ପ୍ରଥମ ପର୍ଯ୍ୟାୟ ସମାପ୍ତ କରିବାକୁ ଯୋଜନା କରାଯାଇଥିଲା।

ଏପର୍ଯ୍ୟନ୍ତ, ପାଞ୍ଚ ପର୍ଯ୍ୟାୟ ଆଲୋଚନା ଅନୁଷ୍ଠିତ ହୋଇଛି, ଏବଂ ଷଷ୍ଠ ପର୍ଯ୍ୟାୟ ପାଇଁ ଆଲୋଚନା, ଯାହା ଅଗଷ୍ଟ ୨୫-୨୯ ପର୍ଯ୍ୟନ୍ତ ସ୍ଥିର କରାଯାଇଥିଲା, ଶୁଳ୍କ ଲାଗୁ ହେବା ପରେ ସ୍ଥଗିତ ରଖାଯାଇଛି।

ଅଧିକାରୀମାନେ ସତର୍କ କରାଇ ଦେଇଛନ୍ତି ଯେ ଲିଞ୍ଚ



ଏବଂ ଅଗ୍ରଓ୍ୱାଲଙ୍କ ଦଳ ମଧ୍ୟରେ ବୈଠକକୁ ଷଷ୍ଠ ପର୍ଯ୍ୟାୟ ଆଲୋଚନା ଭାବରେ ଦେଖାଯିବା ଉଚି ନୁହେଁ, ବରଂ ଏହାର ଏକ ପୂର୍ବସୂଚକ ଭାବରେ ଦେଖାଯିବା ଉଚିତ।

ଭାରତ ଏବଂ ଆମେରିକା ସାପ୍ତାହିକ ଭିତ୍ତିରେ ଭର୍ଚୁଆଲ୍ ମୋଡ୍ ମାଧ୍ୟମରେ ଆଲୋଚନାରେ ନିୟୋଜିତ ହୋଇଛନ୍ତି।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦୁଇ ଦେଶ ମଧ୍ୟରେ ବାଣିଜ୍ୟ ସମ୍ପର୍କର ସକାରାତ୍ମକ ମୂଲ୍ୟାଙ୍କନ ଉପରେ ଉଷ୍ମ ପ୍ରତିକ୍ରିୟା ଦେବାର କିଛି ଦିନ ପରେ ମଙ୍ଗଳବାରର ବୈଠକ ଅନୁଷ୍ଠିତ ହେଉଛି। ଭାରତ ସର୍ବଦା ରୁଷୀୟ ଅଶୋଧିତ ତୈଳ କ୍ରୟକୁ ସମର୍ଥନ କରିଆସିଛି, ଏହା ବଜାୟ ରଖିଛି ଯେ ଏହାର ଶକ୍ତି କ୍ରୟ ଜାତୀୟ ସ୍ୱାର୍ଥ ଏବଂ ବଜାର ଗତିଶୀଳତା ଦ୍ୱାରା ପରିଚାଳିତ।

ଯଦିଓ ଆମେରିକା ଭାରତକୁ କୃଷି ଏବଂ କ୍ଷୀର ଉତ୍ପାଦର ଆମଦାନୀ ଉପରେ ଶୁଳ୍କ ଉଠାଇବା ପାଇଁ ଆଗ୍ରହୀ, ସରକାର ବାରମ୍ବାର ଜୋର ଦେଇଆସିଛି ଯେ ଏହା ସମସ୍ତ ବାଣିଜ୍ୟ ଚୁକ୍ତିରେ ଏହାର ଚାଷୀ, କ୍ଷୀର ଉତ୍ପାଦକ ଏବଂ ଏମଏସଏମଇର ସ୍ୱାର୍ଥକୁ ସୁରକ୍ଷା ଦେବ।

## ଜାତିସଂଘ କମିସନଙ୍କ ରିପୋର୍ଟ

# ଗାଜାରେ ନରସଂହାର ଚଳାଇଛି ଇସ୍ରାଏଲ

ନ୍ୟୁୟର୍କ: ଇସ୍ରାଏଲ-ହମାସ ଯୁଦ୍ଧ ଯୋଗୁ ଗାଜା ଷ୍ଟ୍ରିପରେ ଇସ୍ରାଏଲର ଆକ୍ରମଣ ଉପରେ ମିଳିତ ଜାତିସଂଘ କମିସନ କହିଛନ୍ତି ଯେ, ଏହା ସମ୍ପୂର୍ଣ୍ଣ ନରସଂହାର। ଦୁଇ ବର୍ଷର ତଦନ୍ତ ପରେ, କମିସନ କହିଛନ୍ତି, ସେଠାରେ ଅନ୍ତର୍ଜାତୀୟ ଆଇନଗୁଡ଼ିକୁ ଖୋଲାଖୋଲି ଭାବରେ ଅବମାନନା କରାଯାଉଛି ଏବଂ ଯୁଦ୍ଧ ଚାଲିଥିବା ଦିନଠାରୁ ନରସଂହାର ଅଭିଯାନ ଚାଲିଛି। ଏହି ତଦନ୍ତ ଜାତିସଂଘର ଏକ ସ୍ୱାଧୀନ କମିସନ ଦ୍ୱାରା କରାଯାଉଥିଲା। ପ୍ରଥମ ଥର ପାଇଁ, କମିସନ ଏହି ଯୁଦ୍ଧରେ ନରସଂହାର ଶବ୍ଦ ବ୍ୟବହାର କରିଛି। କମିସନର ୭୨ ପୃଷ୍ଠାର ରିପୋର୍ଟରେ କୁହାଯାଇଛି, ଅକ୍ଟୋବର ୨୦୨୩ ପରଠାରୁ ଇସ୍ରାଏଲ ତିନି କିମ୍ବା ଚାରି ଥର ଏପରି କିଛି କରିଛି, ଯାହାକୁ ୧୯୪୮ର ନରସଂହାର ଚୁକ୍ତିନାମା ଅଧୀନରେ ରଖାଯାଇପାରିବ। ଏହି ରିପୋର୍ଟ ପ୍ରସ୍ତୁତ କରିଥିବା ଲୋକମାନେ କହିଛନ୍ତି, ତଦନ୍ତର ଏହି ଫଳାଫଳ ଏପର୍ଯ୍ୟନ୍ତ ଜାତିସଂଘର ତଦନ୍ତରେ ସବୁଠାରୁ ଶକ୍ତିଶାଳୀ ଏବଂ ସବୁଠାରୁ ପ୍ରାମାଣିକ। ତଦନ୍ତକାରୀମାନେ କହିଛନ୍ତି, ଏହି ରିପୋର୍ଟ ଇସ୍ରାଏଲୀ ଲୋକ ଏବଂ ସାମରିକ ଅଧିକାରୀଙ୍କ ବୟାନ ଆଧାରରେ ପ୍ରସ୍ତୁତ କରାଯାଇଛି। ଏହା ଅନୁଯାୟୀ, ଇସ୍ରାଏଲୀ ସେନା ଗାଜା ଷ୍ଟ୍ରିପରୁ ପାଲେଷ୍ଟାଇନୀ ଲୋକଙ୍କୁ ନିପାତ କରିବା ପାଇଁ ଏହି ନରସଂହାର ଘଟଣା ଘଟାଇଛି। ଜାତିସଂଘ କମିସନଙ୍କ ତଦନ୍ତ ରିପୋର୍ଟରେ କୁହାଯାଇଛି ଯେ, ଇସ୍ରାଏଲର ରାଷ୍ଟ୍ରପତି ଆଇଜାକ୍ ହର୍ଜୋଗ, ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ଏବଂ ପୂର୍ବତନ ପ୍ରତିରକ୍ଷା ମନ୍ତ୍ରୀ ୟୋଭ ଗାଲାଣ୍ଟ ନରସଂହାରକୁ ପ୍ରୋତ୍ସାହିତ କରିଛନ୍ତିଛ ଇସ୍ରାଏଲୀ ଅଧିକାରୀମାନେ ଏହି ପ୍ରରୋଚନା ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାରେ ବିଫଳ ହୋଇଛନ୍ତି। ରିପୋର୍ଟରେ ଏହା ମଧ୍ୟ କୁହାଯାଇଛି, ଏହି ଜଘନ୍ୟ ଅପରାଧର ଦାୟିତ୍ୱ ଇସ୍ରାଏଲର ଉଚ୍ଚ ଅଧିକାରୀଙ୍କ ଉପରେ ନ୍ୟସ୍ତ ରହିଛି। ଏହି ବିବୃତି ଦକ୍ଷିଣ ଆଫ୍ରିକାର ପୂର୍ବତନ ବିଚାରପତି ଏବଂ ରୱାଣ୍ଡା ପାଇଁ ଅନ୍ତର୍ଜାତୀୟ ଟ୍ରିବ୍ୟୁନାଲର ପୂର୍ବତନ ମୁଖ୍ୟ ନାଭି ପିଲେ ଦେଇଛନ୍ତି। ଏହି ରିପୋର୍ଟ କମିସନରଙ୍କର ତେବେ ଜାତିସଂଘ ଏପର୍ଯ୍ୟନ୍ତ ଗାଜାର ପରିସ୍ଥିତିକୁ ନରସଂହାର ବୋଲି କହିନାହିଁ। ତଥାପି, ମେ' ମାସରେ, ଏହାର ସହାୟତା ମୁଖ୍ୟ ବିଶ୍ୱ ନେତାମାନଙ୍କୁ ନରସଂହାର ବନ୍ଦ କରିବା ପାଇଁ ନିର୍ଣ୍ଣାୟକ ପଦକ୍ଷେପ ନେବାକୁ ନିବେଦନ କରିଥିଲେ। ଏହା ବ୍ୟତୀତ, ସମ୍ପ୍ରତି ଜାତିସଂଘର ମାନବାଧିକାର ମୁଖ୍ୟ ଇସ୍ରାଏଲର ନରସଂହାର ଭଳି ଭାଷାକୁ ନିନ୍ଦା କରିଛନ୍ତି। ଅନ୍ୟପକ୍ଷରେ, ଇସ୍ରାଏଲ ଏହି ରିପୋର୍ଟକୁ ସମ୍ପୂର୍ଣ୍ଣ ପ୍ରତ୍ୟାଖ୍ୟାନ କରିଛି। ବୈଦେଶିକ ମନ୍ତ୍ରଣାଳୟ ଏକ ବିବୃତିରେ କହିଛି, ଏହି ରିପୋର୍ଟ ମିଥ୍ୟା ଏବଂ ବିକୃତ ଏବଂ ଏହି ତଦନ୍ତ କମିସନଙ୍କୁ ତୁରନ୍ତ ସମାପ୍ତ କରିବାକୁ ଦାବି କରିଛି।

# ଅରୁଣାଚଳରେ ଭାରତର ସର୍ବୋଚ୍ଚ ଡ୍ୟାମ୍ ନିର୍ମାଣ

ଇତର: ତିବ୍ବତୀୟ ମାଳଭୂମିରେ ଥିବାୟାରଲୁଙ୍ଗ ସାଙ୍ଗପୋ ନଦୀ ଉପରେ ଚୀନ୍ ଏକ ମେଗା ଡ୍ୟାମ୍ ନିର୍ମାଣ କାର୍ଯ୍ୟ ଆରମ୍ଭ କରିଛି ବୋଲି ଖବର ଆସିବା ପରେ ଭାରତ ମଧ୍ୟ ଏହାର ସର୍ବୋଚ୍ଚ ଡ୍ୟାମ୍ ଅରୁଣାଚଳ ପ୍ରଦେଶର ଦିବଙ୍ଗ ବହୁମୁଖୀ ପ୍ରକଳ୍ପ ଉପରେ କାର୍ଯ୍ୟ ଆରମ୍ଭ କରିଛି। ଭାରତ ସରକାର, ବିଶେଷ କରି ରାଷ୍ଟ୍ରାୟତ୍ତ ଏନ୍‌ଏଚସିଏଲ୍ ଲିମିଟେଡ୍, ବର୍ତ୍ତମାନ ମୁଖ୍ୟ ଡ୍ୟାମ୍ ନିର୍ମାଣ ପାଇଁ ୧୭,୦୬୯ କୋଟି ଟଙ୍କା ମୂଲ୍ୟର ଏକ ବଡ଼ ବିଶ୍ୱସ୍ତରୀୟ ଟେଣ୍ଡର ଜାରି କରିଛି, ଯାହା ଚୀନ୍ ଡ୍ୟାମରୁ ହଠାତ ଜଳ ନିଷ୍କାସନ ବିରୁଦ୍ଧରେ ଏକ ବଫର୍ ଭାବରେ କାର୍ଯ୍ୟ କରିବ ଏବଂ ଭାରତରେ ବନ୍ୟାକୁ ରୋକିବ।

ଟେଣ୍ଡର ଅନୁଯାୟୀ ୯୧ ମାସର ସମୟସୀମା ସହିତ ଦିବଙ୍ଗ ଡ୍ୟାମ୍ ୨୦୩୨ ସୁଦ୍ଧା ତିଆରି ହେବ ବୋଲି ଆଶା କରାଯାଉଛି ଏବଂ ଏହା ଭାରତର ରଣନୈତିକ ସୁରକ୍ଷା ପାଇଁ ଗୁରୁତ୍ୱପୂର୍ଣ୍ଣ। ଗତବର୍ଷ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ୨୮୮୦ ମେଗାୱାଟ୍ ବିଶିଷ୍ଟ ଦିବଙ୍ଗ ବହୁମୁଖୀ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିବା ପରେ ଅରୁଣାଚଳ ପ୍ରଦେଶ ମୁଖ୍ୟମନ୍ତ୍ରୀ (ସିଏମ୍) ପେମା ଖାଣ୍ଡୁ ଏବଂ ଭାରତୀୟ ଜନତା ପାର୍ଟି (ବିଜେପି) ନେତାମାନେ ମିନଲି ଗ୍ରାମରେ ଏହାର ମୂଲ୍ୟାଙ୍କନ କରିବାକୁ ଯାଇଥିଲେ। ତିବ୍ବତୀୟ ଅଞ୍ଚଳରେ ଚୀନ୍ ବିଶ୍ୱର ସର୍ବବୃହି ଜଳବିଦ୍ୟୁ ବନ୍ଧ ନିର୍ମାଣ ଆରମ୍ଭ କରିଛି ବୋଲି ଗତ ଜୁଲାଇରେ ରିପୋର୍ଟ ଆସିବା ପରେ ଭାରତ ଏହାର ପ୍ରଭାବକୁ ନେଇ ଚୀନ୍ ନିକଟରେ ଚିନ୍ତା ପ୍ରକଟ କରିଥିଲା ଏବଂ ଭାରତର ସ୍ୱାର୍ଥକୁ କ୍ଷତି ନ ପହଞ୍ଚାଇବାକୁ ବେଜିଂକୁ ଅନୁରୋଧ କରିଥିଲା।

# ମାସୁଦ ପାଇଁ 'ଅପରେସନ ସିନ୍ଦୂର' ଥିଲା ସାଂଘାତିକ

ନୂଆଦିଲ୍ଲୀ: ପହଲଗାମରେ ଆତଙ୍କବାଦୀ ଆକ୍ରମଣ ପରେ ଭାରତ ଅପରେସନ ସିନ୍ଦୂର ଆରମ୍ଭ କରିଥିଲା। ଏହି ସମୟରେ, ଭାରତୀୟ ସେନା ପାକିସ୍ତାନ ଏବଂ ପାକ୍ ଅଧିକୃତ କାଶ୍ମୀରରେ ଅବସ୍ଥିତ ନଅଟି ଆତଙ୍କବାଦୀ ଆଡ୍ଡାକୁ ନଷ୍ଟ କରିଦେଇଥିଲେ।

ଭାରତର ଏହି ଶକ୍ତିଶାଳୀ ଆକ୍ରମଣରେ ଶହେରୁ ଅଧିକ ଆତଙ୍କବାଦୀ ନିହତ ହୋଇଥିଲେ। ଏହି ଆକ୍ରମଣରେ ଜୈଶ-ଏ-ମହମ୍ମଦର ପ୍ରତିଷ୍ଠାତା ଏବଂ ମୋଷ୍ଟ ୱାଣ୍ଟେଡ୍ ଆତଙ୍କବାଦୀ ମସୁଦ ଆଝାରର ସମ୍ପୂର୍ଣ୍ଣ ପରିବାର ଧ୍ୱଂସ ପାଇ ଯାଇଥିଲା। ଜୈଶ-ଏ-ମହମ୍ମଦର ଶୀର୍ଷ କମାଣ୍ଡର ମସୁଦ ଇଲିଆସ୍ କାଶ୍ମୀରୀ ଆତଙ୍କବାଦୀ



ମସୁଦ ଆଝାରର ପରିବାରକୁ ନେଇ ଏକ ବଡ଼ ଖୁଲାସା କରିଛନ୍ତି।

ମସୁଦ ଇଲିଆସ୍ କହିଛନ୍ତି, " ଭାରତ ମଇ୭ ତାରିଖରେ ବାହାୱାଲପୁର ଉପରେ ଆକ୍ରମଣ କରିଥିଲା। ଏହି ଆକ୍ରମଣରେ ମସୁଦ ଆଝାରର ପରିବାର ଖଣ୍ଡଖଣ୍ଡ ହୋଇଯାଇଥିଲା। ୧୪ ସଦସ୍ୟ ଆଖି ପିଛୁଳାକେ ଧ୍ୱଂସ ପାଇ ଯାଇଥିଲେ। ଏହି ଘଟଣାରେ ମସୁଦ ଖୁବ୍ କଷ୍ଟ ପାଇଛି। ଆଜି ପର୍ଯ୍ୟନ୍ତ ସେ ଏ କଷ୍ଟରୁ ବାହାରି ପାରୁ ନାହିଁ। ଅପରେସନ ସିନ୍ଦୂର ପରେ ପରିବାରକୁ ହରାଇ ଭୋଭୋ ହୋଇ କାନ୍ଦିଥିଲା ମସୁଦ।

ବାହାୱାଲପୁର ପାକିସ୍ତାନର ପଞ୍ଜାବରେ ଅବସ୍ଥିତ। ଏଠାରେ ମର୍କଜ ସୁଭାନ ଆଲ୍ଲାହ ନାମକ ଏକ ମସଜିଦ ଅଛି, ଯେଉଁଥିରେ ଜୈଶ-ଏ-ମହମ୍ମଦର ମୁଖ୍ୟାଳୟ ରହିଛି। ଭାରତୀୟ ସେନା ଅପରେସନ ସିନ୍ଦୂର ସମୟରେ ଜୈଶର ମୁଖ୍ୟାଳୟ ସମେତ ଅନେକ ଆତଙ୍କବାଦୀ ଆଡ୍ଡାକୁ ଟାର୍ଗେଟ କରିଥିଲା।

ଭାରତର ଏହି ଆକ୍ରମଣରେ ଆତଙ୍କବାଦୀମାନେ ବହୁ କ୍ଷତି ସହିଛନ୍ତି। ଜୈଶର ସମ୍ପୂର୍ଣ୍ଣ ଘାଟି ଧ୍ୱଂସ ପାଇଯାଇଛି। ମାସୁଦ ଆଝାରର ପରିବାର ମଧ୍ୟ ଏହି ଜୈଶ ଘାଟିରେ ରହୁଥିଲେଛ ଭାରତୀୟ ସେନାର କର୍ଣ୍ଣେଲ ସୋଫିଆ କୁରେଶୀ ଏକ ପ୍ରେସ ବ୍ରିଫିଂରେ ନିଶ୍ଚିତ କରିଥିଲେ ଯେ ଭାରତ ବିରୋଧରେ ହୋଇଥିବା ଆକ୍ରମଣ ଜୈଶର ମୁଖ୍ୟାଳୟରୁ ଯୋଜନା କରାଯାଇଥିଲା।


# ବୁସାନ ଅନ୍ତର୍ଜାତୀୟ ଚଳଚ୍ଚିତ୍ର ମହୋତ୍ସବ ପାଇଁ ପ୍ରସ୍ତୁତି

ନୂଆଦିଲ୍ଲୀ : କେନ୍ଦ୍ର ସୂଚନା ଏବଂ ପ୍ରସାରଣ ରାଷ୍ଟ୍ରମନ୍ତ୍ରୀ ଡକଟର ଏଲ୍. ମୁରୁଗାନଙ୍କ ନେତୃତ୍ୱରେ ଭାରତର ଏକ ଉଚ୍ଚସ୍ତରୀୟ ପ୍ରତିନିଧିମଣ୍ଡଳ ଦକ୍ଷିଣ କୋରିଆରେ ବୁସାନ ଅନ୍ତର୍ଜାତୀୟ ଚଳଚ୍ଚିତ୍ର ମହୋତ୍ସବ (ବିଆଇଏଫଏଫ) ୨୦୨୫ ଏବଂ ଏସୀୟ କଣ୍ଟେଣ୍ଟ ଏବଂ ଚଳଚ୍ଚିତ୍ର ବଜାର (ଏସିଏଫଏମ)ରେ ଯୋଗଦେଇ ଏକ ଗୁରୁତ୍ୱପୂର୍ଣ୍ଣ ସଫଳତା ହାସଲ କରିବାକୁ ଯାଉଛି। ଏହା ବିଆଇଏଫଏଫକୁ ଭାରତର ପ୍ରଥମ ମନ୍ତ୍ରୀସ୍ତରୀୟ ପ୍ରତିନିଧିମଣ୍ଡଳ ହେବ, ଯାହା ସାଂସ୍କୃତିକ କୂଟନୀତିକୁ ସୁଦୃଢ଼ କରିବ, ଆନ୍ତର୍ଜାତୀୟ ସ୍ତରରେ ସୃଜନଶୀଳ ସହଯୋଗକୁ ବିସ୍ତାର କରିବ ଏବଂ ଭାରତକୁ ସୃଜନଶୀଳ ଅର୍ଥନୀତିର ଏକ ବିଶ୍ୱ କେନ୍ଦ୍ର ଭାବରେ ପ୍ରତିଷ୍ଠା କରିବା ପାଇଁ ଦେଶର ପ୍ରତିବଦ୍ଧତାକୁ ପ୍ରତିଫଳିତ କରିବ। ପ୍ରତିନିଧିମଣ୍ଡଳୀରେ ସୂଚନା ଏବଂ ପ୍ରସାରଣ ମନ୍ତ୍ରଣାଳୟର ବରିଷ୍ଠ ଅଧିକାରୀ, ଏନ୍‌ଏଫଡିସି, ଏଫ୍‌ଆଇସିସିଆଇ, ଏଫଟିଆଇଆଇ, ଏସଆରଏଫଟିଆଇଆଇ ଏବଂ ଆଇଆଇଏମସିର ପ୍ରତିନିଧିମାନେ, ଏବଂ ୱେଭ୍ସ ବଜାର ପଦକ୍ଷେପର ଚୟନିତ କ୍ରିଏଟରମାନେ ସାମିଲ ହେବେ।

କେନ୍ଦ୍ର ସୂଚନା ଏବଂ ପ୍ରସାରଣ ରାଷ୍ଟ୍ରମନ୍ତ୍ରୀ ଡକଟର ଏଲ୍. ମୁରୁଗାନ୍ ମୁରୁଗାନ୍ ଗସ୍ତ କହିଛନ୍ତି, ଭାରତ ବିଆଇଏଫଏଫ ୨୦୨୫ରେ ଅଂଶଗ୍ରହଣ କରି ଗର୍ବିତ, ଏହା ଏକ ମହୋତ୍ସବ ଯାହା ଏସୀୟ ଏବଂ ବିଶ୍ୱସ୍ତରୀୟ ସିନେମାର ଶ୍ରେଷ୍ଠ ପ୍ରଦର୍ଶନ କରେ। ଏଠାରେ ଆମର ଉପସ୍ଥିତି ଭାରତର ସହ-ପ୍ରଯୋଜନା ବିସ୍ତାର କରିବ, ଏଭିଜିସିରେ ନୂତନ ସୁଯୋଗ ସୃଷ୍ଟି କରିବ ଏବଂ ଦକ୍ଷିଣ କୋରିଆ ସହିତ ସାଂସ୍କୃତିକ ସମ୍ପର୍କକୁ ମଜବୁତ କରିବା ପାଇଁ ସଂକଳ୍ପକୁ ପ୍ରତିଫଳିତ କରେ।

# ଟ୍ରମ୍ପଙ୍କୁ ଭେଟିବେ ପାକ୍ ପ୍ରଧାନମନ୍ତ୍ରୀ


ୱାସିଂଟନ : ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପୁଣି ଥରେ ଏପରି କିଛି କରିଛନ୍ତି ଯାହା ଭାରତକୁ ବିରକ୍ତ କରିପାରେ। ସୂଚନା ଅନୁସାରେ ପାକିସ୍ତାନର ପ୍ରଧାନମନ୍ତ୍ରୀ ଶାହବାଜ ସରିଫ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସହ ଏକ ଗୁରୁତ୍ୱପୂର୍ଣ୍ଣ ଦ୍ୱିପାକ୍ଷିକ ବୈଠକ କରିପାରନ୍ତି। ପାକିସ୍ତାନୀ ସେନା ମୁଖ୍ୟ ଏବଂ



ଫିଲ୍ଡ ମାର୍ଶାଲ ଅସୀମ ମୁନିର ମଧ୍ୟ ଏହି ବୈଠକରେ ଯୋଗ ଦେବେଛ ଏହି ମାସ ଶେଷରେ ନ୍ୟୁୟର୍କରେ ଅନୁଷ୍ଠିତ ହେବାକୁ ଥିବା ଜାତିସଂଘ ସାଧାରଣ ପରିଷଦ ଅଧିବେଶନ ସମୟରେ ପାକିସ୍ତାନର ପ୍ରଧାନମନ୍ତ୍ରୀ ଶାହବାଜ ସରିଫ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ଭେଟିବାର ସମ୍ଭାବନା ରହିଛି। ଏହି ଖବର ଏପରି ସମୟରେ ଆସିଛି ଯେତେବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନାମ ଜୁଲାଇରେ ପ୍ରକାଶିତ ବକ୍ତାଙ୍କ ତାଲିକାରେ ସାମିଲ ହୋଇଥିଲା, କିନ୍ତୁ ବର୍ତ୍ତମାନ ବୈଦେଶିକ ମନ୍ତ୍ରୀ ଏସ ଜୟଶଙ୍କରଙ୍କୁ ଭାରତ ପ୍ରତିନିଧିତ୍ୱ କରିବାର ଦାୟିତ୍ୱ ଦିଆଯାଇଛି। ଏହି ପରିବର୍ତ୍ତନ ଏପରି ସମୟରେ ହୋଇଛି ଯେତେବେଳେ ବିଶ୍ୱ ସ୍ତରରେ ଭାରତର ଭୂମିକାକୁ ଗୁରୁତ୍ୱପୂର୍ଣ୍ଣ ବିବେଚନା କରାଯାଉଥିଲା।

ଜାତିସଂଘ ସାଧାରଣ ପରିଷଦର ୮୦ତମ ଅଧିବେଶନ ସେପେଟମ୍ବର ୨୩ ରୁ ୨୯ ପର୍ଯ୍ୟନ୍ତ ଚାଲିବ। ବ୍ରାଜିଲ ନେତା ପ୍ରଥମ ବକ୍ତା ଭାବରେ ଭାଷଣ ଦେବେ, ଏହା ପରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ସେପେଟମ୍ବର ୨୩ ତାରିଖରେ ବିଶ୍ୱ ନେତାମାନଙ୍କୁ ସମ୍ବୋଧିତ କରିବେ। ଭାରତ ପକ୍ଷରୁ ବୈଦେଶିକ ମନ୍ତ୍ରୀ ଜୟଶଙ୍କର ସେପେଟମ୍ବର ୨୭ ତାରିଖରେ ଅଧିବେଶନକୁ ସମ୍ବୋଧିତ କରିବେ।

# କ୍ଷେପଣାସ୍ତ୍ର ପରୀକ୍ଷଣ ପାଇଁ ନୋ ଫ୍ଲାଏ ଜୋନ୍



ନୂଆଦିଲ୍ଲୀ: ଭାରତ ୨୪ ଏବଂ ୨୫ ସେପ୍ଟେମ୍ବରରେ ବଙ୍ଗୋପସାଗରରେ କ୍ଷେପଣାସ୍ତ୍ର ପରୀକ୍ଷଣ କରିବାକୁ ଯାଉଛି। ଏହି ପରୀକ୍ଷଣ ଅବଦୁଲ କଲାମ ଦ୍ୱୀପରୁ କରାଯିବ। ଏଥିପାଇଁ ଏୟାରମ୍ୟାନଙ୍କୁ ନୋଟିସ (ନୋଟାମ) ଅର୍ଥାତ୍ ବିଜ୍ଞପ୍ତି ଜାରି କରାଯାଇଛି। ଏହି ବିଜ୍ଞପ୍ତି ଭାରତର କ୍ଷେପଣାସ୍ତ୍ର କ୍ଷମତା ବିକାଶ ଏବଂ ପରୀକ୍ଷଣ ପାଇଁ ନିରନ୍ତର ପ୍ରୟାସକୁ ସୂଚିତ କରୁଛି। ବିଜ୍ଞପ୍ତିରେ କୁହାଯାଇଛି ଯେ, ବଙ୍ଗୋପସାଗର ଏବଂ ଭାରତ ମହାସାଗରର ଏକ ବଡ଼ ଅଞ୍ଚଳ ସେପ୍ଟେମ୍ବର ୨୪ ତାରିଖ ଦିନ ମଧ୍ୟାହ୍ନ ସାଢ଼େ ୧୨ଟାରୁ ସେପ୍ଟେମ୍ବର ୨୫ ତାରିଖ ଅପରାହ୍ନ ସାଢ଼େ ୩ଟା ପର୍ଯ୍ୟନ୍ତ ନୋ-ଫ୍ଲାଏ ଜୋନ୍ ହେବ। ଏହି ଅଞ୍ଚଳର ଲମ୍ବ ପ୍ରାୟ ୧,୪୩୦ କିଲୋମିଟର ସ୍ଥିର କରାଯାଇଛି। ଏହି ସମୟ ମଧ୍ୟରେ, ସମୁଦ୍ରର ସେ ଅଂଶକୁ ବିମାନ କିମ୍ବା ଜାହାଜ ଯାଇପାରିବେ ନାହିଁ। ଅନୁମାନ କରାଯାଉଛି ଭାରତ ଏହାର ଦୀର୍ଘ ଦୂରଗାମୀ କ୍ଷେପଣାସ୍ତ୍ର ପରୀକ୍ଷଣ କରିବାକୁ ଯାଉଛି। ରିପୋର୍ଟ ଅନୁଯାୟୀ, ସେପ୍ଟେମ୍ବରରେ ହେବାକୁ ଥିବା ଏହି କ୍ଷେପଣାସ୍ତ୍ର ପରୀକ୍ଷଣର ଲକ୍ଷ୍ୟଭେଦ କ୍ଷମତା ୧,୫୦୦ କିଲୋମିଟରରୁ କମ୍ ହେବ ବୋଲି ଆଶା କରାଯାଉଛି।

# ହିମାଚଳରେ ମୌସୁମୀର ମହାତାଣ୍ଡବ

ସିମଲା: ମଙ୍ଗଳବାର ହିମାଚଳ ପ୍ରଦେଶ ଏବଂ ଉତ୍ତରାଖଣ୍ଡରେ ପ୍ରକୃତି ତାର ରୌଦ୍ର ରୂପ ଦେଖାଇଥିବା ବେଳେ ଦୁଇ ରାଜ୍ୟର ରାଜଧାନୀ ପୂରା ବର୍ଷା ଜନିତ ବନ୍ୟାରେ ବେହାଲ ହୋଇଛି। ସହରୀ ଜୀବନ ପୂରା ଅସ୍ତବ୍ୟସ୍ତ ହୋଇଛି। ଡେରାଡୁନରେ ସହରରେ ପାଣି ପଶିଥିବା ବେଳେ ରାସ୍ତାଘାଟ ସବୁ ଭାଙ୍ଗି ଯାଇ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି।



ହିମାଚଳରେ ପୁଣି ଥରେ ପ୍ରକୃତିର କୋପ ଦେଖିବାକୁ ମିଳିଛି। ସୋମବାର ରାତିରୁ ପ୍ରବଳ ବର୍ଷା ପରେ ବେହାଲ ହୋଇଛି ହିମାଚଳ। ବାଦଲ ଫଟା ବର୍ଷା ପରେ ମଣ୍ଡି ଏବଂ ନିହରିରେ ସ୍ଥିତି ସଙ୍ଗୀନ ହୋଇଛି। ଭୂସ୍ଖଳନ ସହ ପାହାଡ ଧସିବା କାରଣରୁ ଅନେକ ଘର ଦବି ଯାଇଛି। ତେବେ ଭୂସ୍ଖଳନରେ ୩ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୨ ଜଣଙ୍କୁ ଉଦ୍ଧାର କରାଯାଇଛି। ପ୍ରବଳ ବର୍ଷାରେ ପ୍ରଭାବିତ ହୋଇଛି ରାଜଧାନୀ ସିମଲା, ମଣ୍ଡି ଏବଂ ଅନ୍ୟ କିଛି ସ୍ଥାନ। ଗତରାତିରେ ୧୪୧ ମିଲିମିଟର ବର୍ଷା ଫଳରେ ବିଭିନ୍ନ ସ୍ଥାନରେ ଭୂସ୍ଖଳ ପରି ପରିସ୍ଥିତି ସୃଷ୍ଟି ହୋଇଛି। ନଦୀ ଫୁଲିଛି, ରାସ୍ତା ଭାଙ୍ଗିଛି, ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। ରାସ୍ତାରେ ଟ୍ରାନ୍ସଫରମର ଭାଙ୍ଗି ପଡିଛି. ବିଜୁଳି ସଂଯୋଗ ବ୍ୟାଘାତ ହୋଇଛି।

ସବୁଠାରୁ ଅଧିକ କ୍ଷତିଗ୍ରସ୍ତ ହୋଇଛି ମଣ୍ଡିର ଧରମପୁର। ସେଠାରେ ବାଦଲଫଟା ବର୍ଷା କାରଣରୁ ବସଷ୍ଟାଣ୍ଡ ବୁଡି ଯାଇଛି। ପୂରା ପାଣି ପାଟିରେ ରହିଛି ବସଷ୍ଟାଣ୍ଡ। ଶତାଧିକ ବସ ପାଣିରେ ବୁଡିକି ରହିଛି। ଅନେକ ବାଇକ୍ ପାଣିର ପ୍ରଖର ସୁଅରେ ଭାସି ଯାଇଛି। ରାତିରେ ପାଣି ଏତେ ଜୋର ବଢିଲା କି ଲୋକେ ଜୀବନ ବଞ୍ଚାଇବା ପାଇଁ ଘରର ଛାତକୁ ଚଢିଯାଇଥିଲେ। ଘରେ ପାଣି ପଶିବା ସହ ଦୋକାନ ବଜାରରେ ବି ପଶି ଯାଇଛି। ବର୍ଷା କାରଣରୁ ୩ଟି ହାଇୱେ ବନ୍ଦ ହେବା ସହ ୬୫୩ଟି ସଡକ ବନ୍ଦ ହୋଇଛି। ଯୋଗାଯୋଗ ପୂରା ଠପ ହୋଇଛି। ୧୨୦୫ ଟ୍ରାନ୍ସଫରମର ଖରାପ ହୋଇଯାଇଛି। ପାଣି ବଢୁଥିବାରୁ ନଦୀ କୂଳିଆ ଲୋକଙ୍କୁ ସ୍ଥାନାନ୍ତର କରାଯାଉଛି।

# ମେଘାଳୟରେ ୮ ମନ୍ତ୍ରୀଙ୍କ ଇସ୍ତଫା

ଶିଲଂ: ବିଜେପି ନେତୃତ୍ୱାଧୀନ ମେଘାଳୟରେ ୧୨ ଜଣ ମନ୍ତ୍ରୀଙ୍କ ମଧ୍ୟରୁ ୮ ଜଣ ହଠି ଇସ୍ତଫା ଦେଇଛନ୍ତିଛ ଅଥା ୬୬ ପ୍ରତିଶତ ମନ୍ତ୍ରୀ ଇସ୍ତଫା ଦେଇଛନ୍ତି। ଇସ୍ତଫା ଦେଥିବା ମନ୍ତ୍ରୀମାନଙ୍କ ମଧ୍ୟରେ ଏନପିପି,ୟୁଡିପି, ଏଚଏସପିଡି ଏବଂ ବିଜେପିର ମନ୍ତ୍ରୀ ଅଛନ୍ତି। ଇସ୍ତଫା ଦେଇଥିବା ମନ୍ତ୍ରୀମାନଙ୍କ ମଧ୍ୟରେ ଏନପିପିର ଆମ୍ପାରେନ୍ ଲିଙ୍ଗଡୋହ, କମିଙ୍ଗ୍ୟାମ୍ବ୍ରନ୍, ରକ୍କମ ଏ. ସାଙ୍ଗମା ଏବଂ ଆବୁ ତାହିର ମଣ୍ଡଳ ଅଛନ୍ତି।

ସେହିପରିୟୁଡିପିର ପଲ ଲିଙ୍ଗଡୋହ ଏବଂ କିରମେନ୍ ଶାଇଲା ରହିଛନ୍ତି। ଏଚଏସପିଡିପିର ଶାକଲିୟାର ୱାର୍ଜରୀ ଏବଂ ବିଜେପିର ଏ.ଏଲ ହେକ୍ ଅଛନ୍ତି। ମେଘାଳୟରେ କ୍ୟାବିନେଟ୍ ପୁନର୍ଗଠନ ପୂର୍ବରୁ ଏହା ଘଟିଛି।

ବର୍ତ୍ତମାନ ମେଘାଳୟରେ ନ୍ୟାସନାଲ ପିପୁଲ୍ସ ପାର୍ଟି ସରକାର ଅଛନ୍ତି। ସରକାରଙ୍କର ନେତୃତ୍ୱ ମୁଖ୍ୟମନ୍ତ୍ରୀ କନରାଡ ସାଙ୍ଗମା ନେଇଛନ୍ତି। ଏହି ସରକାରରେ ଅନେକ ଦଳ ସାମିଲ ଅଛନ୍ତି। ଏହି ସରକାର ମେଘାଳୟ ଡେମୋକ୍ରାଟିକ୍ ଆଲାଏନ୍ସ ନାମକ ଏକ ମେଣ୍ଟ ଉପରେ ଆଧାରିତ। ଏହି ମେଣ୍ଟ ୨୦୨୩ ବିଧାନସଭା ନିର୍ବାଚନ ପରେ ଗଠିତ ହୋଇଥିଲା।

୬୦ ସଦସ୍ୟ ବିଶିଷ୍ଟ ବିଧାନସଭାରେ ମୋଟ ୧୨ଜଣ ମନ୍ତ୍ରୀ ଅଛନ୍ତି। ମନ୍ତ୍ରୀ ସଂଖ୍ୟା ଏହାଠାରୁ ଅଧିକ ହୋଇପାରିବେ ନାହିଁ। ସେଥିମଧ୍ୟରୁ ୮ ଜଣ ଇସ୍ତଫା ଦେଇଛନ୍ତି। ଫଳରେ ଏବେ ସରକାରରେ ୪ ଜଣ ମନ୍ତ୍ରୀ ଅଛନ୍ତି।

କ୍ୟାବିନେଟ୍ ବିସ୍ତାର ପୂର୍ବରୁ ଏହା କରାଯାଇଥିଲା ଯାହା ଦ୍ୱାରା କିଛି ନୂତନ ମୁହଁକୁ କ୍ୟାବିନେଟ୍‌ରେ ସାମିଲ କରାଯାଇପାରିବ। ନୂତନ ମନ୍ତ୍ରୀମାନେ ମଙ୍ଗଳବାର ସନ୍ଧ୍ୟାରେ ୫ଟାରେ ରାଜଭବନରେ ଶପଥ ଗ୍ରହଣ କରିବେ। ମେଘାଳୟରେ କ୍ୟାବିନେଟ୍ ଅଦଳବଦଳ ପଛରେ ଅନେକ କାରଣ ଅଛି। ସୂତ୍ର ଅନୁସାରେ, ମେଘାଳୟ ଗଣତାନ୍ତ୍ରିକ ମେଣ୍ଟରେ ସନ୍ତୁଳନ ରଖିବା ଏବଂ ସମସ୍ତ ବର୍ଗ ପ୍ରତିନିଧିତ୍ୱ ପାଇବା ପାଇଁ ସହଯୋଗୀ ଦଳଗୁଡ଼ିକୁ ସନ୍ତୁଷ୍ଟ କରିବା ପାଇଁ ଏହି ଅଦଳବଦଳ କରାଯାଉଛି।

ସୂତ୍ର ଅନୁସାରେ, ଏନପିପି ବିଧାୟକ ଭାଲାଡମିକି ଶିଲା, ସୋସ୍ଥେନସ୍ ସୋହତୁନ୍, ବ୍ରେନିଂ ଏ. ସାଙ୍ଗମା ଏବଂ ଟିମୋଥି ଡି ଶିରା ମନ୍ତ୍ରିମଣ୍ଡଳରେ ଯୋଗ ଦେବାର ଯୋଜନା ରହିଛି। ଏହା ବ୍ୟତୀତୟୁଡିପି ମୁଖ୍ୟ ମେଟବାହ ଲିଙ୍ଗଡୋହ ଏବଂ ପୂର୍ବତନ ମନ୍ତ୍ରୀ ଲଖମେନ୍ ରିମ୍ବୁଇ ମଧ୍ୟ ଶପଥ ନେବାର ସମ୍ଭାବନା ଅଛି। ସୂତ୍ର ଅନୁସାରେ, ଏଚଏସପିଡିପି ବିଧାୟକ ମେଥୋଡିୟସ୍ ଡଖାର ଶାକଲିୟାର ୱାରଜରିଙ୍କୁ କ୍ୟାବିନେଟରେ ସ୍ଥାନ ମିଳିବ ବୋଲି କୁହାଯାଉଛି। ବିଜେପିର ସାନବୋର ଶୁଲାଇ ମନ୍ତ୍ରିମଣ୍ଡଳରେ ଏ.ଏଲ.ହେକ୍‌ଙ୍କ ସ୍ଥାନ ନେବେ ବୋଲି କୁହାଯାଉଛି।

# ହିନ୍ଦୁ ମାଆଙ୍କୁ ମୁଖାଗ୍ନି ଦେଲେ ମୁସଲମାନ ପୁଅ

ଜୟପୁର: ରାଜସ୍ଥାନର ଭିଲୱାଡ଼ାରେ ଜଣେ ହିନ୍ଦୁ ମହିଳାଙ୍କ ମୃତ୍ୟୁ ପରେ, ଜଣେ ମୁସଲିମ ଯୁବକ ତାଙ୍କ ମୃତଦେହକୁ କାନ୍ଧରେ ବୋହି ନେଇଥିଲେ। ତା'ପରେ ସେ ହିନ୍ଦୁ ରୀତିନୀତି ଅନୁସାରେ ମୁଖାଗ୍ନି ଦେଇ ଶେଷକୃତ୍ୟ ସମ୍ପନ୍ନ କରିଛନ୍ତି। ଏବେ ସେ ଚିତାଭସ୍ମ ମଧ୍ୟ ବିସର୍ଜନ କରିବେ। ଯୁବକ ଜଣକ କହିଛନ୍ତି, ମୋ ନିଜ ମାଆ ମଧ୍ୟ ମୋତେ ମୋ ମାଉସୀ ମାଆଙ୍କ ପରି ଭଲ ପାଉଥିଲେ। ପ୍ରକୃତରେ,ମହିଳା ଜଣକ ମୁସଲିମ ଯୁବକଙ୍କ ପଡ଼ୋଶୀ ଥିଲେ। କିନ୍ତୁ ଉଭୟଙ୍କ ମଧ୍ୟରେ ମାଆ-ପୁଅର ସମ୍ପର୍କ ଥିଲା।

ମୁସଲମାନ 'ପୁଅ' କାନ୍ଦି କାନ୍ଦି ତାଙ୍କ ହିନ୍ଦୁ ମାଆଙ୍କୁ ମୁଖାଗ୍ନି ଦେଇ କହିଥିଲେ, ମୁଁ ସବୁକିଛି ହରାଇଛି, ମୁଁ ଚିତାଭସ୍ମ ତ୍ରିବେଣୀରେ ବିସର୍ଜନ କରିବି। ପୁଅଙ୍କ ନାମ ହେଉଛି, ଅସଗର ଅଲ୍ଲୀ ଏବଂ ମୃତ ମାଆ ହେଉଛନ୍ତି, ଶାନ୍ତି ଦେବୀ। ଅସଗର ଶାନ୍ତିଙ୍କୁ ନିଜ ମାଆ ବୋଲି ମାନୁଥିଲେ। ଭିଲୱାଡ଼ାରେ ଏପରି ଏକ ହୃଦୟସ୍ପର୍ଶୀ ଦୃଶ୍ୟ ଦେଖିବାକୁ ମିଳିଥିଲା। ୬୭ ବର୍ଷୀୟ ହିନ୍ଦୁ ମହିଳାଙ୍କ ମୃତ୍ୟୁ ହୋଇଥିଲା। ଜଣେ ୪୨ ବର୍ଷୀୟ ମୁସଲମାନ ଯୁବକ ହିନ୍ଦୁ ରୀତିନୀତି ଅନୁସାରେ ତାଙ୍କର ଅନ୍ତିମ ସଂସ୍କାର କରିଥିଲେ।

ଲୋକମାନେ ମାଆ ଏବଂ ପୁଅଙ୍କର ଏହି ଅନନ୍ୟ ସମ୍ପର୍କକୁ ପ୍ରଶଂସା କରୁଛନ୍ତି। ସେମାନେ କହୁଛନ୍ତି ଯେ, ଏପରି ଘଟଣା ବହୁତ କମ୍ ଦେଖାଯାଏ। ଏହି ଯୁବକ ଜଣକ ଜଣେ ପ୍ରକୃତ ପୁଅର କର୍ତ୍ତବ୍ୟ ପାଳନ କରିଛନ୍ତି। ଅସଗରଙ୍କର ମଣିୟାରିର ଜାଙ୍ଗି ମୋହଲ୍ଲାରେ ଏକ ଛୋଟ ଦୋକାନ ଅଛି। ଶାନ୍ତି ଦେବୀ ତାଙ୍କ ପଡ଼ୋଶୀରେ ରହୁଥିଲେ।

ଅସଗର ଅଲ୍ଲୀ କହିଛନ୍ତି, ଶାନ୍ତି ଦେବୀ ଏବଂ ତାଙ୍କ ସ୍ୱାମୀ ମେଳାରେ ଛୋଟ ଛୋଟ ଦୋକାନ କରୁଥିଲେ। ମୋ ବାପା ମାଆ ମଧ୍ୟ ସମାନ କାମ କରୁଥିଲେ। ଆମର ପରିବାର ପରସ୍ପରକୁ ୩୦ ବର୍ଷ ଧରି



ଜାଣିଥିଲେ। ଆମେ ପରିବାରର ବନ୍ଧୁ ବୋଲି କେବେ ଅନୁଭବ କରି ନଥିଲୁ। ଆମେ ସବୁବେଳେ ଗୋଟିଏ ପରିବାର ପରି ଏକାଠି ରହୁଥିଲୁ। ତାଙ୍କ ସ୍ୱାମୀଙ୍କ ମୃତ୍ୟୁ ପରେ, ୨୦୧୦ ମସିହାରେ, ଶାନ୍ତି ଦେବୀ ତାଙ୍କ ପୁଅ ସହିତ ଆମ ପଡ଼ୋଶୀରେ ରହିବାକୁ ଆସିଥିଲେ। ଆମର ଉଭୟ ପରିବାର ସଲିମ କୁରେଶୀଙ୍କ ଘରେ ଭଡ଼ାରେ ରହୁଥିଲେ। ମୋର ପରିବାର ପ୍ରଥମ ମହଲାରେ ଏବଂ ଶାନ୍ତି ଦେବୀ ତଳ ମହଲାରେ ରହୁଥିଲେ।

ଅସଗର କହିଛନ୍ତି, ୨୦୧୭ ମସିହାରେ ମୋ ବାପାଙ୍କ ମୃତ୍ୟୁ ହୋଇଥିଲା। ଶାନ୍ ଦେବୀ ମୋ ମାଆଙ୍କୁ କେବେ ଏକା ଛାଡି ନଥିଲେ। ସେ ତାଙ୍କ ପାଖରେ ଭଉଣୀ ପରି ଠିଆ ହୋଇଥିଲେ। ମୁଁ ମଧ୍ୟ ଶାନ୍ତି ଦେବୀଙ୍କୁ ମାଉସୀ ମାଆ ବୋଲି ଡାକୁଥିଲି। ୨୦୧୮ ମସିହାରେ ଏକ ବନ୍ୟ ପ୍ରାଣୀ ଶାନ୍ତି ଦେବୀଙ୍କ ପୁଅକୁ ଆକ୍ରମଣ କରିଥିଲା। ତାଙ୍କର ମୃତ୍ୟୁ ଘଟିଥିଲା। ସେବେଠାରୁ ଶାନ୍ତି ଦେବୀ ଆମ ସହିତ ସମୟ ବିତାଇବା ଆରମ୍ଭ କରିଥିଲେ। ଆମେ ଏକ ପରିବାର ପରି ରହୁଥିଲୁ। ସେ ମୋତେ ମାଆ ପରି ଭଲ ପାଉଥିଲେ। ମୋ ମାଆ ଦୁଇ ବର୍ଷ ପୂର୍ବରୁ ପରପାରିକୁ ଚାଲିଯାଇଥିଲେ। କିନ୍ତୁ ଶାନ୍ତି ମାଆ ମୋତେ କେବେ ଏକା ଅନୁଭବ କରିବାକୁ ଦେଇ ନଥିଲେ। ସେ ସବୁବେଳେ ମୋ ବିଷୟରେ ଚିନ୍ତା କରୁଥିଲେ। ସେ ମୋର ଖାଦ୍ୟ ଠାରୁ ଆରମ୍ଭ କରି ସବୁକିଛିର ଯନି ନେଉଥିଲେ। ହୁଏତ ମୋ ନିଜ ମାଆ ମଧ୍ୟ ମୋର ଏତେ ଯନି ନେଇ ନଥିଲେ ଯେପରି ଶାନ୍ତି ମାଆ କରୁଥିଲେ।

# ଶୁଣୁନି ଆଇସିସି, ଓହରିଯିବ କି ପାକିସ୍ତାନ ?

## ମୁହଁ ଖୋଲିଲା ବିସିସିଆଇ, ଏମିତି କୌଣସି ଆଇନ ନାହିଁ

ଭାରତ -ଏସିଆ କପରେ ପାକିସ୍ତାନକୁ ପରାଜିତ କରିଥିଲା । ମ୍ୟାଚ ପରେ ପାକିସ୍ତାନ ଖେଳାଳିଙ୍କ ସହ ହାତ ନମିଳାଇ ଚାଲିଯାଇଥିଲେ ଭାରତୀୟ ଖେଳାଳି । ଏହାକୁ ନେଇ ବିବାଦ ସୃଷ୍ଟି ହୋଇଛି । ଏହି ମାମଲାରେ ବିସିସିଆଇର ବରିଷ୍ଠ ଅଧିକାରୀ ନିରବତା ଭଙ୍ଗ କରି କହିଛନ୍ତି ଭାରତୀୟ ଖେଳାଳି ଯାହା କରିଛନ୍ତି ତାହା କୌଣସି ପ୍ରକାର ଭୁଲ ନୁହେଁ। ହାତ ମିଳାଇବା ସମ୍ପର୍କରେ କୌଣସି ନିୟମ ନାହିଁ। ଯଦି ଆପଣ ନିୟମ ପୁସ୍ତକ ପଢନ୍ତି, ତେବେ ପ୍ରତିପକ୍ଷଙ୍କ ସହ ହାତ ମିଳାଇବା କୌଣସି ସ୍ଥାନରେ ଲେଖାଯାଇନାହିଁ। ଏହା କେବଳ ଏକ ଭଲ ଇଙ୍ଗିତ । ଏପରି କୌଣସି ନାହିଁ କିନ୍ତୁ ସାରା ବିଶ୍ୱରେ ପାଳନ କରାଯାଏ । ଯଦି କୌଣସି ଆଇନ ନାହିଁ, ତେବେ ଭାରତୀୟ ଦଳକୁ ପ୍ରତିପକ୍ଷଙ୍କ ସହିତ ହାତ ମିଳାଇବାର ଆବଶ୍ୟକତା ନାହିଁ। ଯେଉଁମାନଙ୍କ ସହିତ ଆମର ସମ୍ପର୍କ ତିକ୍ତ ହୋଇଛି, ସେମାନଙ୍କୁ ଆମେ ଦୁରେଇ ରହିବୁ ।



ଦୁବାଇ, ୧୬।୯ (ଏଜେନ୍ସି) : ପାକିସ୍ତାନ କ୍ରିକେଟ୍ ଦଳ ଓ କ୍ରିକେଟ୍ ବୋଡକୁ ଆଇସିସି ଝଟକା ଲାଗିଛି । ଏସିଆ କପ୍ରୁ ମ୍ୟାଚ ରେଫରି ଆଣ୍ଡି ପାଇକ୍ରଫ୍ଟଙ୍କୁ ହଟାଇବା ପାଇଁ ପାକିସ୍ତାନ କରିଥିବା ଦାବିକୁ ଆଇସିସି ଗ୍ରହଣ କରିନାହିଁ। ଏସିଆ କପ୍ରେ ଭାରତ ପାକିସ୍ତାନ ମ୍ୟାଚ ପରେ ହାତ ମିଳାଇବା ବିବାଦ ତୀବ୍ର ହେଉଥିବାରୁ ପାକିସ୍ତାନର କୌଣସି ଦାବିରେ ଆଇସିସି ହସ୍ତକ୍ଷେପ କରିବା ନାହିଁ ବୋଲି ସ୍ପଷ୍ଟ କରିଛି । ମ୍ୟାଚ ରେଫରି ଆଣ୍ଡି ପାଇକ୍ରଫ୍ଟଙ୍କୁ ହଟାଇବା ପାଇଁ ପାକିସ୍ତାନ କ୍ରିକେଟ୍ ବୋର୍ଡ ଆଇସିସି ନିକଟରେ ଫେରାର ହୋଇଥିଲା । ପାକିସ୍ତାନର ଆବେଦନ ପରେ ଆଇସିସି ତଦନ୍ତ କରିଥିଲା। ତଦନ୍ତ ପରେ ଆଣ୍ଡିଙ୍କୁ ଏସିଆ କପ୍ରୁ ହଟାଇବାର ଆବଶ୍ୟକତା ନାହିଁ ବୋଲି ଆଇସିସି ସ୍ପଷ୍ଟ କରିଛି। ନିଜର ନିଷ୍ପତ୍ତିକୁ ଆଇସିସି ପିସିବି ନିକଟରେ ସ୍ପଷ୍ଟ କରିଛି। ଅଧିକାଂଶ ଏସିଆନ୍ କ୍ରିକେଟ୍ କାଉନସିଲ୍ ଅଫିସିଆନ୍ ଏପରିକି ପିସିବି ନିର୍ଦ୍ଦେଶକ ମଧ୍ୟ ମ୍ୟାଚ ପରେ ଭାରତ ଓ ପାକିସ୍ତାନ ଖେଳାଳି ସ୍ୱରସ୍ୱର ସହ ହାତ ମିଳାଇବେ ନାହିଁ ବୋଲି ପୂର୍ବରୁ ଜାଣିଥିଲେ। ସେହି ଅନୁସାରେ ଭାରତୀୟ ଖେଳାଳି ପାକିସ୍ତାନ ସହ ହାତ ମିଳାଇନଥିଲା। ମ୍ୟାଚ ରେଫରି ଆଣ୍ଡି ପାଇକ୍ରଫ୍ଟଙ୍କ କୌଣସି ଭୂମିକା ନଥିବା ଆଇସିସି ପାଇଛି। ତେଣୁ ଆଇସିସି ପକ୍ଷରୁ ପିସିବିଙ୍କୁ ନିଷ୍ପତ୍ତି ସମ୍ପର୍କରେ ଅବଗତ କରିଦିଆଯାଇଛି ।

## କେଉଁ ଆକ୍ସନ୍ ନେବ ପାକିସ୍ତାନ ?

ଭାରତ ବିପକ୍ଷ ମ୍ୟାଚରେ ପାକିସ୍ତାନ ଖେଳାଳି ହାତ ମିଳାଇବାକୁ ଦୌଡି ଆସିଥିଲେ କିନ୍ତୁ କୌଣସି ଭାରୀତୀୟ ଖେଳାଳି ସେମାନଙ୍କ ସହ ହାତ ମିଳାଇନଥିଲେ କିମ୍ବା କଥା ହୋଇନଥିଲେ । ଏସିଆ କପ୍ ଭଳି ବଡ ମଞ୍ଚରେ ଏପରି ଅପମାନ ଯୋଗୁଁ ପାକିସ୍ତାନ ବୟକଟ୍ ଧମକ ଦେଇଛି । ଯଦି ଆଇସିସି ମ୍ୟାଚ୍ ରେଫରି ଆଣ୍ଡି ପାଇକ୍ରଫ୍ଟଙ୍କୁ ଏସିଆ କପ୍ରୁ ବାହାର କରାନଯାଏ ତାହା ହେଲେ ୟୁଏଇ ବିପକ୍ଷ ନିଜର ଶେଷ ଲିଗ୍ ମ୍ୟାଚକୁ ପାକିସ୍ତାନ ବର୍ଜନ କରିବ । ଦରକାର ପଡିଲେ ଦଳ ଏସିଆ କପ୍ରୁ ଓହରି ଯିବ ବୋଲି ଧମକ ଦେଇଥିଲା । ପାକିସ୍ତାନର କୌଣସି ଆବେଦନକୁ ଆଇସିସି ଗ୍ରହଣ କରିନଥିବାରୁ ପ୍ରଶ୍ନ ଉଠୁଛି ଯେ, କ'ଣ ପାକିସ୍ତାନ ଏସିଆ କପ୍ରୁ ଓହରିଯିବ ?

ରବିବାର ଦୁବାଇରେ ଅନୁଷ୍ଠିତ ମ୍ୟାଚର ଟସ୍ ବେଳେ ଭାରତୀୟ ଅଧିନାୟକ ସୂର୍ଯ୍ୟକୁମାର ଯାଦବ ପାକିସ୍ତନାନ ଅଧିନାୟକ ସଲମାନ ଆଘାଙ୍କ ସହ ହାତ ମିଳାଇନଥିଲେ। ଏହି ମ୍ୟାଚରେ ଭାରତ ୭ ୱିକେଟ୍ରେ ବିଜୟୀ ହୋଇଥିଲା । ପରେ ଭାରତୀୟ ଖେଳାଳି ପାକିସ୍ତାନ ଖେଳାଳିଙ୍କ ସହ ହାତ ନମିଳାଇ ସିଧା ଡ୍ରେସିଂ ରୁମକୁ ଚାଲିଯାଇଥିଲେ । ପହଲଗାମ ନରସଂହାର ଅପରେସନ୍ ସିନ୍ଦୂର ପରେ ଏହି ମ୍ୟାଚ ଖେଳାଯାଉଥିବାରୁ ଭାରତୀୟ କ୍ରିକେଟ୍ ଦଳ ପାକିସ୍ତାନକୁ ଅଣଦେଖା କରିଛି । ଭାରତୀୟ ଖେଳାଳି ହାତ ନମିଳାଇବା କ୍ରୀଡା ମନୋଭାବ ବରୋଧୀ ବୋଲି ଅଭିଯୋଗ କରି ପାକିସ୍ତାନ ବୋର୍ଡ ମ୍ୟାଚ ରେଫରିଙ୍କ ନିକଟରେ ଅଭିଯୋଗ କରିଥିଲା । ହେଲେ ମ୍ୟାଚ ରେଫରି ପାଇକ୍ରଫ୍ଟ ପିସିବି କଥାରେ କାମ ନକରିବାକୁ ତାଙ୍କୁ ବହିଷ୍କାର କରିବାର ପାକିସ୍ତାନ କ୍ରିକେଟ୍ ବୋର୍ଡ ଆଇସିସି ନିକଟରେ ଫେରାଦ ହୋଇଥିଲା ।





# ଆପୋଲୋ ଟାୟାରର୍ସ

## ନୂଆ ପ୍ରାୟୋଜକ

ନୂଆଦିଲ୍ଲୀ, ୧୬।୯ (ଏଜେନ୍ସି) : ଭାରତୀୟ ଦଳର ନୂଆ ଜର୍ସି ପ୍ରାୟୋଜକ ଅଧିକାର ଆପୋଲୋ ଟାୟାର୍ସକୁ ମିଳିଛି। ୨୦୨୭ ଯାଏ ଆପୋଲୋ କମ୍ପାନୀ ପ୍ରାୟୋଜକ ରହିବ । ବେଟିଂ ଆପ୍ଗୁଡିକ କେନ୍ଦ୍ର ସରକାର ବ୍ୟାନ୍ କରିବା ପରେ ପ୍ରାୟୋଜକ ଡ୍ରିମ୍ ୧୧ ସହ ବିସିସିଆଇ ଚୁକ୍ତି ରଦ୍ଦ କରିଥିଲା । ଫଳରେ ଡ୍ରିମ୍ ୧୧ ର ସ୍ଥାନ ନେଇଛି ଆପୋଲୋ ଟାୟାର୍ସ । ପୁରୁଷ ଓ ମହିଳା ଦଳର ଜର୍ସି ପ୍ରାୟୋଜକ ସାଜିଥିବା ଆପୋଲୋ ଟାୟାର୍ସ ମ୍ୟାଚ୍ ପିଛା ବିସିସିଆଇକୁ ୪.୫ କୋଟି ଟଙ୍କା ଦେବ । ଡ୍ରିମ୍ ୧୧ ବିସିସିଆଇକୁ ୪ କୋଟି ଟଙ୍କା ଦେଉଥିଲା । ଏବେ ବିସିସିଆଇ ଏହାଠୁ ଆହୁରୀ ଅଧିକ ଟଙ୍କା ପାଇବ । ପ୍ରାୟୋଜକ ଡିଲ୍ ତ୍ରିପାକ୍ଷିକ ଲଢେଇ ଥିଲା । ଶେଷରେ ମୋଟ ୫୭୯ କୋଟି ଟଙ୍କାରେ ଆପୋଲୋ ଟାୟାର୍ସ ପ୍ରାୟୋଜକ ଅଧିକାର ହାସଲ କରିଛି। ପ୍ରାୟୋଜକ ଡିଲ ୩ ବର୍ଷ ପାଇଁ ହୋଇଛି । ଏହା ମଧ୍ୟରେ ୧୨୧ଟି ଦୁଇ ପାକ୍ଷିକ ଓ ୨୧ ଟି ଆଇସିସି ମ୍ୟାଚ୍ ରହିଛି । ଗୁରୁଗ୍ରାମ୍ ଭିତ୍ତିକ ଟାୟାର କମ୍ପାନୀ ଏବେ ୧୦୦ ଟି ଦେଶରେ ବିଜନେସ୍ ଚାଲିଛି। ବିଡିଂ ଡିଲ୍ ବେଳେ ଆପୋଲୋ ଟାୟାର୍ସକୁ କାନ୍ଭା ଓ ଜେଜେ ସିମେଣ୍ଟ କଡା ଟକ୍କର ଦେଇଥିଲେ। କାନ୍ଭା ଡିଲ ହାତେଇବା ପାଇଁ ୫୪୪ କୋଟି ଟଙ୍କା ଏବଂ ଜେଜେ ସିମେଣ୍ଟ ୪୭୭ କୋଟି ଟଙ୍କା ବିଡ୍ ଲଗାଇଥିଲା ।ହେଲେ ଉଭୟଙ୍କୁ ପଛରେ ପକାଇ ଆପୋଲୋ ଟାୟାର୍ସ ମ୍ୟାଚ୍ ପିଛା ୪.୭୭ କୋଟି ଟଙ୍କା ଦେବା ପାଇଁ ବିଡ୍ କରିଥିଲା । ତଥାପି ଦୁଇପାକ୍ଷିକ ଓ ଆଇସିସି ଫି ରେ ପରିବର୍ତ୍ତନ ହୋଇପାରେ । ବିସିସିଆଇ ସହ ଚୁକ୍ତି କରିବା ଦ୍ୱାରା ଟାୟାର ତିଆରି କରୁଥିବା ଭାରତୀୟ କମ୍ପାନୀ ନିଜକୁ ବିଶ୍ୱ ସ୍ତରରେ ପ୍ରଚାର ପ୍ରସାର କରିପାରିବ । ବର୍ତ୍ତମାନ ଏସିଆ କପ୍ ଖେଳୁଥିବା ଭାରତୀୟ ଦଳର କୌଣସି ପ୍ରାୟୋଜକ ନାହାଁନ୍ତି। ଭାରତୀୟ ମହିଳା ଦଳ ମଧ୍ୟ ଅଷ୍ଟ୍ରେଲିଆ ବିପକ୍ଷ ଦିନିକିଆ ଶୃଙ୍ଖଳା ବିନା ପ୍ରାୟୋଜକରେ ଖେଳୁଛି । ଏସିଆ କପ୍ ପରେ ଆପୋଲୋ ଟାୟାର୍ସ ଜର୍ସି ଉଭୟ ପୁରୁଷ ଓ ମହିଳା ଦଳ ପିନ୍ଧିବେ। ଆଗକୁ ଭାରତ ଓ ଶ୍ରୀଲଙ୍କା ଦିନିକିଆ ବିଶ୍ୱ କପ୍ ଆୟୋଜନ ହେବ । ଏହି ସମୟରେ ଆପୋଲୋ ଟାୟାର୍ସ ଭାରତୀୟ ଖେଳାଳିଙ୍କ ଜର୍ସିରେ ଝଲସିବ ।

## ଆଜିଠୁ ଓଡିଶା ପ୍ରୋ-ଟି ୨୦ ଲିଗ୍

ଭୁବନେଶ୍ୱର, ୧୬।୯ (ସବ୍ୟୁ) : ପୁଣି ବାରବାଟୀ ଦୁଲକିବ । ଟି ୨୦ କ୍ରିକେଟ୍ର ମଜା ଦର୍ଶକ ନେବେ। ବୁଧବାରଠାରୁ ବାରବାଟୀ ଷ୍ଟାଡିୟମରେ ଓଡିଶା ପ୍ରୋ ଟି -୨୦ ଲିଗ୍ ଆରମ୍ଭ ହେବାକୁ ଯାଉଛି । ୬ ଟି ଦଳ ମଧ୍ୟରେ ହେବ କଡା ମୁକାବିଲା । ନିଲାମ ପ୍ରକ୍ରିୟାରେ ଦଳ କିଣା ହୋଇସାରିଛି । ପୁରୀ , କଟକ, ଭୁବନେଶ୍ୱର, ସମ୍ବଲପୁର,ରାଉରକେଲା ଓ କେନ୍ଦୁଝର ଆଦି ଦଳ ମୁହାଁମୁହିଁ ହେବେ । ୧୭ ରୁ ଆରମ୍ଭ ହୋଇ ୨୬ ତାରିଖରେ ପ୍ରତିଯୋଗିତା ଶେଷ ହେବ । କଟକ ପାନ୍ଥରର୍ସ ଓ ଭୁବନେଶ୍ୱର ଟାଇଗର୍ସ ମଧ୍ୟରେ ଉଦଘାଟନୀ ମ୍ୟାଚ୍ ଖେଳାଯିବ। ଗ୍ୟାଲେରୀ ୧,୩,୫ରେ ଦର୍ଶକ ଫ୍ରୀରେ ମ୍ୟାଚ ଦେଖିପାରିବେ । ପ୍ରତ୍ୟେକ ଦିନ ଦୁଇଟି ମ୍ୟାଚ ଖେଳାଯିବ । ବିଜେତା ଦଳକୁ ୫୦ ଲକ୍ଷ ଟଙ୍କା ଏବଂ ଉପବିଜେତା ଦଳକୁ ୨୫ ଲକ୍ଷ ଟଙ୍କା ସହ ଟ୍ରଫି ପ୍ରଦାନ କରାଯିବ। ଇର୍ଫାନ୍ ପଠାନ ଓ ଦେବାଶିଷ ମହାନ୍ତି ଲିଗ୍ର ବ୍ରାଣ୍ଡ ଆମ୍ବାସାଡାର ରହିଛନ୍ତି । ଲିଗ୍ ଆୟୋଜନର ମୂଳ ଲକ୍ଷ୍ୟ ଓଡିଆ କ୍ରିକେଟରଙ୍କୁ ଜାତୀୟ ଦଳରେ ସ୍ଥାନ ଦେବା ଏଭଳି ପ୍ରତିଯୋଗିତା ମାଧ୍ୟରେ ଓଡିଆ କ୍ରିକେଟ୍ର ଆଇପିଏଲ୍ ଟିମରେ ସ୍ଥାନ ପାଇବା ପାଇଁ ଅଧିକା ଦାବିଦାର ହୋଇପାରିବେ । ଏହା ବ୍ୟତୀତ ପ୍ରୋ ଟି -୨୦ ଲିଗ୍ରେ ଆଇପିଏଲ୍ର ବିଭିନ୍ନ ଦଳର ଚୟନ କମିଟି ଆସିବାର ସମ୍ଭାବନା ରହିଛି । ଯାହା ଦ୍ୱାରା ଓଡିଶା କ୍ରିକେଟ୍ର ଏହି ଲିଗ୍ ଜରିଆରେ ନିଜର ସ୍ୱପ୍ନ ପୂରଣ କରିପାରିବେ ବୋଲି ଓସିଏ ସମ୍ପାଦକ କହିଛନ୍ତି ।







Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, Chief Editor: Gurukalyan Mohapatra, ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି